JULY 22, 2026
WEDNESDAY, BHUBANESWAR

ଜୁଲାଇ ୨୨, ୨୦୨୬
ବୁଧବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 317 ବର୍ଷ- ୧ ● ସଂଖ୍ୟା- ୩୧୭ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

## ବର୍ଷା ପାଇଁ ଅଟକିଲା ନନ୍ଦିଘୋଷ ରଥର ଦକ୍ଷିଣମୋଡ଼



ପୁରୀ,୨୧/୭- ଆଷାଢ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ତିନିରଥର ଦକ୍ଷିଣମୋଡ କରଯାଇଥିଲା । ସକାଳଧୂପ ନୀତି ଶେଷ ହେବା ପରେ ଅପରାହ୍ନ ୩ଟା୧୦ ମିନିଟରେ ତିନିରଥର ଆଜ୍ଞାମାଳକୁ ତିନିଜଣ ପାଳିଆ ପୂଜାପଣ୍ଡା ହାତରେ ଧରି ଘଣ୍ଟ ଛତା ଓ କାହାଳୀ ସହ ତିନିରଥରେ ଆଜ୍ଞାମାଳ ପ୍ରଦାନ କରିଥିଲେ । ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଠାରୁ ମା' ସୁଭଦ୍ରାଙ୍କ

**ନାକଚଣା ଦ୍ୱାରରେ ଲାଗିଲା ଦର୍ପଦଳନ**

ଦର୍ପଦଳନ ରଥ ପ୍ରଥମେ ଟଣା ଯାଇ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ଠାରେ ଲାଗିଥିଲା । ପ୍ରବଳ ବର୍ଷା ଯୋଗୁ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଅଳ୍ପ ବାଟ ଟଣା ଯିବାପରେ ସ୍ଥଗିତ ରଖାଯାଇଥିଲା । ନନ୍ଦିଘୋଷ ରଥ ଅଳ୍ପ ଟଣା ଯାଇଥଲା । ଆସନ୍ତାକାଲି ଦୁଇରଥ ନାକଚଣା ଦ୍ୱାରରେ ଲାଗିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପ୍ରେସ ବିଜ୍ଞପ୍ତି ଜଣାଇଛନ୍ତି । ମନ୍ଦିର ଅଧିକାରୀ, କର୍ମଚାରୀ, ରଥ ନିର୍ଦ୍ଦେଶକ ଦଳ ଓ ପୋଲିସ ରଥକୁ ଟାଣିଥିଲେ । ଘଣ୍ଟୁଆଙ୍କ ଘଣ୍ଟ ନାଦ ସହ ଡାହୁକ ବେତ ହଲାଇ ରଥ ଟାଣିବା ନିର୍ଦ୍ଦେଶ ଦେଇଥିଲେ । ଭୋଇ ଓ ମହାରଣା ସେବକ ରଥଟଣାରେ ସାହାଯ୍ୟ କରିଥିଲେ ।

# ୪୫୭୩ କୋଟିର ୨୩ ପ୍ରକଳ୍ପ ମଞ୍ଜୁର

**ସୃଷ୍ଟି ହେବ ୨୨,୮୭୩ ନୂଆ ନିଯୁକ୍ତି** | **୧୧ ଜିଲ୍ଲାରେ ହେବ ୨୩ ନୂଆ କାରଖାନା**

ଭୁବନେଶ୍ୱର, ୨୧/୦୭ : ଓଡ଼ିଶାର ଶିଳ୍ପ ଓ ଆର୍ଥିକ ମାନଚିତ୍ରରେ ଯୋଡ଼ି ହେବାକୁ ଯାଉଛି ଆଉ ଏକ ସର୍ଣ୍ଣିମ ଫର୍ଦ୍ଦ । ରାଜ୍ୟରେ ଶିଳ୍ପାୟନକୁ ବେଗଗାମୀ କରିବା ସହ ଯୁବବର୍ଗଙ୍କ ପାଇଁ ନୂଆ ରୋଜଗାରର ବାଟ ଖୋଲିବାକୁ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି । ୧୪୮ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କମିଟି ବୈଠକରେ ୪,୫୭୩.୮୭ କୋଟି ଟଙ୍କାର ୨୩ଟି ପ୍ରମୁଖ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଏହି ବୃହତ୍ ନିବେଶ ଫଳରେ ରାଜ୍ୟର ୨୨,୮୭୩ ଯୁବକ-ଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ,ଦେଶର ଅଗ୍ରଣୀ ସୂଚନା ପ୍ରଯୁକ୍ତି (ଆଇଟି) କମ୍ପାନି ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ଖୋର୍ଦ୍ଧାରେ ୭୩୦ କୋଟି ଟଙ୍କା ନିବେଶରେ ଏକ ଗ୍ଲୋବାଲ୍ ଡେଭେଲପ୍‌ମେଣ୍ଟ୍ ସେଣ୍ଟର ସ୍ଥାପନ କରିବ । ଗତବର୍ଷ ଏପ୍ରିଲରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୋଏଡ଼ାରେ କମ୍ପାନି କାର୍ଯ୍ୟାଳୟ ପରିଦର୍ଶନ କରି ଓଡ଼ିଶାରେ ଏକ କ୍ୟାମ୍ପସ ସ୍ଥାପନ କରିବାକୁ ଏଚ୍‌ସିଏଲ୍‌କୁ କହିଥିଲେ ।




ବୈଠକରେ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକ ଅନୁଗୋଳ, ବଲାଙ୍ଗୀର, କଟକ, ଗଞ୍ଜାମ, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ନୂଆପଡ଼ା, ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଗ୍ରୋଇଂ ଟ୍ରି ଅଏଲ୍ ଆଣ୍ଡ୍ ରିଫାଇନାରି ୨୫୦ କୋଟି ଟଙ୍କା ନିବେଶ କରି ନୂଆପଡ଼ାରେ ଏକ ଖାଇବା ତେଲ କାରଖାନା ଓ କଟକରେ ଏକ ଡେରି ପ୍ରକଳ୍ପ କରିବ । ପୋଷାକ ଉତ୍ପାଦନ କ୍ଷେତ୍ରରେ ରିଚା ଗ୍ଲୋବାଲ୍ ଏକ୍ସପୋର୍ଟସ୍ ୮୪.୪୫ କୋଟି ଟଙ୍କା, ଆସ୍ଥା କଟ୍‌ସ୍ପିନ୍ ୧୨୪.୫୦ କୋଟି ଟଙ୍କା, ଏସ୍ପିଏଲ୍ ଇଣ୍ଡଷ୍ଟ୍ରିଜ୍ ୫୦ କୋଟି ଟଙ୍କା ଓ ଏସ୍‌ଏପିଏଲ୍ ଇଣ୍ଡଷ୍ଟ୍ରିଜ୍ ୨୫୪ କୋଟି ଟଙ୍କା ନିବେଶ କରିବେ । ସେଥିରୁ ତିନିଟି ପ୍ରକଳ୍ପ ପୁରୀରେ ଓ ଗୋଟିଏ ବଲାଙ୍ଗୀରରେ ହେବ । ଏସିଏମ୍‌ଇ କ୍ଲିନ୍‌ଟେକ୍ ସଲ୍ୟୁସନ୍ସ ତରଫରୁ ୭୭୮ କୋଟି ଟଙ୍କା ନିବେଶରେ ଗଞ୍ଜାମ ଜିଲ୍ଲାରେ ଏକ ଆଲ୍‌କାଲାଇନ୍

❖ ଆଇଟିରୁ ଆପାରେଲ୍, ତେଲରୁ ଗ୍ରୀନ୍ ଏନର୍ଜି
❖ ନୂଆପଡ଼ାରେ ହେବ ଖାଇବା ତେଲ କାରଖାନା
❖ ଆସୁଛି HCL, ସୃଷ୍ଟି ହେବ ହଜାର ହଜାର ଚାକିରି

ଇଲେକ୍ଟ୍ରୋଲାଇଜର୍ କାରଖାନା ମଧ୍ୟ ସ୍ଥାପନ କରାଯିବ । ଡିଅନ୍ ରିଭରସାଇଡ୍ ଟାଉନ୍‌ସିପ୍‌ର ୨୭୫.୮୯ କୋଟି ଟଙ୍କାର ହସ୍ପିଟାଲ୍ ପ୍ରକଳ୍ପକୁ ମଧ୍ୟ ବୈଠକରେ ଅନୁମୋଦନ କରାଯାଇଥିଲା । କଟକରେ ବିଶ୍ୱ ଆଣ୍ଡ୍ ଜିତ୍ ମଲ୍ଟି କମ୍ପ୍ଲେକ୍ସ, ସମ୍ବଲପୁରରେ ଜେଏଏସ୍ ଟାୱାର୍ସ ଏଲ୍‌ଏଲ୍‌ପି ଓ ଖୋର୍ଦ୍ଧାରେ ଶ୍ରୀକ୍ରିଷ୍ଣା ଇଷ୍ଟେଟ୍ସ ଆଣ୍ଡ୍ କନଷ୍ଟ୍ରକ୍ସନର ପଞ୍ଚତାରକା ହୋଟେଲ୍ ଓ ରିସୋର୍ଟ ପ୍ରକଳ୍ପକୁ ମଧ୍ୟ ଅନୁମୋଦନ କରାଯାଇଛି । ଢେଙ୍କାନାଳ ଓ ସୁନ୍ଦରଗଡ଼ରେ ଦୁଇଟି ଲଜିଷ୍ଟିକ୍ସ ପାର୍କ କରିବାରେ ଶ୍ରୀ ଜୟବାଲାଜୀ ☞ପୃଷ୍ଠା-୨

ଉପରମୁଣ୍ଡରେ ପ୍ରବଳ ବର୍ଷା

## ହୀରାକୁଦରୁ ୧୦ଟି ଗେଟ୍‌ରେ ଛଡ଼ାଗଲା ବନ୍ୟାଜଳ



ସମ୍ବଲପୁର, ୨୧/୦୭ : ଉପରମୁଣ୍ଡରୁ ଜଳପ୍ରବାହ ବୃଦ୍ଧି ପରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି । ଏହାକୁ ଆଖି ଆଗରେ

**ନିଷ୍କାସିତ ହେଉଛି ୧.୫୯ ଲକ୍ଷ କ୍ୟୁସେକ୍ ଜଳ**

ରଖି ୨ଟି ପର୍ଯ୍ୟାୟରେ ହୀରାକୁଦ ନଦୀବନ୍ଧର ଆଉ ୬ଟି ଗେଟ୍ ଖୋଲାଯାଇଛି । ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ମୋଟ ୧୦ଟି ସ୍ଲୁଇସ୍ ଗେଟ୍ (ବାମ ପାର୍ଶ୍ୱର ୭ ଓ ଡାହାଣ ପାର୍ଶ୍ୱର ୩ଟି) ଦେଇ ବନ୍ୟାପାଣି ମହାନଦୀକୁ ନିଷ୍କାସିତ ହେଉଛି । ଏହି ସମୟରେ ଜଳଭଣ୍ଡାରକୁ ହାରାହାରି ୧ ଲକ୍ଷ ୪୭ ହଜାର ୫୪୬ କ୍ୟୁସେକ୍ ପାଣି ପ୍ରବେଶ କରୁଥିବାବେଳେ ☞ପୃଷ୍ଠା-୨

## ଓଡ଼ିଶାରେ ୧୨ ଲକ୍ଷ ଭୂତ ମତଦାତା

**ସେପ୍ଟେମ୍ବର ୬ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା**

ଭୁବନେଶ୍ୱର: ୨୧/୦୭ : ରାଜ୍ୟରେ ୧୨ ଲକ୍ଷ ଭୂତ ମତଦାତା । ମ୍ୟାପିଂ ବେଳେ ମିଳୁନି କୌଣସି ଖୋଜ ଖବର । ୨୦୦୨ ଭୋଟର ତାଲିକା ସହିତ ୨୦୨୫ ତାଲିକା ମେଳ ଖାଉ ନାହିଁ । ଯେଉଁମାନଙ୍କର ସୂଚନା ମିଳୁ ନାହିଁ ସେମାନଙ୍କୁ ନୋଟିସ୍ ଜାରି କରାଯାଇଛି । କିନ୍ତୁ କୌଣସି ମତଦାତାଙ୍କୁ ବ୍ୟକ୍ତିଗତ ଭାବେ ଅଭିଯୋଗ ଶୁଣାଣିରେ ଉପସ୍ଥିତ ରହିବାର ଆବଶ୍ୟକତା ନ ଥିବା ସ୍ପଷ୍ଟ କରିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ ଏସ୍ ଗୋପାଳନ । ରାଜ୍ୟ ମୁଖ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ ଏସ୍ ଗୋପାଳନ




ଏସଆଇଆର୍ ସମ୍ପର୍କିତ ସମସ୍ତ ତଥ୍ୟ ଦେଇଛନ୍ତି । ଗୋପାଳନଙ୍କ ସୂଚନା ଆଧାରରେ, ଏସ୍‌ଆଇଆର୍ ବେଳେ ୪୬ ଲକ୍ଷ ଲୋକଙ୍କର ସାମାନ୍ୟ ସାମାନ୍ୟ ତ୍ରୁଟି ରହିଛି । ସେହିପରି ୧୨ ଲକ୍ଷ ଲୋକ ଯାହାଙ୍କର କୌଣସି ତଥ୍ୟ ମିଳୁନି ମିଳୁ ନାହିଁ । ଯେଉଁମାନଙ୍କର ୨୦୦୨ ତାଲିକାରେ ରହିଥିବାବେଳେ ୨୦୨୫ ମତଦାତା ତାଲିକାରେ ନାମ ନାହିଁ । ମୋଟ

◆ ଦାବି ଓ ଅଭିଯୋଗ ସମୟସୀମା: ୫ ଜୁଲାଇ ରୁ ୪ ଅଗଷ୍ଟ
◆ ନୋଟିସ୍ ଓ ଆପତ୍ତି ସମାଧାନ: ୫ ଜୁଲାଇ ରୁ ୨ ସେପ୍ଟେମ୍ବର
◆ voters.eci.gov.in ପୋର୍ଟାଲ୍‌ରେ ଲଗ୍‌ଇନ୍ କରି ଦସ୍ତାବିଜ ଅପଲୋଡ୍ କରିପାରିବେ

୫୮ ଲକ୍ଷ ୩୬ ହଜାର ୩୪୧ ଜଣ ଲୋକଙ୍କୁ ନୋଟିସ୍ ଜାରି କରାଯାଇଛି । ନୋଟିସ ପାଇବା ପରେ ସମ୍ପୃକ୍ତ ବ୍ୟକ୍ତି ସହାୟକ ☞ପୃଷ୍ଠା-୨

## କୋରାପୁଟ କଫିର ପିଇଲେ ରାଜ୍ୟପାଳ



ଭୁବନେଶ୍ୱର, ୨୧/୦୭ : ଓଡ଼ିଶାର ରାଜ୍ୟପାଳ ଡ ହରିବାବୁ କମ୍ଭମପାଟି ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର ରୁପାଲୀ ଛକସ୍ଥିତ ଆଦିଶା କୋରାପୁଟ କଫି ଆଉଟଲେଟ ପରିଦର୍ଶନ କରିଛନ୍ତି । ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ ଓ ପରିଦର୍ଶନ ସମୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ୍, ଆଦିବାସୀ ବିକାଶ ସହକାରୀ ନିଗମ ଲିମିଟେଡ୍ (ଟିଡିସିସିଓଏଲ୍) ର ମ୍ୟାନେଜିଂ ଡାଇରେକ୍ଟର ଡ. ପୋମା ଟୁଡୁ ଏବଂ ନିଗମର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ

**'ଆଦିଶା' ପରିଦର୍ଶନ କରି ଦେଲେ ଜନଜାତି ବିକାଶର ବାର୍ତ୍ତା**

ରାଜ୍ୟପାଳ ଆଉଟଲେଟ୍‌ରେ ଉପସ୍ଥିତ ଥିବା ଗ୍ରାହକ ଓ କର୍ମଚାରୀଙ୍କ ସହିତ ଭାବ ବିନିମୟ କରିଥିଲେ । ରାଜ୍ୟ ସରକାର ଆଦିଶା ବ୍ରାଣ୍ଡ ମାଧ୍ୟମରେ ଓଡ଼ିଶାର ଉଚ୍ଚମାନର କୋରାପୁଟ କଫିକୁ ପ୍ରୋତ୍ସାହିତ କରିବା ଦିଗରେ ନିଆଯାଇଥିବା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଜନଜାତି ଜୀବିକା ଓ ଉଦ୍ୟମିତାକୁ ମଜବୁତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ ।ଜନଜାତି ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରିବା ଏବଂ କଫି ଚାଷ ଓ ମୂଲ୍ୟ ସଂଯୋଜନରେ ନିୟୋଜିତ ଜନଜାତି ଉତ୍ପାଦକଙ୍କ ପାଇଁ ଉନ୍ନତ ବଜାର ସୁଯୋଗ ସୃଷ୍ଟି କରିବା ପାଇଁ ନିଆଯାଇଥିବା ପ୍ରୟାସକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏପରି ଉଦ୍ୟମ କେବଳ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଦେଇ ନଥାଏ ବରଂ ସ୍ଥାୟୀ ଜୀବିକା ସୃଷ୍ଟି ଓ ଅନ୍ତର୍ଭୁକ୍ତିମୂଳକ ଅର୍ଥନୈତିକ ବିକାଶରେ ମଧ୍ୟ ସହାୟକ ହୋଇଥାଏ ବୋଲି ରାଜ୍ୟପାଳ କହିଛନ୍ତି ।

## ଏସ୍‌ସିବି ମେଡିକାଲର ଭିତ୍ତିଭୂମି ସମୀକ୍ଷା କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର, ୨୧/୦୭ : ରାଜ୍ୟରେ ଉନ୍ନତ, ଆଧୁନିକ ଓ ରୋଗୀ-ଅନୁକୂଳ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଗଠନ ଦିଗରେ ରାଜ୍ୟ ସରକାର ପ୍ରତିବଦ୍ଧ ରହିଛନ୍ତି । ଏହି ଲକ୍ଷ୍ୟକୁ ସାକାର କରିବା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ପ୍ରକଳ୍ପ ଭିତ୍ତିଭୂମି, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ଚାଲିଥିବା ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତିର ବିସ୍ତୃତ ସମୀକ୍ଷା କରିଥିଲେ । ପରିଦର୍ଶନ ସମୟରେ ମନ୍ତ୍ରୀ ନୂତନ ନିର୍ମାଣାଧୀନ ହସ୍ପିଟାଲ ବ୍ଲକ, ପିଜି ହଷ୍ଟେଲ, ରେସିଡେଣ୍ଟ ଡାକ୍ତରମାନଙ୍କ ହଷ୍ଟେଲ ଏବଂ ସହକାରୀ ପ୍ରଫେସରମାନଙ୍କ ବାସଭବନ ବୁଲି ଦେଖିଥିଲେ । ଏହି ପ୍ରକଳ୍ପଗୁଡ଼ିକର ନିର୍ମାଣର ଅଗ୍ରଗତି, କାର୍ଯ୍ୟର ଗୁଣବତ୍ତା ସମ୍ପର୍କରେ ସେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

ମନ୍ତ୍ରୀ ହସ୍ପିଟାଲ ପରିସରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ । ହସ୍ପିଟାଲର

**ଗୁଣାତ୍ମକ ମାନ ବଜାୟ ରଖି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ**

ପ୍ରତ୍ୟେକ ଭବନରେ ଅଗ୍ନି ନିର୍ବାପକ ଉପକରଣ, ଜରୁରୀକାଳୀନ ନିର୍ଗମନ ପଥ, ଫାୟାର ଆଲାର୍ମ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ସହିତ ନିୟମିତ ଅଡିଟ୍ ଓ ମକ୍ ଡ୍ରିଲ୍ ଆୟୋଜନ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ । ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ବୈଠକରେ ମନ୍ତ୍ରୀ କହିଥିଲେ ଯେ, ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ରାଜ୍ୟର ଏକ ପ୍ରମୁଖ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ହୋଇଥିବାରୁ ଏଠାରେ ରୋଗୀ ସେବାର ମାନ, ଚିକିତ୍ସା ଭିତ୍ତିଭୂମି ଏବଂ ଶିକ୍ଷାନୁକୂଳ ପରିବେଶକୁ ଆହୁରି ଉନ୍ନତ କରିବା ରାଜ୍ୟ ସରକାରଙ୍କ ପ୍ରାଥମିକତା । ପ୍ରତ୍ୟେକ ପର୍ଯ୍ୟାୟରେ ☞ପୃଷ୍ଠା-୨

## ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବଡ଼ ଘୋଷଣା, କ୍ଷୟକ୍ଷତି ରିପୋର୍ଟ ଆଧାରରେ ସିଧା ଚାଷୀଙ୍କ ବ୍ୟାଙ୍କ ଖାତାକୁ ଯିବ ସହାୟତା ଟଙ୍କା

ଭୁବନେଶ୍ୱର, ୨୧/୦୭ : ରାଜ୍ୟରେ ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁଁ ଅନେକ ସ୍ଥାନରେ ଚାଷ ଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହୋଇଛି । ଏଭଳି ପରିସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଆଶ୍ୱସ୍ତିକର ଘୋଷଣା କରିଛନ୍ତି ରାଜ୍ୟ ସରକାର । ବର୍ଷାରେ ଫସଲ ହରାଇଥିବା ଯୋଗ୍ୟ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସ୍ପଷ୍ଟ କରିଛନ୍ତି । ମନ୍ତ୍ରୀଙ୍କ ସୂଚନା ଅନୁସାରେ, ବର୍ଷାରେ ଅଧିକ ପ୍ରଭାବିତ ଜିଲ୍ଲାଗୁଡ଼ିକରୁ କ୍ଷୟକ୍ଷତିର ବିସ୍ତୃତ ରିପୋର୍ଟ ତଲବ କରାଯାଇଛି । ଏପର୍ଯ୍ୟନ୍ତ ବଲାଙ୍ଗୀର ଓ କଟକ ଜିଲ୍ଲାପାଳ ସରକାରଙ୍କୁ ରିପୋର୍ଟ ଦାଖଲ କରିସାରିଥିବା ବେଳେ, ଖୁବଶୀଘ୍ର ଅନ୍ୟ ଜିଲ୍ଲାରୁ ମଧ୍ୟ ରିପୋର୍ଟ ଆସିବ ବୋଲି ସେ କହିଛନ୍ତି । ସମସ୍ତ ରିପୋର୍ଟ ଆସିବା ପରେ କ୍ଷୟକ୍ଷତିର ସଠିକ୍ ଆକଳନ କରାଯିବ । ଏହା ଆଧାରରେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପ୍ରସ୍ତୁତ ହେବ । ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ☞ପୃଷ୍ଠା-୨

## ୨୦୨୭ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ କସରତ

ଭୁବନେଶ୍ୱର, ୨୧/୦୭ : ୨୦୨୭ ମସିହାରେ ହେବାକୁ ଥିବା ତ୍ରି-ସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନକୁ ଅବାଧ, ନିରପେକ୍ଷ ଏବଂ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ନିଜର ପ୍ରସ୍ତୁତି ଜୋରଦାର କରିଛନ୍ତି । ଏହି ସନ୍ଦର୍ଭରେ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସମସ୍ତ ଜିଲ୍ଲାପାଳ, ମ୍ୟୁନିସିପାଲ କମିଶନର, ଉପ-ଜିଲ୍ଲାପାଳ ଓ ନିର୍ବାଚନ ଅଧିକାରୀମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଭିଡିଓ କନଫରେନ୍‌ସିଂ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ସମସ୍ତ ପୌର ନିଗମର ଆୟୁକ୍ତ(କମିଶନର),ସମସ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ଏବଂ ନିର୍ବାଚନ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟରମାନେ ସାମିଲ ହୋଇଥିଲେ । ଆଗାମୀ ନିର୍ବାଚନ ପରିଚାଳନା ସମ୍ପର୍କିତ ☞ପୃଷ୍ଠା-୨

▲ ଅକ୍ଟୋବରରୁ ଘରକୁ ଘର ବୁଲିବେ BLO
▲ ସୁଧୁରିବ ଭୋଟର ତାଲିକା
▲ ଫେବୃଆରୀ ୧୦ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଲିଷ୍ଟ !'

ଅକ୍ଷର
AKHYARA ODISHA ଓଡ଼ିଶା
ବ୍ୟଙ୍ଗ ବିଚାର



ଡ.ଗିରୀଶ ରଂଜନ

କୃଷକ ଭାଇର ଆୟ ଏଇଥର
ବଢ଼ିଯିବ ଦୁଇ ଗୁଣ
ସରକାର ତ କହିଲେ ଏ କଥା
ମୁହଁକୁ କରିକି ଟାଣ
ଚାଷୀ ଭାଇ ମୋର ଶୁଣ
ବିରୋଧି କହନ୍ତି କିଛିତ ହବନି
ସବୁ ଏଠି ଧୂଆଁ ବାଣ

## 'ବିକଶିତ ଓଡ଼ିଶା' ଗଠନ ପାଇଁ ୟୁକେ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାଭାଗିତା

**ଶକ୍ତିରୁ କ୍ରୀଡ଼ା, ଖଣିଜରୁ ଦକ୍ଷତା**



ଭୁବନେଶ୍ୱର, ୨୧/୦୭ : ଲୋକସେବା ଭବନଠାରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ କୋଲକାତାର ବ୍ରିଟିଶ ଡେପୁଟି ହାଇକମିଶନର ଡକ୍ଟର ଆଣ୍ଡ୍ରୁ ଫ୍ଲେମିଂ ସାକ୍ଷାତ କରିଛନ୍ତି । ୟୁକେ-ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତି (FTA) ଆଧାରରେ ଓଡ଼ିଶା ଏବଂ ବ୍ରିଟେନ୍ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଏହି ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଛି । ଓଡ଼ିଶା ସହିତ ତାଙ୍କର ନିବିଡ଼ ସମ୍ପର୍କ ବିଷୟରେ ଉଲ୍ଲେଖ କରି ଡେପୁଟି ହାଇକମିଶନର କହିଥିଲେ ଯେ, ଏହା ତାଙ୍କର ୧୮ ତମ ଓଡ଼ିଶା ଗସ୍ତ । ଏହାସହ ସେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଏବଂ ଦ୍ରୁତ ବିକାଶର ଭୂୟସୀ ପ୍ରଶଂସା କରିଥିଲେ ।'ବିକଶିତ ଓଡ଼ିଶା'ର ସ୍ୱପ୍ନକୁ ସାକାର କରିବା ପାଇଁ ସ୍ଥାୟୀ ଆର୍ଥିକ ପ୍ରଗତି ଏବଂ ୟୁକେ-ଓଡ଼ିଶା ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ନେଇ ଉପମୁଖ୍ୟମନ୍ତ୍ରୀ ଏବଂ ଡେପୁଟି ହାଇକମିଶନର ନିଜ ନିଜର ମତାମତ ଆଦାନପ୍ରଦାନ କରିଥିଲେ ।ଏହି ଗସ୍ତ ସମୟରେ ବ୍ରିଟିଶ ଡେପୁଟି ହାଇକମିଶନ ଡକ୍ଟର ☞ପୃଷ୍ଠା-୨

ମତ୍ସ୍ୟଚାଷୀଙ୍କ ଭାଗ୍ୟ ବଦଳାଇବ 'ନୀଳ ବିପ୍ଳବ'

## ୧୫୬୭ କୋଟିର ମହାପ୍ରକଳ୍ପ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧/୦୭ : ବିଗତ ୧୨ ବର୍ଷ ମଧ୍ୟରେ 'ନୀଳ ବିପ୍ଳବ' ଏବଂ 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା' ଅଧୀନରେ ଓଡ଼ିଶାରେ ମତ୍ସ୍ୟପାଳନ ଓ ଜଳକୃଷି କ୍ଷେତ୍ରର ବ୍ୟାପକ ବିକାଶ ପାଇଁ ଭାରତ ସରକାର ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । କେନ୍ଦ୍ର ମତ୍ସ୍ୟପାଳନ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ଦ୍ୱାରା ରାଜ୍ୟ ପାଇଁ ୧,୫୬୭.୯୬ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦିତ ହୋଇଛି, ଯେଉଁଥିରେ କେନ୍ଦ୍ର ସରକାରଙ୍କ ଅଂଶ ୫୪୯.୫୮ କୋଟି ଟଙ୍କା ରହିଛି । ବାଲେଶ୍ୱର ଜିଲ୍ଲାକୁ ସ୍କାମ୍ପି (ଚିଙ୍ଗୁଡ଼ି) ଉତ୍ପାଦନ ଏବଂ ପ୍ରସଂସ୍କରଣର ମୁଖ୍ୟ କ୍ଲଷ୍ଟର ଭାବେ ଘୋଷଣା କରାଯାଇଛି । ୪୯.୯୪ କୋଟି ଟଙ୍କା ବ୍ୟୟରେ ଚାନ୍ଦିପୁରଠାରେ ଆଧୁନିକ ମାଛଧରା ପୋତାଶ୍ରୟ ର ବିକାଶ କରାଯାଇଛି ।ଅତ୍ୟାଧୁନିକ ମାଛ ବଜାର: ବସ୍ତାଠାରେ ୭୮.୨୦ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ପାଇକାରୀ ମାଛ ବଜାର ଏବଂ ରେମୁଣାଠାରେ ସ୍ୱାସ୍ଥ୍ୟକର ମାଛ ବଜାର ସ୍ଥାପନ । ବାହାବଳପୁର ଉପକୂଳରେ କେଜ୍ କଲଚର, ୧୦୭ ହେକ୍ଟର ଲବଣାକ୍ତ ଜଳସ୍ରୋତର ବିକାଶ, ୫ଟି ଜଳବାୟୁ ସହନଶୀଳ ମତ୍ସ୍ୟଜୀବୀ ଗ୍ରାମ, ☞ପୃଷ୍ଠା-୨

◆ ରାଜ୍ୟରେ ଶହ ଶହ କୋଟିର ଭିତ୍ତିଭୂମି ବିକାଶ
◆ ଓଡ଼ିଶାରେ ମତ୍ସ୍ୟ ସମ୍ପଦର ବିକାଶ
◆ ବାଲେଶ୍ୱରକୁ ମିଳିଲା ସ୍ୱତନ୍ତ୍ର ପରିଚୟ




ବୁଧବାର ୨୨।୦୭।୨୦୨୬

ଅକ୍ଷର
AKHYARA ODISHA ଓଡ଼ିଶା


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୪୫୭୩ କୋଟିର...

ଏଗ୍ରୋପ୍ରଡକ୍ଟସ୍ ଓ ଲିଙ୍ଗରାଜ ଟ୍ରାନ୍ସଲଜିଷ୍ଟିକ୍ସ ଯଥାକ୍ରମେ ୧୨୦ କୋଟି ଟଙ୍କା ଓ ୧୫୦ କୋଟି ଟଙ୍କା ନିବେଶ କରିବେ। ଟାଟା ଷ୍ଟିଲ୍ ତରଫରୁ କେନ୍ଦୁଝରରେ ଏକ ରେଲୱେ ସାଇଡିଂ ନିର୍ମାଣରେ ୧୬୫.୩୦ କୋଟି ଟଙ୍କା ବିନିଯୋଗ କରାଯିବ।ଆର୍‌ଏଜି ଇଣ୍ଡଷ୍ଟ୍ରିଜ୍ ଖୋର୍ଦ୍ଧାରେ ୫୨ କୋଟି ଟଙ୍କା ଓ ଶ୍ରୀ ମହାବୀର ଫେରୋ ଆଲୟଜ ସୁନ୍ଦରଗଡ଼ରେ ୧୦୫ କୋଟି ଟଙ୍କା ନିବେଶ କରିବେ। ଏନ୍‌ଭିରୋକେୟାର ଇନ୍‌ଫ୍ରାସଲ୍ୟୁସନ୍ ଅନୁଗୋଳରେ ୩୫୧ କୋଟି ଟଙ୍କା ନିବେଶରେ ସୋଲାର ପାୱାର ପ୍ଲାଣ୍ଟ୍ ସ୍ଥାପନ କରିବ। ଇଏଫ୍‌ୱାଇଓଏନ୍‌ଡିଏକ୍ସ ଖୋର୍ଦ୍ଧାରେ ମେଡିକାଲ ଡିଭାଇସ୍ ନିର୍ମାଣ କରିବ। ରସାୟନ କ୍ଷେତ୍ରରେ ଗଞ୍ଜାମରେ ଟ୍ରାନ୍ସପେକ୍ ୩୪୩ କୋଟି ଟଙ୍କା, ଯାଜପୁରରେ ତିରୁପତି ମାଇକ୍ରୋଟେକ୍ ୭୦ କୋଟି ଟଙ୍କା ଓ ମୟୂରଭଞ୍ଜରେ କ୍ରେବ୍‌ସ ଇଣ୍ଟରନ୍ୟାସନାଲ୍ ୬୮.୦୧ କୋଟି ଟଙ୍କା ନିବେଶ କରିବେ। ଜିଜିବି ବ୍ୟାଟେରି ଇଣ୍ଡିଆ ତରଫରୁ କଟକରେ ୨୦୨.୫୦ କୋଟି ଟଙ୍କା ନିବେଶରେ ଏକ ଜିଙ୍କ ଆନୋଡ୍ ବ୍ୟାଟେରି କାରଖାନା ନିର୍ମାଣ କରାଯିବ। IT ସେକ୍ଟରରୁ ଆରମ୍ଭ କରି କୃଷି-ଆଧାରିତ ଉଦ୍ୟୋଗ, ଲଜିଷ୍ଟିକ୍ସ, ସ୍ୱାସ୍ଥ୍ୟ ଓ ନବୀକରଣୀୟ ଶକ୍ତି - ସବୁ କ୍ଷେତ୍ରରେ ନିବେଶର ଏହି ନୂଆ ତରଙ୍ଗ ଓଡ଼ିଶାକୁ ଦେଶର ଅଗ୍ରଣୀ ଶିଳ୍ପ ହବ୍ ଭାବେ ଗଢ଼ି ତୋଳିବାରେ ସହାୟକ ହେବ।

### ହୀରାକୁଦରୁ ୧୦ଟି...

ବିଭିନ୍ନ ମାର୍ଗ ଦେଇ ୧ ଲକ୍ଷ ୫୯ ହଜାର ୫୮୧ କ୍ୟୁସେକ୍ ପାଣି ନିଷ୍କାସିତ ହେଉଥିଲା। ସନ୍ଧ୍ୟା ୬ଟା ବେଳେ ତଳମୁଣ୍ଡ ଗେଜ୍ ଷ୍ଟେସନ୍ ଗୁଡ଼ିକ ମଧ୍ୟରୁ ବେଲଗାଁରେ ୧୩ ହଜାର ୬୦୦ କ୍ୟୁସେକ, ପଥର୍ଲାରେ ୩୮ ହଜାର ୮୦୭ କ୍ୟୁସେକ, ଖଇରମାଳରେ ୧ ଲକ୍ଷ ୭୦ ହଜାର, ବରମୂଳରେ ୧ ଲକ୍ଷ ୩୫ହଜାର ୭୫୦ ଓ ମୁଣ୍ଡଳିରେ ୧ଲକ୍ଷ ୫୨ ହଜାର ୩୦୪ କ୍ୟୁସେକ ପାଣି ପ୍ରବାହିତ ହେଉଥିଲା। ପୂର୍ବରୁ ୪ଟି ଗେଟ୍ ଖୋଲା ଥିବାବେଳେ ଜଳସ୍ତର ବୃଦ୍ଧି ପରେ ଆଜି ଦିନ ୧୨ଟା ୫୫ ମିନିଟରେ ଆଉ ୪ଟି ଗେଟ୍ ଖୋଲିବା ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ସନ୍ଧ୍ୟା ୫ଟା ୩୫ ମିନିଟ ଓ ୫ଟା ୪୦ ମିନିଟରେ ଆଉ ୨ଟି ଗେଟ୍ ଖୋଲାଯାଇଥିଲା। ଏହି ସମୟରେ ହୀରାକୁଦ ଜଳଭଣ୍ଡାର ଜଳସ୍ତର ୬୧୩.୪୭ ଫୁଟ ରହିଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପର ମୁଣ୍ଡରେ ୨୫.୦୫ ମିଲିମିଟର୍ ଓ ତଳ ମୁଣ୍ଡରେ ୧୮.୨୭ ମିଲିମିଟର୍ ବର୍ଷା ରେକର୍ଡ ହୋଇଥିବା ହୀରାକୁଦ ବନ୍ଧ ନିୟନ୍ତ୍ରଣ କକ୍ଷ ସୂତ୍ରରୁ ପ୍ରକାଶ।

### ଏସ୍‌ସିବି ମେଡିକାଲର ଭିତ୍ତିଭୂମି...

ଗୁଣାତ୍ମକମାନ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରି କହିଥିଲେ ଯେ, ରୋଗୀଙ୍କ ସୁବିଧା, ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟ ପରିବେଶ ଏବଂ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ରହଣି ସୁବିଧାରେ ଉନ୍ନତି ଆଣିବା ମୁଖ୍ୟ ଉଦ୍ଦେଶ୍ୟ। ଏହି ପରିଦର୍ଶନ ଅବସରରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ , ଚୌଦ୍ୱାର କଟକ ବିଧାୟକ ଶୌଭିକ ବିଶ୍ୱାଳ ,ସ୍ୱାସ୍ଥ୍ୟ ବିଭାଗର ସଚିବ ତଥା କମିଶନର ଅଶ୍ୱତୀ ଏସ୍., ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର କର୍ତ୍ତୃପକ୍ଷ, କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀମାନେ ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୨୦୨୭ ପଞ୍ଚାୟତ ଓ ପୌର...

ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆୟୁକ୍ତ ସମସ୍ତ ଜିଲ୍ଲାପାଳଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ବୈଠକରେ କୁହାଯାଇଥିଲା ଯେ, ଦ୍ୱାରକୁ ଦ୍ୱାର ସର୍ଭେ ମାଧ୍ୟମରେ ପ୍ରକୃତ ସ୍ଥିତି ଅନୁଯାୟୀ ବୁଥ୍‌ଭିତ୍ତିକ ଭୋଟର ତାଲିକା ପ୍ରସ୍ତୁତ କରାଯିବ। ଏହା ସହିତ ପ୍ରତ୍ୟେକ ଘରକୁ କ୍ରମିକ ଘର ନମ୍ବର ପ୍ରଦାନ, ଗୋଟିଏ ପରିବାରର ସମସ୍ତ ଯୋଗ୍ୟ ଭୋଟରଙ୍କୁ କ୍ରମାନୁସାରେ ତାଲିକାଭୁକ୍ତ କରିବା, ଅଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ବାଦ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ଆଇନଗତ ପ୍ରକ୍ରିୟାରେ ସାମିଲ କରଯିବାକୁ ଆଲୋଚନା ହୋଇଥିଲାସର୍ଭେ ପାଇଁ ପ୍ରତ୍ୟେକ ଦଳରେ ସମ୍ପୃକ୍ତ ବୁଥ୍ ଲେଭେଲ୍ ଅଫିସରଙ୍କୁ ଟିମ୍ ଲିଡର ଭାବେ ନିଯୁକ୍ତ କରାଯିବ। ତାଙ୍କୁ ଦୁଇଜଣ ଅଙ୍ଗନୱାଡ଼ି କର୍ମୀ ସହଯୋଗ କରିବେ। ଆବଶ୍ୟକ ସ୍ଥଳେ ଆଶା କର୍ମୀ, ଜଳ ସାଥୀ କିମ୍ବା ସ୍ୱଚ୍ଛ ସାଥୀଙ୍କୁ ମଧ୍ୟ ଦଳରେ ସାମିଲ କରାଯିବ। ବ୍ଲକ ଓ ସହରାଞ୍ଚଳ ସ୍ତରରେ ସୁପରଭାଇଜର ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ସମଗ୍ର ପ୍ରକ୍ରିୟାର ତଦାରଖ କରିବେ। ଏ ସମସ୍ତ ପ୍ରକ୍ରିୟା ଜୁଲାଇ ୩୧ ସୁଦ୍ଧା ସାରିବାକୁ ଆଲୋଚନା ହୋଇଥିଲା। ବୈଠକରେ ସର୍ଭେ ପ୍ରକ୍ରିୟା, ବୁଥ୍ ଓ ୱାର୍ଡ ସୀମା ନିର୍ଦ୍ଧାରଣ, ଦାବି ଓ ଆପତ୍ତି ଫର୍ମ ସଂଗ୍ରହ, ସର୍ଭେ ତଥ୍ୟର ଡିଜିଟାଇଜେସନ୍ ଏବଂ ସମୟସୀମା ଅନୁଯାୟୀ କାର୍ଯ୍ୟକ୍ରମ ସମ୍ପାଦନ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଆସନ୍ତା ଜାନୁଆରୀ ୧, ୨୦୨୭ରେ ଖସଡ଼ା ଭୋଟର ତାଲିକା ପ୍ରକାଶ ଏବଂ ଫେବୃଆରୀ ୧୦, ୨୦୨୭ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବା ଲକ୍ଷ୍ୟ ରଖାଯାଇଛି। ଭୋଟର ତାଲିକାକୁ ସଂଶୋଧନ ଓ ନିରୁପାଦିକ କରିବା ପାଇଁ ପ୍ରଶାସନିକ ସ୍ତରରେ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟକୁ କଡ଼ାକଡ଼ି ଭାବେ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଯୋଗ୍ୟ ନାଗରିକ ଯେପରି ଭୋଟର ତାଲିକାରୁ ବାଦ୍ ବଞ୍ଚିତ ନହୁଅନ୍ତି, ସେଥିପାଇଁ ନୂତନ ଆବେଦନକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ସହ ମୃତ, ସ୍ଥାନାନ୍ତରିତ କିମ୍ବା ଅଯୋଗ୍ୟ ଭୋଟରଙ୍କ ନାମକୁ ତାଲିକାରୁ ବାଦ୍ ଦେବାକୁ କୁହାଯାଇଛି।ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ କରି ଏକ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଚୂଡ଼ାନ୍ତ ଭୋଟର ତାଲିକା ସମୟସୀମା ମଧ୍ୟରେ ପ୍ରକାଶ କରିବାକୁ ଆୟୁକ୍ତ ଗୁରୁତ୍ୱ ଦେଇଛନ୍ତି।

### ଓଡ଼ିଶାରେ ୧୨ ଲକ୍ଷ...

ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇରଜଡ )ଙ୍କୁ ଆବଶ୍ୟକୀୟ କାଗଜପତ୍ର ଦେଇ ଧାର୍ଯ୍ୟ କରାଯାଇଥିବା ତାରିଖ, ସମୟ ଓ ସ୍ଥାନରେ ନିଜେ ଶୁଣାଣିରେ ଉପସ୍ଥିତ ରହି ନିଜେ ଆବଶ୍ୟକୀୟ ଦସ୍ତାବିଜ ଉପସ୍ଥାପନ କରି ନାମ ପୁନଃ ପଞ୍ଜିକରଣ କରିପାରିବେ। ନଚେତ୍ ସମ୍ପୃକ୍ତ ମତଦାତାମାନେ ବିଏଲଓଙ୍କୁ ସମସ୍ତ କାଗଜପତ୍ର ଦେଲେ ପ୍ରତ୍ୟକ୍ଷଭାବେ ଉପସ୍ଥିତ ରହିବାର କୌଣସି ଆବଶ୍ୟକତା ନାହିଁ। ନ ଚେତ voters.eci.gov.in ପୋର୍ଟାଲରେ ଲଗ୍ ଇନ୍ କରି ମଧ୍ୟ ଆବଶ୍ୟକୀୟ ଦସ୍ତାବିଜ ଦାଖଲ କରିପାରିବେ। ବୟସ୍କ ବ୍ୟକ୍ତି, ଭିନ୍ନକ୍ଷମ ବ୍ୟକ୍ତି , ରୋଗଗ୍ରସ୍ତ, ଶାରୀରିକ ଭାବେ ଅକ୍ଷମ ବ୍ୟକ୍ତି ତଥା ଦୁର୍ଗମ କିମ୍ବା ଅପହଞ୍ଚ ଅଞ୍ଚଳ ଏବଂ ରାଜ୍ୟ ବାହାରେ ରହୁଥିବା ବ୍ୟକ୍ତି ଭଳି ସମ୍ବେଦନଶୀଳ ବର୍ଗର ଭୋଟରମାନଙ୍କ ଶୁଣାଣି ସୁବିଧାଜନକ କରିବା ପାଇଁ ସାଧାରଣତଃ ସେମାନଙ୍କ ଶୁଣାଣି ପ୍ରକ୍ରିୟାରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବା ଆବଶ୍ୟକ ହେବ ନାହିଁ। ବରଂ ଦାବି ଓ ଆପତ୍ତି ଗୁଡ଼ିକ ସହଜ ସୁବିଧାଜନକ ଏବଂ ନିର୍ବିଘ୍ନରେ ନିଷ୍ପତ୍ତିକୁ ସୁନିଶ୍ଚିତ କରିବା ନିମନ୍ତେ ବିଏଲଓମାନେ ସମ୍ପୃକ୍ତ ଭୋଟରମାନଙ୍କ ବାସସ୍ଥାନରୁ ଆବଶ୍ୟକ ଦସ୍ତାବିଜ ସଂଗ୍ରହ କରିବେ। ୬ ସେପ୍ଟେମ୍ବର ୨୦୨୬ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ରାଜ୍ୟରେ ବର୍ତ୍ତମାନ ଏସ୍‌ଆଇଆର୍ କାର୍ଯ୍ୟରେ ୧୪୭ ଜଣ ଇଆରଓ କାରୟ୍ୟରତ ଅଛନ୍ତି। ସେହିପରି ଏଇଆରଓଙ୍କ ସଂଖ୍ୟା ୯୯୪ ଥିବାବେଳେ ଆଉ ନୂତନ ୪୦୦ ଜଣଙ୍କୁ ଏଇଆରଓ ଘୋଷଣା କରାଯିବ। ସେହପରି ୪୫ ହଜାର ୨୫୦ ଜଣ ବିଏଲଓ କାର୍ଯ୍ୟରତ ଅଛନ୍ତି। ଆଜି ପର୍ଯ୍ୟନ୍ତ ଫର୍ମ-୬ରେ ୨୬ ହଜାର ୭୪୫ ଟି ଆବେଦନ ହୋଇଥିବାବେଳେ ଫର୍ମ-୭ରେ ୨୨ ହଜାର ଏବଂ ଫର୍ମ-୮ରେ ୨୧୨୮ଟି ଆବେଦନ ହୋଇଛି।

### ମନ୍ତ୍ରୀ ସୁରେଶ ପୂଜାରୀଙ୍କ...

କୌଣସି ମଧ୍ୟସ୍ଥ ବିନା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାକୁ କ୍ଷତିପୂରଣ ରାଶି ପଠାଯିବ। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ପ୍ରକୃତ କ୍ଷତିଗ୍ରସ୍ତ ଚାଷୀମାନେ ଶୀଘ୍ର ଆର୍ଥିକ ସହାୟତା ପାଇବେ ଏବଂ ଆଗାମୀ ଚାଷ ପାଇଁ ସେମାନେ ଆବଶ୍ୟକ ସହଯୋଗ ପାଇପାରିବେ। ଲଗାଣ ବର୍ଷାରେ କ୍ଷତି ସହିଥିବା ଚାଷୀଙ୍କ ପାଇଁ ସରକାରଙ୍କ ଏହି ଘୋଷଣା ବଡ଼ ଆଶ୍ୱାସନ ସୃଷ୍ଟି କରିଛି।

### 'ବିକଶିତ ଓଡ଼ିଶା' ଗଠନ...

ଫ୍ଲେମିଂଙ୍କ ସହ ବ୍ରିଟିଶ ହାଇକମିଶନର ଅଫିସରୁ କୋଲକାତାର 'ଡିପାର୍ଟମେଣ୍ଟ ଫର୍ ବିଜନେସ୍ ଆଣ୍ଡ ଟ୍ରେଡ୍'ର ପୂର୍ବ ଭାରତ ନିବେଶ ପ୍ରମୁଖ ସନ୍ଦୀପ ଚୌଧୁରୀ ଏବଂ ଆସିଷ୍ଟାଣ୍ଟ କମ୍ୟୁନିକେସନ୍ସ, ଇଭେଣ୍ଟସ ଓ ଭିଜିଟ୍ସ ଅଫିସର ମିସ୍ ସର୍ଣ୍ଣମୟୀ ଶତପଥୀ ସାମିଲ ଥିଲେ। ଏହି ପ୍ରତିନିଧି ମଣ୍ଡଳୀଙ୍କ ଗସ୍ତ ସମୟରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ୍ ର ସିଏମଡି ଭାସ୍କର ଜ୍ୟୋତି ଶର୍ମା, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଜାଧବ ଏବଂ ଗ୍ରିଡ଼କୋର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ସତ୍ୟପ୍ରିୟ ରଥ ଉପସ୍ଥିତ ଥିଲେ।ଏହି ଗସ୍ତ ବାଣିଜ୍ୟ, ଶିକ୍ଷା ଏବଂ ସାଂସ୍କୃତିକ କ୍ଷେତ୍ରରେ ଓଡ଼ିଶା ସହ ସହଭାଗିତା ବୃଦ୍ଧି କରିବା ପାଇଁ ୟୁକେର ପ୍ରତିବଦ୍ଧତାକୁ ଦର୍ଶାଉଛି।

### ୧୫୬୭ କୋଟିର...

ଏବଂ କୀର୍ତ୍ତନିଆ, ତାଳସାରୀ ଓ ବାହାବଳପୁର ଅବତରଣ କେନ୍ଦ୍ରର ନବୀକରଣ।୬ଟି ବରଫ କଳ/ସୀତଳ ଭଣ୍ଡାର, ୩ଟି ଫିନଫିସ୍ ହ୍ୟାଚେରୀ ଏବଂ ୧ଟି ସ୍କାମ୍ପି ହ୍ୟାଚେରୀ ପ୍ରତିଷ୍ଠା। ମୋଟ ଆବଣ୍ଟିତ ପାଣ୍ଠି ୨୫୦.୭୧ କୋଟି ବିନିଯୋଗ ହୋଇଥିବା ପାଣ୍ଠି ୨୧୪.୪୫ କୋଟି ରାଜ୍ୟ ସରକାରଙ୍କ ଏହି ଯୋଜନା ମାଧ୍ୟମରେ ପାରମ୍ପରିକ ଡଙ୍ଗାର ମୋଟରଚାଳନା, ମାଛ ପରିବହନ ଗାଡ଼ି, ବୋଟ୍-ଜାଲ, ଏବଂ ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ବ୍ଲୁ ଏକୋନୋମିନୀଳ ଅର୍ଥନୀତି ସୁଦୃଢ଼ ହେବା ସହ ମତ୍ସ୍ୟଜୀବୀଙ୍କ ଜୀବନଧାରଣର ମାନରେ ବ୍ୟାପକ ପରିବର୍ତ୍ତନ ଆସିପାରିଛି।

## ପରିବାର ସାହିତ୍ୟ ସଂସଦର ୨୮ତମ ବାର୍ଷିକ ଉତ୍ସବ ପାଳିତ

କଟକ ସଦର, ୨୧/୭:(ଅକ୍ଷର ଓଡିଶା ) କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ଧୁପୁର, ସମିତଙ୍ଗ ସ୍ଥିତ ପରିବାର ସାହିତ୍ୟ ସଂସଦର ୨୮ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସଚିଦାନନ୍ଦ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବର ପ୍ରଥମ ଅଧିବେଶନରେ ଏକ ରାଜ୍ୟ ସ୍ତରୀୟ କବିତା ପାଠ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ, ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ତଥା କବୟିତ୍ରୀ ଶ୍ରୀମତୀ ଗୀତାଞ୍ଜଳି ପୃଷ୍ଟି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିବା ବେଳେ, ଶ୍ରୀମତୀ ବିଦ୍ୟୁତଲତା ପ୍ରଧାନ ସମ୍ମାନିତ ଅତିଥି ଭାବେ





ଯୋଗଦାନ କରିଥିଲେ। କବିତା ପାଠକୁ ସଂଯୋଜନା କରିଥିଲେ ଶ୍ରୀମତୀ ଛବିରାଣୀ ପତି ଓ ଶ୍ରୀମତୀ ପ୍ରିୟତମା ସାହୁ। ଦ୍ୱିତୀୟ ଅଧିବେଶନରେ, ପ୍ରଫେସର ଡ.ବିଷ୍ଣୁପ୍ରିୟା ଦାସ ମୁଖ୍ୟ ବକ୍ତା ଭାବରେ ଓ ୟୁନିଅନ ଫର କଟକ ସଦର ଡେଭଲପମେଣ୍ଟ ର ସଭାପତି ପ୍ରଫେସର ମନୋଜ କୁମାର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚୈତନ୍ୟ ରାଉତ, ନବକିଶୋର ଦାସ ଓ ପିତାମ୍ବର ମହାପାତ୍ର ଯୋଗଦାନ କରିଥିଲେ।ଏହି ଅବସରରେ, ସୁରଥ କୁମାର ରାଉତଙ୍କ ଦ୍ୱାରା ଲିଖିତ ପୁସ୍ତକ ,'ମୁକ୍ତି ସଂଗ୍ରାମରେ ଓଡ଼ିଶାର ନାରୀ 'ଉନ୍ମୋଚନ କରାଯାଇଥିଲା।

## ବାହୁଡ଼ିବେ ମହାବାହୁ, ରଥହେଲା ଦକ୍ଷିଣ ମୋଡ଼

ପୁରୀ,୨୧।୭(ଅକ୍ଷର ଓଡ଼ିଶା): ଆସନ୍ତା ୨୪ ତାରିଖରେ ବାହୁଡ଼ାଯାତ୍ରା। ନବଦିନ ଯାତ୍ରା ଶେଷ କରି ଶ୍ରୀମନ୍ଦିରର ରତ୍ନ ବେଦୀକୁ ଫେରିବେ ଦାରୁ ବିଗ୍ରହ। ଏଥି ପାଇଁ ଆରମ୍ଭ ହୋଇଛି ବାହୁଡ଼ାଯାତ୍ରା ପ୍ରସ୍ତୁତି। ଘୋଷଯାତ୍ରାର ଷଷ୍ଠ ଦିବସରେ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଛି। ଗତକାଲି ରାତି ୪ଟା ୪୦ରେ ଗୁଣ୍ଡିଚା ମନ୍ଦିରରେ ହୋଇଥିଲା ମହାପ୍ରଭୁଙ୍କ ବଡସିଂହାର ବେଶ। ଗତକାଲି ଗୁଣ୍ଡିଚା ମନ୍ଦିରରେ ରାତ୍ର ପହୁଡ଼ ହୋଇନଥିଲା। ସକାଳ ୮ଟା ୩୦ରେ ହୋଇଥିଲା ମଙ୍ଗଳଆଳତି।ମହାପ୍ରଭୁଙ୍କ ଅନ୍ୟ ପାରମ୍ପାରିକ ନୀତି ପରେ ଦିନ ୧୨ଟା ୫୫ ସୁଦ୍ଧା ଗୋପାଳବଲ୍ଲଭ,ଦିନ ୨ ଟା ୧୦ସକାଳ ଧୂପ ଓ ଭୋଗମଣ୍ଡପ ଉଠିବା ପରେ ଦିନ ୩ ଟା୧୦ରେ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ଆସି ରଥର ଦକ୍ଷିଣ ମୋଡ଼ କରଯାଇଥିଲା। ପରମ୍ପରା ଅନୁଯାୟୀ ସେବାୟତ ଓ ପୁଲିସ କର୍ମଚାରୀଙ୍କ ସହାୟତାରେ ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥକୁ ଦକ୍ଷିଣମୋଡ଼ କରାଯାଇଥିଲା। ତେବେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି, ତାଳଧ୍ୱଜ ରଥଙ୍କ ଦକ୍ଷିଣି ମୋଡ଼ମଧ୍ୟ ବର୍ତ୍ତମାନ ସ୍ଥାନରେ ସ୍ଥଗିତ ରଖାଯାଇଛି। ଆସନ୍ତାକାଲି ନନ୍ଦିଘୋଷ ରଥ ସହିତ ତାଳଧ୍ୱଜ ରଥକୁ ଶରଧାବାଲି ଅଭିମୁଖେ ଟଣାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ତଥାସୁରକ୍ଷା ବାହିନୀ ପକ୍ଷରୁ ବର୍ତ୍ତମାନ ସ୍ଥାନରେ ଥିବା ସମସ୍ତ ରଥର ଆବଶ୍ୟକ ବ୍ୟାରିକେଡିଂ ଓ ସୁରକ୍ଷା ବ୍ୟବସ୍ଥା କରାଯିବ। ଏଥି ସହିତ ବଡଦାଣ୍ଡରେ ଯାତାୟାତ ସ୍ୱାଭାବିକ ରଖିବାକୁ ଆବଶ୍ୟକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।ରଥ ଦକ୍ଷିଣମୋଡ଼ ହେବା ଲାଗି ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ପରିଷ୍କାର କରାଯାଇ ସେଠାରେ ପୂର୍ବରୁ ବାଲି ପଡ଼ିଥିଲା। ରଥ ଗୁଡ଼ିକର ଦକ୍ଷିଣମୋଡ଼ ପୂର୍ବରୁ ଶ୍ରୀମନ୍ଦିର ବୈଷୟିକ ଟିମ୍ ଓ ପୂର୍ତ୍ତ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ୩ ରଥର ଯାଞ୍ଚ କରାଯାଇଥିଲା।

## ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ

ଖଲ୍ଲିକୋଟ: ୨୧/୦୭ (ଅକ୍ଷର ଓଡିଶା )ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ କାର୍ଯ୍ୟଭାର ଗ୍ରହଣ ନେଇ ବିଧିବଦ୍ଧ ସୂଚନା ପ୍ରକାଶ ପାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଚିଠି ସଂଖ୍ୟା ୩୯୦୭୭ (ତାରିଖ: ୧୭/୦୭/୨୦୨୬) ଅନୁସାରେ ଏହି ବଦଳି ପ୍ରକ୍ରିୟା ଅନୁଷ୍ଠିତ ହୋଇଛି।ଗଞ୍ଜାମ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ତଥା ପ୍ରାଣୀ ବିଜ୍ଞାନ ବିଭାଗର ରିଡର ଡଃ ସନ୍ତୋଷ କୁମାର ପାତ୍ର ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଏବଂ ମହାବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଭାବରେ ଯୋଗ ଦେବେ। ଏଠାରେ କାର୍ଯ୍ୟରତ ଅଧ୍ୟକ୍ଷ ଡଃ



ଭଗବାନ ତ୍ରିପାଠୀଙ୍କୁ ପୋଲସରା ବିଜ୍ଞାନ ମହାବିଦ୍ୟାଳୟ, ପୋଲସରାର ଅଧ୍ୟକ୍ଷ ଭାବେ କାର୍ଯ୍ୟଭାର ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ଡଃ ସନ୍ତୋଷ କୁମାର ପାତ୍ରଙ୍କ ଅଭିଜ୍ଞତା ଗୁଣବତ୍ତାସମ୍ପନ୍ନ ଶିକ୍ଷାଦାନ ସହ ଖଲ୍ଲିକୋଟ ଅଞ୍ଚଳରେ ଉଚ୍ଚ ଶିକ୍ଷାର ବ୍ୟାପକ ବିକାଶ ଦିଗରେ ସହାୟକ ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ଏବଂ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଆଶା ବ୍ୟକ୍ତ କରିଛନ୍ତି। ଏହା ସହିତ ନୂତନ ଅଧ୍ୟକ୍ଷଙ୍କୁ ଅଞ୍ଚଳବାସୀଙ୍କ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ବେଲଗୁଣ୍ଠାରେ ଜିଲ୍ଲାସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ





ବେଲଗୁଣ୍ଠା , ୨୧ /୦୭-(ଅକ୍ଷର ଓଡିଶା ) ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବେଲଗୁଣ୍ଠା ବ୍ଲକ ସମ୍ମିଳନୀ କକ୍ଷଠାରେ ସୋମବାର ଏକ ଜିଲ୍ଲାସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ପ୍ରୋବେସନାରୀ ଆଇ.ଏ.ଏସ୍. ସରନ୍ୟା ସର୍ବଣା, ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଏବଂ ଭଞ୍ଜନଗରର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସିଧାସଳଖ ଶୁଣାଣି କରିଥିଲେ।ଏହି ଜନଅଭିଯୋଗ ଶିବିରରେ ମୋଟ ୧୬୬ଟି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ୧୪୭ଟି ବ୍ୟକ୍ତିଗତ ସମସ୍ୟା, ୧୦ଟି ସାମୂହିକ ସମସ୍ୟା ଏବଂ ୮ଟି ରେଡକ୍ରସ ସହାୟତା ସମ୍ବନ୍ଧୀୟ ଥିଲା। ଏହି ଶିବିର ଚାଲିଥିବା ସମୟରେ ତତ୍କାଳ ଭାବେ ଗୋଟିଏ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅବଶିଷ୍ଟ ୧୬୫ଟି ଅଭିଯୋଗର ସଠିକ୍ ଓ ଫଳପ୍ରଦ ସମାଧାନ ନିଶ୍ଚିତ ସମୟସୀମା ମଧ୍ୟରେ କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ଅବସରରେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ୮ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମୋଟ ୪୭,୫୦୦ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଶିବିରକୁ ଆସିଥିବା ସ୍ଥାନୀୟ ଜନସାଧାରଣ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ରାସନ କାର୍ଡ,ସାମାଜିକ ସୁରକ୍ଷା, ଭତ୍ତା, ଖାଦ୍ୟ ସୁରକ୍ଷା, ଗୃହ ନିର୍ମାଣ, ଜୀବିକା ମିଶନ ସମେତ ରାଜସ୍ୱ ଓ ଜମିଜମା ସମ୍ବନ୍ଧୀୟ ବିଭିନ୍ନ ଜଟିଳ ସମସ୍ୟା ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ଏହି ଶିବିରରେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିଙ୍ଗାପୁରମ ହରି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।ଜନସାଧାରଣଙ୍କ ସୁବିଧା ଓ ଅଭିଯୋଗ ଗୁଡ଼ିକର ଶୃଙ୍ଖଳିତ ପଞ୍ଜୀକରଣ ପାଇଁ ବେଲଗୁଣ୍ଠା ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଶିବିରର ସୁପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ, ଯାହା ଫଳରେ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିର ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇପାରିଛି।

## ତୁମୁଡ଼ିବନ୍ଧ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାର ପ୍ରମୁଖ ଅଧିକାରୀ

### କନ୍ଧମାଳରେ 'ଟିଚ୍ କନ୍ଧମାଳ' ଅଭିଯାନ

ବାଲିଗୁଡା, ୨୧/୭(ଅକ୍ଷର ଓଡିଶା ): କନ୍ଧମାଳ ଜିଲ୍ଲାରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଏବଂ ପ୍ରତ୍ୟେକ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ତରଫରୁ 'ଟିଚ୍ କନ୍ଧମାଳ' ନାମକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ୨୦୨୬-୨୭ ଶିକ୍ଷାବର୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଅଧୀନରେ ଜିଲ୍ଲାର ଶୀର୍ଷ ଅଧିକାରୀମାନେ ପ୍ରତ୍ୟକ୍ଷ ଭାବେ ସ୍କୁଲଗୁଡ଼ିକୁ ଯାଇ ଶିକ୍ଷାଦାନ, ପରିବେଶ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କରୁଛନ୍ତି। ଏହି କନ୍ଧମାଳ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ପ୍ରମୁଖ ଅଧିକାରୀମାନେ ତୁମୁଡ଼ିବନ୍ଧ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ବେଦଭୂଷଣ ସିର୍ଲା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ସହ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସକାଳ ପ୍ରାର୍ଥନା ସଭା, ଶ୍ରେଣୀଗୃହରେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟା, ସ୍କୁଲ ପରିସର, ଶୌଚାଳୟର ସ୍ୱଚ୍ଛତା ଓ ସାନିଟେସନ୍, ଛାତ୍ରଛାତ୍ରୀ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିୟମିତ ଉପସ୍ଥାନ, ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଓ ତାର ମାନ ତଦାରଖ କରିଥିଲେ। ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ ଜଳେଶପଟ୍ଟା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ବାଲିଗୁଡ଼ା ଉପ-ଜିଲ୍ଲାପାଳ ଶ୍ରୀମତୀ ପ୍ରଣିତା ଦାଶ ମୁଣ୍ଡିଗଡ଼ା ସ୍ଥିତ ମା' ଭୈରବୀ ହାଇସ୍କୁଲ ପରିଦର୍ଶନ କରିଥିଲେ। ଏହା ବ୍ୟତୀତ ଖଣ୍ଡୀୟ ବନାଧିକାରୀ, ବାଲିଗୁଡା ବନଖଣ୍ଡ, ମୁଖ୍ୟ ଉନ୍ନୟନ ଅଧିକାରି ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ତୁମୁଡ଼ିବନ୍ଧ ବ୍ଲକର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି। ଜିଲ୍ଲାରେ ଶିକ୍ଷାର ମାହୋଲକୁ ଆହୁରି ସୁଦୃଢ଼ ଓ ଗୁଣାତ୍ମକ କରିବା ପାଇଁ 'ଟିଚ୍ କନ୍ଧମାଳ' ଅଭିଯାନ ଏକ ପ୍ରଶଂସନୀୟ ଓ ବିପ୍ଳବାତ୍ମକ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଗାଁ ଦାଣ୍ଡରେ ବନ୍ୟା



- ❖ ନଳକୂପ ବୁଡ଼ିଛି ପଚା ବର୍ଷା ପାଣିରେ ପିଲା ସ୍କୁଲ ଯିବା ଠପ
- ❖ ଦୁଃଖ କେହି ନ ଶୁଣିବାରୁ ଗାଁ ଦାଣ୍ଡରେ କାଦୁଅ ବନ୍ଧ ଓ ବାଉଁଶ ଦେଇ ରାସ୍ତା ରୋକ

ରାଜନଗର,୨୧/୦୭(ଅକ୍ଷର ଓଡ଼ିଶା)ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଓ ରାଜନଗର ନିର୍ବାଚନ ମଣ୍ଡଳୀର ବିଧାୟକ ଧ୍ରୁବ ଚରଣ ସାହୁ ଗାଁ ବାଟ ବାଲିକଣା ଗାଁ ଦାଣ୍ଡ ଜଳ ମଗ୍ନ। ନାହିଁ ନଥିବାର ଅସୁବିଧା ସମ୍ମୁଖୀନ ହେଉଛନ୍ତି ଲୋକେ। ଗାଁ ଦାଣ୍ଡରେ ଜମା ହୋଇଥିବା ପଚା ବର୍ଷା ପାଣିରେ ସାପ ଓ ବିଭିନ୍ନ ପୋକ ଜୋକ ଭାସୁଛନ୍ତି,ପିଇବା ପାଇଁ ଥିବା ଗୋଟିଏ ନଳକୂପ ପଚା ବର୍ଷା ପାଣିରେ ବୁଡି ଯାଇଛି। ଆଣ୍ଠୁଏ ଆଣ୍ଠୁଏ ପଚା ବର୍ଷା ପାଣି ଭିତରେ ପସି ସ୍କୁଲ ଯାଉଛନ୍ତି ଛାତ୍ର ଛାତ୍ରୀ। ଯାହା ଦ୍ୱାରା ବିଭିନ୍ନ ପ୍ରକାର ଚର୍ମ ରୋଗ ସହିତ ଡ଼ାଇରିଆ ଭଳି ରୋଗ ବ୍ୟାପୁଛି, ଏଭଳି ଦୟନୀୟ ସ୍ଥିତିରେ ଲୋକେ କାଳାତିପାତ କରୁଥିବା ସମୟରେ ସେହି ଗାଁର ବୋହୂ ତଥା ରାଜନଗର ପଞ୍ଚାୟତ ସମିତିର ଅଧ୍ୟକ୍ଷା ପ୍ରତିଭା ପାତ୍ର ଓ ସେହି ଗାଁ ଦାଣ୍ଡ ଦେଇ ନିଜ ଗାଁକୁ ଯାଉଥିବା ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଲୋକଙ୍କୁ ସାହାଯ୍ୟ କରିବା ତ ଦୂରର କଥା ଏ ସମ୍ପର୍କରେ ପାଟି ବି ଖୋଲୁ ନାହାଁନ୍ତି। କାରଣ ଯେଉଁ ଗାଁ ଦାଣ୍ଡରେ ଏଭଳି ବର୍ଷ ବର୍ଷ ଧରି ବର୍ଷା ପାଣି ନିଷ୍କାସନ ନ ହୋଇ ଜମା ହୋଇ ରହୁଛି ତାହାର ମୁଖ୍ୟ କାରଣ ସାଜିଛନ୍ତି ବିଧାୟକଙ୍କ ସମର୍ଥିତ ବ୍ୟକ୍ତି। ଯିଏ ବିଧାୟକଙ୍କ ସମର୍ଥିତ ହୋଇଥିବାରୁ ଜୋର ଜବରଦସ୍ତି ଅନାବାଦୀ ଜାଗାକୁ କବ୍‌ଜା କରି ଗାଁ ଦାଣ୍ଡର ପାଣି ନିଷ୍କାସନ ବାଟକୁ ବନ୍ଦ କରିଦେଇଛନ୍ତି, ଯେଉଁଥିପାଇଁ ବର୍ଷା ପାଣି ନିଷ୍କାସନ ହୋଇପାରୁନି ଓ ଦୀର୍ଘ ଦିନ ଧରି ଗାଁ ଦାଣ୍ଡରେ ବର୍ଷା ପାଣି ଜମାଟ ବାନ୍ଧି ରହୁଛି। ଅନ୍ୟ ପଟେ ବାରମ୍ବାର ରାଜନଗର ତହସିଲଦାର ଓ ବିଡ଼ିଓ ଙ୍କ ନିକଟକୁ ଏହି ସମସ୍ୟା ନେଇ ଗାଁ ଲୋକ ଆସୁଥିବା ବେଳେ ତାହାର କୌଣସି ଫଳ ମିଳି ପାରୁନି। ପ୍ରଶାସନିକ ଅଧିକାରୀ ଏହା ଉପରେ କୌଣସି ନିହିତ ପଦକ୍ଷେପ ନ ନେବାରୁ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ଏବଂ ବିଧାୟକ କିଛି ନ ଶୁଣିବାରୁ ବାଧ ହୋଇ ଗତକାଲି ମହିଳା ମାନେ ଗାଁର ଦୁଇ ପଟକୁ କାଦୁଅ ବନ୍ଧ ଓ ବାଉଁଶ ଦେଇ ବାଟ ବନ୍ଦ କରିଛନ୍ତି। ଗାଁ ଲୋକ ନିଷ୍ପତ୍ତି ନେଇଛନ୍ତି ଯେପର୍ଯ୍ୟନ୍ତ ଗାଁ ଦାଣ୍ଡର ଜଳ ନିଷ୍କାସନ ବ୍ୟବସ୍ଥା ହୋଇନାହିଁ ସେ ପର୍ଯ୍ୟନ୍ତ ଓସ୍ତିଆ ଓ ବେଲପାଳ ପଞ୍ଚାୟତ ବାସୀଙ୍କୁ ଗାଁ ଦାଣ୍ଡରେ ଛଡା ଯିବନି ଓ ପଞ୍ଚାୟତ ନିର୍ବାଚନ ରେ ବିରୋଧିକୁ ଭୋଟ ଦେବେନି। ଯଦି ଏହା ପରେ କେହି ନ ଶୁଣନ୍ତି ତେବେ ରାଜନଗର ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦେଲେ ବାଲିକଣା ଗାଁର ଅଧିବାସୀ।

### ଖଣ୍ଡପଡା ଏନଏସି କର୍ତ୍ତୃପକ୍ଷଙ୍କ ଅଣଦେଖା

## ପରିଚୟ ହରାଉଛି 'ପରିଚୟ ଗୃହ'

ଖଣ୍ଡପଡା, ୨୧।୭ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ସହରାଞ୍ଚଳର ବସ୍ତି ବାସିନ୍ଦାଙ୍କ ଆନୁସଙ୍ଗିକ ସୁବିଧାକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ବିଭିନ୍ନ ୱାର୍ଡରେ ଏନଏସି ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପରିଚୟ ଗୃହ ଗୁଡିକ ଗତ ୨ ବର୍ଷ ତଳେ ନିର୍ମାଣ କରାଯାଇଥିଲା।ତତ୍କାଳୀନ ନବୀନ ସରକାରଙ୍କ ଅମଳରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନାରେ ନିର୍ମାଣ ହୋଇଥିବା ପରିଚୟ ଗୃହ ଗୁଡିକ ଏବେ ରକ୍ଷଣାବେକ୍ଷଣ ଅଭାବରୁ ପରିଚୟ ହରାଇବାକୁ ବସିଥିବା ଜଣାପଡିଛି। ମୋଟା ମୋଟି ଭାବେ ପରିଚୟ ଗୃହ ଗୁଡିକ ଏବେ କାର୍ଯ୍ୟରେ ନ ଆସି ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ବେଳେ ବୁଲା କୁକୁର, ଷଣ୍ଢ ଓ ଗାଇଗୋରୁଙ୍କ ନିରାପଦ ଆଶ୍ରୟସ୍ଥଳ ପାଲଟିଥିବା ଜଣାପଡିଛି।ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗୋଟିଏ ପରିଚୟ ଗୃହ ନିର୍ମାଣ ବାବଦରେ ସେହି ସମୟରେ ୭.୨୦ ଲକ୍ଷ ଟଙ୍କା ବ୍ୟୟ



ହୋଇଥିବା ଜଣାପଡିଛି। କେଉଁଠି ପରିଚୟ ଗୃହ ନିର୍ମାଣ ପରେ ସେଠାରେ ତାଲା ଝୁଲୁଛି ତ ଆଉ କେଉଁଠି କିବା ଦିନ ଓ ରାତିରେ ନିଶାଖୋର ଅସାମାଜିକ ଯୁବକଙ୍କ ଭିଡ ଜମୁଥିବା ପରିଲକ୍ଷିତ ହେଉଛି।ପୁଣି କେଉଁଠି ପରିଚୟ ଗୃହରେ ରାତିରେ ଭୋଜି ଭାତର ଆସର ଜମୁଛିଓ ତେବେ ପ୍ରଶ୍ନ ଉଠେ ଯେଉଁ ମହତ ଉଦ୍ଦେଶ୍ୟ ନେଇ ରାଜ୍ୟ ସରକାର ପରିଚୟ ଗୃହ ଗୁଡିକ ନିର୍ମାଣ କରିଥିଲେ ତାହା ଏବେ ମୂଳ ଲକ୍ଷ୍ୟ ଠାରୁ ଦୂରେଇ ଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ନିର୍ମାଣ ସରିବାର ୩ ବର୍ଷ ପରେ ବି ସମସ୍ତ ପରିଚୟ ଗୃହ ଗୁଡିକୁ ଅଦ୍ୟାବଧି ବିଦ୍ୟୁତ ସଂଯୋଗୀକରଣ କରାଯାଇ ନ ଥିବା ବେଳେ ସେଠାରେ ପାନୀୟ ଜଳ ନିମନ୍ତେ ମଧ୍ୟ ସେଭଳି କୌଣସି ବ୍ୟବସ୍ଥା କରାଯାଇ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।କୌଣସି ବସ୍ତି ବାସିନ୍ଦା କେବେବି ପରିଚୟ ଗୃହ ପରିସରରେ ବସି ସଭା ସମିତି ନତୁବା ବୈଠକ କରୁଥିବାର ନଜିର ନଥିବା ବେଳେ କେଉଁ ମହତ ଲକ୍ଷ୍ୟ ନେଇ ପରିଚୟ ଗୃହ ଗୁଡିକ ନିର୍ମାଣ କରାଯାଇଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ପରିଚୟ ଗୃହ ନିର୍ମାଣ ବାବଦରେ ବ୍ୟୟ ହୋଇଥିବା ଲକ୍ଷାଧିକ ଟଙ୍କା ପାଣିରେ ପଡିବା ସାର ହୋଇଥିବା ଜଣାପଡିଛି।ଏଥିପ୍ରତି ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କୁ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ମାରଣାସ୍ତ୍ର ଦେଖାଇ ମାଡ଼ମାରି ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନାଅଲଙ୍କାର ଓ ନଗଦ ଟଙ୍କା

ପରଜଙ୍ଗ,୨୧/୦୭(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ସାଆନ୍ଦା ଗ୍ରାମ ରେ ଶସସ୍ତ୍ର ଡକାୟତି , ମାରଣାସ୍ତ୍ର ଦେଖାଇ ମାଡ଼ମାରି ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନା ଅଲଙ୍କାର ଓ ନଗଦ ଟଙ୍କା ସୋମବାର ବିଳମ୍ବିତ ରାତିରେ ସାଆନ୍ଦା ଗ୍ରାମ ମହାବିଦ୍ୟାଳୟ ନିକଟରେ ରହୁଥିବା



ସୁରେଶ ଚନ୍ଦ୍ର ପାଣି ଙ୍କ ଘରୁ ଲୁଟ ହୋଇଛି । ସୂଚନା ଅନୁସାରେ ବିଳମ୍ବିତ ରାତିରେ ସୁରେଶ ଓ ତାଙ୍କ ସ୍ତ୍ରୀ ରୀନା ଉଭୟ ଘରେ ଶୋଇଥିବା ବେଳେ କିଛି ଦୁର୍ବୃତ୍ତ ଘରେ ଲାଗିଥିବା କବାଟ କୁ ଭାଙ୍ଗି ଘରେ ପଶିଥିଲେ । ଦୁର୍ବୃତ୍ତ ମାନେ ସୁରେଶ ଓ ତାଙ୍କ ସ୍ତ୍ରୀ ଙ୍କୁ ଖଣ୍ଡା, ଭୁଜାଲି ଦେଖାଇ ଭୟଭୀତ କରାଇବା ସହିତ ମାଡ଼ମାରି ଘରେ ଥିବା ପ୍ରାୟ ୧୦ ଭରି ରୁ ଅଧିକ ସୁନାଅଲଙ୍କାର ଓ ନଗଦ ଟଙ୍କା ଲୁଟିନେଇଛନ୍ତି । ଲୁଟ ହୋଇଥିବା ସୁନାଅଲଙ୍କାର ର ଆନୁମାନିକ ମୂଲ୍ୟ ପନ୍ଦରଲକ୍ଷ ଟଙ୍କା ହୋଇଥିବା ବେଳେ ଘରେ ଥିବା ନଗଦ ୫୦୦୦ ଟଙ୍କା ଲୁଟିନେଇଛନ୍ତି ଦୁର୍ବୃତ୍ତ । ଲୁଟ ପରେ ଦୁର୍ବୃତ୍ତ ମାନେ ସ୍ୱାମୀ, ସ୍ତ୍ରୀ ଙ୍କୁ ଗୋଟିଏ ଘରେ ବନ୍ଦକରି ତାଲା ପକାଇ ଘରେ ଥିବା ଦୁଇଟି ମୋବାଇଲ ମଧ୍ୟ ଲୁଟ କରିଛନ୍ତି । ଏ ନେଇ ପରିବାର ଲୋକ ପୋଲିସ କୁ ସୂଚନା ଦେବାପରେ ପୋଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି । ତେବେ ଦୁର୍ବୃତ୍ତ ମାନେ ନେଇଯାଇଥିବା ଦୁଇଟି ମୋବାଇଲ ଜବତ କରିବା ରେ ସଫଳ ହୋଇଛି ପରଜଙ୍ଗ ପୋଲିସ । ଗୋଟିଏ ମୋବାଇଲ ସାଆନ୍ଦା ଗ୍ରାମ ନିକଟ ରୁ ମିଳିଥିବା ବେଳେ ଅନ୍ୟ ଟି କନ୍ତିଓକାଟେଣୀ ଗ୍ରାମ ରୁ ମିଳିଛି । ଶ୍ରୀ ପାଣିଙ୍କ ଘରେ ଓ ବଜାର ମାନଙ୍କ ରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ କୁ ପୋଲିସ ଯାଞ୍ଚ କରିବା ସହ ଦୁର୍ବୃତ୍ତ ମାନଙ୍କ ଗତିପଥ କୁ ନେଇ ଅଧିକ ତଦନ୍ତ ଜାରି ରଖିଥିବା ନେଇ ସୂଚନା ରହିଛି ।

# ଶ୍ରାବଣ କାଉଡ଼ି ଯାତ୍ରା ପାଇଁ ଢେଙ୍କାନାଳ ପ୍ରଶାସନର ବ୍ୟାପକ ପ୍ରସ୍ତୁତି

- ଅଗଷ୍ଟ ୩ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ଜଳାଭିଷେକ
- ସୁରକ୍ଷା ଓ ଶୃଙ୍ଖଳା ଉପରେ ଗୁରୁତ୍ୱ

ଢେଙ୍କାନାଳ,୨୧/୦୭ (ବିଜ୍ଞାନ ମହାନ୍ତି )ଆସନ୍ତା ଶ୍ରାବଣ ମାସରେ ଢେଙ୍କାନାଳର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉବିଜେ ଓ ଜିଲ୍ଲାର ସମସ୍ତ ପ୍ରମୁଖ ଶୈବ ପୀଠରେ ହେବାକୁ ଥିବା କାଉଡ଼ି ଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ସୋମବାର ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲାପାଳ କହିଛନ୍ତି ଲକ୍ଷାଧିକ ଶିବଭକ୍ତ ଶ୍ରାବଣ ସୋମବାରରେ ଜଳାଭିଷେକ ପାଇଁ ଆସିବେ। ସେମାନେ ଯେପରି ଶାନ୍ତି ଶୃଙ୍ଖଳାର ସହ ସୁରକ୍ଷିତ ଭାବେ ଦର୍ଶନ କରିପାରିବେ ସେଥିପ୍ରତି ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରାଯାଉ।ଜିଲ୍ଲାପାଳ ନିର୍ଦ୍ଦେଶ ଅନୁସାରେ ସମସ୍ତ ଶୈବପୀଠର ପରିସରକୁ ବିଶୋଧନ କରାଯିବ। କପିଳାସ ପୀଠରେ ସର୍ପ ଧରାଳୀ ମୁତୟନ, ପୀଠ ଓ ପାଦ ଦେଶରେ ଆମ୍ବୁଲାନ୍ସ ସେବା, ଗାଡ଼ି ପାର୍କିଂ, ଶୌଚାଳୟ ଓ ଆବଶ୍ୟକ ରାସ୍ତା ମରାମତି କରାଯିବ। ପାନୀୟ ଜଳ ଓ ଆଲୋକ ବ୍ୟବସ୍ଥାକୁ ମଧ୍ୟ ଦୃଢ଼ କରାଯିବ। ସୁରକ୍ଷା ଦୃଷ୍ଟିରୁ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର କହିଛନ୍ତି ଯେ ନଦୀ ଘାଟଗୁଡ଼ିକରେ ବ୍ୟାରିକେଡ୍ କରାଯିବା ସହ ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ୍ ଟିମ ମୁତୟନ କରାଯିବ। ଶାନ୍ତି ଶୃଙ୍ଖଳା ଓ ଯାନବାହାନ ନିୟନ୍ତ୍ରଣ ପାଇଁ ବିଶେଷ ପୋଲିସ ପେଟ୍ରୋଲିଂ କରାଯିବ। ବନ ବିଭାଗ ପକ୍ଷରୁ ହାତୀ ଚଳାଚଳ ଉପରେ ମଧ୍ୟ ନଜର ରଖାଯିବ। ଅଗଷ୍ଟ ୩, ସୋମବାର ରୁ ଅଗଷ୍ଟ ୨୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ସୋମବାର ଏହି କାଉଡ଼ି ଯାତ୍ରା ଅନୁଷ୍ଠିତ ହେବ। ଶୃଙ୍ଖଳିତ ଜଳାଭିଷେକ ପାଇଁ ପ୍ରତ୍ୟେକ



ରବିବାର ରାତିରୁ ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ ଦେବୋତ୍ତର କର୍ମଚାରୀ ପୀଠରେ ଉପସ୍ଥିତ ରହି ପରିଚାଳନା କରିବେ ବୋଲି ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ସୂଚନା ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, ବିଭିନ୍ନ ବିଭାଗର ଅଧିକାରୀ, ପୋଲିସ ଅଧିକାରୀ ଓ ପ୍ରମୁଖ ଶୈବପୀଠର କର୍ମକର୍ତ୍ତାମାନେ ଯୋଗ ଦେଇ ମତ ରଖିଥିଲେ। ଶେଷରେ ଉପଜିଲ୍ଲାପାଳ ପଦ୍ମ ଚରଣ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କୁ ନିୟମ ମାନି ଶୃଙ୍ଖଳିତ ଭାବେ ଜଳାଭିଷେକ କରିବାକୁ ଅନୁରୋଧ କରାଯାଇଛି।

# ରଥ ଭାଙ୍ଗିଲେ ମା' ମହାଲକ୍ଷ୍ମୀ, ଢେଙ୍କାନାଳରେ ପାଳନ ହେଲା ହେରାପଞ୍ଚମୀ ନୀତି



ଢେଙ୍କାନାଳ, ୨୧/୦୭ (ବିଜ୍ଞାନ ମହାନ୍ତି)ପ୍ରଭୁ ଜଗନ୍ନାଥଙ୍କ ପ୍ରତି ମା' ମହାଲକ୍ଷ୍ମୀଙ୍କ ଅଭିମାନ ଓ ଗୁଣ୍ଡିଚା ମନ୍ଦିରରେ ରଥଭଙ୍ଗା ନୀତି ସହ ସମଗ୍ର ଦେଶରେ ପାଳିତ ହେଉଥିବା ହେରାପଞ୍ଚମୀ ଉତ୍ସବ ଆଜି ଢେଙ୍କାନାଳରେ ମଧ୍ୟ ବଡ଼ ଧୂମଧାମରେ ପାଳନ କରାଯାଇଛି।ଢେଙ୍କାନାଳ ସହର ମଧ୍ୟରେ ଥିବା ବଳରାମ ମନ୍ଦିରରୁ ସାନ୍ଧ୍ୟରେ ମା' ମହାଲକ୍ଷ୍ମୀଙ୍କ ବିମାନ ଶୋଭାଯାତ୍ରା ବାହାରି ବାଜିଚୌକ ଠାରେ ଥିବା ଗୁଣ୍ଡିଚା ମନ୍ଦିର ପରିସରରେ ପହଞ୍ଚିଥିଲା। ସେଠାରେ ବିଶେଷ ନୀତି ଓ ପୂଜାର୍ଚ୍ଚନା ପରେ ରଥଭଙ୍ଗା ନୀତି ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ରୀତି ଅନୁସାରେ ମା' ଲକ୍ଷ୍ମୀ ପ୍ରଭୁଙ୍କୁ ଗୁଣ୍ଡିଚାରେ ଅଧିକ ଦିନ ରହିବାରୁ ଅଭିମାନ କରି ରଥର ଏକ ଅଂଶ ଭାଙ୍ଗି ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ଶହ ଶହ ଭକ୍ତ ଏହି ଦୁର୍ଲଭ ନୀତି ଦେଖିବା ପାଇଁ ଗୁଣ୍ଡିଚା ମନ୍ଦିର ପରିସରେ ଏକତ୍ରିତ ହୋଇଥିଲେ। ଭକ୍ତିମୟ ପରିବେଶ ମଧ୍ୟରେ ପୂଜକମାନେ ସମସ୍ତ ନୀତି ସମ୍ପାଦନ କରିଥିଲେ। ଅନ୍ୟପକ୍ଷରେ ଆଜି ସକାଳୁ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ଦୁଇ ରଥକୁ ଦକ୍ଷିଣ ମୋଡ଼ କରାଯାଇଛି। ଏହା ସହିତ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇସାରିଛି। ରଥ ଟଣା ପାଇଁ ଆବଶ୍ୟକ ମରାମତି ଓ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରାଯାଉଛି।ପ୍ରଶାସନ ପକ୍ଷରୁ ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ବ୍ୟବସ୍ଥା ପାଇଁ ବ୍ୟାପକ ପ୍ରବନ୍ଧ କରାଯାଇଥିଲା। ପୋଲିସ ଓ ସ୍ୱେଚ୍ଛାସେବୀମାନେ ନୀତି ଶୃଙ୍ଖଳିତ ଭାବେ ସମ୍ପାଦନ କରାଇବାରେ ସହଯୋଗ କରିଥିଲେ। ଆସନ୍ତା ବାହୁଡ଼ା ଦିନ ମହାପ୍ରଭୁ ପୁଣି ଶ୍ରୀମନ୍ଦିରକୁ ଫେରିବେ ବୋଲି ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

# ଷ୍ଟେସନ ରୋଡରୁ ମଦ ଦୋକାନ ସ୍ଥାନାନ୍ତରିତ କରିବା ପାଇଁ ଦାବି

ଖଜୁରିଆକଟା ୨୧/୭(ନୀଳକଣ୍ଠ ଦାସ)ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ହିନ୍ଦୋଳ ରୋଡ ରେଳଷ୍ଟେସନ ରାସ୍ତାରେ ମଦ ଦୋକାନ ସ୍ଥାନାନ୍ତରିତ କରିବା ପାଇଁ ଆଜି ଓଡ଼ାପଡ଼ା ବ୍ଲକ ପରିସର ମଧ୍ୟରେ ଅନୁଷ୍ଠିତ ଜିଲ୍ଲାପାଳ ଙ୍କ ଜନଶୁଣାଣି ଶିବିରରେ ସ୍ଥାନୀୟ ବାସିନ୍ଦା ମାନେ ଉପସ୍ଥିତ ରହି ଲିଖିତ ଅଭିଯୋଗ ଜିଲ୍ଲାପାଳ ଙ୍କୁ ପ୍ରଦାନ କରି ଦ୍ୱି ଜଣାଇଥିବା ଜଣାପଡିଛି। ସେମାନଙ୍କ ଅଭିଯୋଗ ହେଲା ୫୫ ନଂ ଜାତୀୟ ରାଜପଥ ହିନ୍ଦୋଳ ରୋଡ ଛକ ଠାରୁ ହିନ୍ଦୋଳ ରୋଡ ରେଳଷ୍ଟେସନ କୁ ଯାଇଥିବା ରାସ୍ତା କଡରେ ଗୋଟିଏ ବିଦେଶୀ ମଦ ଦୋକାନ ସହିତ ଏକ ଦେଶି ମଦ ଦୋକାନ ଖୋଲିଛି ଏହି ମଦଦୋକାନ ଟି ରେଳ ଷ୍ଟେସନ ଓ ହିନ୍ଦୋଳ ରୋଡ ବଜାର ୪୦୦ ମିଟର ରୁ କମ୍ ଦୂରତା ମଧ୍ୟରେ ଏଂ ପି ଡବ୍ଲୁ ଆଇ ରାସ୍ତା କଡ଼ରେ ଏହି ମଦ ଦୋକାନ ରହିଛି ।ଏହି ଦୋକାନ ସକାଳୁ ରାତି ୧୦ ଘଟିକା ପର୍ଯ୍ୟନ୍ତ ଖୋଲା ରହୁଛି ।ମଦ ଦୋକାନ କଡ଼ରେ ଏକାଧିକ ଚାଖାଣା ଦୋକାନ ରହିଛି ।ସେହି ସ୍ଥାନରେ ଲୋକ ମାନେ ମଦ ପିଇ ମାତାଲ୍ ହୋଇ ନାନା ବିଶୃଙ୍ଖଳା ସୃଷ୍ଟି କରୁଥିବା ଦେଖିବାକୁ ମିଳିଥାଏ।ଏହି ରାସ୍ତା ରେ ଦୈନନ୍ଦିନ ରେଳ ଯାତ୍ରୀ, ସ୍ଥାନୀୟ ବାସିନ୍ଦା, ଅଙ୍ଗନବାଡ଼ି କେନ୍ଦ୍ର ର କୋମଳମତି ଶିଶୁ ଯିବା ଆସିବା କରୁଛନ୍ତି। ଅନ୍ଧାର ରାତିର ସୁଯୋଗ ନେଇ ମଦ୍ୟପି ମାନେ ଅପରାଧିକ କାର୍ଯ୍ୟକଳାପ ରେ ଲିପ୍ତ ରହିବା ସହିତ ଗାଳିଗୁଲଜ ହେଉଥିବା ଅଭିଯୋଗ ହୋଇ ଆସୁଛି। ରାସ୍ତା ସାରା ମଦ ବୋତଲ,ମଦ ପାଉଚ୍ ଜରି, ଗ୍ଲାସ ଓ ସୋଲ ଚଉପତି ବିଛାଇ ହୋଇ ପଡିଥିବା ଦେଖିବାକୁ ମିଳିଛି ।ଯାହା ଫଳରେ ପରିବେଶ ଦୂଷିତ



ହେବା ସହିତ ନକାରାତ୍ମକ ଭାବନା ସୃଷ୍ଟି କରିଛି। ଏଣୁ ଏହି ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ହିନ୍ଦୋଳ ରୋଡ ବଜାର କମିଟି ସଭାପତି ବିଶ୍ୱଜିତ ଦେହୁରୀ ସଂପାଦକ ରଣଜିତ ନାୟକ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ତଥା ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରେବତୀ ବେହେରା ଓଡ଼ାପଡ଼ା ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ସୁଭଦ୍ରା ସାହୁ,ବାଙ୍ଗୁରସିଂହ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ଚନ୍ଦ୍ରମା ଦଳେଇ, ସାମ୍ବାଦିକ ଙ୍କ ସହିତ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବିମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସରକାର ଙ୍କର ମଦମୁକ୍ତ ଅଭିଯାନ କେତେ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

# କପିଳାସ 'ବାର ବାଙ୍କ' ରାସ୍ତାରେ ଛାତିଧଡ଼କା ଦୃଶ୍ୟ ଦେଖାଦେଲା ବିଶାଳକାୟ ଅହିରାଜ

ଗଁଦିଆ/କପିଳାସ, ୨୧/୦୭(ବେତୁଜୀ ପ୍ରସାଦ):ପ୍ରସିଦ୍ଧ ଶୈବପୀଠ କପିଳାସକୁ ସଂଯୋଗ କରୁଥିବା ପାହାଡ଼ିଆ 'ବାର ବାଙ୍କ' ରାସ୍ତାରେ ଦେଖିବାକୁ ମିଳିଛି ଏକ ରୋମାଞ୍ଚକର ତଥା ଛାତିଧଡ଼କା ଦୃଶ୍ୟ। ସୋମବାର ସନ୍ଧ୍ୟା ସମୟରେ ୪ ନମ୍ବର ବାର ବାଙ୍କ ନିକଟରେ ଏକ ବିଶାଳକାୟ ଅହିରାଜ (କିଙ୍ଗ୍ କୋବ୍ରା) ସାପ ରାସ୍ତା ଉପରକୁ ଚାଲିଆସିଥିଲା। ରାସ୍ତା ମଝିରେ ବିଶାଳକାୟ



ସାପଟିକୁ ଦେଖି କିଛି ସମୟ ପାଇଁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ସହ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଥିଲା।ସୂଚନା ଅନୁସାରେ, ସୋମବାର ସନ୍ଧ୍ୟାରେ ସାପଟି ନିକଟସ୍ଥ ଘଞ୍ଚ ଜଙ୍ଗଲ ଭିତରୁ ବାହାରି ୪ ନମ୍ବର ବାର ବାଙ୍କ ରାସ୍ତା ପାର୍ ହେଉଥିଲା। ଏହି ସମୟରେ ପାହାଡ଼ ଚଢୁଥିବା ଓ ଓହ୍ଲାଉଥିବା ଗାଡ଼ିଗୁଡ଼ିକ ହଠାତ୍ ଅଟକି ଯାଇଥିଲେ। ସାପଟି ଅତ୍ୟନ୍ତ ଶାନ୍ତ ଭାବେ ରାସ୍ତା ଅତିକ୍ରମ କରି ଜଙ୍ଗଲ ଭିତରକୁ ଚାଲିଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ତେବେ ଏହି ବିରଳ ଦୃଶ୍ୟକୁ କିଛି ପର୍ଯ୍ୟଟକ ନିଜ ମୋବାଇଲ୍ କ୍ୟାମେରାରେ କଏଦ କରିଥିଲେ। କପିଳାସ ଜଙ୍ଗଲ ବହୁ ବିରଳ ବନ୍ୟଜନ୍ତୁ ଓ ସରୀସୃପଙ୍କ ବାସସ୍ଥଳୀ। ପାହାଡ଼ିଆ ରାସ୍ତାରେ ଯାତାୟାତ ସମୟରେ ବନ୍ୟଜନ୍ତୁ ଦେଖାଦେଲେ ସେମାନଙ୍କୁ ବିରକ୍ତ ନକରି ସୁରକ୍ଷିତ ଦୂରତା ବଜାୟ ରଖିବାକୁ ବନ ବିଭାଗ ଓ ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି।

# ନିଟରେ ୧୬୮ ସ୍ଥାନ ହାସଲ କରି ଇ-ଟେକ୍ ପାଇଁ ବିଜୟ ଆଣିଲେ ବିଜୟ




ଢେଙ୍କାନାଳ,୨୧/୦୭ (ବିଜ୍ଞାନ ମହାନ୍ତି)ସଦର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଠାରେ ଥିବା ଇ-ଟେକ୍ ଆବାସିକ କଲେଜକୁ ବଡ଼ ସଫଳତା ମିଳିଛି। ପ୍ରକାଶ ପାଇଥିବା ନିଟ ପରୀକ୍ଷାରେ ସର୍ବ ଭାରତୀୟ ସ୍ତର ରେ ୧୬୮ ସ୍ଥାନ ହାସଲ କରି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି ବିଜୟ ପ୍ରଧାନ ସେ ୬୮୬ ମାର୍କ ରଖି କଲେଜ ପାଇଁ ଆଣିଛନ୍ତି ଗର୍ବ ଓ ଗୌରବ। ସେହିଭଳି ଦ୍ୱିତୀୟ ସ୍ଥାନରେ ଓମ ପ୍ରକାଶ ସାହୁ ଯିଏ କି ୧୮୩୫ ରାଙ୍କରେ ଥିବା ବେଳେ ପ୍ରଭୁଦତ୍ତ ପରିଡା ୪୯୪୧, ସତ୍ୟଜିତ ସାହୁ ୬୨୭୨, ପ୍ରତ୍ୟାଶା ସାହୁ ୬୯୭୫,ଶୁଭସ୍ମିତା ବେହେରା ୬୮୭୨, ଉମେଶ ସାହୁ ୭୯୯୮,ଏସ. ଏନ ପାୟଲ ୯୪୦୭,ମୋନାଲିସା ସାହୁ ୯୭୬୩,ହିମାଂଶୁ ଶେଖର ବେହେରା ୧୦୦୭୬ ସ୍ଥାନ ହାସଲ କରି ଅନୁଷ୍ଠାନ ଓ ଜିଲ୍ଲା ପାଇଁ ଆଣିଛନ୍ତି ଗର୍ବ ଓ ଗୌରବ। ମୋଟ ଉପରେ ଏହି ଅନୁଷ୍ଠାନରୁ ୩୪ ଜଣ ଛାତ୍ରଛାତ୍ରୀ ନିଟ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୦ ଜଣ ଛାତ୍ରଛାତ୍ରୀ ସର୍ବଭାରତୀୟ ମାନ୍ୟତା ୧୦ ହଜାର ଭିତରେ ସ୍ଥାନ ପାଇଛନ୍ତି। ଏହା ଢେଙ୍କାନାଳ ଭଳି ଏକ ଜିଲ୍ଲା ପାଇଁ ନିଶ୍ଚିତ ଭାବେ ଏକ ଐତିହାସିକ ସଫଳତା। ଅନୁଷ୍ଠାନର ଅଧକ୍ଷ ଡ଼ ସୁରେଶ ମିଶ୍ରଙ୍କ ତତ୍ତ୍ୱାବଧାନ ଓ ସମସ୍ତ ଶିକ୍ଷକମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ସଫଳ ଛାତ୍ରଛାତ୍ରୀମାନେ କହିଛନ୍ତି ।ଏହି ସଫଳତା ପରେ ନିଜର ଖୁସି ବ୍ୟକ୍ତ କରି ଅନୁଷ୍ଠାନର ପ୍ରତିଷ୍ଠାତା ଡଃ ସୁରେଶ ମିଶ୍ର କହିଛନ୍ତି କି ଢେଙ୍କାନାଳ ଭଳି ଏକ ସ୍ଥାନରୁ ଆମ ପିଲାମାନେ ସମଗ୍ର ଦେଶରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ଏଥିପାଇଁ ମୁଁ ମହାପ୍ରଭୁ, ଅଭିଭାବକ ଓ ସମସ୍ତ ଶିକ୍ଷକଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି। ଆମର ଲକ୍ଷ୍ୟ ହେଉଛି ଗ୍ରାମାଞ୍ଚଳର ପିଲାମାନଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ଦେବା। ବିଜୟଙ୍କ ସଫଳତା ଖବର ପ୍ରଚାର ହେବା ପରେ ସମଗ୍ର ମଙ୍ଗଳପୁର ଓ ଢେଙ୍କାନାଳରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ଅଭିଭାବକ ଓ ସ୍ଥାନୀୟ ଲୋକମାନେ ଅନୁଷ୍ଠାନକୁ ଶୁଭେଚ୍ଛା ଜଣାଇଛନ୍ତି।

# ଢେଙ୍କାନାଳ ଚାଷୀଙ୍କ ଉନ୍ନତି ପାଇଁ ଜାତୀୟ ବିହନ ନିଗମ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

ଗଁଦିଆ ୨୧/୦୭ (ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲାର କୃଷି ଓ କୃଷକମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଏକ ସକାରାତ୍ମକ ପ୍ରୟାସ ଆରମ୍ଭ ହୋଇଛି। ଜିଲ୍ଲାର ଚାଷୀମାନେ କିପରି ଉନ୍ନତମାନର ବିହନ



ପାଇପାରିବେ ଏବଂ ଅଧିକ ଲାଭବାନ ହେବେ, ସେହି ଉଦ୍ଦେଶ୍ୟରେ ପୂର୍ବତନ ବିଧାୟକ ନବୀନ ନନ୍ଦ ନୂଆଦିଲ୍ଲୀ ସ୍ଥିତ ଜାତୀୟ ବିହନ ନିଗମର ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ସମନ୍ୱିତ ଆଲୋଚନାରେ ଜାତୀୟ ବିହନ ନିଗମର ନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ସାହୁ ଏବଂ ମହାପ୍ରବନ୍ଧକ ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନା କାଳରେ ଢେଙ୍କାନାଳରେ କୃଷିର ବିକାଶ ଏବଂ ଉତ୍ପାଦନ ବୃଦ୍ଧି ଲାଗି ଚାଷୀଙ୍କ ପାଇଁ ନିଗମ ପକ୍ଷରୁ କି କି କଲ୍ୟାଣକାରୀ କାର୍ଯ୍ୟକଳାପ ହାତକୁ ନିଆଯାଇପାରିବ, ସେ ସମ୍ପର୍କରେ ବିସ୍ତୃତ ଭାବରେ ମତ ବିନିମୟ ହୋଇଥିଲା। ଏହି ଉତ୍ସାହଜନକ ଆଲୋଚନା ସମୟରେ ନିଗମର ଅଧିକାରୀମାନେ ଚାଷୀଙ୍କ କ୍ଷେତ୍ର ପରୀକ୍ଷଣ ତଥା ବ୍ୟବହାର ନିମନ୍ତେ ଉନ୍ନତମାନର 'ପନିପରିବା ନମୁନା କିଟ୍' ନନ୍ଦଙ୍କୁ ପ୍ରଦାନ କରିଥିଲେ। ଏହି ଉନ୍ନତ କିସମର ପନିପରିବା ବିହନ ଆଗାମୀ ଦିନରେ ସ୍ଥାନୀୟ ଚାଷୀଙ୍କ ଅମଳ ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି। ଢେଙ୍କାନାଳ ଜିଲ୍ଲାର ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ ସାଜିଥିବା ଅନ୍ନଦାତା ଚାଷୀମାନଙ୍କ ବୃହତ୍ତର ସ୍ୱାର୍ଥ ଓ ଆଗ୍ରହକୁ ଦୃଷ୍ଟିରେ ରଖି ଏଭଳି ଏକ ଫଳପ୍ରଦ ତଥା ସମନ୍ୱିତ ଆଲୋଚନା କରାଯାଇଥିବାରୁ ଶ୍ରୀ ନନ୍ଦ ଜାତୀୟ ବିହନ ନିଗମର ଉଭୟ ଅଧିକାରୀଙ୍କୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଇନର ହୁଇଲ କ୍ଲବ କପିଳାସର ଅଧିଷ୍ଠାନ ଦିବସ ପାଳନ



ଢେଙ୍କାନାଳ: ୨୧/୭(ବିଜ୍ଞାନ ମହାନ୍ତି )ଇନର ହୁଇଲ କ୍ଲବ କପିଳାସ ଢେଙ୍କାନାଳ ର ବାର୍ଷିକ ଅଧିଷ୍ଠାନ ଦିବସ ସ୍ଥାନୀୟ ଜିଲ୍ଲା ପରିଷଦ ହଲ ରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଇନର ହୁଇଲ ଡିଷ୍ଟିକ ଥ୍ରୀଟୁସିକ୍ସ ର ଆଏସୋ ମମତା ବାଜପାୟୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଇନର ହୁଇଲ ର ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ବୁଝାଇଥିଲେ. ସମ୍ମାନିତ ଅତିଥି ଭାବରେ ଢେଙ୍କାନାଳ ସହରର ପୋରାଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗ ଦେଇ ନାରୀ ସଶକ୍ତି କରଣ ଉପରେ ନିଜର ମତ ରଖିଥିଲେ। ଏହି ନୂତନ ବର୍ଷ ର ସଭାପତି ଭାବରେ ଦୀପ୍ତି ବାଳା ମିଶ୍ର, ଉପ ସଭାପତି ଭାବରେ ପ୍ରଣତି ପଣ୍ଡା,ସମ୍ପାଦିକା ଭାବରେ ଶ୍ରୀମତୀ ସ୍ୱପ୍ନା ଆଚାର୍ଯ୍ୟ , କୋଷାଧ୍ୟକ୍ଷା ଭାବରେ ବିଶ୍ୱଭାରତୀ ରଥ, ଆଇ ଏ ସୋ ପ୍ରିୟତମା ମିଶ୍ର ,ଏବଂ ଏଡ଼ିଟର ଭାବରେ କୃଷିଦା ବେଗମ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ସଭାପତି ପ୍ରିୟତମା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବ ସମ୍ପାଦିକା ଦୀପ୍ତି ବାଳା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନ ତରଫରୁ ଛାତ୍ରୀ ଅନସୂୟା ସାହୁଙ୍କୁ ପାଠପଢାର ଏକ ସହାୟତା ଅର୍ଥରାଶି ସ୍କୋଲାର୍ଷିପ ସ୍ୱରୂପ, ତଥା ପୁସ୍ତକ ଆଦି ପ୍ରଦାନ କରାଯାଇଥିଲା। ନୂତନ ସମ୍ମାନନୀୟ ସଭ୍ୟା ଭାବରେ ଶୁଭଶ୍ରୀ ସାହୁ, ବିଦ୍ୁଲତା ନାୟକ,ପ୍ରମିଳା ବିଶ୍ୱାଳ, ରିତାଞ୍ଜଳୀ ଦାସ,ଅମ୍ବିକା ସାହୁ, ମୌସୁମୀ ସାହୁ, କାଦମ୍ବିନୀ ସାମନ୍ତରାୟ, ଲିନା ଚାନ୍ଦ,ସଂଜୀଦା ବେଗମ, ରୁପାଲୀତା ସିଂ ଙ୍କୁ ଅଧିଷ୍ଠାନ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟା କୃଷିଦା ବେଗମ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଣତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନ ପୁଷ୍ପା ରାଣୀ ମିଶ୍ର,ମମତା ମିଶ୍ର, ଅନ୍ନପୂର୍ଣ୍ଣା ବେହେରା, ସୁନିତା ସାହୁ, ଅଳକାବତୀ ସାହୁ, ତିଳୋତମା ଚୌଧୁରୀ,ସ୍ମିତା ପ୍ରିୟଦର୍ଶିନୀ, ପୁଷ୍ପାଞ୍ଜଳି ପଟ୍ଟନାୟକ, ରଂଜିତା ବିଶ୍ୱାଳ, ଇନ୍ଦିରା ଦେବତା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବେଲଗାମ ଡଷ୍ଟ,ବାଲି ବୋଝେଇ ଲରିପାଇଁ ବିପଦରେ ଜନଜୀବନ



ଖଜୁରିଆକଟା ୨୧/୭(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ମହକୁମାକୁ ସଂଯୋଗ କରୁଥିବା ଅନୁଗୋଳ - ମହିଧରପୁର - ନରସିଂହପୁର ରାସ୍ତାରେ ରାତି ଅଧରେ ଦ୍ରୁତ ଗତିରେ ଗଡୁଥିବା ବେଲଗାମ ବାଲି ଓ ଡଷ୍ଟ ବୋଝେଇ ଟ୍ରକ୍ ଟିପ୍ପର କିମ୍ବା ହାଇଓ୍ୱା ଧକ୍କାରେ ବିଳମ୍ବିତ ରାତ୍ରୀରେ ବାଉଁଶ ପୋଖରୀ ପଞ୍ଚାୟତ ଅନ୍ତର୍ଗତ କର୍ଣ୍ଣପୁରୁ ଖଇରା ସାହି ଗ୍ରାମ ସମ୍ମୁଖସ୍ତ ମୂଖ୍ୟ ରାସ୍ତା ଉପରେ ଦୁଇଟି ଷଣ୍ଢ ଶୋଇଥିବା ବେଳେ ଧକ୍କା ଦେବାରୁ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିବା ହେଉ କିମ୍ବା ସହର ମଝିରେ ହାଇବା ଫସି ରହିବା ଅତ୍ୟନ୍ତ ଚିନ୍ତାଜନକ। ସେହିପରି ମେଗା ପାନୀୟଜଳ ପ୍ରକଳ୍ପପାଇଁ ହିନ୍ଦୋଳ ଏନଏସି ମଧ୍ୟରେ ରାସ୍ତାପାର୍ଶ୍ୱ ଖୋଲି ଦିଆଯାଇ ସଠିକ ଭାବରେ ବାଲି ସିମେଣ୍ଟ ଫିଲପ କରାନଜିବାରୁ ରାସ୍ତାପାର୍ଶ୍ୱ ପ୍ରବଳ ବର୍ଷାରେ ଦବି ଯାଉଥିବାବେଳେ ଗତକାଲି ମଧ୍ୟ ରାତିରେ ହିନ୍ଦୋଳ ଏନଏସି ଓ୍ୱାର୍ଡନଂ ୧୧ରେ ଏକ ହାଇବା ରାସ୍ତା ପାର୍ଶ୍ୱରେ ଦବି ଯାଇଥିବା ଦେଖିବାକୁ ମିଳିଥିଲା । ମଧ୍ୟ ରାତ୍ରରେ ରାସ୍ତା ଉପରେ ଚଳ ପ୍ରଚଳ କରୁଥିବା ବେଆଇନ ବାଲି ଓ ଡଷ୍ଟ ବୋଝେଇ ଯାନ ଗୁଡ଼ିକର ଦ୍ରୁତଗତି ରୋକିବା ସହ ରୟାଲିଟ ଫାଙ୍କି ଜା ଆସ କରୁଥିବା ଯାନ ଗୁଡ଼ିକୁ ଅଙ୍କୁଶ ଲଗାଇବା ଦାବିଛନ୍ତି ଜନସାଧାରଣ ।ଅନେକ ସମୟରେ ଛାତ୍ରଛାତ୍ରୀ, ଜନସାଧାରଣ ଚଳାଚଳ କରୁଥିବାବେଳେ ଜନଜୀବନ ସୁରକ୍ଷା ପାଇଁ ସହର ମଝିରେ ବିଭିନ୍ନ ସ୍ଥାନରେ ହମ୍ପସ ନିର୍ମାଣ ଶହ ଆବଶ୍ୟକ ସ୍ଥଳେ ପୋଲିସ୍ ଚେକ୍ ପୋଷ୍ଟ ବ୍ୟବସ୍ଥା କରିବାକୁ ଜନସାଧାରଣ ପ୍ରଶାସନକୁ ନିବେଦନ କରିବାସହ ହିନ୍ଦୋଳ ସହରମଝିରେ ବେଆଇନ ଦ୍ରୁତଗତି ଟିପର, ଟ୍ରକ, ହାଇବା ଗୁଡିକକୁ ଜବତ କରିବାସହ ଅନ୍ୟାନ୍ୟ ଦ୍ରୁତଗତି ଯାନ ଗୁଡିକର ଚଳାଚଳ ଉପରେ ଅଙ୍କୁଶ ଲଗାଇବାକୁ ଜନସାଧାରଣ ଦାବିକରିଛନ୍ତି ।

# ଆବାସ ପାଇଁ ପଞ୍ଚାୟତରେ ତାଲା ଲାଞ୍ଚ ପରେ ବି ମିଳିଲାନି ଆବାସ



ଢେଙ୍କାନାଳ: ୨୧/୭(ବିଜ୍ଞାନ ମହାନ୍ତି )ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକରେ ଆବାସ ପାଇବାରୁ ଯୋଗ୍ୟ ହିତାଧିକାରୀମାନେ ବାଦ ପଡୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲା ବେଳେ ଆଜି ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା । ଗୁଣ୍ଡିଚାପଡ଼ା ପଞ୍ଚାୟତରେ ଗ୍ରାମସଭା ଚାଲିଥିବା ବେଳେ ଆବାସ ପାଇଁ ୩ ଶହ ହିତାଧିକାରୀ ନିବେଦନ କରିଥିଲେ । ସେଥିରୁ ୧୦୭ ଙ୍କ ନାମ ଆସିଥିଲା । ଏହା ଜାଣିବା ପରେ ଯୋଗ୍ୟ ହିତାଧିକାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା । ଯାହା ଦ୍ୱାରା ସେମାନ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଏବଂ କର୍ମଚାରୀମାନଙ୍କୁ ତାଲା ପକାଇ ଦେଇଥିଲେ । ଏକ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ବୁଝାସୁଝା କରିଥିଲେ। ତେବେ ଆବାସ ପାଇଁ ସର୍ଭେ ଚାଲୁଥିବା ସମୟରେ ପଞ୍ଚାୟତ ନାଏବ ସରପଞ୍ଚ ହିତାଧିକାରୀ ମାନଙ୍କ ଠାରୁ ୫ସହ ଲେଖାଁଟଙ୍କା ଆଦାୟ କରିଥିବା ବେଳେ ସେମାନଙ୍କ ନାଁନାହିଁ ବୋଲି କିଛି ହିତାଧିକାରୀ ଅଭିଯୋଗ କରିଥିଲେ । ନାଏବ ସରପଞ୍ଚ ଟଙ୍କା ନେଇଥିବା ସ୍ୱୀକାର କରିଥିବା ବେଳେ ଏହି ଟଙ୍କା ବ୍ଲକ ରୁ ଆସିଥିବା ସର୍ଭେ ଟିମ ନେଇଥିବା କହିଥିଲେ । ଏ ସମ୍ପର୍କରେ ଗୁଣ୍ଡିଚାପଡା ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଜାତା ପ୍ରଧାନ କହିଛନ୍ତି କି ମୁଁ ଏଇ ଅଭିଯୋଗ ସମ୍ପର୍କରେ ଜାଣିନାହିଁ, ବ୍ଲକରୁ ଆସିଥିବା ଅଧିକରୀ ଏହାର ଇନକ୍ୱାରୀ କରିଛନ୍ତି ତେଣୁ ଫାଇନାଲ ଲିଷ୍ଟ ଆସିଲେ ସବୁ ଜଣାପଡିବ ଓ ମୁଁ ଏ ସମ୍ପର୍କରେ ବିଡ଼ିଓଙ୍କୁ ଅବଗତ କରାଇଛି ବୋଲି ମତ ରଖିଥିଲେ।

''ଭେଦଭାବଂ ପରିତ୍ୟଜ୍ୟ ଜାତିଧର୍ମାଦିକେତୁକମ୍।
ସହାବସ୍ଥାନମେକତ୍ର କର୍ତ୍ତବ୍ୟଂ ଶାନ୍ତିକାମିଭିଃ।''

ଭାବାର୍ଥ | ଜାତି, ଧର୍ମ ଭେଦଭାବ ଦୂରେଇ ସଦ୍ଭାବରେ ସଭିଙ୍କୁ ଆପଣେଇ ଶାନ୍ତିକାମୀ ଥାଏ ସବୁରି ହିତେ ସହାବସ୍ଥାନ ସେ କରେ ଉଚିତେ।

ବୁଧବାର ୨୨|୭|୨୦୨୬
ଅକ୍ଷର
AKHYARA ODISHA | ଓଡ଼ିଶା



ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ପୁଷ୍ଟି ସୁରକ୍ଷା ଖାଦ୍ୟ ଭଣ୍ଡାର ଉପରେ ଗୁରୁତ୍ୱ

ବିଶ୍ୱ ବ୍ୟାପୀ ଜଳବାୟୁ ପରିବର୍ତ୍ତନର ସଂକଟ ଏବଂ ଯୋଗାଣ ଶୃଙ୍ଖଳା ବ୍ୟାହତ ହେବା କାରଣରୁ ଆଜି ବିଶ୍ୱ ଖାଦ୍ୟ ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହେଉଛି, ଯାହା ବ୍ରିକ୍ସ ସଂଗଠନ ପାଇଁ କିଛି ନୂଆ ଆହ୍ୱାନ ସୃଷ୍ଟି କରିଛି। ପୂର୍ବରୁ ଖାଦ୍ୟ ସଂରକ୍ଷଣକୁ କେବଳ ଏକ ଜରୁରୀକାଳୀନ ପଦକ୍ଷେପ ଭାବେ ଦେଖାଯାଉଥିଲା। କିନ୍ତୁ ବର୍ତ୍ତମାନର ଦ୍ରୁତ ପରିବର୍ତ୍ତନଶୀଳ ବଜାର ଓ ସାମାଜିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି। ଏବେ ଖାଦ୍ୟ ଭଣ୍ଡାରକୁ କେବଳ ସଂରକ୍ଷଣ ମଧ୍ୟରେ ସୀମିତ ନ ରଖି ପୋଷଣଗତ ସନ୍ତୁଳନ, ବଜାର ସ୍ଥିରତା ଏବଂ ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ବ୍ୟବହାର କରିବା ଜରୁରୀ ହୋଇପଡ଼ିଛି।

ବିଶ୍ୱ ଖାଦ୍ୟ ସୁରକ୍ଷା ପାଇଁ ରଣନୀତିକ ଖାଦ୍ୟ ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ, ବର୍ତ୍ତମାନର ମୁଖ୍ୟ ପ୍ରଶ୍ନ ହେଉଛି ଜଳବାୟୁ ଓ ବାଣିଜ୍ୟିକ ଅନିଶ୍ଚିତତା ସହିତ କ୍ଷୁଧା ଓ କୁପୋଷଣ ଭଳି ନିରନ୍ତର ସମସ୍ୟାର ମୁକାବିଲା ପାଇଁ କେଉଁ ପ୍ରକାରର ଖାଦ୍ୟ ଶସ୍ୟ ଗଚ୍ଛିତ ରଖାଯିବା ଉଚିତ। ବିଶ୍ୱବ୍ୟାଙ୍କ- ବିଶ୍ୱ କୃଷି ସଂଗଠନ- ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ରିପୋର୍ଟ ୨୦୨୫ମସିହାର ମିଳିତ ରିପୋର୍ଟ - ରଣନୀତିକ ଖାଦ୍ୟଶସ୍ୟ ଭଣ୍ଡାରଣ ସୁଦୃଢ଼ିକରଣ ଏବଂ ଖାଦ୍ୟ ନିରାପତ୍ତା ବୃଦ୍ଧି ଶୀର୍ଷକ ରିପୋର୍ଟ ଅନୁଯାୟୀ, ପୃଥିବୀର ୭୪ଟି ଦେଶର ପ୍ରାୟ ୩୪୩ ନିୟୁତ ଲୋକ ୨୦୨୪ ମସିହାରେ ଗୁରୁତର ଖାଦ୍ୟ ଅନିଶ୍ଚିତତାର ସମ୍ମୁଖୀନ ହୋଇଥିଲେ। ଏହା ବୈଶ୍ୱିକ ମହାମାରୀ କୋଭିଡ-୧୯ ପୂର୍ବରୁ ଖାଦ୍ୟ ସଂକଟର ସମ୍ମୁଖୀନ ହେଉଥିବା ମୋଟ ଲୋକମାନଙ୍କ ସଂଖ୍ୟାର ପ୍ରାୟ ଦୁଇଗୁଣ ବୋଲି ଜଣାପଡ଼ିଛି। ବିବିଧ ପର୍ଯ୍ୟାୟର ଆର୍ଥିକ ଆଶଙ୍କା ବାଣିଜ୍ୟରେ ବାଧା ସୃଷ୍ଟି କରିଛି ଏବଂ ଏହା କ୍ଷୁଧା ମାତ୍ରାକୁ ବୃଦ୍ଧି କରିଛି। ଏସବୁ ପୃଥିବୀରେ ଖାଦ୍ୟ ନିରାପତ୍ତା ସକାଶେ ନୂଆ ନୂଆ ସଂକଟମାନ ସୃଷ୍ଟି କରିଚାଲିଛି।

୨୦୨୬ ମସିହାରେ ଏହି ସଂକଟ ଆହୁରି ଉତ୍କଟ ଆକାର ଧାରଣ କରିଛି। ବିଶ୍ୱବ୍ୟାଙ୍କର ମତ ଅନୁସାରେ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧର ତୈଳ ଏବଂ ରାସାୟନିକ ସାର ହର୍ମୁଜ ଷ୍ଟ୍ରେଟ ଦେଇ ପରିବହନ ହେବା କ୍ଷେତ୍ରରେ ସବୁଠାରୁ ବଡ଼ ପ୍ରତିବନ୍ଧକ ଭାବେ ଉଭା ହୋଇଛି। ବିଶ୍ୱର କୃଷି ଖାଦ୍ୟ ମୂଲ୍ୟ ଶୃଙ୍ଖଳରେ ହର୍ମୁଜ୍ ଷ୍ଟ୍ରେଟ୍ ଏକ ଅତି ଗୁରୁତ୍ୱପୂର୍ଣ୍ଣ ସଂଯୋଗ ପଥ। ୨୦୨୬ ମସିହା ଫେବୃଆରୀଠାରୁ ମାର୍ଚ୍ଚ ମାସ ମଧ୍ୟରେ ରାସାୟନିକ ସାର ମୂଲ୍ୟରେ ଦ୍ରୁତ ମୂଲ୍ୟବୃଦ୍ଧି ପରିଲକ୍ଷିତ ହୋଇଥିଲା। ମାତ୍ର ଗୋଟିଏ ମାସ ମଧ୍ୟରେ ୟୁରିଆ ସାର ମୂଲ୍ୟରେ ପ୍ରାୟ ୪୬ ପ୍ରତିଶତ ବୃଦ୍ଧି ଘଟିଥିଲା। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁସାରେ ଯଦି ଏଭଳି ଯୋଗାଣ ବ୍ୟାହତ ଜାରି ରହେ ତେବେ ପ୍ରାୟ ୪୫ ନିୟୁତ ଲୋକ ଦୁର୍ଭିକ୍ଷ ଆଡକୁ ଠେଲି ହୋଇଯିବେ। ବ୍ରିକ୍ସ ରାଷ୍ଟ୍ରମାନଙ୍କ ପାଇଁ ଏହା ଏକ ବିରାଟ ଚାଲେଞ୍ଜ ଭାବେ ଜଳଜଳ ଦୃଶ୍ୟମାନ। କାରଣ ଏହିସବୁ ରାଷ୍ଟ୍ରର ଅଧିକ ସଦସ୍ୟ ହେଉଛନ୍ତି କୃଷି ଉତ୍ପାଦକ ଏବଂ ରପ୍ତାନୀକାରୀ ତଥା ରାସାୟନିକ ସାରର ସବୁଠାରୁ ବଡ଼ ଉପଭୋକ୍ତା। କିନ୍ତୁ ଅତୀତରୁ ପ୍ରଚଳିତ ଏକ ଧାରା ରହି ଆସିଛି ଯେ ଖାଦ୍ୟ ଭଣ୍ଡାରଣ ଧିରେ ଧିରେ ଅଚଳ ବ୍ୟବସ୍ଥାରେ ପରିଣତ ହୋଇ ଚାଲିଛି। ପାରମ୍ପରିକ ଭାବେ ଖାଦ୍ୟ ଭଣ୍ଡାରଣ ସୃଷ୍ଟିର ଉଦ୍ଦେଶ୍ୟ ମୁଖ୍ୟତଃ ମୂଲ୍ୟ ସ୍ଥିର ରଖିବା ନିମନ୍ତେ ଅଥବା ସାମୟିକ ଖାଦ୍ୟ ସଂକଟର ମୁକାବିଲା କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା। କିନ୍ତୁ ଆଧୁନିକ କାଳରେ ଅପରପକ୍ଷରେ ଏହି ସମୟରେ ଅଧିକ ଜଟିଳ ହୋଇପଡ଼ିଛି। ଏଥିପାଇଁ କେବଳ ପର୍ଯ୍ୟାପ୍ତ ପରିମାଣର କାଲୋରୀ ଗ୍ୟାରେଣ୍ଟି ବ୍ୟବସ୍ଥା କରିବା ଆବଶ୍ୟକ ପଡୁନାହିଁ। ଅପରପକ୍ଷେ ସେସବୁ ଖାଦ୍ୟର ପୌଷ୍ଟିକ ସନ୍ତୁଳନ ସଦ୍ଭାବ, ଏହାକୁ ସୁଲଭ ମୂଲ୍ୟରେ ଉପଲବ୍ଧ କରାଇବା ଏବଂ ଯୋଗାଣ ବ୍ୟାହତ ସମୟରେ ନିରବଚ୍ଛିନ୍ନ ଭାବେ ଏହା ଉପଲବ୍ଧ ହେବା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ୟୁରୋପୀୟ କମିଶନଙ୍କ ସଂଶ୍ଳେଷଣ ରିପୋର୍ଟ ଅନୁସାରେ ଭଣ୍ଡାରଣ ଖାଦ୍ୟ ବ୍ୟବହାର ବୃଦ୍ଧି ଦ୍ୱାରା ଖାଦ୍ୟ ଓ ପୁଷ୍ଟି ନିରାପତ୍ତାକୁ ବିକାଶଶୀଳ ରାଷ୍ଟ୍ରମାନଙ୍କରେ ବୃଦ୍ଧି କରାଯାଇପାରିବ। ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ଖାଦ୍ୟଶସ୍ୟର ବାସ୍ତବ ଉପଲବ୍ଧତାଠାରୁ ଅଧିକ କିଛି କାର୍ଯ୍ୟ ସମ୍ପାଦନ କରିଥାଏ। ଏଭଳି ପରିବର୍ତ୍ତନ ବ୍ରିକ୍ସ ରାଷ୍ଟ୍ରମାନଙ୍କ ପରିପ୍ରେକ୍ଷୀରେ ଅଧିକ ଗୁରୁତ୍ୱପୂର୍ଣ୍ଣ ହେବାରେ ଲାଗିଛି। କାରଣ ଏହିସବୁ ରାଷ୍ଟ୍ରମାନଙ୍କରେ ବିପୁଳ ପରିମାଣର ଖାଦ୍ୟ ସମ୍ପଦ ରହିଥିବା ସତ୍ତ୍ୱେ ଖାଦ୍ୟାଭାବ ମଧ୍ୟ ଦେଖା ଦେଉଛି। ଉଦାହରଣ ସ୍ୱରୂପ ଭାରତ ୨୦୨୪ ମସିହାଠାରୁ ୨୦୨୫ ପର୍ଯ୍ୟନ୍ତ ୩୫୩.୯୬ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରିଛି, ଯାହାକି ଏକ ରେକର୍ଡ ବୋଲି କୁହାଯାଇପାରେ। କିନ୍ତୁ ସେହି ଅବଧିରେ ବିଶ୍ୱର ଏକ ସର୍ବବୃହତ ଖାଦ୍ୟ ନେଟ୍‌ୱାର୍କ ଭାବେ ମଧ୍ୟ ଏହା କାର୍ଯ୍ୟ କରୁଛି। ଏହି ତଥ୍ୟ ଭାରତ ସରକାରଙ୍କ ପ୍ରେସ୍ ସୂଚନା ବ୍ୟୁରୋ ପକ୍ଷରୁ ଜାରି ୨୦୨୫ ବ୍ୟାକଗ୍ରାଉଣ୍ଡରେ ସୂଚାଯାଇଛି। ଉତ୍ପାଦନଠାରୁ ଗୃହ ପର୍ଯ୍ୟନ୍ତ: ଖାଦ୍ୟଶସ୍ୟ ଭଣ୍ଡାରଣ ନିମନ୍ତେ ସହନଶୀଳ ଭିତ୍ତିଭୂମି ନିର୍ମାଣ ଶୀର୍ଷକ ରିପୋର୍ଟରେ ଏହା ଦର୍ଶାଯାଇଛି।

ଭାରତରେ ମୁଣ୍ଡ ଟେକୁଥିବା ଖାଦ୍ୟ ଭଣ୍ଡାରଣ ବ୍ୟବସ୍ଥା ଦର୍ଶାଏ ଯେ ଭଣ୍ଡାରଣ କରାଯାଇଥିବା ଖାଦ୍ୟଶସ୍ୟକୁ କିପରି ଅଧିକରୁ ଅଧିକ ମାତ୍ରାରେ ସଂଗ୍ରହ କରି ରଖାଯିବ ଏବଂ ସକ୍ରିୟ ପୁଷ୍ଟି ପରିଚାଳନା ଦିଗରେ ଏହାକୁ ପରିଚାଳନା କରାଯାଇପାରିବ। ଏହି ବୈଜ୍ଞାନିକ ପଦ୍ଧତିର ଭଣ୍ଡାରଣ, ଡିଜିଟାଇଜେନ, ବିକେନ୍ଦ୍ରୀକରଣ ଏବଂ ଜନ ବିତରଣ ବ୍ୟବସ୍ଥା ସହିତ ଏହାକୁ କିପରି ଏକ ସୁଯୋଗ ଭାବେ ବ୍ୟବହାର କରାଯିବ, ଏହି ପ୍ରକ୍ରିୟା ତାହା ସୂଚାଏ। ବିବିଧ ପ୍ରକାର ଭଣ୍ଡାରଣ ଖାଦ୍ୟକୁ ଜୈବ ସୁରକ୍ଷିତ କିସମ ଭାବେ ପ୍ରମୁଖ ଖାଦ୍ୟଶସ୍ୟ ଯଥା- ଚାଉଳ ଓ ଗହମ ଏବଂ ଡାଲିଜାତୀୟ ଶସ୍ୟ, ମିଲେଟ୍ ଓ ସୁରକ୍ଷିତ ଖାଦ୍ୟ ଭାବେ ନାମିତ କରାଯାଇଥାଏ। ଏହା ଦିନକୁ ଦିନ ଅଧିକ ଗୁରୁତ୍ୱପୂର୍ଣ୍ଣ ମହତ୍ତ୍ୱ ବହନ କରୁଛି। କାରଣ ଭାରତ ଶସ୍ୟ ବିବିଧତାକୁ ସକ୍ରିୟ ଭାବେ ପ୍ରୋତ୍ସାହିତ କରୁଛି ଏବଂ ବିଶ୍ୱ ପୁଷ୍ଟି ଦୃଶ୍ୟପଟ୍ଟରେ ଏହା ଏକ ପ୍ରମୁଖ ରାଷ୍ଟ୍ରଭାବେ ମୁଣ୍ଡ ଟେକିଛି। ଅନୁରୂପ ଭାବେ ଚୀନ୍ ମଧ୍ୟ ନିଜର ରଣନୀତିରେ ଆବଶ୍ୟକ ପରିବର୍ତ୍ତନ ଘଟାଉଛି। ନିଜ ଦେଶରେ ଭଣ୍ଡାରଣ କରିଥିବା ଖାଦ୍ୟଶସ୍ୟ ଏବଂ ଏହାର ବିତରଣ ଧାରାକୁ ନିଜର ଖାଦ୍ୟବ୍ୟବସ୍ଥା ମଧ୍ୟରେ ଅଧିକ ସହନଶୀଳ କରୁଛି। ଚାଉଳ, ଗହମ ଏବଂ ମକାକୁ ବିପୁଳ ମାତ୍ରାରେ ଚୀନ୍ ସଂଗ୍ରହ କରି ଭଣ୍ଡାରଣ କରିଚାଲିଛି। ବେଜିଂ ବର୍ତ୍ତମାନ ଅଧିକ ସକ୍ରିୟ ଭାବେ ଭଣ୍ଡାରଣ ଉପରେ ଧ୍ୟାନ କେନ୍ଦ୍ରୀତ କରୁଛି।

# ଶାସକର ସ୍ୱରୂପ: 'ମାଲିକ'ର ମାଧୁର୍ଯ୍ୟ ନୁହେଁ, 'ମାଳି'ର ମମତା

ପ୍ରାଚୀନ ଭାରତୀୟ ରାଜନୀତିଜ୍ଞ ଓ ଦାର୍ଶନିକ ଚାଣକ୍ୟ ତାଙ୍କର 'ଅର୍ଥଶାସ୍ତ୍ର'ରେ ଶାସକଙ୍କୁ ସର୍ବଦା ଜନତାର କଲ୍ୟାଣ ପାଇଁ ସମର୍ପିତ ଜଣେ 'ମାଳି' ଭାବେ ଉପସ୍ଥାପିତ କରିଛନ୍ତି।

'ପ୍ରଜାସୁଖେ ସୁଖଂ ରାଜ୍ଞଃ
ପ୍ରଜାନାଂ ଚ ହିତେ ହିତମ୍।
ନାତ୍ମପ୍ରିୟଂ ହିତଂ ରାଜ୍ଞଃ ପ୍ରଜାନାଂ
ତୁ ପ୍ରିୟଂ ହିତମ୍।'

'ପ୍ରଜାମାନଙ୍କ ସୁଖରେ ହିଁ ରାଜାଙ୍କ ସୁଖ ଏବଂ ସେମାନଙ୍କ କଲ୍ୟାଣରେ ହିଁ ରାଜାଙ୍କ କଲ୍ୟାଣ। ଜଣେ ପ୍ରକୃତ ଶାସକ ପାଇଁ ନିଜର ବ୍ୟକ୍ତିଗତ ପସନ୍ଦ ବା 'ମାଲିକାନା'ର କୌଣସି ମୂଲ୍ୟ ନାହିଁ଼ ଜନତାର ସନ୍ତୋଷ ହିଁ ତାଙ୍କର ଶ୍ରେଷ୍ଠ ପୁରସ୍କାର।'

ସାମ୍ପ୍ରତିକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସନ ଓ ଶାସକର ସଂଜ୍ଞା ବଦଳିବାରେ ଲାଗିଛି। ସ୍ୱେଚ୍ଛାଚାରିତା ଓ କ୍ଷମତାର କେନ୍ଦ୍ରୀକରଣ ଯେତେବେଳେ ମାନବୀୟ ସମ୍ବେଦନଶୀଳତାକୁ ଆବୃତ କରିଦିଏ, ସେତେବେଳେ ସମାଜରେ ଆତ୍ମିକ ସନ୍ତୁଳନ ବିଗିଡ଼ିଯାଏ। ଏହି ପରିପ୍ରେକ୍ଷୀରେ, 'ରାଜ୍ୟର ମୁଖ୍ୟଶାସକ ରାଜ୍ୟକୁ ମାଲିକ ସାଜି ଶାସନ କରନ୍ତୁ ନାହିଁ, ବରଂ ମାଳି ସାଜି ସମ୍ଭାଳନ୍ତୁ଼ ଦେଖିବେ ରାଜ୍ୟର ସବୁ ମଣିଷ ଫୁଲ ଭଳି ମହକି ଉଠିବେ' ଏହି ଚିନ୍ତାଧାରା କେବଳ ଏକ ରାଜନୈତିକ ବକ୍ତବ୍ୟ ନୁହେଁ, ବରଂ ଏହା ଏକ ଗଭୀର ଦାର୍ଶନିକ ଜୀବନମୂଲ୍ୟବୋଧ ଏବଂ ରାଜନୈତିକ ନୀତିଶାସ୍ତ୍ରର ଅନନ୍ୟ ଦିଗଦର୍ଶନ।

୧. ଆଧିପତ୍ୟର ମାନସିକତା ବନାମ ସେବାର ନୈତିକତା: Jack Welchଙ୍କ ମତରେ 'When you were made a leader you weren't given a crown, you were given the responsibility to bring out the best in others.' 'ମାଲିକ' ଶବ୍ଦଟି ମଧ୍ୟରେ ଏକ ଅହଂକାର, ଅଧିକାର ଓ ନିୟନ୍ତ୍ରଣର ଆଭାସ ଥାଏ। ଏହା ବ୍ୟକ୍ତିକେନ୍ଦ୍ରିକ ପ୍ରାଧାନ୍ୟତା (Anthropocentric Dominance) ଏବଂ ଭୋଗବାଦକୁ ପ୍ରଶୟ ଦିଏ। ଯେତେବେଳେ ଜଣେ ଜନପ୍ରତିନିଧି ନିଜକୁ ସମାଜର ନିୟନ୍ତା ବା ମାଲିକ ମନେକରନ୍ତି, ସେତେବେଳେ ଜନସାଧାରଣ କର୍ମଚାରୀ ପାଲଟିଯାଆନ୍ତି। ଏହାଦ୍ୱାରା ନାଗରିକମାନଙ୍କର ଆତ୍ମସ୍ୱାଭିମାନ କ୍ଷୁଣ୍ଣ ହୁଏ। ଅପରପକ୍ଷେ, 'ମାଳି' ହେଉଛି ସେହି ସର୍ଜନାର ଶିଳ୍ପୀ, ଯାହାର ପରିଚୟରେ ଥାଏ ସମର୍ପଣ, ଧୈର୍ଯ୍ୟ ଓ ନିରହଂକାର ଭାବ। ଜଣେ ମାଳି ବଗିଚାର ସବୁ ଗଛକୁ ସମାନ ଦୃଷ୍ଟିରେ ଦେଖେ, କିନ୍ତୁ ପ୍ରତ୍ୟେକର ଆବଶ୍ୟକତା ଭିନ୍ନ ଭାବେ ବୁଝେ। ଶାସନ କ୍ଷେତ୍ରରେ ଏହି 'ମାଳି' ମାନସିକତାକୁ ସହାନୁଭୂତିମୂଳକ ନେତୃତ୍ୱ କୁହାଯାଏ, ଯାହା ଶାସକକୁ ଜନତାର ଭାବପ୍ରବଣତା ସହ ଯୋଡ଼ିଥାଏ।

୨. ଜୀବନମୂଲ୍ୟବୋଧର ବିକାଶ ଓ ସାମଗ୍ରିକ ବିକକ୍ଷଣନ : ଏକ ଶାସନତନ୍ତ୍ର ସେତେବେଳେ ସାର୍ଥକ ହୁଏ, ଯେତେବେଳେ ସମାଜର ଶେଷ ସ୍ତରରେ ଥିବା ମଣିଷଟିର ମଧ୍ୟ ଆତ୍ମ-ପ୍ରତିଷ୍ଠା ଘଟେ। ମାଳି ଯେପରି ଗୋଟିଏ ଗୋଲାପ କିମ୍ବା ଟଗର ଗଛର ବିଶେଷତ୍ୱକୁ ଚିହ୍ନି ତାକୁ ଉପଯୁକ୍ତ ସାର ଓ ଜଳ ପ୍ରଦାନ କରେ, ମୁଖ୍ୟଶାସକ ମଧ୍ୟ ସେହିପରି ସମାଜର ବିଭିନ୍ନ ବର୍ଗର ଲୋକଙ୍କ ଆନ୍ତରିକ ପ୍ରତିଭା ଓ ଆବଶ୍ୟକତାକୁ ସମ୍ମାନ ଦେବା ଉଚିତ। ଏହି ଅନୁକୂଳ ପରିବେଶ ପାଇଲେ ମଣିଷ ଭିତରେ ଥିବା ମାନବୀୟ ଗୁଣ, ପ୍ରଜ୍ଞା ଓ ସୃଜନଶୀଳତା 'ଫୁଲ' ପରି ପ୍ରସ୍ଫୁଟିତ ହୁଏ।



ମନୋଜ କୁମାର ଶତପଥୀ
ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ
ନଟବର ସରକାରୀ ବାଳିକା ଉଚ୍ଚ
ବିଦ୍ୟାଳୟ, ପଦ୍ମାବତୀ, ୭୫୨୦୬୩,
ନୟାଗଡ, ୯୯୩୮୫୫୯୫୬୮

ଏହା କେବଳ ଭୌତିକ ବିକାଶ ନୁହେଁ, ବରଂ ସମାଜରୟ ଆଧାତ୍ମିକ ଓ ସାଂସ୍କୃତିକ ଉତ୍ତରଣ।

୩. ଆଧୁନିକ ନୂତନ ସାଦର ଦୃଷ୍ଟିକୋଣ: ଆଧୁନିକ ପ୍ରଶାସନିକ ପରିଭାଷାରେ ଏହାକୁ ସେବକ ନେତୃତ୍ୱ' (Servant Leadership) ବୋଲି ଆଖ୍ୟା ଦିଆଯାଇପାରେ। ଦାର୍ଶନିକ ରବର୍ଟ କେ. ଗ୍ରୀନଲିଫ୍ 'ସେବକ ନେତୃତ୍ୱ'ର ଅବଧାରଣା ଦେଇ କହିଥିଲେ,

'The servant-leader is the servant first... It begins with the natural feeling that one wants to serve, to serve first.'

'ଜଣେ ସେବକ-ନେତୃତ୍ୱଧାରୀ (ମାଳି) ପ୍ରଥମେ ନିଜକୁ ଜଣେ ସେବକ ମନେକରେ। ଏହା ଏକ ପ୍ରାକୃତିକ ପ୍ରବୃତ୍ତି, ଯେଉଁଠି ଅନ୍ୟର ଯତ୍ନ ନେବା ଓ ଅନ୍ୟକୁ ବିକଶିତ କରିବା ହିଁ ପ୍ରାଥମିକତା ପାଏ, ନିୟନ୍ତ୍ରଣ କରିବା ନୁହେଁ।'

ଆଜିର ଯୁବପିଢ଼ି ଶାସକଠାରୁ ନିର୍ଦ୍ଦେଶ ଚାହାଁନ୍ତି ନାହିଁ, ଚାହାଁନ୍ତି ସହଯୋଗ। ମୁଖ୍ୟଶାସକ ଯଦି ଶାସନର କେନ୍ଦ୍ରବିନ୍ଦୁରେ ରହି ନିଜକୁ ମାଳି ଭାବେ ଉପସ୍ଥାପିତ କରିବେ, ତେବେ ସମାଜରେ ଥିବା ତାରତମ୍ୟ, ଅସନ୍ତୋଷ ଓ ଆକ୍ରୋଶ ଦୂର ହେବ। ମଣିଷର ଅନ୍ତର୍ନିହିତ ଗୁଣରୁ ଯେଉଁ 'ମହକ' ବା ସୌରଭ ବାହାରିବ, ତାହା ସମଗ୍ର ରାଜ୍ୟକୁ ସୁସ୍ଥ, ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ କରି ଗଢ଼ିତୋଳିବ।

୪. ଭୟମୁକ୍ତ ପରିବେଶ ଓ ସୃଜନଶୀଳତାର ବିକାଶ : ମାଲିକର ଉପସ୍ଥିତି କର୍ମଚାରୀଙ୍କ ମନରେ ସନ୍ତ୍ରାସ ବା ଭୟ ସୃଷ୍ଟି କରେ, ଯାହା ଦ୍ୱାରା ସେମାନଙ୍କର ସ୍ୱାଭାବିକ ବିକାଶ ବାଧାପ୍ରାପ୍ତ ହୁଏ। ମାତ୍ର ମାଳିର ଆଗମନ ବଗିଚାରେ ଏକ ପ୍ରଫୁଲ୍ଲତା ଆଣିଦିଏ। ରବୀନ୍ଦ୍ରନାଥଙ୍କ ଭାଷାରେ 'ଯେଉଁଠି ଚିତ୍ତ ଭୟଶୂନ୍ୟ ଓ ଉଚ୍ଚ ଯେଉଁଠି ଶିର'- ଶାସକ ଯେତେବେଳେ ସେବକ ସାଜେ, ସେତେବେଳେ ସମାଜରୁ ଭୟର ବାତାବରଣ ଦୂର ହୁଏ। ଭୟମୁକ୍ତ ନାଗରିକ ହିଁ ନିଜର ସର୍ବୋତ୍ତମ ସୃଜନଶୀଳତା ପ୍ରଦର୍ଶନ କରିପାରେ, ଯାହା ରାଜ୍ୟକୁ ପ୍ରଗତିର ଶୀର୍ଷକୁ ନିଏ। ସଂକ୍ଷେପରେ କହିବାକୁ ଗଲେ, ସ୍ନେହ ଓ ଆଦରର ସାର-ପାଣି ଦେଇ ସମାଜ-ବଗିଚାକୁ ସମ୍ଭାଳିବା ହେଉଛି ଜଣେ ପ୍ରଜ୍ଞାବାନ ଶାସକର ପରମ ଧର୍ମ। କ୍ଷମତାର ପ୍ରଭାବରେ ନୁହେଁ, ବରଂ କର୍ତ୍ତବ୍ୟର ସୁବାସରେ ହିଁ ସମାଜ ପ୍ରଫୁଲ୍ଲିତ ହୁଏ। ରାଜ୍ୟର ଶୀର୍ଷ ଆସନରେ ବସିଥିବା ବ୍ୟକ୍ତିତ୍ୱ ଯେତେବେଳେ ନିଜର 'ମାଲିକାନା' ବିସର୍ଜନ କରି 'ମାଳି'ର ଆତ୍ମୀୟତା ଆପଣେଇ ନେବେ, ସେତେବେଳେ ପ୍ରତିଟି ନାଗରିକର ଜୀବନ ସାର୍ଥକ ହେବ ଏବଂ ରାଜ୍ୟ ସତ୍ୟ, ଶିବ ଓ ସୁନ୍ଦରର ଏକ ଜୀବନ୍ତ କାନନରେ ପରିଣତ ହେବ।

# ରୂପ ରୋଗର ଲକ୍ଷଣ

ଆଜିକାଲି ଗୋଟିଏ କଥା ଏମିତି ବହୁଳ ଭାବରେ ଶୁଣାଯାଉଛି, 'ଯାହା ଦେଖାଯାଉଛି ତାହା ବିକ୍ରୀ ହୁଏ।' ଏହାର ଅର୍ଥ ହେଉଛି ବିକ୍ରୟ ହେବା ପାଇଁ, ତାହା ଦେଖାଯିବା ଆବଶ୍ୟକ। ଏହି କଥାଟି ଆଜିର 'ଅର୍ଥନୈତିକ ସଂସ୍କୃତି' କୁ ଇଙ୍ଗିତ କରେ। ଏହା ବ୍ୟତୀତ ଏହା ବୁଝାଏ ଯେ ଏହି ବଜାର ଚାଳିତ ଯୁଗରେ ମୂଲ୍ୟ ସର୍ବୋପରି। ମୂଲ୍ୟାଙ୍କନର ଆଧାର ଭିନ୍ନ ହୋଇପାରେ। ମୂଲ୍ୟ କେବଳ ନଗଦରେ ପ୍ରକାଶ କରାଯାଇପାରେ ନାହିଁ। କିନ୍ତୁ ଏହା ସ୍ୱାଭାବିକ ଭାବରେ ଅର୍ଥପୂର୍ଣ୍ଣ। କାରଣ ମୂଲ୍ୟ ମୂଲ୍ୟ ଦ୍ୱାରା ନିର୍ଣ୍ଣୟ କରାଯାଏ। ଏହା ମଧ୍ୟ ସମ୍ଭବ ଯେ ମୂଲ୍ୟର ରୂପ ଭିନ୍ନ ହୋଇପାରେ। ଯଦି କେହି ବହୁତ ଧନୀ ଓ ତାଙ୍କ ପାଖରେ ପ୍ରଚୁର ଟଙ୍କା ଅଛି, ତେବେ ସେମାନେ କେବଳ ନିଜର ସମ୍ପତ୍ତି ଦେଖାଇବା ପାଇଁ ମୁଣ୍ଡରେ ନୋଟର ଗଣ୍ଠି ବୋହି ପାରିବେ ନାହିଁ। ସେମାନଙ୍କର ସମ୍ପତ୍ତି ସେମାନଙ୍କର ପୋଷାକ, ଅଳଙ୍କାର, ଗାଡ଼ି ଓ ଅନ୍ୟାନ୍ୟ ସମ୍ବଳ ଦ୍ୱାରା ମାପ କରାଯାଇପାରିବ।

ଦୁନିଆରେ ଏଭଳି ପ୍ରଦର୍ଶନରେ ଟଙ୍କା ବିନା କେହି କିଛି ହାସଲ କରିପାରିବେ ନାହିଁ। ଟଙ୍କାର ଚମତ୍କାରତା ଦୂରରୁ ଦୃଶ୍ୟମାନ ହୁଏ, ଯଦିଓ ତାହା ନଗଦରେ ନଥିଲା। ଟଙ୍କା କେବଳ ମନୋଭାବ ନୁହେଁ ବରଂ ଆଚରଣ ମଧ୍ୟ ପରିବର୍ତ୍ତନ କରେ। ଲୋକମାନେ ସେମାନଙ୍କର ଧନ ଦେଖାଇବା ପାଇଁ ଯେକୌଣସି ଉପାୟ ଅବଲମ୍ବନ କରନ୍ତି। ଏହି ପ୍ରୟାସ ବିଶେଷ ଅବସରରେ ଶୀର୍ଷରେ ପହଞ୍ଚିଥାଏ। ଯେତେବେଳେ ସମ୍ଭବ ହୁଏ, ଲୋକମାନେ ତାହା ପ୍ରଦର୍ଶନ କରନ୍ତି। ମୂଳ ମାନସିକତା ହେଉଛି ଯେ କେବଳ ସମୃଦ୍ଧି ଓ ଧନ ପ୍ରଦର୍ଶନ କରି ଜଣେ ବ୍ୟକ୍ତି ସାମାଜିକ ପ୍ରତିଷ୍ଠା ପାଇପାରିବ।

ଏହା କମ୍ ବା ଅଧିକ ସତ୍ୟ। ଏକପ୍ରକାର ଏଆର୍ଥିକ ଯୁଗରେ ଏହା ସମ୍ଭବ। ଲୋକମାନେ ବିଶ୍ୱାସ କରନ୍ତି ଯେ ଟଙ୍କା ସବୁକିଛି ନୁହେଁ, କିନ୍ତୁ ଏହା ବହୁତ କିଛି। ଟଙ୍କା ହିଁ ସବୁର ସମ୍ବଳ। ତାକୁ ସମ୍ବଳ ଉପଲବ୍ଧ କରାଯାଇପାରିବ। ଅର୍ଥାତ୍, ଏକ ଭୌତିକବାଦୀ ସମାଜରେ ଯେଉଁମାନଙ୍କ ପାଖରେ ସମସ୍ତ ସମ୍ବଳ ଅଛି କିମ୍ବା ସେଗୁଡ଼ିକୁ ସଂଗ୍ରହ କରିବାର କ୍ଷମତା ଅଛି ସେମାନେ ଅପେକ୍ଷାକୃତ ଅଧିକ ପ୍ରତିଷ୍ଠା ହାସଲ କରିବା ସ୍ୱାଭାବିକ।

ଏହି ଦୁନିଆର ଅନେକ ରଙ୍ଗ ଓ ରୂପ ଅଛି। ସାଧାରଣ ସମୟରେ ମଧ୍ୟ ଯେଉଁଠାରେ କେବଳ ପରିବାର, ସମାଜ ଓ ସାଧାରଣ ଲୋକ ଉପସ୍ଥିତ ଥାଆନ୍ତି, ଲୋକମାନେ ସେମାନଙ୍କର ଶ୍ରେଷ୍ଠତା ପ୍ରମାଣ କରିବାକୁ ପ୍ରାଣପଣେ ଚେଷ୍ଟା କରନ୍ତି। ଅର୍ଥନୀତି ଇଚ୍ଛା, ଆବଶ୍ୟକତା ଓ ଚାହିଦା ମଧ୍ୟରେ ପାର୍ଥକ୍ୟ ବ୍ୟାଖ୍ୟା କରେ। ବର୍ତ୍ତମାନ ପ୍ରତିଦିନ ନୂତନ ଅର୍ଥନୈତିକ ତତ୍ତ୍ୱ ଲେଖା ଓ ଅଧ୍ୟୟନ କରାଯାଉଛି। ଜଣେ ଡାକ୍ତରଙ୍କ ପାଇଁ ଗୋଟିଏ ଗାଡ଼ି ଆବଶ୍ୟକତା ଓ ଜଣେ ଶିକ୍ଷକଙ୍କ ପାଇଁ ମଧ୍ୟ। ଡାକ୍ତରମାନଙ୍କୁ ରୋଗୀଙ୍କ ଚିକିତ୍ସା ପାଇଁ ଶୀଘ୍ର ପହଞ୍ଚିବାକୁ ପଡିବଂ଼ ସମୟ ମଧ୍ୟରେ ପହଞ୍ଚି ନପାରିଲେ ରୋଗୀଙ୍କ ଜୀବନ ଚାଲିଯାଇପାରେ। ତେଣୁ ଡାକ୍ତରଙ୍କ ପାଇଁ ଏକ ଗାଡ଼ି ନିହାତି ଅତ୍ୟାବଶ୍ୟକ, କିନ୍ତୁ ଶିକ୍ଷକମାନଙ୍କ ପାଇଁ ଏହା ସେତେ ଜରୁରୀ ନୁହେଁ। ଯଦି ସେମାନେ କିଛି ମିନିଟ୍ ବିଳମ୍ବରେ ଶ୍ରେଣୀରେ ପହଞ୍ଚନ୍ତି, ତେବେ କାହାର ଜୀବନ ବିପଦରେ ପଡ଼ିନଥାଏ। ଯଦିଓ ଛାତ୍ରଛାତ୍ରୀଙ୍କ ଜ୍ଞାନ ଲାଭ ଅତ୍ୟାବଶ୍ୟକ ରହିଛି, ତାହା ଜୀବନ ହାନି ନୁହେଁ, ବିଳମ୍ବ ହେଲେ ମଧ୍ୟ ଶିକ୍ଷା ଦାନରୁ ବଞ୍ଚିତ ହେବେ ନାହିଁ।

କୌଣସି ପ୍ରଭାବ ଏଥିରେ ଖପଡ଼ିବାର ସମ୍ଭାବନା ନାହିଁ। କିନ୍ତୁ ଡାକ୍ତର ଓ ପ୍ରଫେସର ଉଭୟ ଗାଡ଼ି କିଣିପାରିବେ। ତେଣୁ ଇଚ୍ଛା ନେଇ ଆବଶ୍ୟକତା ଓ ଚାହିଦା ଏକ ଜଟିଳ ଅବ୍ୟବସ୍ଥା ହୋଇଗଲାଣି। ସୁଲଭତା ଇଚ୍ଛା, ଆବଶ୍ୟକତା ଓ ଚାହିଦା ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରେ। ଏହି ସୁଲଭତା ଲୋକଙ୍କୁ ସୁବିଧା ଓ ପ୍ରଦର୍ଶନ ପାଇଁ ସୁଯୋଗ ଉଭୟ ପ୍ରଦାନ କରେ। ଏହି ପ୍ରଦର୍ଶନ ପଛରେ ଗୋଟିଏ ମାନସିକତା ରହିଛି: ନିଜକୁ ଶ୍ରେଷ୍ଠ ପ୍ରମାଣିତ କରିବା। ଶ୍ରେଷ୍ଠତାର ଏହି ଇଚ୍ଛା ବିଭିନ୍ନ କ୍ଷେତ୍ରରେ, କାର ଠାରୁ ଆରମ୍ଭ କରି ବ୍ୟକ୍ତିଗତ ବ୍ୟାପାର ପର୍ଯ୍ୟନ୍ତ ବିଭିନ୍ନ ରୂପରେ ପ୍ରକାଶିତ ହୁଏ।

ସାଧାରଣତଃ ଲୋକମାନେ ମହଙ୍ଗା କାର ମାଧ୍ୟମରେ ସେମାନଙ୍କର ସମ୍ପତ୍ତି ପ୍ରଦର୍ଶନ କରନ୍ତି, । ଯେତେବେଳେ ଅନ୍ୟମାନେ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ସହିତ ସମ୍ପର୍କ ଦେଖାଇ ସେମାନଙ୍କର ସାମାଜିକ ପ୍ରତିଷ୍ଠା ସ୍ଥାପନ କରିବାକୁ ଚାହାଁନ୍ତି। ପ୍ରଦର୍ଶନ ପ୍ରତିଷ୍ଠା ହାସଲ କରିବାର ମାଧ୍ୟମ ପାଲଟିଛି। ଯାହା ଦେଖାଯାଇପାରିବ ନାହିଁ ତାହା ବିକ୍ରି ହୁଏ। ଦେଖାଯିବା ପାଇଁ, କେବଳ ଭଲ ନୁହେଁ, ବରଂ ଦୁଇ ପାଦ ଭଲ ଭାବରେ ଦୃଶ୍ୟମାନ ହେବା ଅତ୍ୟାବଶ୍ୟକ। ଏସବୁ ବିଭିନ୍ନ ପ୍ରଦର୍ଶନ ଓ ଦର୍ଶନ ସମାବେଶ, ଶୁଭ କାର୍ଯ୍ୟକ୍ରମ ଓ ସାମାଜିକ ଗଣମାଧ୍ୟମରେ ସ୍ପଷ୍ଟ ହୋଇଛି। ଯେଉଁଠାରେ ସୁଯୋଗ ଆସେ, ସେଠାରେ ଲୋକମାନେ ସେମାନଙ୍କର ଶ୍ରେଷ୍ଠତା ପ୍ରମାଣ କରିବାକୁ ଚେଷ୍ଟା କରନ୍ତି।

ପ୍ରାୟତଃ ସୋସିଆଲ ମିଡିଆରେ ଦେଖାଯାଏ ଯେ ଲୋକମାନେ ସେମାନଙ୍କର ଅସାଧାରଣ ଜୀବନଶୈଳୀ ଓ ଆକର୍ଷଣୀୟ କାର୍ଯ୍ୟକଳାପକୁ ପ୍ରଦର୍ଶନ କରନ୍ତି। ସେମାନଙ୍କ ଜୀବନର ପ୍ରକୃତ ଚିତ୍ର ଅପଲୋଡ୍ କରିବା ପରିବର୍ତ୍ତେ, ସେମାନେ ଏପରି ଫଟୋ ପୋଷ୍ଟ କରନ୍ତି ଯାହା ସେମାନଙ୍କ ଧନ, ଐଶ୍ୱର୍ଯ୍ୟ , ବିଭିନ୍ନ ଅର୍ଥନୀତି ସମ୍ପତ୍ତିକୁ ନିଶ୍ଚିତ କରେ। ମହଙ୍ଗା କାର ସାମ୍ନାରେ, ମହଙ୍ଗା ହୋଟେଲରେ କିମ୍ବା ନକଲି ସୁନା ଓ ରୂପା ଅଳଙ୍କାର ପିନ୍ଧି ନିଜର ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିବା ସାଧାରଣ ହୋଇଗଲାଣି। ଏପରି କାର୍ଯ୍ୟଗୁଡ଼ିକ ସାମାଜିକ ସ୍ୱୀକୃତି ଲାଭ କରନ୍ତି, 'ଏହା କରିବାରେ କିଛି ଭୁଲ ନାହିଁ, ଏହା କାହାକୁ କ୍ଷତି କରେ ନାହିଁ, ଏହା କେବଳ ଏକପ୍ରକାର ଖାମଦାନ, ଆଭିଜ୍ୟାତ , ଆରାମଦାୟକ ସଉକ।' ବିଶେଷତଃ ଅନ୍ୟ ମାନଙ୍କ ନିକଟରେ ନିଜକୁ



ଡକ୍ଟର ଲକ୍ଷ୍ମଣ ସାହୁ
ଅଧ୍ୟକ୍ଷ, ମହାନଦୀ ବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ,
କଟକ-୪, ମୋ- ୯୦୪୦ ୧୫୧୪୭୫

ଦେଖାଇ ହେବାରୁ ମାନସିକତା।

ଏକଥା କହିବା ଭୁଲ ହେବ ନାହିଁ ଯେ ଏପରି ଲୋକମାନେ ସେମାନଙ୍କର ବାସ୍ତବତାକୁ ନିର୍ବିଶେଷରେ କେବଳ ପ୍ରଦର୍ଶନ ପାଇଁ ସାମାଜିକ ଗଣମାଧ୍ୟମରେ ସେମାନଙ୍କର ଆଡ଼ମ୍ବରପୂର୍ଣ୍ଣ ପ୍ରତିଛବି ପ୍ରଦର୍ଶନ କରନ୍ତି। ଏପରି ଲୋକମାନଙ୍କୁ ସେମାନଙ୍କର ବାସ୍ତବତାକୁ ଗ୍ରହଣ କରିବାରେ ଅସୁବିଧା ହେବ। ଜୀବନର ସତ୍ୟକୁ ଗ୍ରହଣ କରିବା ହେଉଛି ପ୍ରକୃତ ସାହସ। ଜୀବନର ସତ୍ୟକୁ ଅସ୍ୱୀକାର କରିବା ଏକ ଲୁକ୍କାୟିତ କାପୁରୁଷତାକୁ ପ୍ରକାଶ କରେ। ଏହା ହେଉଛି ବାହାନାର ମୂଳ କାରଣ। ଯେଉଁମାନେ ନିଜ ଜୀବନର ବାସ୍ତବତା ଓ ସତ୍ୟଠାରୁ ଦୂରେଇ ଯାଆନ୍ତି, ସେମାନେ ଅଭିନୟ କରନ୍ତି। ନୈତିକ ଦୃଷ୍ଟିରୁ, ଅଭିନୟ ଏକ ଅପରାଧଠାରୁ କମ୍ ନୁହେଁ। ନୈତିକତା କେବେ ଅଭିନୟକୁ ଅନୁମତି ଦିଏ ନାହିଁ।

ଯାହା ବାସ୍ତବ ତାହା ଦୃଶ୍ୟମାନ ହେବା ଉଚିତ, ଓ ଯାହା ଦୃଶ୍ୟମାନ ତାହା ଭିତରେ ସମାନ ହେବା ଉଚିତ୍। ଅଭିନୟର ଦୁନିଆ ଆମ ପାଇଁ ଓ ଅନ୍ୟମାନଙ୍କ ପାଇଁ ଭ୍ରମ ଜଗତ। ଅଭିନୟ କରିବା ହେଉଛି ନିଜକୁ ଓ ଅନ୍ୟମାନଙ୍କୁ ଠକିବା। ତେଣୁ, ଅଭିନୟ କରିବା ପରିବର୍ତ୍ତେ ବାସ୍ତବତାକୁ ବୁଝନ୍ତୁ..!

# ନିରବ ଫୁଲର ନିବେଦନ

ସକାଳର ପ୍ରଥମ କିରଣ ଯେତେବେଳେ ଧରଣୀର ବକ୍ଷକୁ ସ୍ପର୍ଶ କରେ, ସେତେବେଳେ ନିରବରେ ହସି ଉଠେ ଟିକି ଫୁଲ ଟି। ପ୍ରଥମ ଶିଶିର ବିନ୍ଦୁରେ ସ୍ନାନ କରି, ପୂର୍ବାକାଶର ସୁନେଲି ଆଲୋକକୁ ନିଜ ପାଖୁଡ଼ାରେ ସଞ୍ଚୟ କରି ସେ ପୃଥିବୀକୁ ସ୍ୱାଗତ କରେ। ପବନ ତାର କେଶ ସଜାଇ ଦିଏ, ପ୍ରଜାପତି ତାର କୋଳରେ ନାଚେ, ଭ୍ରମର ତାର ସୁଗନ୍ଧରେ ମତୁଆଲା ହୋଇ ଗୀତ ଗାଏ। ଏହି ଛୋଟ ଜୀବନରେ ସେ ଯେତିକି ସୁଖ ପାଏ, ତାହା ହୁଏତ ସାରା ପୃଥିବୀର ସମସ୍ତ ସମ୍ପଦ ଠାରୁ ବଡ଼। କିନ୍ତୁ ଏହି ସୁଖ ବହୁତ କ୍ଷଣସ୍ଥାୟୀ। କାରଣ ସେ ଜାଣେନାହିଁ, ରାତି ପାହିଲେ ତାର ଭାଗ୍ୟ କେଉଁ ଦିଗକୁ ମୋଡ଼ ନେବ। ସେ ମନ୍ଦିରରେ ଭଗବାନଙ୍କ ମସ୍ତକରେ ଶୋଭା ପାଇବ, ନା କୌଣସି ଶବଯାତ୍ରାର ମାଳାରେ ଗୁନ୍ଥା ହୋଇ ମଶାଣି ପଥରେ ନିରବ ସାଥୀ ଟିଏ ହେବ ? ଫୁଲ କେବେ ନିଜର ଭାଗ୍ୟ ବାଛି ପାରେନାହିଁ। ଯେପରି ମଣିଷ ନିଜର ଜନ୍ମ ବାଛି ପାରେନାହିଁ, ସେହିପରି ଫୁଲ ମଧ୍ୟ ନିଜର ଶେଷ ଗନ୍ତବ୍ୟ ଜାଣେନାହିଁ।

ଟିକି ଫୁଲ ଟି କହେ,ମୁଁ ନିରୀହ,କୋମଳ କୁନି ଫୁଲ ଟିଏ। ମୋତେ ତୋଳିବା ପୂର୍ବରୁ ଥରେ ମୋ ମନର କଥା ଶୁଣ। ମୋର ମଧ୍ୟ ସ୍ୱପ୍ନ ଅଛି, ଅଭିଳାଷ ଅଛି, ମୋର ମଧ୍ୟ ଗୋଟିଏ ଜୀବନ ଅଛି। ମୁଁ ସେହି ଟିକି ଫୁଲ। ମୋର କଣ୍ଠ ନାହିଁ, ତଥାପି ମୋର ମନ ଅଛି। ମୋର ଆଖି ନାହିଁ, ତଥାପି ମୁଁ ଅନୁଭବ କରେ। ମୋର ଲୁହ ନାହିଁ, ତଥାପି ମୁଁ କାନ୍ଦେ। ମୋର ଜନ୍ମ କେବଳ ସୁଗନ୍ଧ ବିତରଣ ପାଇଁ ନୁହେଁ। ମୋର ଜନ୍ମ ଏହି ପୃଥିବୀକୁ ସୁନ୍ଦର କରିବା ପାଇଁ। ମୁଁ ଯେତେବେଳେ ମୋ ମା' ଗଛର ଶାଖାରେ ଝୁଲୁଥାଏ, ସେତେବେଳେ ଲାଗେ ମୁଁ ପ୍ରକୃତିର ହୃଦୟର ଏକ ସ୍ପନ୍ଦନ। ଗଛଟି ମୋର ମା', ମାଟି ମୋର ଜନନୀ, ବର୍ଷା ମୋର ସ୍ନେହ, ସୂର୍ଯ୍ୟ ମୋର ପ୍ରାଣ। ସେମାନଙ୍କ ଭଲ ପାଇବାରେ ମୁଁ ଫୁଟି ଉଠେ।

କିନ୍ତୁ ପ୍ରଭାତ ହେବା ମାତ୍ରେ ମଣିଷର ହାତ ମୋ ଆଡ଼କୁ ବଢ଼ିଆସେ। ମୋର ସୌନ୍ଦର୍ଯ୍ୟ ତାକୁ ଆକର୍ଷିତ କରେ। ସେ ମୋତେ ତୋଳି ନିଏ। ସେ ଭାବେ, ସେ ଗୋଟିଏ ଫୁଲ ତୋଳିଛି। କିନ୍ତୁ ସେ ବୁଝିପାରେ ନାହିଁ, ସେ ଗୋଟିଏ ଜୀବନକୁ ମା'ର କୋଳରୁ ଅଲଗା କରିଦେଇଛି। ମୋତେ ଛିଣ୍ଡେଇବା ବେଳେ ମୁଁ ଚିତ୍କାର କରିପାରେନି। କିନ୍ତୁ ମୋର ପ୍ରତ୍ୟେକ ପାଖୁଡ଼ା ନିରବରେ କହିଉଠେ ଆଉ ଟିକିଏ ସମୟ ମୋତେ ଏହି ଡାଳରେ ରହିବାକୁ ଦିଅ। ଆଉ ଟିକିଏ ପବନ ସହ ଖେଳିବାକୁ ଦିଅ। ଆଉ ଟିକିଏ ସୂର୍ଯ୍ୟର ଆଲୋକରେ ହସିବାକୁ ଦିଅ। ମୋର ଭଗବାନଙ୍କ ପ୍ରତି ଅଗାଧ ଭକ୍ତି ଅଛି। ପ୍ରଭୁ ଙ୍କ ପାଦପଦ୍ମରେ ସ୍ଥାନ ପାଇବା ମୋର ସବୁଠୁ ବଡ଼ ସୌଭାଗ୍ୟ। କିନ୍ତୁ ଭଗବାନ କ'ଣ କେବଳ ମନ୍ଦିରର ପଥର ମୂର୍ତ୍ତିରେ ଅଛନ୍ତି ? ସେ କ'ଣ ମୋତେ ଜନ୍ମ ଦେଇଥିବା ଗଛରେ ନାହାନ୍ତି ? ସେ କ'ଣ ମାଟିର ସୁଗନ୍ଧରେ ନାହାନ୍ତି ? ସେ କ'ଣ ବର୍ଷାର ବୁନ୍ଦା ରେ ନାହାନ୍ତି ? ଯଦି ଭଗବାନ ସର୍ବତ୍ର, ତେବେ ମୋତେ ତୋଳିବା ପୂର୍ବରୁ ମୋର ମା' ଗଛଟିକୁ ଭଲପାଅ। ଘର ଅଗଣାରେ ଗୋଟିଏ ଫୁଲ ଗଛ ଲଗାଅ। ତାକୁ ପାଣି ଦିଅ। ତା'ର ଯତ୍ନ ନିଅ। ତା'ପରେ ମୋତେ ଭଗବାନଙ୍କୁ ଅର୍ପଣ କର। ସେତେବେଳେ ମୋର କୌଣସି ଅଭିମାନ ରହିବ ନାହିଁ। ଆଜି ମଣିଷ ପୂଜା ପାଇଁ ଲକ୍ଷ ଲକ୍ଷ ଫୁଲ ଅର୍ପଣ କରୁଛି। କିନ୍ତୁ କେତେ ମଣିଷ ଗୋଟିଏ ଫୁଲ ଗଛ ଲଗାଉଛନ୍ତି ? ପୂଜା ସରିଗଲେ ମୁଁ ଶୁଖିଯାଏ। ମୋତେ ଅଳିଆରେ ଫିଙ୍ଗି ଦିଆଯାଏ। ସେତେବେଳେ ମୁଁ ଭାବେ଼ ଯେଉଁ ହାତ ମୋତେ ଭକ୍ତିର ସହ ଭଗବାନଙ୍କ ପାଖରେ ରଖିଥିଲା, ସେହି ହାତ କାହିଁକି ମୋତେ ଏତେ ଶୀଘ୍ର ଭୁଲିଗଲା ?

ମଣିଷ ଫୁଲକୁ ଭଲପାଏ, କିନ୍ତୁ ଫୁଲର ଜୀବନକୁ ନୁହେଁ। ସେ ସୁଗନ୍ଧକୁ ଭଲପାଏ, କିନ୍ତୁ ସୁଗନ୍ଧର ଉତ୍ସକୁ ନୁହେଁ। ସେ ପ୍ରକୃତିରୁ ନେବାକୁ ଶିଖିଛି, ଫେରାଇବାକୁ ନୁହେଁ। ଫୁଲର ଜୀବନ ମଣିଷକୁ ଗୋଟିଏ ବଡ଼ ଶିକ୍ଷା ଦିଏ। ଜୀବନର ଦୈର୍ଘ୍ୟ ନୁହେଁ, ତାହାର ସୁଗନ୍ଧ ହିଁ ପ୍ରକୃତ ପରିଚୟ। ଗୋଟିଏ ଦିନ ବଞ୍ଚି ମଧ୍ୟ ଫୁଲ ସମସ୍ତଙ୍କ ହୃଦୟରେ ସ୍ଥାନ ପାଏ। କିନ୍ତୁ ମଣିଷ ଶତବର୍ଷ ବଞ୍ଚି ମଧ୍ୟ କେବେ କେବେ କାହାରି ମନରେ ସ୍ଥାନ ପାଏ ନାହିଁ। କାରଣ ଜୀବନର ମୂଲ୍ୟ ସମୟରେ ନୁହେଁ, ସେବାରେଚ଼ ସମ୍ପଦରେ ନୁହେଁ, ସମ୍ବେଦନାରେଚ଼ ସୌନ୍ଦର୍ଯ୍ୟରେ ନୁହେଁ, ସମର୍ପଣରେ ହେବା ଉଚିତ୍। ମୋର ଅଭିଳାଷ କେବଳ ଏତିକି, ମଣିଷ ପ୍ରକୃତିକୁ ଭଲପାଉ।



ସୁବ୍ରତ କୁମାର ଦାସ
ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩

ଗଛରୁ ଫୁଲ ତୋଳିବା ପୂର୍ବରୁ ଗଛ ଲଗାଉ। ପୂଜା ପୂର୍ବରୁ ପରିବେଶକୁ ପୂଜା କରୁ। ଶିଶୁମାନଙ୍କୁ ଶିଖାଉ ଯେ, ଗୋଟିଏ ଫୁଲ ଫୁଟିବା ପଛରେ କେତେ ଦିନର ସାଧନା ଲୁଚି ରହିଛି। ଯେଉଁଦିନ ପ୍ରତ୍ୟେକ ଘର ଅଗଣାରେ ଫୁଲ ଫୁଟିବ, ଯେଉଁଦିନ ପ୍ରତ୍ୟେକ ଶିଶୁ ଗୋଟିଏ ଗଛକୁ ବନ୍ଧୁ ବୋଲି ଡାକିବ, ଯେଉଁଦିନ ମଣିଷ ପୂଜାର ଫୁଲ ଠାରୁ ବେଶି ଫୁଲର ଗଛକୁ ସମ୍ମାନ ଦେବ, ସେଦିନ ମୁଁ ନିଶ୍ଚିନ୍ତରେ ଝରି ପଡ଼ିବି।ମୋ ଜୀବନ ସାର୍ଥକ ହୋଇଛି ଏବଂ ଅଭିଳାଷ ପୂର୍ଣ୍ଣ ହୋଇଛି ବୋଲି ଭାବିବି। କାରଣ ସେତେବେଳେ ମୋର ମୃତ୍ୟୁ ନୁହେଁ, ମୋର ସ୍ୱପ୍ନ ବଞ୍ଚିରହିବ। ମୁଁ ଟିକି ଫୁଲ। ମୋର ଜୀବନ କ୍ଷଣସ୍ଥାୟୀ, କିନ୍ତୁ ମୋର ଅଭିଳାଷ ଚିରନ୍ତନ। ମୋର ପାଖୁଡ଼ା ଝରିଯିବ, ସୁଗନ୍ଧ ମିଳେଇଯିବ, କିନ୍ତୁ ଯଦି ମୋର ଏହି ନିରବ ଆହ୍ୱାନ ମଣିଷର ହୃଦୟରେ ଗୋଟିଏ ଗଛ ଲଗାଇବାର ଇଚ୍ଛା ଜୀବିତ କରିପାରେ, ତେବେ ମୋର ଜନ୍ମ ସାର୍ଥକ ହେବ। ପ୍ରକୃତିର ପ୍ରତ୍ୟେକ ଫୁଲ ନିରବରେ ଏହି ଗୀତ ଗାଉଛି ମୋତେ ଭଲ ପାଇବାର ସବୁଠାରୁ ବଡ଼ ଉପାୟ ମୋତେ ତୋଳିବା ନୁହେଁ଼ ମୋ ପରି ଆଉ ଶହେ ଫୁଲ ଫୁଟିବା ପାଇଁ ଗୋଟିଏ ଗଛ ଲଗାଇବା। ସେହି ଦିନ ପୃଥିବୀ କେବଳ ସବୁଜ ହେବ ନାହିଁ଼ ମଣିଷର ହୃଦୟ ମଧ୍ୟ ସୁଗନ୍ଧିତ ହୋଇ ଉଠିବ। ସେତେବେଳେ ଟିକି ଫୁଲର ଅଭିଳାଷ କେବଳ ଗୋଟିଏ ଫୁଲର ଅଭିଳାଷ ରହିବ ନାହିଁ,ତାହା ସମଗ୍ର ମାନବ ଜାତିର ବିବେକର ସ୍ୱର ହୋଇ ଉଠିବ।

## ତ୍ରିପୁରା ଡିଜିପିଙ୍କ ଆତ୍ମହତ୍ୟା



ନୂଆଦିଲ୍ଲୀ : ସୋମବାର ଦିନ ତ୍ରିପୁରା ଡିଜିପି ଅନୁରାଗ ଧନଖର ଅଗରତାଲା ପୁଲିସ ମୁଖ୍ୟାଳୟରେ ତାଙ୍କ କାର୍ଯ୍ୟାଳୟରେ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ସହିତ ଜଡିତ ଜଣେ ଅଧିକାରୀ କହିଛନ୍ତି ଯେ ୧୯୯୪ ବ୍ୟାଚର ଆଇପିଏସ ଅଧିକାରୀଙ୍କୁ ତୁରନ୍ତ ଜିବି ପନ୍ତ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଆହୁରି କହିଛନ୍ତି ଯେ ଘଟଣା ପରେ ମୁଖ୍ୟମନ୍ତ୍ରୀ ମାଣିକ ସାହା ଏବଂ ମୁଖ୍ୟ ସଚିବ ଜେକେ ସିହ୍ନାଙ୍କ ସମେତ ବରିଷ୍ଠ ସରକାରୀ ଅଧିକାରୀମାନେ ହସ୍ପିଟାଲକୁ ଯାଇଥିଲେ। ତ୍ରିପୁରାର ପୁଲିସ ମୁଖ୍ୟ ହେବା ପୂର୍ବରୁ, ସେ ତ୍ରିପୁରାରେ ଡିଜିପି (ଇଣ୍ଟେଲିଜେନ୍ସ) ଭାବରେ କାର୍ଯ୍ୟ କରିଥିଲେ। ତିନି ଦଶନ୍ଧିରୁ ଅଧିକ ସମୟ ଧରି ତାଙ୍କର ଚମତ୍କାର କ୍ୟାରିୟର ମଧ୍ୟରେ, ସେ ରାଜ୍ୟ ପୁଲିସରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ ଏବଂ ସିବିଆଇ ଏବଂ ସୀମା ସୁରକ୍ଷା ବଳ (ବିଏସଏଫ) ସହିତ କେନ୍ଦ୍ରୀୟ ଡେପୁଟେସନରେ ମଧ୍ୟ କାର୍ଯ୍ୟ କରିଥିଲେ। ସେ କୋସୋଭୋରେ ମିଳିତ ଜାତିସଂଘ ମିଶନରେ ମଧ୍ୟ କାର୍ଯ୍ୟ କରିଥିଲେ, ଯେଉଁଠାରେ ସେ ଆନ୍ତର୍ଜାତୀୟ ପୋଲିସିଂରେ ମୂଲ୍ୟବାନ ଅଭିଜ୍ଞତା ହାସଲ କରିଥିଲେ।

## ପେପର ଲିକ୍ ଦୋଷୀଙ୍କ ବିରୋଧରେ ହେବ କଠୋର କାର୍ଯ୍ୟାନୁଷ୍ଠାନ

# ନିଟ୍ ମାମଲାରେ ପ୍ରଧାନମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ

ନୂଆଦିଲ୍ଲୀ: ସଂସଦୀୟ ଦଳ ବୈଠକରେ 'ନୀଟ୍ (NEET)' ପରୀକ୍ଷା ପେପର ଲିକ୍ ମାମଲାକୁ ନେଇ ବଡ଼ ବୟାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପେପର ଲିକ୍ ଘଟଣାକୁ 'ମହାପାପ' ବୋଲି ସେ କହିଛନ୍ତି। ସେ ସରକାର ଏହି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଏବଂ ଦୋଷୀଙ୍କୁ ଗିରଫ କରାଯାଇଛି। ପେପର ଲିକ୍ ପରେ ପୁନର୍ବାର ପରୀକ୍ଷା ମଧ୍ୟ କରାଯାଇଛି। ଆଗାମୀ ଦିନରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନହୁଏ, ସେଥିପାଇଁ ସବୁ ରାଜ୍ୟ ସରକାରମାନଙ୍କୁ ମିଳିମିଶି କାମ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ବୈଠକରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ମାମଲାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇସାରିଛି। ଏପର୍ଯ୍ୟନ୍ତ ମୋଟ ୧୩ ଜଣଙ୍କୁ ଗିରଫ କରାଯାଇଛି। ଭବିଷ୍ୟତରେ ଯେପରି କେହି ଏଭଳି ଦୁଃସାହସ ନକରନ୍ତି, ସେଥିପାଇଁ ଦୋଷୀମାନଙ୍କ ବିରୋଧରେ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ନିଟ୍ ପେପର ଲିକ୍କୁ ନେଇ ସାରା ଦେଶରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ଦେଖିବାକୁ ମିଳିଥିଲା। ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏହି ପରୀକ୍ଷା ସହ ଜଡ଼ିତ ଥିବାରୁ ଏହା ଏକ ବଡ଼ ଜାତୀୟ ପ୍ରସଙ୍ଗ ପାଲଟିଥିଲା।

ପ୍ରଧାନମନ୍ତ୍ରୀ ସଂସଦୀୟ ବୈଠକରେ ଦୋହରାଇଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ କୌଣସି ବି ବିଷୟକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ। ପରୀକ୍ଷା ପ୍ରଣାଳୀକୁ ଆହୁରି ସୁଦୃଢ଼ ଓ ସ୍ୱଚ୍ଛ କରିବା ପାଇଁ ସେ ରାଜ୍ୟ ସରକାରମାନଙ୍କୁ ଅନୁରୋଧ କରିଛନ୍ତି। ପରୀକ୍ଷାରେ କୌଣସି ବି ପ୍ରକାରର ଦୁର୍ନୀତିକୁ ସରକାର ଆଦୌ ବରଦାସ୍ତ କରିବେ ନାହିଁ। ଅନ୍ୟପଟେ, ପରୀକ୍ଷା ଦୁର୍ନୀତି ବିରୋଧରେ ମଙ୍ଗଳବାର ବି ଜନ୍ତର-ମନ୍ତରରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଗତକାଲି ମୌସୁମୀ ଅଧିବେଶନ ଚାଲିଥିବା ସମୟରେ ବିକ୍ଷୋଭକାରୀମାନେ ସଂସଦ ଆଡ଼କୁ ମାର୍ଚ୍ଚ କରୁଥିବା ବେଳେ ଦିଲ୍ଲୀ ପୋଲିସ ସେମାନଙ୍କୁ ଛତ୍ରଭଙ୍ଗ ଦେଇଥିଲା। ତଥାପି ବିଳମ୍ବିତ ସନ୍ଧ୍ୟାରେ ବିକ୍ଷୋଭକାରୀମାନେ ପୁଣିଥରେ ଜନ୍ତର-ମନ୍ତରରେ ଏକାଠି ହୋଇ ନିଜର ପ୍ରତିବାଦ ଜାରି ରଖିଛନ୍ତି।



## ବଡ ଆଶ୍ୱସ୍ତି, ଡେଙ୍ଗୁ ଟୀକାକୁ ଅନୁମୋଦନ

ନୂଆଦିଲ୍ଲୀ : ଡେଙ୍ଗୁକୁ ନେଇ ଆସିଲା ବଡ ଖବର। ଭାରତରେ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତିର ଖବର ଆସିଛି। ଭାରତରେ ପ୍ରଥମ ଥର ପାଇଁ ଡେଙ୍ଗୁ ପ୍ରତିରୋଧ ପାଇଁ ଏକ ଟୀକାକୁ ଅନୁମୋଦନ କରାଯାଇଛି। ଏହି ଟୀକାକୁ ଜାପାନୀ ଔଷଧ କମ୍ପାନୀ ଟାକେଡା ଦ୍ୱାରା ବିକଶିତ କରାଯାଇଛି। ଭାରତର ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ ଏହାକୁ ୪୦ ରୁ ୬୦ ବର୍ଷ ବୟସର ଲୋକଙ୍କ ପାଇଁ ଅନୁମୋଦନ କରିଛି। ପ୍ରତିବର୍ଷ ମୌସୁମୀ ଆସିଲେ ଡେଙ୍ଗୁ ମଧ୍ୟ ବୃଦ୍ଧି ପାଏ। ବର୍ଷା ଋତୁରେ ଡେଙ୍ଗୁ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରେ। ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଡାକ୍ତରଖାନାରେ ବୃଦ୍ଧି ପାଏ। ଅନେକ କ୍ଷେତ୍ରରେ ରୋଗୀଙ୍କ ଅବସ୍ଥା ବହୁତ ଗମ୍ଭୀର ହେଉଛି। ବର୍ଷ ପରେ ବର୍ଷ ଏହି ସମସ୍ୟା ବୃଦ୍ଧି ପାଉଛି। ଏହି ସମୟରେ ଟୀକା ଆସିବା ଏକ ଆଶ୍ୱସ୍ତିକର ଖବର।

## ମସ୍କୋ ଉପରେ ୪୦୦ ଡ୍ରୋନ୍ ମାଡ଼ କଲା ୟୁକ୍ରେନ୍

ମସ୍କୋ: ରୁଷ ୟୁକ୍ରେନ ମଧ୍ୟରେ ଜାରି ରହିଥିବା ସଂଘର୍ଷ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ୟୁକ୍ରେନ ସେନା ରୁଷ୍‌ର ରାଜଧାନୀ ମସ୍କୋକୁ ଲକ୍ଷ୍ୟ କରି ୪୦୦ରୁ ଅଧିକ ଦୂରଗାମୀ ଡ୍ରୋନ୍ ମାଡ଼ କରି ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି । ଏହି ବିଶାଳ ଆକ୍ରମଣରେ ମସ୍କୋ ନିକଟସ୍ଥ ଅନେକ ଶିଳ୍ପାଞ୍ଚଳ ଓ ତୈଳ ଡିପୋରେ ଅଗ୍ନିକାଣ୍ଡ ଘଟିଥିବାବେଳେ ବହୁ ବେସାମରିକ ନାଗରିକ ଆହତ ହୋଇଛନ୍ତି। ଏହାସହ ବ୍ଲାକ୍ ସି'ରେ ରୁଷର କଳାବଜାର ତୈଳ ବାହକ ଜାହାଜଗୁଡ଼ିକୁ ମଧ୍ୟ ୟୁକ୍ରେନ୍ ଟାର୍ଗେଟ କରିଛି। ସାମରିକ ଉତ୍ତେଜନା ମଧ୍ୟରେ ୟୁକ୍ରେନ୍ କ୍ରମାଗତ ଭାବେ ରୁଷ୍‌ର ବାଲିଷ୍ଟିକ ମିସାଇଲ ଆକ୍ରମଣର ସାମ୍ନା କରୁଛି, ଯେଉଁଥିରେ ପାଭ୍‌ଲୋଗ୍ରାଡ ସହରରେ ଜଣେ ୧୩ ବର୍ଷର ନାବାଳିକାଙ୍କ ସମେତ ୧୩ ଜଣ ନୀରିହ ନାଗରିକ ଗୁରୁତର ଆହତ ହୋଇଛନ୍ତି । ସୀମାରେ ଯୁଦ୍ଧ ଚାଲିଥିବାବେଳେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏବେ ନିଜ ଦେଶ ଭିତରେ ବଡ଼ ଧରଣର ରାଜନୈତିକ ସଙ୍କଟର ସାମ୍ନା କରୁଛନ୍ତି ।

## କଲକାତାରେ ବିଶ୍ୱର ସର୍ବବୃହତ ଦହି ଉତ୍ପାଦନ କାରଖାନାର ଶିଳାନ୍ୟାସ

କଲକାତା : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସହକାର ସେ ସମୃଦ୍ଧି'ର ଦୃଷ୍ଟିକୋଣ ଏବଂ 'ଶ୍ୱେତ ବିପ୍ଳବ ୨.୦'ର ଲକ୍ଷ୍ୟକୁ ଆଗକୁ ବଢ଼ାଇ କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା ରବିବାର କଲକାତାର ନ୍ୟୁ ଟାଉନ କନଭେନସନ ସେଣ୍ଟରରେ ଅମୂଲ ବେଙ୍ଗଲ ଡେରୀ ପ୍ରକଳ୍ପ ଅଧୀନରେ ବିଶ୍ୱର ସର୍ବବୃହତ ଦହି ଉତ୍ପାଦନ କାରଖାନାର ଭୂମି ପୂଜନ କରିଛନ୍ତି। ଆୟୋଜିତ ସମାରୋହରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ, ଗୁଜରାଟ ବିଧାନସଭାର ବାଚସ୍ପତି ଶଙ୍କରଭାଇ ଚୌଧୁରୀ, ପଶ୍ଚିମବଙ୍ଗ ସମବାୟ ମନ୍ତ୍ରୀ ସ୍ୱପନ ଦାସଗୁପ୍ତା, ରାଜ୍ୟ ଅର୍ଥମନ୍ତ୍ରୀ ତାପସ ରାୟ, ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଡ. କଲ୍ୟାଣ ଚକ୍ରବର୍ତ୍ତୀ, ଖାଦ୍ୟ ପ୍ରକ୍ରିୟାକରଣ ଓ ଉଦ୍ୟାନ କୃଷି ମନ୍ତ୍ରୀ ଶରଦ୍ୱତ ମୁଖାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟ ସଚିବ ମନୋଜ କୁମାର ଅଗ୍ରୱାଲ, ଅମୂଲ ଡେରୀ ଅଧ୍ୟକ୍ଷ ଅଶୋକ ଚୌଧୁରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ସମବାୟ କ୍ଷେତ୍ରର ପ୍ରତିନିଧି ଉପସ୍ଥିତ ଥିଲେ। ମନ୍ତ୍ରୀ ଶାହା କହିଛନ୍ତି ଯେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜୟ ପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପକ୍ଷରୁ ବଙ୍ଗବାସୀଙ୍କୁ ମିଠା ଦହି ଖୁଆଇବାକୁ ଆସିଛନ୍ତି। ପଶ୍ଚିମବଙ୍ଗବାସୀ ଆଣିଥିବା ପରିବର୍ତ୍ତନ ସ୍ୱାଧୀନତା ପରଠାରୁ ରାଜ୍ୟରେ ହୋଇଥିବା ସମସ୍ତ ବିଧାନସଭା ନିର୍ବାଚନଠାରୁ ଭିନ୍ନ ଏବଂ ଐତିହାସିକ। ବଙ୍ଗ ସ୍ୱାଧୀନତା ସଂଗ୍ରାମରେ ଅନେକ ମହାନ ସଂଗ୍ରାମୀ ମଧ୍ୟ ସୃଷ୍ଟି କରିଛି। ଦେଶପ୍ରେମ ଏବଂ ସମର୍ପଣର କଥା ଆସିଲେ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଖୁଦିରାମ ବୋଷଙ୍କ ଭଳି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ମାଧ୍ୟମରେ ବଳିଦାନ ଦେବାକୁ ବଙ୍ଗ କେବେ ପଛଘୁଞ୍ଚା ଦେଇନାହିଁ ବୋଲି କହିଛନ୍ତି। ମନ୍ତ୍ରୀ ଶାହା କହିଛନ୍ତି ଯେ ଆଜି ପଶ୍ଚିମବଙ୍ଗର ଚାଷୀ ଏବଂ ଗୋପାଳକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ।

# ଚମ୍ପିଆନ୍ ଦଳକୁ ୪୮୧୪ କୋଟି ଟଙ୍କା ପୁରସ୍କାର

ନ୍ୟୁୟର୍କ : ରବିବାର ଫିଫା ବିଶ୍ୱକପ୍-୨୦୨୬ ଫାଇନାଲରେ ୧-୦ ଗୋଲ୍‌ରେ ଗତଥରର ଚମ୍ପିଆନ୍ ଆର୍ଜେଣ୍ଟିନାକୁ ପରାସ୍ତକରି ସ୍ପେନ୍ ଚମ୍ପିଆନ୍ ହୋଇଛି। ଏଥର ଚମ୍ପିଆନ୍ ଦଳଙ୍କଠାରୁ ଆରମ୍ଭକରି ପ୍ରତିଯୋଗୀ ଦଳଙ୍କ ପର୍ଯ୍ୟନ୍ତଙ୍କ ସମସ୍ତଙ୍କୁ ଅଧିକ ଅର୍ଥ ପୁରସ୍କାର ପ୍ରଦାନ କରିଛି ଫିଫା। ବିଶ୍ୱକପ୍ ଇତିହାସରେ ୨୦୨୬ ଫୁଟ୍‌ବଲ ବିଶ୍ୱକପ୍‌ର ୨୩ତମ ସଂସ୍କରଣ ସବୁଠାରୁ ବଡ଼ ବିଶ୍ୱକପ୍ ଥିଲା। ୨୦୨୨ରେ ଏଥିରେ ୩୨ଟି ଦଳ ଖେଳିଥିବା ବେଳେ ଏଥର ୪୮ଟି ଦଳ ଖେଳିଥିଲେ। ଏହାକୁ ଦୃଷ୍ଟିରେ ରଖି ପୁରସ୍କାର ରାଶିରେ ବହୁତ ବୃଦ୍ଧିକରିଛି ଫିଫା। ୧୦୬ ମିନିଟରେ ସ୍ପେନ୍‌ର ଫେରାନ୍ ଟରେସଙ୍କ ଗୋଲ୍ ଉଭୟ ଦଳଙ୍କ ମଧ୍ୟରେ ଫରକ ଥିଲା।



ଏହି ବିଶ୍ୱକପ୍‌ରେ ମୋଟ ପୁରସ୍କାର ରାଶି ଥିଲା ୮୭୧ ନିୟୁତ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୮୩,୮୬୬ କୋଟି ଟଙ୍କା)। ଫୁଟ୍‌ବଲ ବିଶ୍ୱକପ୍ ଇତିହାସରେ ପୂର୍ବରୁ ଏତେ ଅର୍ଥର ପୁରସ୍କାର ରାଶି ପ୍ରଦାନ କରା ଯାଇନଥିଲା। ଏଥିରୁ ଚମ୍ପିଆନ୍ ସ୍ପେନ୍ ୫୦ ନିୟୁତ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪,୮୧୪ କୋଟି ଟଙ୍କା) ପୁରସ୍କାର ପାଇଛି। ରନର୍ସଅପ୍ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ୩୩ ନିୟୁତ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୩,୧୭୭ କୋଟି ଟଙ୍କା) ପୁରସ୍କାର ପାଇଛି। ୩ୟ ସ୍ଥାନରେ ରହିଥିବା ଇଂଲଣ୍ଡ ୨୯ ନିୟୁତ ଡଲାର (ପ୍ରାୟ ୨,୭୯୨ କୋଟି ଟଙ୍କା) ଏବଂ ୪ର୍ଥ ସ୍ଥାନରେ ଥିବା ଫ୍ରାନ୍ସ ୨୭ ନିୟୁତ ଡଲାର (ପ୍ରାୟ ୨,୫୯୯ କୋଟି ଟଙ୍କା) ପୁରସ୍କାର ପାଇଛି। କ୍ୱାର୍ଟରଫାଇନାଲରେ ପରାଜିତ ୪ଟି ଦଳ ୧୯ ୫୦ ନିୟୁତ ଆମେରିକୀୟ ଡଲାର (ପ୍ରାୟ ୧,୮୩୨ କୋଟି ଟଙ୍କା) ପୁରସ୍କାର ପାଇଛନ୍ତି। ଏହିପରି ପ୍ରିକ୍ୱାର୍ଟରଫାଇନାଲରେ ପରାଜିତ ୮ଟି ଦଳ, ରାଉଣ୍ଡ-୩୨ରେ ପରାଜିତ ୧୬ଟି ଦଳ ଏବଂ ପ୍ରଥମ ରାଉଣ୍ଡରେ ପରାଜିତ ଦଳ ମଧ୍ୟ ବର୍ଦ୍ଧିତ ପୁରସ୍କାର ରାଶି ପାଇଛନ୍ତି। ଟୁର୍ଣ୍ଣାମେଣ୍ଟ ଆରମ୍ଭରୁ ଫିଫା ଘୋଷଣା କରିଥିଲା ଯେ ୪୮ଟିଯାକ ପ୍ରତିଯୋଗୀ ଦଳ ୧୨.୩ ନିୟୁତ ଡଲାର ବା ୧,୨୦୩ କୋଟି ଟଙ୍କା ପାଇବେ।

# ନାବିକଙ୍କ ମୃତ୍ୟୁ ଘଟଣା: ରୁଷ୍‌କୁ କଡ଼ା ଭାଷାରେ ନିନ୍ଦା କଲା ଭାରତ

ନୂଆଦିଲ୍ଲୀ,୨୧।୭: ୟୁକ୍ରେନୀୟ ଉପକୂଳ ନିକଟରେ ଏକ ମାଲବାହୀ ଜାହାଜ ଉପରେ ଆକ୍ରମଣରେ ଚାରି ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣା ପରେ ଭାରତ ରୁଷିଆର ରାଜଦୂତ ତଥା ଚାର୍ଜ ଡି'ଆଫେୟର୍ସଙ୍କ ନିକଟରେ ଆକ୍ରମଣ ବିରୋଧରେ ଦୃଢ଼ ପ୍ରତିବାଦ ଜଣାଇଛି। ସୂତ୍ର ଅନୁଯାୟୀ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ରୁଷିଆ କୂଟନୀତିଜ୍ଞଙ୍କୁ ଜଣାଇଛି ଯେ, ଏକ ବାଣିଜ୍ୟ ଜାହାଜ ଉପରେ ଆକ୍ରମଣ ଫଳରେ ଭାରତୀୟଙ୍କ ଜୀବନହାନି ସମ୍ପୂର୍ଣ୍ଣ ଭାବରେ ଗ୍ରହଣୀୟ ନୁହେଁ।



ୟୁକ୍ରେନୀୟ ବୈଦେଶିକ ମନ୍ତ୍ରୀ ଆନ୍ଦ୍ରି ସିବିହା କହିଛନ୍ତି ଯେ, ରୁଷିଆ ରବିବାର ୟୁକ୍ରେନର ସାମୁଦ୍ରିକ କରିଡର ଦେଇ ଯାଉଥିବା ଏକ ସାଧାରଣ ମାଲବାହୀ ଜାହାଜ ଉପରେ ଆକ୍ରମଣ କରିଥିଲା। ଜାହାଜର କର୍ମଚାରୀଙ୍କ ମଧ୍ୟରେ ସିରିଆ ଏବଂ ଭାରତର ନାଗରିକ ଥିଲେ। ଏହା ରୁଷିଆ-ୟୁକ୍ରେନୀୟ ଯୁଦ୍ଧ ସମୟରେ ପ୍ରଥମ ଘଟଣା, ଯେଉଁଥିରେ ଭାରତୀୟ ନାବିକମାନେ ପ୍ରାଣ ହରାଇଛନ୍ତି।

ୟୁକ୍ରେନୀୟ ବାୟୁସେନା ଅନୁଯାୟୀ, ଗିନି-ବିସାଉ ପତାକାଯୁକ୍ତ ମାଲବାହୀ ଜାହାଜ 'ଏମ୍ଭି ଗୋଲଡେନ ଲିଓ' ରୁଷିଆ କ୍ରୁଜ କ୍ଷେପଣାସ୍ତ୍ର ଦ୍ୱାରା ଆଘାତ ପାଇଥିଲା। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ରିପୋର୍ଟ କରିଛି ଯେ, ପାଞ୍ଚ ଜଣ ଭାରତୀୟ ନାଗରିକଙ୍କ ସମେତ ୧୭ ଜଣ କ୍ରୁ ସଦସ୍ୟ ଥିଲେ। ଏହି ଭାରତୀୟଙ୍କ ମଧ୍ୟରୁ ଚାରି ଜଣଙ୍କର ମୃତ୍ୟୁ ଘଟିଛି। ଜଣେ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ଅଛନ୍ତି।

ଏକ ବିବୃତ୍ତିରେ ବୈଦେଶିକ ମନ୍ତ୍ରଣାଳୟ କହିଛି,୧୯ ଜୁଲାଇ ସନ୍ଧ୍ୟାରେ ଏମଭି ଗୋଲଡେନ ଲିଓ ଓଡେସା ବନ୍ଦରରୁ ଯାତ୍ରା କରୁଥିବା ସମୟରେ ଆକ୍ରମଣର ଶିକାର ହୋଇଥିଲା। ସେହି ସମୟରେ ଏଥିରେ ୧୭ ଜଣ କ୍ରୁ ସଦସ୍ୟ ଥିଲେ। ଏଥିରେ ପାଞ୍ଚ ଜଣ ଭାରତୀୟ ନାଗରିକ ଥିଲେ। ୪ ଜଣ ଭାରତୀୟ ନାଗରିକ ଦୁଃଖଦ ଭାବରେ ପ୍ରାଣ ହରାଇଛନ୍ତି। ଜଣେ ଭାରତୀୟ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ୟୁକ୍ରେନରେ ଥିବା ଭାରତୀୟ ଦୂତାବାସ ପରିସ୍ଥିତି ଉପରେ ନଜର ରଖିଛି ଏବଂ ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ଯଥାସମ୍ଭବ ପ୍ରୟାସ କରୁଛି। ଆମେ ମୃତ ଭାରତୀୟ ନାଗରିକଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରୁଛୁ ଏବଂ ଆହତ ଭାରତୀୟ ନାଗରିକଙ୍କ ଶୀଘ୍ର ଏବଂ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରୁଛୁ। ସେହି ସମୟରେ, ଭାରତ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରି କହିଛି ଯେ, ବାଣିଜ୍ୟ ଜାହାଜକୁ ଟାର୍ଗେଟ କରିବା ଏବଂ ନିର୍ଦ୍ଦୋଷ ନାଗରିକ କ୍ରୁ ସଦସ୍ୟଙ୍କ ଜୀବନକୁ ବିପଦରେ ପକାଇବା ଅତ୍ୟନ୍ତ ନିନ୍ଦନୀୟ। ମନ୍ତ୍ରଣାଳୟ ଏହାର ସରକାରୀ ବିବୃତ୍ତିରେ ରୁଷିଆର ନାମ ସ୍ପଷ୍ଟ ଭାବରେ ନେଇ ନ ଥିଲା।

## ଶ୍ରାବଣ ମାସରେ ଭଗବାନ ଶିବଙ୍କ ବିଶେଷ କୃପାରୁ ଏହି ରାଶିଙ୍କ ଭାଗ୍ୟ ବଦଳିଯିବ...

ଜ୍ୟୋତିଷ ଶାସ୍ତ୍ରରେ ଗ୍ରହଙ୍କ ଚଳନର ଖୁବ୍ ମହତ୍ତ୍ୱପୂର୍ଣ୍ଣ। ଜୁଲାଇ ୩୦ ତାରିଖରେ ଶ୍ରାବଣ ଆରମ୍ଭ ହେବାକୁ ଯାଉଛି। ଜ୍ୟୋତିଷମାନଙ୍କ ଅନୁସାରେ, ଶୁଭ ଶ୍ରାବଣ ମାସରେ ଅନେକ ପ୍ରମୁଖ ଗ୍ରହ ସେମାନଙ୍କର ଗତି ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଜ୍ୟୋତିଷ ଶାସ୍ତ୍ରରେ ରାହୁ ୨୦୨୬ ଅଗଷ୍ଟ ଆରମ୍ଭରେ ଏକ ବଡ଼ ନକ୍ଷତ୍ର ପରିବର୍ତ୍ତନ କରିବାକୁ ଯାଉଛନ୍ତି। ୨ ଅଗଷ୍ଟ ୨୦୨୬ ରେ ରାହୁ ଧନିଷ୍ଠା ନକ୍ଷତ୍ରରେ ପ୍ରବେଶ କରିବେ।

ଜ୍ୟୋତିଷ ଶାସ୍ତ୍ରରେ, ଧନିଷ୍ଠା ନକ୍ଷତ୍ରକୁ ଧନ, ସମୃଦ୍ଧି, ସାହସ, ସଫଳତା ଏବଂ ମହାନ ସଫଳତାର ପ୍ରତୀକ ଭାବରେ ବିବେଚନା କରାଯାଏ। ତେଣୁ ଧନିଷ୍ଠା ନକ୍ଷତ୍ରରେ ରାହୁଙ୍କ ଏହି ଚଳନ କ୍ୟାରିଅର, ବ୍ୟବସାୟ, ଆର୍ଥିକ ନିବେଶ ଏବଂ ବୈଦେଶିକ ବ୍ୟାପାରରେ ଅନେକ ରାଶି ପାଇଁ ନୂତନ ଏବଂ ଆଶ୍ଚର୍ଯ୍ୟଜନକ ସୁଯୋଗ ଆଣିବ। ଜାଣନ୍ତୁ ଏହି ନକ୍ଷତ୍ର ପରିବର୍ତ୍ତନ ପାଇଁ କେଉଁ ରାଶି ସବୁଠାରୁ ଫଳପ୍ରଦ ଏବଂ ଲାଭଦାୟକ ପାଇବେ।

ମେଷ- ଆପଣ ଆପଣଙ୍କର ଆର୍ଥିକ ମାମଲାରେ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଦେଖିବେ। ଦୀର୍ଘ ସମୟ ଧରି ଅଟକି ରହିଥିବା ପାଣ୍ଠି ପୁନରୁଦ୍ଧାର ହୋଇପାରେ ଏବଂ ଆୟର ନୂତନ ଉତ୍ସ ସୃଷ୍ଟି ହେବ। ଆପଣ କାର୍ଯ୍ୟରେ ନୂତନ ଦାୟିତ୍ୱ ପାଇପାରନ୍ତି, ବ୍ୟବସାୟୀମାନେ ଲାଭ ଆଣି ନୂତନ ବଡ଼ ଅର୍ଡର ପାଇବେ। ଆପଣଙ୍କର ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ, ଏବଂ ଆପଣଙ୍କୁ ଆପଣଙ୍କ ପରିବାରରୁ ପୂର୍ଣ୍ଣ ସମର୍ଥନ ମିଳିବ।

ବୃଷ- ବୃଷ ରାଶି ପାଇଁ ଏହି ଚଳନ ପ୍ରଗତିକୁ ସୂଚିତ କରେ। ଆପଣଙ୍କ କାର୍ଯ୍ୟରେ ଥିବା ବାଧା ଦୂର ହେବ, ଏବଂ ଆପଣଙ୍କ ଆୟର ଉତ୍ସ ବୃଦ୍ଧି ପାଇବ। ବ୍ୟବସାୟ ବିସ୍ତାର ଏବଂ ନୂତନ ସହଭାଗୀତା ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହୋଇପାରେ। କୋର୍ଟ କିମ୍ବା ସରକାରୀ ମାମଲାରେ ମଧ୍ୟ ଆଶ୍ୱସ୍ତି ଆଶା କରାଯାଉଛି, ଯାହା ଆପଣଙ୍କ ସାମାଜିକ ପ୍ରତିଷ୍ଠାକୁ ସୁଦୃଢ଼ କରିବ।

ମକର- ମକର ରାଶି ପାଇଁ ଏହି ରାହୁ ଚଳନ ଆର୍ଥିକ ଦୃଷ୍ଟିରୁ ଅତ୍ୟନ୍ତ ଲାଭଦାୟକ ହେବ। ଆୟ ବୃଦ୍ଧି ପାଇଁ ନୂତନ ରାସ୍ତା ଖୋଲିବ, ଯାହା ଆପଣଙ୍କ ବ୍ୟାଙ୍କ ବାଲାନ୍ସକୁ ସୁଦୃଢ଼ କରିବ। ଚାକିରି କରିଥିବା ବ୍ୟକ୍ତିମାନଙ୍କର ପଦୋନ୍ନତି କିମ୍ବା ବୃଦ୍ଧି ପାଇବାର ପ୍ରବଳ ସମ୍ଭାବନା ଅଛି, ବ୍ୟବସାୟୀମାନେ ଏକ ବଡ଼ ଚୁକ୍ତି ସୁରକ୍ଷିତ କରିପାରନ୍ତି, ଏବଂ ପୁରୁଣା ନିବେଶ ମଧ୍ୟ ଯଥେଷ୍ଟ ଲାଭ ପାଇବାର ସମ୍ଭାବନା ଅଛି।

ତୁଳା- କ୍ୟାରିୟର ଦୃଷ୍ଟିରୁ, ଏହି ସମୟ ଆପଣଙ୍କ ପାଇଁ ପ୍ରଗତି ପାଇଁ ନୂତନ ଦ୍ୱାର ଖୋଲିବ। ପଡ଼ି ରହିଥିବା କାର୍ଯ୍ୟଗୁଡ଼ିକ ଶୀଘ୍ର ସମାପ୍ତ ହେବ, ଏବଂ ପଦୋନ୍ନତି କିମ୍ବା ନୂତନ ଭୂମିକା ପାଇବାର ସମ୍ଭାବନା ଅଛି। ଯେଉଁମାନେ ଅନଲାଇନ୍, ଟେକ୍ କିମ୍ବା ଡିଜିଟାଲ୍ ପ୍ଲାଟଫର୍ମରେ କାମ କରୁଛନ୍ତି ସେମାନେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଲାଭ ଅନୁଭବ କରିପାରିବେ।

## କଲେଜ ସମୟରେ ସ୍ୱାମୀ ପରିତ୍ୟକ୍ତାଙ୍କ ପ୍ରେମରେ ପଡ଼ିଥିଲେ

# ୧୫ ବର୍ଷ ସାନ ହୋଇ ନସୀରୁଦ୍ଦୀନ କରିଥିଲେ ବିବାହ

ନୂଆଦିଲ୍ଲୀ: ବଲିଉଡର ବରିଷ୍ଠ ଅଭିନେତା ନସିରୁଦ୍ଦିନ୍ ଶାହ ପୁଣି ଥରେ ଚର୍ଚ୍ଚାରେ। ଏଥର କୌଣସି ସିନେମା କିମ୍ବା ବିବାଦ ପାଇଁ ନୁହେଁ, ବରଂ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ରତ୍ନାଙ୍କୁ ବିବାହ କରିବା ପୂର୍ବରୁ, ନାସିରୁଦ୍ଦିନ ଶାହଙ୍କ ପ୍ରଥମ ବିବାହ ଏବଂ ବ୍ୟକ୍ତିଗତ ଜୀବନ ଉତ୍ଥାନ-ପତନରେ ପରିପୂର୍ଣ୍ଣ ଥିଲା। ନାସିରୁଦ୍ଦିନ ଶାହ ତାଙ୍କ ପ୍ରଥମ ପତ୍ନୀ ପରବୀନ୍ ମୁରାଦ ଙ୍କ ସହ ସମ୍ପର୍କ ବିଷୟରେ ଅନେକ ଆଶ୍ଚର୍ଯ୍ୟଜନକ ଖୁଲାସା କରିଥିଲେ। ସେ ସ୍ୱୀକାର କରିଥିଲେ ଯେ ସେ କମ୍ ବୟସରେ ଜଣେ ଭଲ ସ୍ୱାମୀ ଏବଂ ପିତା ହୋଇ ପାରିନଥିଲେ।

ଏହି କାହାଣୀ ଆରମ୍ଭ ହୁଏ ଯେତେବେଳେ ନାସିରୁଦ୍ଦିନ ଶାହ ମାତ୍ର ୧୯ ବର୍ଷ ବୟସରେ ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟରେ ପାଠପଢୁଥିଲେ। ସେହି ସମୟରେ, ସେ ୩୪ ବର୍ଷୀୟ ଡାକ୍ତରୀ ଇଣ୍ଟର୍ନ ପରବୀନ୍ ମୁରାଦଙ୍କୁ ଭେଟିଥିଲେ। ପରବୀନ୍ ତାଙ୍କଠାରୁ ୧୫ ବର୍ଷ ବଡ଼ ଥିଲେ। ସେ ଛାଡପତ୍ର ନେଇଥିଲେ ଏବଂ ଦୁଇଟି ପିଲାର ମାଆ ଥିଲେ। କିନ୍ତୁ ସେ ପ୍ରଥମ ବ୍ୟକ୍ତି ଥିଲେ ଯିଏ ନାସିରୁଦ୍ଦିନଙ୍କ ଅଭିନେତା ହେବାର ସ୍ୱପ୍ନରେ ବିଶ୍ୱାସ କରିଥିଲେ। ଏହା ନାସିରୁଦ୍ଦିନଙ୍କ ହୃଦୟକୁ ଛୁଇଁଲା, ଏବଂ ସେମାନେ ପ୍ରେମରେ ପଡ଼ିଗଲେ। ଯେତେବେଳେ ବିବାହ କଥା ଉଠିଲା, ଉଭୟ ପରିବାର ଏହାକୁ ବିରୋଧ କରିଥିଲେ। ନାସିରୁଦ୍ଦିନ ଶାହଙ୍କ ପରିବାର ପରୱିନଙ୍କ ଛାଡପତ୍ର ଏବଂ ପୂର୍ବରୁ ଦୁଇଟି ସନ୍ତାନ ଥିବା ନେଇ ଆପତ୍ତି କରିଥିଲେ। ପରୱିନଙ୍କ ପରିବାର ଭୟ କରୁଥିଲେ ଯେ ଜଣେ ଯୁବକ ଯେକୌଣସି ସମୟରେ ସମ୍ପର୍କ ଭାଙ୍ଗିପାରନ୍ତି।

ବିବାହର ଗୋଟିଏ ବର୍ଷ ପରେ, ସେମାନଙ୍କ ଝିଅ, ହୀବା ଜନ୍ମ ହୋଇଥିଲା। କିନ୍ତୁ ସେମାନଙ୍କ ସନ୍ତାନ ଆସିବା ପରେ ତାଙ୍କ ସମ୍ପର୍କକୁ ମଜବୁତ ହେବା ପରିବର୍ତ୍ତେ ଦୁହିଁଙ୍କ ମଧ୍ୟରେ ଦୂରତାକୁ ବଢିଯାଇଥିଲା। ନାସିରୁଦ୍ଦିନ ଶାହ ତାଙ୍କ ପୁସ୍ତକରେ ଲେଖିଛନ୍ତି ଯେ ସେତେବେଳେ, ସେ ତାଙ୍କ ସ୍ତ୍ରୀଙ୍କ ଭାବନାକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରି ନ ଥିଲେ।

ସେ ସ୍ୱୀକାର କରିଥିଲେ, 'ମୁଁ ଏତେ ଅପରିପକ୍ୱ ଥିଲି ଯେ ଗର୍ଭାବସ୍ଥାରେ ମୋ ସ୍ତ୍ରୀଙ୍କୁ ସମର୍ଥନ ମଧ୍ୟ କରିପାରିନଥିଲି। ମୁଁ କେବଳ ନିଜ ବିଷୟରେ ଚିନ୍ତା କରୁଥିଲି। 'ତାଙ୍କ ଝିଅର ଜନ୍ମ ପରେ ମଧ୍ୟ, ସେ ତାଙ୍କ ଦାୟିତ୍ୱରୁ ଦୂରେଇ ଯାଇଥିଲେ। ଏଥିପାଇଁ ସେ ନିଜକୁ ଲଜ୍ଜିତ ଅନୁଭବ କରନ୍ତି, ଯେ ମୁଁ ମୋ ଝିଅକୁ ଅବହେଳା କରିଛି। ମୁଁ ତାଙ୍କ ସହିତ ଏକ ଭାବପ୍ରବଣ ସମ୍ପର୍କ ବିକଶିତ କରିପାରିଲି ନାହିଁ। ସେ ଏହା ମଧ୍ୟ ସ୍ୱୀକାର କରିଥିଲେ ଯେ ସେହି ସମୟରେ ତାଙ୍କର ଏକମାତ୍ର ଧ୍ୟାନ ତାଙ୍କ ଅଭିନୟ କ୍ୟାରିୟର ଉପରେ ଥିଲା, ଏବଂ ସେ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା (ଘଝଡ) ରେ ତାଙ୍କ ପାଠପଢ଼ା ଏବଂ ତାଙ୍କ ଭବିଷ୍ୟତ ବିଷୟରେ ଅଧିକ ବ୍ୟସ୍ତ ଥିଲେ। ଏହା ତାଙ୍କ ଜୀବନର ସବୁଠାରୁ ବଡ଼ ଭୁଲ ମଧ୍ୟରୁ ଗୋଟିଏ, ଯାହା ପାଇଁ ସେ ଆଜି ମଧ୍ୟ ଅନୁତାପ କରନ୍ତି।

ତାଙ୍କ ପ୍ରଥମ ବିବାହ ଭାଙ୍ଗିବା ପରେ, ନାସିରୁଦ୍ଦିନ ଶାହ ଥିଏଟର ଶୋ ସମୟରେ ରତ୍ନା ପାଠକଙ୍କୁ ଭେଟିଥିଲେ। ଧୀରେ ଧୀରେ, ସେମାନେ ନିକଟତର ହେଲେ ଏବଂ ପ୍ରେମରେ ପଡ଼ିଲେ। ତଥାପି, ପରବୀନଙ୍କ ଠାରୁ ଛାଡପତ୍ରର ଆଇନଗତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାକୁ ଅନେକ ବର୍ଷ ଲାଗିଲା। ତା'ପରେ ନାସିରୁଦ୍ଦିନ ଶାହ ଏବଂ ରତ୍ନା ପାଠକ ୧୯୮୨ ମସିହାରେ ବିବାହ କରିଥିଲେ।



ବୁଧବାର ୨୨।୭।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ବିପର୍ଯ୍ୟସ୍ତ ଗୁରୁକୂଳ, ପଥଭ୍ରଷ୍ଟ ଗୁରୁ



ଡ଼. ମନୋଜ କୁମାର ମହାନ୍ତି
୮୮୯୫୩୪୧୦୩୩

ପ୍ରତିବର୍ଷ ସେପ୍ଟେମ୍ବରର ପାଞ୍ଚ ତାରିଖରେ ଭାରତର କୋଣ ଅନୁକୋଣରେ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀଙ୍କ ମହଲରେ ଡ଼କ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କୁ ଜନ୍ମଦିବସକୁ ଗୁରୁଦିବସରୂପେ ଅତ୍ୟନ୍ତ ଆଗ୍ରହ ଓ ଉତ୍କଣ୍ଠାର ସହ ପାଳନ ହେଉଥିବାର ଦେଖି ଶିକ୍ଷକ ସମାଜର ଛାତି ଗର୍ବରେ ଫୁଲିଉଠେ। ସେଦିନ ରାଧାକ୍ରିଷ୍ଣନଙ୍କ ମନ୍ତବ୍ୟ ଥିଲାଙ୍କ ମୋ ଜନ୍ମଦିବସକୁ ରାଷ୍ଟ୍ରପତି ଭବନର ଚାରିକାନ୍ଥ ମଧ୍ୟରେ ସୀମିତ ନରଖି ଯଦି ସମ୍ପୂର୍ଣ୍ଣ ଆର୍ଯ୍ୟାବର୍ତ୍ତରେ ଶିକ୍ଷକ ଦିବସରୂପେ ଗ୍ରହଣପୂର୍ବକ ପାଳନ କରାଯାଏ, ତାହା ସମଗ୍ର ଶିକ୍ଷା ଓ ଶିକ୍ଷକ ଜଗତପାଇଁ ଏକ ଶ୍ରେଷ୍ଠଦିବସରୂପେ ପରିଗଣିତ ହୋଇପାରନ୍ତା। ଯଦି ପ୍ରକୃତରେ ଆପଣମାନେ ମୋର ଶୁଭେଚ୍ଛୁକ, ତେବେ ମୋର ଜନ୍ମଦିନକୁ ବ୍ୟକ୍ତିଗତ ଆଡମ୍ବରପୂର୍ଣ୍ଣ ନକରି ବରଂ ସାମୁହିକଭାବେ ସମସ୍ତ ଶିକ୍ଷାବିତଙ୍କ ପାଇଁ ସମର୍ପିତ କରାଯାଉ। ତାହାହିଁ ମୋର ଆନ୍ତରିକ ଶ୍ରେଷ୍ଠସମ୍ମାନ ବୋଲି ଅନୁଭବ କରିବି। କାରଣ ମୁଁ ଜଣେ ଶିକ୍ଷାବିତ୍ ରୂପେ ମୋ ବୃତ୍ତି ଆରମ୍ଭକରି ରାଷ୍ଟ୍ରର ଏହି ସର୍ବୋଚ୍ଚ ପଦରେ ଅଧିଷ୍ଠିତ।

ସଭ୍ୟସମାଜ ଗଢ଼ିବାରେ ଯାହାର ଦାନ ଅତୁଳନୀୟ, ବିକାଶଶୀଳ ରାଷ୍ଟ୍ର ନିର୍ମାଣରେ ଯେଉଁମାନଙ୍କର ଅବଦାନ ଅବର୍ଣ୍ଣନୀୟ। ସମାଜକୁ ମାର୍ଗ ଓ ଦିଗ୍-ଦର୍ଶନ ଦେବାରେ ଯିଏ ସଦାସର୍ବଦା ଚେଷ୍ଟିତ। ଜାତିର କର୍ଣ୍ଣଧାରା ଭାବେ ପରିଚିତ, ଯାହା ନିକଟରେ ସମାଜର ସବୁବର୍ଗର ଜନତା ଚିରଋଣୀ। 'ସତ କହିବାକୁ କିଆଁ ଡରିବି, ସତ କହିପଛେ ମଲେ ମରିବି' ଯାହାର ବାଣୀ। ଯିଏ ସ୍ୱଳ୍ପ ଦରମାରେ ବର୍ଷବର୍ଷ ଧରି ମଣିଷ ତିଆରି କରିବାରେ ନିଜକୁ ବ୍ରତୀ କରାଏ। ଦେଶର ସର୍ବଶ୍ରେଷ୍ଠ ଓ ସର୍ବୋଚ୍ଚ ସ୍ଥାନରେ ଅଧିଷ୍ଠିତ ବ୍ୟକ୍ତିବିଶେଷମାନେ ଶିକ୍ଷକମାନଙ୍କର ଉତ୍ପାଦିତ ଉନ୍ନତ ମସ୍ତିଷ୍କ ବୋଲି ତାଙ୍କର ମନ୍ତବ୍ୟ ଥିଲା। ଜଣେ ଦାର୍ଶନିକଭାବେ ରାଧାକ୍ରିଷ୍ଣନ୍ ଅନୁଭବ କରିଥିଲେ ଭାରତୀୟ ସମାଜରେ ଗୁରୁଙ୍କୁ ଉପଯୁକ୍ତ ସମ୍ମାନ ଏକ ମହାନ ପରମ୍ପରା। ବେଦ-ବେଦାନ୍ତ ଓ ଉପନିଷଦ ଯାହା ସୃଷ୍ଟି ତଥା ଜୀବନର ରହସ୍ୟକୁ ଉନ୍ମୋଚିତ କରି ପ୍ରତ୍ୟେକ ଜୀବନପାଇଁ ଏକ ଉପଯୁକ୍ତ ଓ ପ୍ରଶସ୍ତ ମାର୍ଗ ଦେଖାଏ। ଉପଯୁକ୍ତ ଜ୍ଞାନ ଓ ଗୁରୁ, ସୁସ୍ଥ ସମାଜ ଗଠନରେ ଏକ ବୃହତ୍ ଭୂମିକା କେଉଁ ପ୍ରାଚୀନ କାଳରୁ ଗ୍ରହଣ କରିଆସିଛି। ଗୁରୁ ହିଁ ସମସ୍ତ ପ୍ରେରଣା ଓ ଆଦର୍ଶର ଉତ୍ସ। ଯାହାକୁ ପାଥେୟକରି ବ୍ୟକ୍ତି ହୋଇଛି ବିଶ୍ୱବିଜେତା। ଗୁରୁ ବଶିଷ୍ଠଙ୍କ ମାର୍ଗଦର୍ଶନରେ ଆଯୋଧ୍ୟାର କୁଳପତି ଶ୍ରୀରାମଚନ୍ଦ୍ର, ଅର୍ଜୁନକୁ ଶ୍ରେଷ୍ଠ ଧନୁର୍ଦ୍ଧରରୂପେ ଗଢ଼ିବାରେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଉପଯୁକ୍ତ ଶିକ୍ଷା, ପୁନଃଶ୍ଚ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରୁ ଆଶିର୍ବାଦ ନେଇ ଏକଲବ୍ୟର ଯୁଦ୍ଧ ନିପୁଣତା, ପର୍ଶୁରାମଙ୍କ ଶିଷ୍ୟଭାବେ ଦାନବୀର କର୍ଣ୍ଣ, ଦୁର୍ଯ୍ୟୋଧନର ଗଦାଯୁଦ୍ଧ ବିଦ୍ୟାରେ ପାରଙ୍ଗମତା ପଛରେ ବଳଦେବଙ୍କ ହାତ, ଚାଣକ୍ୟଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଭଳି ଶ୍ରେଷ୍ଠ ଓ ସୁଦକ୍ଷ ଶାସକର ସୃଷ୍ଟି। କଳିଙ୍ଗ ମାଟିକୁ ଯୁଦ୍ଧରେ ରକ୍ତରଞ୍ଜିତ କରିଥିବା ମୌର୍ଯ୍ୟ ସମ୍ରାଟ ଅଶୋକ ବୁଦ୍ଧଙ୍କ ଅହିଂସାକୁ ଗୁରୁମନ୍ତ୍ରଭାବେ ଗ୍ରହଣ କରି ନିଜକୁ ଧର୍ମାଶୋକ ମାର୍ଗରେ ପରିଚାଳିତ କରାଇବାର ଶ୍ରେୟ ନିଶ୍ଚିତ ନୈତିକ ପ୍ରଚାରକ ବୁଦ୍ଧଙ୍କୁ ମିଳେ। ଗୁରୁ ରାମଦାସଙ୍କ ଶିଷ୍ୟଭାବେ ମରାଠା ଛତ୍ରପତି ଶିବାଜୀ ରାଓ, ରାମକୃଷ୍ଣ ପରମହଂସଙ୍କ ପଥଗାମୀ ହୋଇ ସ୍ୱାମୀ ବିବେକାନନ୍ଦ ଅଦ୍ୱୈତ ବେଦାନ୍ତକୁ ବିଶ୍ୱାଭିମୁଖୀ ଏବଂ ଆରିଷ୍ଟୋଟଲଙ୍କ ତତ୍ତ୍ୱାବଧାନରେ ଗ୍ରୀକର ଆଲେକଜାଣ୍ଡାରଙ୍କ ବିଶ୍ୱବିଜୟୀର ଉଚ୍ଚାଭିଳାଷ ସାକାର ହେବା ପଛରେ ମୁଖ୍ୟ ଦାୟିତ୍ୱ ଗୁରୁଙ୍କ ହାତରେ।

ପ୍ରତ୍ୟେକ ବିକାଶଶୀଳ ସଭ୍ୟତା ପ୍ରଚ୍ଛଦ ପଟରେ ମଣିଷ ଓ ତା ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସଠିକ୍ ଜ୍ଞାନର ବ୍ୟବହାରରେ ସଭ୍ୟତାର ବିକାଶ ସମ୍ଭବ ଜାଣିବା ପରେ ମଣିଷ ଶିକ୍ଷାକ୍ଷେତ୍ରରେ ନିଜକୁ ନିୟୋଜିତ କରିବାପାଇଁ ଉଦ୍ୟମ ଆରମ୍ଭ କଲା। ଶିକ୍ଷାର ଅର୍ଥ ଶିଖିବା, ଜାଣିବା ଓ ବୁଝିବା। ଜାଣିଲେ ହିଁ ଜିଣିବା। ଶିକ୍ଷା ଜୀବନକୁ ମାର୍ଜିତ କରେ, ସଭ୍ୟ କରେ, ତା ଆଚାରବ୍ୟବହାରରେ ପରିବର୍ତ୍ତନ ସହ ତାକୁ ଶୃଙ୍ଖଳିତ କରେ। ଜାଗତିକ ଜ୍ଞାନ ହିଁ ଶିକ୍ଷା ମାଧ୍ୟମରେ ସମ୍ଭବକୁ ହୃଦୟଙ୍ଗମ କରି ମଣିଷ ଶିକ୍ଷାପ୍ରତି ଆକୃଷ୍ଟ ହୋଇଛି। ମଣିଷକୁ ଚାଲିବାର ବାଟ ଓ ଜିଇଁବାର ରାହା ଶିଖାଇଛି ଶିକ୍ଷା। ଖାଲି ସେତିକି ନୁହେଁ ଶିକ୍ଷା ଜୀବିକା ଅର୍ଜନରେ ସାହାଯ୍ୟ କରେ, ପୁଣି ପେଟର ଭୋକ ମେଣ୍ଟାଏ। ଉପଯୁକ୍ତ ଶିକ୍ଷା ଓ ଶିକ୍ଷକ ମଣିଷକୁ ସୁନାଗରିକ କରେ କିନ୍ତୁ ତାର ବ୍ୟତିକ୍ରମରେ ସମାଜ ହୁଏ ନଷ୍ଟଭ୍ରଷ୍ଟ। ଭିନ୍ନଭିନ୍ନ ବିଷୟରେ ସୂଚନା ସଂଗ୍ରହ ସହ ତାର ଆବଶ୍ୟକତାକୁ ସମାଜର ମଙ୍ଗଳ ସାଧନରେ ବ୍ୟବହାର ହିଁ ଶିକ୍ଷା ଗ୍ରହଣର ମୁଖ୍ୟ ଉଦ୍ଦେଶ୍ୟ ଜାଣିବା ପରେ ଶିକ୍ଷାକୁ ଆୟତ୍ତ କରିବାର ଉପଯୁକ୍ତ ମାର୍ଗ ଖୋଜିଲା ମଣିଷ। ଅଜ୍ଞାନରୂପକ ଅନ୍ଧକାରକୁ ଦୂରକରି, ଏକ ସୁସ୍ଥ ବାତାବରଣ ସୃଷ୍ଟି କରୁଥିବା ଶିକ୍ଷାକୁ ନିଜ ଅଧିନକୁ ଆଣିବା ଥିଲା ମାନବଜାତିର ବୃହତ୍ ପ୍ରଶ୍ନ ଓ ସମସ୍ୟା। ଶିକ୍ଷାଲାଭର ବାଟ ଖୋଜିବା ଓ ସମସ୍ୟାର ସମାଧାନ ବାଟରେ ପ୍ରଥମେ ତାର ପିତାମାତା, ଗୁରୁଜନଙ୍କୁ ନିଜର ଶିକ୍ଷା ଅର୍ଜନର ମାଧ୍ୟମଭାବେ ଗ୍ରହଣ କଲା। ସମୟକ୍ରମେ ଅଧିକ ଜାଣିବାର ମନୋବୃତ୍ତି ଓ ବୃହତ ସନ୍ଦେହର ଦୂରୀଭୁତ ପାଇଁ ସେ ବିଜ୍ଞବ୍ୟକ୍ତମାନଙ୍କର ସହଯୋଗ ଲୋଡ଼ିଲା। ପରବର୍ତ୍ତୀ ସମୟରେ ଶିକ୍ଷାକୁ ସଠିକ୍ ତଥା ବ୍ୟବସ୍ଥିତ ଉପାୟରେ ଅର୍ଜନ କରିବାପାଇଁ ଋଷିମୁନି ଓ ଗୁରୁକୁଳ ଆଶ୍ରମରେ ଦାଖିଲ ହେବାକୁ ପଡୁଥିଲା। ଗୁରୁକୂଳ ପରମ୍ପରା ଅନୁଯାୟୀ ଅଭିଭାବକମାନେ ପିଲାମାନଙ୍କୁ ଆଚାର୍ଯ୍ୟମାନଙ୍କ ଆଶ୍ରମରେ କିଛିବର୍ଷ ପାଇଁ ଜ୍ଞାନଅର୍ଜନ ନିମନ୍ତେ ଛାଡ଼ି ଦେଉଥିଲେ। ଗୁରୁକୁଳ ବୈଦିକ ପରମ୍ପରା ଅନୁଯାୟୀ ବେଦ, ଉପନିଷଦ, ଗଣିତ ଓ ଜ୍ୟୋତିଷ ଶାସ୍ତ୍ର ଆଦିକୁ ଶିକ୍ଷାରେ ସାମିଲ କରାଯାଇ ବ୍ୟକ୍ତିତ୍ୱ ବିକାଶ ପାଇଁ ଆଚାର୍ଯ୍ୟମାନେ ଶିଷ୍ୟମାନଙ୍କୁ ପରାମର୍ଶ ଓ ତାଲିମ୍ ପ୍ରଦାନ କରୁଥିଲେ। ଗୁରୁକୁଳ ଶିକ୍ଷା ଥିଲା ଆଦର୍ଶଭିତ୍ତିକ ଏବଂ ଗୁରୁମାନଙ୍କ ବ୍ୟକ୍ତିତ୍ୱ ନୈତିକମୂଲ୍ୟବୋଧଭିତ୍ତିକ। ଗୁରୁକୂଳ ଆଶ୍ରମର ଶିକ୍ଷା ସମସ୍ତଙ୍କ ଭାଗ୍ୟରେ ସମ୍ଭବ ନଥିଲା।

# ଜୀବନଟା ଶିକ୍ଷାର ପ୍ରୟୋଗଶାଳା



ଲଳିତ ମୋହନ ମିଶ୍ର
ନୟାଗଡ଼, ୯୪୩୭୯୮୫୮୬୬

ଭାରତ ବର୍ଷରେ ଗୁରୁ ପରମ୍ପରା ସ୍ୱତନ୍ତ୍ର ଓ ଅନନ୍ୟ। ଭାରତବର୍ଷ ଧର୍ମ, ଦର୍ଶନ, ପ୍ରେମ, ପବିତ୍ର, ତ୍ୟାଗ ଓ ସେବାର ଦେଶ। ଆମ ସଂସ୍କୃତି ଓ ପରମ୍ପରାରେ ଗୁରୁଙ୍କ ମହତ୍ତ୍ୱ ରହିଛି। ଶିଷ୍ୟ ସଦାସର୍ବଦା ଗୁରୁଙ୍କ ନିକଟରେ ବିନମ୍ରତା ଓ ସମର୍ପଣ ଭାବ ରଖିଥାଏ, କାରଣ ଜୀବନର ପ୍ରଥମ ପଥ ପ୍ରଦର୍ଶକ ହେଉଛନ୍ତି ଗୁରୁ। କୁହନ୍ତି ଈଶ୍ୱରଙ୍କ ଅନ୍ୟ ରୂପ ଗୁରୁ। ଅଜ୍ଞାନ ଅନ୍ଧକାରରୁ ଆଲୋକ ପ୍ରଦାନ କରୁଥିବା ବ୍ୟକ୍ତିତ୍ୱ ହିଁ ଗୁର। ଗୁରୁ ହିଁ ସାଜନ୍ତି ଆଲୋକବର୍ତ୍ତିକା। ଶାସନ ଅନୁଶାସନ ଭିତରେ ଯିଏ ସ୍ନେହ ଭଲ ପାଇବା ବାଣ୍ଟନ୍ତି, ସେ ହେଲେ ଗୁରୁ। ବାପା ମାଆଙ୍କ ପରେ ଜୀବନରେ ଯିଏ ଶିକ୍ଷା ପ୍ରଦାନ କରନ୍ତି, ସେ ଗୁରୁ। ଗୁରୁ ହେଉଛନ୍ତି ସାକ୍ଷାତ୍ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର। ସେଥିପାଇଁ ଭାଗବତରେ କୁହାଯାଇଛି - ଗୁରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷାତ ଈଶ୍ୱର। ସବୁରି ଶିକ୍ଷା ମୂଳରେ ଗୁରୁଙ୍କ ଆଦର୍ଶ ଓ ଅବଦାନ ରହିଛି। ଶିକ୍ଷା ମଣିଷର ସ୍ୱଭାବ ବଦଳାଇ ମଣିଷକୁ ସୁମାର୍ଗରେ ପରିଣତ କରିଦିଏ। ଠିକ୍ ରାସ୍ତାରେ ଯିବା ପାଇଁ ପଥ ପ୍ରଦର୍ଶକ ହୋଇଥାଏ। ଗୁରୁ ଶବ୍ଦର ଅର୍ଥ ହେଉଛି 'ଗୁ' ଅର୍ଥ ଅନ୍ଧକାର, 'ରୁ' ଅର୍ଥ ଆଲୋକ ଅର୍ଥାତ ଯିଏ ଅଜ୍ଞାନ ରୂପକ ଅନ୍ଧକାରରୁ ଜ୍ଞାନରୂପୀ ଆଲୋକ ପ୍ରଦାନ କରନ୍ତି , ସେ ହିଁ ପ୍ରକୃତ ଗୁରୁ। ଗୁରୁ ଚିରକାଳ ନମସ୍ୟ ଓ ପୂଜନୀୟ। ତେଣୁ କୁହାଯାଇଛି - ଗୁରୁ ବ୍ରହ୍ମା,ଗୁରୁ ବିଷ୍ଣୁ, ଗୁରୁ ଦେବ ମହେଶ୍ୱରଃ / ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ। ବିନା ଗୁରୁରେ କେହି ସଫଳତା ପାଏ ନାହିଁ। ଗୁରୁ ହିଁ ଦେଖାଇ ଥାଆନ୍ତି ଆଲୋକର ମାର୍ଗ ଓ ସଫଳତାର ରାସ୍ତା। ଭାରତୀୟ ପୁରାଣରେ ଅନେକ ମହାନ ଗୁରୁଙ୍କ ଉଦାହରଣ ରହିଛି। ଯେଉଁମାନଙ୍କ ଶିକ୍ଷା ଦ୍ୱାରା ଶିଷ୍ୟମାନେ ହୋଇଛନ୍ତି ଶକ୍ତିଶାଳୀ। ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ପ୍ରକାଶ କରି ତାକୁ ବିକାଶର ମାର୍ଗରେ ନେବାର ପ୍ରଧାନ ଭୂମିକା ହିଁ ଗୁରୁ। ବିନା ଗୁରୁରେ କେହି ସଫଳତା ପାଇ ପାରେନା। ନିଜ ଜୀବନରେ ଗୁରୁଙ୍କ ଶ୍ରେଷ୍ଠ ଭୂମିକା ଥିବାରୁ, ଗୁରୁଙ୍କୁ ଦିଆଯାଇଥାଏ ସର୍ବଶ୍ରେଷ୍ଠ ସ୍ଥାନ। ଗୁରୁ ବଶିଷ୍ଠଙ୍କ ଅବଦାନରେ ରାମ ଲକ୍ଷ୍ମଣ ଭରତ ଶତୃଘ୍ନ ଜନ୍ମ ଲାଭ କରିଥିଲେ। ମହର୍ଷି ବଶିଷ୍ଠ ସପ୍ତଋଷିମାନଙ୍କ ମଧ୍ୟରୁ ଅନ୍ୟତମ। ଗୁରୁ ବଶିଷ୍ଠ ଅଯୋଧ୍ୟାର କୁଳଗୁରୁ ଥିଲେ। ଗୁରୁ ଦ୍ରୋଣାଚାର୍ଯ୍ୟ କୌରବ ଓ ପାଣ୍ଡବଙ୍କର ଗୁରୁ ଥିଲେ। ଅର୍ଜୁନ ତାଙ୍କର ପ୍ରିୟ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ। ଏଥି ସହିତ ଏକଲବ୍ୟ ମଧ୍ୟ ତାଙ୍କର ଗୁରୁ ଭାବରେ ବିବେଚନା କରିଥିଲେ। ଭଗବାନ ବିଷ୍ଣୁଙ୍କ ଅବତାର ମହର୍ଷି ବେଦ ବ୍ୟାସଙ୍କୁ ପ୍ରଥମ ଗୁରୁ ଭାବରେ ଗଣାଯାଏ। ତାଙ୍କର ସମ୍ପୂର୍ଣ୍ଣ ନାମ ହେଉଛି ମହର୍ଷି କୃଷ୍ଣ ଦ୍ୱିପାୟନ ବେଦବ୍ୟାସ। ବେଦବ୍ୟାସ ଋଷି ଜୈମିନୀ, ବୈଶମ୍ପାୟନ, ମୁନି ସୁମନ୍ତ ଓ ରୋମହର୍ଷଣଙ୍କୁ ମଧ୍ୟ ଶିକ୍ଷା ଦେଇଥିଲେ। ରାମାୟଣରେ ଗୁରୁ ବିଶ୍ୱାମିତ୍ର ଭଗବାନ ରାମ ଏବଂ ଲକ୍ଷ୍ମଣଙ୍କୁ ଅନେକ ଅସ୍ତ୍ର ଶିକ୍ଷା ଦେଇଥିଲେ। ସେ ଋଷି ଭୃଗୁଙ୍କ ବଂଶଧର ଥିଲେ। ବୃହସ୍ପତି ଦେବଙ୍କୁ ଦେବତା ମାନଙ୍କର ଗୁରୁ ଭାବରେ ବିବେଚନା କରାଯାଏ। ସ୍କନ୍ଦ ପୁରାଣ ଅନୁଯାୟୀ ଭଗବାନ ଶିବ ବୃହସ୍ପତିଙ୍କୁ ଦେବ ଗୁରୁ ଆଖ୍ୟା ଦେଇଥିଲେ। ସେ ତାଙ୍କ ଜ୍ଞାନର ଶକ୍ତି ଦ୍ୱାରା ଦେବତାମାନଙ୍କୁ ମାର୍ଗଦର୍ଶନ ଦେଉଥିଲେ, ସେମାନଙ୍କୁ ଧର୍ମ ଏବଂ ନୈତିକତାର ଶିକ୍ଷା ଦେଉଥିଲେ।

ବ୍ୟକ୍ତି ନିର୍ମାଣ ଓ ଚରିତ୍ର ଗଠନ ଦିଗରେ ଶିକ୍ଷାର ବିଶେଷ ଭୂମିକା ରହିଛି। ଶିକ୍ଷା ପରି ଏକ ପବିତ୍ର ଦାନ ସମ୍ଭବତଃ ଦୁନିଆରେ ଆଉ କିଛି ନାହିଁ। ଏହିପରି ଏକ ପବିତ୍ର ବୃତ୍ତିକୁ ଆପଣେଇ ଶିଷ୍ୟ ମନରୁ ଅଜ୍ଞାନ ଅନ୍ଧକାରକୁ ଦୂରେଇ ଦେଇ ପାରୁଥିବା ମହାନ୍ ବ୍ୟକ୍ତି ବିଶେଷଙ୍କୁ ସମାଜ 'ଗୁରୁ' ଭାବରେ ଗ୍ରହଣ କରିଥାଏ। ପିତାମାତାଙ୍କ ପରେ ସେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇଥାନ୍ତି। ବିନା ଗୁରୁରେ ଜ୍ଞାନଲାଭ କରିବା ଅସମ୍ଭବ। ସୁତରାଂ ମୋକ୍ଷ ରୂପକ ମାର୍ଗ ଦେଖାଉଥିବା ବ୍ୟକ୍ତି 'ଗୁରୁ' ହିଁ ଅଟନ୍ତି। ଗୁରୁ ଶିଷ୍ୟ ମନରୁ କେବଳ ଅଜ୍ଞାନତା ନୁହେଁ, ତା' ଭିତରେ ଥିବା ଅହଂକାରକୁ ମଧ୍ୟ ଦୂର କରନ୍ତି। ଅଜ୍ଞାନତା ହିଁ ସୁଖ-ଦୁଃଖ, ଜୀବନ-ମୃତ୍ୟୁ ମଧ୍ୟରେ ବିଭେଦ ସୃଷ୍ଟି କରିଥାଏ। ମାତ୍ର ମନରୁ ଅଜ୍ଞାନତା ଦୂର ହୋଇଗଲେ ଜୀବନର ବାସ୍ତବ ସତ୍ୟକୁ ଉପଲବ୍ଧି କରିହୁଏ। ଏହାକୁ ଧ୍ୟେୟ କରି ବାଟ ଚାଲିଲେ ଜୀବନର ଚଲାପଥ ହୁଏ କୁସୁମିତ। ସବୁ ବାଧାବିଘ୍ନକୁ ସହିବା ପାଇଁ ମନରେ ଆସେ ଅଦମ୍ୟ ସାହସ। ଏହାର ନେପଥ୍ୟରେ ଥାଏ ଗୁରୁଙ୍କ ଅସାମାନ୍ୟ ତ୍ୟାଗ, ଉତ୍ସର୍ଗୀକୃତ ଭାବନା ଓ ଅସୁମାରୀ ସ୍ନେହପ୍ରେମ। ତାଙ୍କ ପରି ହିତକାରୀ ସଂସାରରେ ବିରଳ ନିଶ୍ଚିତ। ସନ୍ଥ କବୀରଙ୍କ ଭାଷାରେ- ''ସଦ୍‌ଗୁରୁ ସମ କୋଇ ନହିଁ, ସାତ ଦୀପ ନୌଖଣ୍ଡ, ତିନ୍ ଲୋକ ନ ପାରୟେ, ଅରୁ ଇକଇସ ବ୍ରହ୍ମାଣ୍ଡ।'' ଅର୍ଥାତ୍ ସାତଦ୍ୱୀପ, ନଅ ଖଣ୍ଡ, ତିନି ଲୋକ, ଏକୋଇଶ ବ୍ରହ୍ମାଣ୍ଡରେ ସଦ୍‌ଗୁରୁଙ୍କ ସମାନ ହିତକାରୀ ଆପଣ କାହାକୁ ମଧ୍ୟ ପାଇବେ ନାହିଁ। ପିତାମାତା ହେଉଛନ୍ତି ଶିଶୁର ଆଦ୍ୟଗୁରୁ। ସେମାନଙ୍କ ସଂଯମ, ଆଚରଣ, ଉଚ୍ଚାରଣ, ସଂସ୍କାରର ପ୍ରତିଫଳନ ଘଟେ ଶିଶୁ ଉପରେ। ପରବର୍ତ୍ତୀ ସମୟରେ ସେ ବିଦ୍ୟାଶିକ୍ଷା ପାଇଁ ଗୁରୁଙ୍କ ଶରଣାପନ୍ନ ହୋଇଥାଏ। ଏ ଶିକ୍ଷାର କିନ୍ତୁ ଶେଷ ନ ଥାଏ। କାରଣ ଏଠି ଜୀବନଟା ହେଉଛି ଶିକ୍ଷାର ଏକ ପ୍ରୟୋଗଶାଳା। ଗୁରୁଙ୍କ ଦିଗ୍‌ଦର୍ଶନ କାରଣରୁ ସମୟ ଠାରୁ ସେ ବହୁତ କିଛି ଶିଖିଥାଏ। ଶିକ୍ଷା ଗ୍ରହଣ ପାଇଁ ବୟସ କେବେ ବାଧକ ସାଜି ନ ପାରେ। ଶିଖିବାରେ ନିଷ୍ଠା ରଖୁଥିବା ବ୍ୟକ୍ତି ହିଁ ଜଣେ ଯୋଗ୍ୟ ଗୁରୁ ହୋଇଥାନ୍ତି। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଭାଷାରେ- ''ନିଜକୁ ଯେ ନିରନ୍ତର ଶିଷ୍ୟ ରୂପେ ଗଣେ, ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ୍ୟେ ଜଣେ।'' ଗୁରୁ ଓ ରାସ୍ତା ଏକାପରି। ସେମାନେ ଗୋଟିଏ ଜାଗାରେ ଥିବେ କିନ୍ତୁ ଅନ୍ୟକୁ ଆଗକୁ ବଢ଼ାଇବାକୁ ପ୍ରୋତ୍ସାହିତ କରିବେ। ଏହା ହିଁ ତ ଗୁରୁଙ୍କ ମହାନତା। ଛାତ୍ର-ଛାତ୍ରୀଙ୍କ ଏକ ସୁନ୍ଦର ଭବିଷ୍ୟତ ନ୍ୟସ୍ତ ଥାଏ ଗୁରୁଙ୍କ ଉପରେ। କଞ୍ଚାମାଟିର ପିତୁଳାକୁ ସେ ଦେବତା ଭାବରେ ଗଢ଼ିବାକୁ ନିରନ୍ତର ପ୍ରୟାସ ଜାରି ରଖନ୍ତି। ବିନା ଗୁରୁରେ କେହି କେବେ ଜ୍ଞାନୀ ପଦବାଚ୍ୟ ହୋଇପାରି ନ ଥାଏ। ତେଣୁ ଭାଗବତରେ ଅଛି ''ଗୁରୁ ନ ଥାଇ ତୁ ଅର୍ଜୁନ, କାହୁଁ ପାଇବୁ ସଦଜ୍ଞାନ।'' ଗୁରୁ ହିଁ ପ୍ରେରଣାର ଉତ୍ସଟିଏ। ଯିଏ କି ଜ୍ଞାନ ପ୍ରଦାନ କରିବା ସହିତ ଶିଷ୍ୟ ମଧ୍ୟରେ ଥିବା ଅନ୍ତର୍ନିହିତ ଶକ୍ତିକୁ ଜାଗ୍ରତ କରିଥାନ୍ତି। ତା' ଭିତରେ ଥିବା ସୃଜନଶୀଳତାର ବିକାଶ ପାଇଁ ଦିଅନ୍ତି ପ୍ରେରଣା। ବିଶିଷ୍ଟ ଦାର୍ଶନିକ ଆର୍ଥର ଓ୍ୱାର୍ଡଙ୍କ ମତରେ- ''ଜଣେ ସାଧାରଣ ଶିକ୍ଷକ କେବଳ ଶିକ୍ଷାଦାନ କରିଥାନ୍ତି। ଭଲ ଶିକ୍ଷକ ଉତ୍ତମ ରୂପେ ବୁଝାଇଥାନ୍ତି। ସବୁଠୁ ଭଲ ଶିକ୍ଷକ ପ୍ରଦର୍ଶନ କରାନ୍ତି ମାତ୍ର ଜଣେ ମହାନ୍ ଶିକ୍ଷକ ପ୍ରେରଣା ଦେଇଥାନ୍ତି।'' ବାସ୍ତବରେ ଶିକ୍ଷକଙ୍କ ଏହି ପ୍ରେରଣା ହିଁ ଶିଷ୍ୟ ମନରେ ଆଶା ସଞ୍ଚାର କରେ। କଳ୍ପନା ଉଦ୍ରେକ କରିଦିଏ। ପୁନଶ୍ଚ ଭଲପାଇବାର ପ୍ରବଣତା ଭରିଦିଏ। ଏହା ହିଁ ଶିକ୍ଷାକୁ ମହତ୍ତର ସୋପାନ ଆଡକୁ ବାଟ କଢାଇନିଏ। ଶିକ୍ଷା ହେଉଛି ପ୍ରଗତିର ମାପକାଠି। ଏହା ମାଧ୍ୟମରେ ହିଁ ସମାଜର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଅଣା ଯାଇ ପାରିବ। ତେଣୁ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହିତ ଶିକ୍ଷାକୁ ବିକାଶ ସହିତ ଯୋଡିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାର ଗୁରୁଦାୟିତ୍ୱ ନ୍ୟସ୍ତ ଥାଏ ଗୁରୁଙ୍କ ଉପରେ। ଦାର୍ଶନିକ ମୈଗୀ ଗୈଲେଘର୍‌ଙ୍କ ମତରେ-'' ସବୁଠୁ କଠିନ କାର୍ଯ୍ୟ ମଧ୍ୟରେ ଗୋଟିଏ ବଡ କାର୍ଯ୍ୟ ହେଉଛି ଜଣେ ଭଲ ଶିକ୍ଷକ ହେବା। ଆଦର୍ଶ, ନୀତିନିଷ୍ଠ, ସଚ୍ଚୋଟ, କର୍ତ୍ତବ୍ୟ ପରାୟଣ, ସମୟାନୁବର୍ତ୍ତୀ, ସମଦର୍ଶୀ ବ୍ୟକ୍ତି ହିଁ ଭଲ ଶିକ୍ଷକ ପଦବାଚ୍ୟ। ଯିଏକି ଶିକ୍ଷକତାକୁ ବୃତ୍ତି ନୁହେଁ ବରଂ ବ୍ରତ ବୋଲି ମନେକରନ୍ତି। ଶିକ୍ଷା ପ୍ରତି ସମର୍ପିତ ଭାବନା ହିଁ ତାଙ୍କୁ ମହାନ କରି ଗଢିତୋଳିଥାଏ। ପ୍ରାଚୀନ ଗୁରୁ-ଶିଷ୍ୟର ମହାନ୍ ପରମ୍ପରା ଅତୀତ ଗହ୍ୱର ମଧ୍ୟରେ ହଜିଯାଇଥିଲେ ମଧ୍ୟ ସେମାନଙ୍କ ପଦାନୁସରଣ କରିବା ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍। ଗୁରୁ ତାଙ୍କର ମହନୀୟ ବ୍ୟକ୍ତିତ୍ୱକୁ ବଜାୟ ରଖିବା ସହିତ ଶିଷ୍ୟମାନେ ମଧ୍ୟ ଗୁରୁଙ୍କ ପ୍ରତି ଯଥେଷ୍ଟ ସମ୍ମାନବୋଧ ରଖିଲେ ଯାଇ ଏ ପରମ୍ପରାକୁ ବଜାୟ ରଖି ହେବ। ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ଅବତାର ଭାବରେ ବିବେଚିତ ଗୁରୁଙ୍କ ମହିମାକୁ ନେଇ ସନ୍ଥ କବୀର ଦାସ କହିଛନ୍ତି- ''ସବ୍ ଧରତୀ କାଗଜ କରୁଁ ଲିଖନୀ ସବ୍ ବନରାୟ, ସାତ ସମୁଦ୍ର କୀ ମସି କରୁଁ ଗୁରୁ ଗୁଣ ଲିଖା ନ ଜାୟ। ''ଅର୍ଥାତ୍ ସାରା ପୃଥିବୀକୁ କାଗଜ, ସାରା ଜଙ୍ଗଲକୁ କଲମ, ସାତ ସମୁଦ୍ରକୁ ସ୍ୟାହି କରି ଲେଖିଲେ ମଧ୍ୟ ଗୁରୁଙ୍କ ଗୁଣ ଲେଖାଯାଇ ପାରିବ ନାହିଁ। ବାସ୍ତବରେ ଗୁରୁ ହେଉଛନ୍ତି ଭଗବାନଙ୍କ ଆଲୋକ, ଜ୍ଞାନର ଭଣ୍ଡାର, ଗୁରୁ ଅନ୍ଧକାରରେ ଜଳୁଥିବା ଆଲୋକ। ଗୁରୁ ମାନବିକତାର ମନ୍ତ୍ର ଶିଖାନ୍ତି। ଗୁରୁ ଜୀବନରେ ବଞ୍ଚିବାର ଶିଖାନ୍ତି। ଗୁରୁ ଆମ ଜୀବନର ମାର୍ଗଦର୍ଶକ। ଗୁରୁ ଆମକୁ ଜଗତ ବିଷୟରେ ଅବଗତ କରାନ୍ତି, ଏବଂ ପ୍ରତ୍ୟେକ କଳାରେ ସିଦ୍ଧହସ୍ତ କରାନ୍ତି। ଗୁରୁ ହେଉଛନ୍ତି ଦୁନିଆର ସବୁଠାରୁ ଖୋଦିତ ହୀରା। ଗୁରୁ ମନରେ ବିଶ୍ୱାସ ଏବଂ ଶିରାରେ ସାହସ ଭରିଦିଅନ୍ତି। ଗୁରୁ ଆମକୁ ଆମ ସ୍ୱପ୍ନର ସମୁଦ୍ର ପାର କରାନ୍ତି ଓ ସଫଳତାର ମାର୍ଗ ଦେଖାନ୍ତି। ସୁତରାଂ 'ଗୁରୁ ହିଁ ଈଶ୍ୱର', ଗୁରୁ ହିଁ ଆମର ଆଲୋକବର୍ତ୍ତିକା। ଏହି ଭାବଧାରା ଆମ ମନରେ ସଦାସର୍ବଦା ଉଦ୍ରେକ ହେବା ଆବଶ୍ୟକ।

# ଆହେ ଦୟାମୟରୁ ଲକ୍ଷ୍ମୀ ପୁରାଣ





ବିନୋଦ ମହାରଣା,
ଭୁବନେଶ୍ୱର, ୯୪୩୭୧୬୪୭୬୪

ଆହେ ଦୟାମୟ ବିଶ୍ୱ ବିହାରୀ କବିତାଟି ଅଧିକାଂଶ ଓଡ଼ିଶାବାସୀଙ୍କୁ ଜଣା। ବର୍ଷ ବର୍ଷ ଧରି ଏହି ଗୀତଟିକୁ ସ୍କୁଲରେ ପଢ଼ାଯାଉଥିବାବଳେ ଜନମାନସରେ ଏହି ଗୀତଟି ଅସ୍ଥିମଜ୍ଜାଗତ ହୋଇରହିଆସିଛି। ପିଲାମାନେ ଖୁସି ମନରେ ଏହା ବୋଲୁଥିବାବଳେ ବୟସ୍କମାନେ ବି ଗୀତଟିକୁ ହାତଛଡ଼ା କରି ନଥାନ୍ତି। ପିଢ଼ି ପରେ ପିଢ଼ି ଏହି ଗୀତଟି ଓଡ଼ିଶାରେ ଚର୍ଚ୍ଚାର କାରଣ ପାଲଟିଆସିଛି। ହେଲେ ବାସ୍ତବ ପକ୍ଷେ ଏହି ଗୀତଟିର ଆଭିମୁଖ୍ୟ କ'ଣ, କ'ଣ ଏହାର ଉଦ୍ଦେଶ୍ୟ, ପ୍ରକୃତରେ ସତ କ'ଣ, ସାବଲୀଳ ଭାଷାରେ କିପରି ପିଲାଙ୍କୁ ଅନ୍ଧ ଦୁନିଆ ଭିତରକୁ ଠେଲି ଦିଆଯାଉଛି- ଏସବୁର ସମୀକ୍ଷା କରିବାକୁ କେହି ଚାହଁନ୍ତି ନାହିଁ କି ସେପରି ମାନସିକତା ପୋଷଣ କରନ୍ତି ନାହିଁ। ମଣିଷ ଭିତରେ ରହିଥିବା ଏକ ଭାବଗତ ଅନ୍ଧଭାବନା ଏହି ଗୀତଟିର ସମୀକ୍ଷା କରିବାକୁ ମନ ବଳାଇ ନଥାଏ କି ସେଥିପ୍ରତି ସାହସ ମଣିଷ ଜୁଟାଇପାରି ନଥାଏ। ଭଗବାନ କିଏ ? ସେ ସତରେ ଅଛନ୍ତି କି ? ଭଗବାନ କେଉ ଧର୍ମର ? ସେ କାହାକୁ ନିଜର ବୋଲି ଦେଖନ୍ତି ? ଯଦି ଭଗବାନ ସବୁ ମଣିଷଙ୍କୁ ସମାନ ଦେଖନ୍ତି ତେବେ କିଏ ଧନୀ କିଏ ଗରିବ କାହିଁକି ? ମଣିଷ ନିଜେ ସବୁ କରି ବି କାହିଁକି ଭଗବାନଙ୍କୁ ଟାଣେ ? ଏସବୁ ପ୍ରଶ୍ନର ଉତ୍ତର ନଖୋଜି ଏହି କବିତାର ପ୍ରଥମ ଦୁଇ ଧାଡ଼ିରେ ରହିଛି- ଆହେ ଦୟାମୟ ବିଶ୍ୱ ବିହାରୀ, ଘେନ ଦୟା ବହି ମୋର ଗୁହାରି। ବିଶ୍ୱରେ ଏକଛତ୍ରବାଦୀ ରାଷ୍ଟ୍ରମାନେ ସାରା ଜଗତକୁ ଶୋଷଣ କରନ୍ତି, ଯୁଦ୍ଧ କରି ଲକ୍ଷ ଲକ୍ଷ ଲୋକଙ୍କୁ ଦୁର୍ଦ୍ଦିନ ଭିତରକୁ ଠେଲି ଦିଅନ୍ତି। ବିଶ୍ୱରେ ହିଟଲର, ମୁସୋଲିନଙ୍କ ପରି ଶାସକମାନେ ଅବତୀର୍ଣ୍ଣ ହୋଇ ନରହତ୍ୟାର ନଦୀ ବୁହାଇଥାନ୍ତି। ତଥାପି ଭଗବାନଙ୍କୁ କବିତାରେ କୁହାଯାଇଛି- ଦୟାମୟ ବିଶ୍ୱ ବିହାରି। ଯଦି ଭଗବାନ ସତ ତେବେ ଜନଗଣଙ୍କୁ ଅମାନୁଷିକ ହତ୍ୟା କରାଯାଉଥିବାବଳେ ଭଗବାନ କେଉଠି ଥିଲେ ? ମରଣମୁଖୀ ଲୋକେ କ'ଣ ସେମାନଙ୍କ ଧର୍ମର ଦେବତାଙ୍କୁ ବଞ୍ଚାଇବା ଲାଗି ପ୍ରାର୍ଥନ କରି ନଥିଲେ କି ? ଯଦି ଭଗବାନ ଶୁଣିଥିଲେ ତେବେ କୋଟି କୋଟି ଲୋକଙ୍କୁ ହତ୍ୟା କରାଗଲା କିପରି ? କବିତାରେ କୁହାଯାଇଛି ଭଗବାନ ଜଳ, ସ୍ଥଳ, ବନ, ଗିରି, ଆକାଶ...ତୁମ ଲୀଳା ସବୁଠାରେ ପ୍ରକାଶ। ଏହା ଯଦି ସତ ତେବେ ରାଜରାସ୍ତାରେ କାହିଁକି ହତ୍ୟାକାଣ୍ଡ ଘଟୁଛି ? କାହିଁକି ପ୍ରାକୃତିକ ବିପର୍ଯ୍ୟୟ ବେଳେ ଲୋକଙ୍କୁ ଭଗବାନ ରକ୍ଷା କରିପାରୁନାହାନ୍ତି ? କାହିଁକି ବିପର୍ଯ୍ୟୟ ବେଳେ ଲକ୍ଷ ଲକ୍ଷ ଲୋକ ଆତୁର ସହକାରେ ଡାକୁଥିବା ସତ୍ତ୍ୱେ ସେ ଆଖି ବୁଜି ଦିଅନ୍ତି ? ଯଦି ସବୁ କିଛି ତାଙ୍କ ଲୀଳା ତେବେ ଜଣେ ନାରୀକୁ ଗଣଦୁଷ୍କର୍ମ ହେଉ ବା ଭୟଙ୍କର ଭିଡ଼ ହତ୍ୟା ହେଉ ବା ଗଣହତ୍ୟା... ଏସବୁ କ'ଣ ତାଙ୍କ ଲୀଳା କି ?

କବିତାରେ ବି କୁହାଯାଇଛି-ମୋର ଧନ, ଜନ ଲୋଡ଼ା ନାହିଁ ହେ। ଏହି ଧାଡ଼ିଟି କେତେ ଯେ ବିପଦପୂର୍ଣ୍ଣ ତାହାର କେହି ସମୀକ୍ଷା କରିନଥାନ୍ତି। ଅନ୍ୟ ପ୍ରାଣୀ କରି ମଣିଷ ବିବର୍ତ୍ତନର ପ୍ରକ୍ରିୟାରେ ବିକଶିତ ହୋଇଥିବା ଏକ ଉନ୍ନଥ ଧରଣର ପ୍ରାଣୀ। ଅନେକ ନୃତତ୍ତ୍ୱବିତ, ବିବର୍ତ୍ତନବିତ୍ ଏହାକୁ ହଜାରେ ଥର ପ୍ରମାଣିତ କରିସାରିଛନ୍ତି। ମଣିଷ ଯାହା କିଛି ହୋଇଛି ବା ଯେଉ ସ୍ତରରେ ପହଞ୍ଚିଛି ସେଥିରେ ପ୍ରକୃତିର ହିଁ ମହାନ ଭୂମିକା ରହିଛି। ଲକ୍ଷ ଲକ୍ଷ ବର୍ଷ ତଳର ପ୍ରାକୃତିକ ବିବର୍ତ୍ତନ ମଣିଷର ସବୁ କିଛି। ଲାଙ୍ଗୁଡ଼ ହଟାଇବାଠାରୁ ଆରମ୍ଭ କରି ସିଧା ହୋଇ ଚାଲିବା, ଆଗର ଦୁଇ ଗୋଡ଼କୁ ହାତ ଭାବେ ବ୍ୟବହାର କରିବା, ନିଆଁର ବ୍ୟବହାର ଶିଖିବା, ଗୁମ୍ଫା ଓ ଗଛ କୋରଡ଼ ଛାଡ଼ି ପଦାକୁ ଆସିବା, ଲିପି ଓ ଭାଷା ବ୍ୟବହାର କରିବା- ଏସବୁ ପର୍ଯ୍ୟାୟର ଉନ୍ନୀତ ହେବା ଲାଗି ମଣିଷକୁ ଲକ୍ଷ ଲକ୍ଷ ବର୍ଷ ଲାଗିଯାଇଛି। ଏଥିରେ ରହିଛି ମଣିଷର ଆତ୍ମବିଜ୍ଞାନ, ଅଭିଜ୍ଞତା ଇତ୍ୟାଦି। ପ୍ରଜନନ ଏକ ମହାନ ପ୍ରକ୍ରିୟା। ଏହାକୁ କେହି ବିରୋଧ କରିବା ଅନୁଚିତ। ସମଗ୍ର ଜୀବଜଗତ ଲାଗି ଏହା ଜରୁରୀ। ମାତ୍ର ଗୀତରେ କୁହାଯାଇଛି ଜନ ଲୋଡ଼ା ନାହିଁ ବୋଲି। ଏହା ଏକ ଉନ୍ମାଦ ଚିନ୍ତାଧାରା। ବ୍ରହ୍ମାକୁମାରୀ-ବ୍ରହ୍ମାକୁମାର ସଂଗଠନ ପରି ଲୋକେ ଯଦି ଅବିବାହିତ ରହିବେ ତେବେ ଏହି ଧରା, ସଭ୍ୟତା, ସଂସ୍କୃତି ରହିବ କିପରି ? ଅବିବାହିତ ରହିଲେ ବିଶ୍ୱର କ'ଣ ବିକାଶ ଘଟିବ ? ଅଧିକାଂଶ ମହାପୁରୁଷ, ମହାବିଜ୍ଞାନୀ, ସମାଜବିଜ୍ଞାନୀ, ଦାର୍ଶନିକ, ଗବେଷକ, ମହାକାଶବିତ, ଜ୍ୟୋତିର୍ବିତ, ଗଣିତଜ୍ଞ, କବି, ଲେଖକ, ନେତା, ଚିତ୍ରକର ତ ବିବାହ କରିଥିଲେ। 'ଜନ ଲୋଡ଼ା ନାହିଁ' କହି ଏକ ମହାନ ବାର୍ତ୍ତାକୁ ଅବମାନନା କରାଯାଉ ନାହିଁ କି ? କୌଣସି ଲେଖା ବା ତତ୍ତ୍ୱକୁ କେବେ ବି କେହି ଅନ୍ଧ ଭାବେ ଗ୍ରହଣ କରିବା ଅନୁଚିତ।

କବିତାରେ ପୁଣି ରହିଛି- ଧନ ଲୋଡ଼ା ନାହିଁ। ସମାଜର କ'ଣ କେବଳ ଧନୀମାନଙ୍କ ସପକ୍ଷରେ ଏହି ମତଟି ଦିଆଯାଇଛି। ପୁଞ୍ଜିପତିମାନେ କେବଳ ଧନ ଉପାର୍ଜନ କରିବେ, ସଞ୍ଚୟ କରିବେ, ଲୋକଙ୍କୁ ଶୋଷଣ କରିବେ-ଏହା ହେଉଛି କବିତାର ବାସ୍ତବ ଉଦ୍ଦେଶ୍ୟ। ଜନତାଙ୍କୁ ଗରିବ ବଳୟରେ ଅର୍ଥାତ ଦାରିଦ୍ର୍ୟ ମଧ୍ୟରେ ବାନ୍ଧି ରଖି ଧନୀକମାନଙ୍କୁ ଧନ ସଂଚୟର ମାର୍ଗ ଖୋଲିବା ଉଦ୍ଦେଶ୍ୟରେ ଏହା ରଚିତ। ଦାରିଦ୍ର୍ୟ, ଗରିବୀରେ ଦୁନିଆର ସିଂହଭାଗ ଲୋକ ରହୁଥିବାବଳେ ବସ, ବାସହୀନ ଲୋକଙ୍କ ସଂଖ୍ୟା ଶତାଧିକ କୋଟି। ସେମାନେ ବଞ୍ଚିବାର ଅଧିକାରରୁ ବଞ୍ଚିତ। ସେମାନଙ୍କ ନିକଟରେ ବଞ୍ଚିବା ଲାଗି ସର୍ବନିମ୍ନ ଉପାର୍ଜନ ନାହିଁ। ଧନୀ, ଦୁର୍ନୀତିଗ୍ରସ୍ତ ଲୋକଙ୍କ ହାତରେ ସମ୍ପଦ ଠୁଳ ହେବାରେ ଲାଗିଛି। ଧନ ଅର୍ଥ ଏହା ନୁହେଁ ଯେ, ଅନୀତି, ଦୁର୍ନୀତି କରି ଧନ ଉପାର୍ଜନ କରିବା। ମଣିଷ ପରି ବଞ୍ଚିବା ଲାଗି ଯେତିକି ଆବଶ୍ୟକ ସେତିକି ହିଁ ଜଣେ ମଣିଷ ଲାଗି ଯଥେଷ୍ଟ।

ଭଗବାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ବା ଅନୁରୋଧ କରାଯାଇଛି- ମେତେ ଭଲ ବାଟ ପରା ଦେଖାଅ। ଯଦି ଭଗବାନ ସମସ୍ତଙ୍କୁ ଭଲ ବାଟ ଦେଖାଉଥିବେ ତେବେ ଦେଶରେ ହଜାର ହଜାର ଡକାୟତ, ଲୁଟେରା, ହତ୍ୟାକାରୀ, ଦୁଷ୍କର୍ମକାରୀ ସୃଷ୍ଟି ହେଉଛନ୍ତି କିପରି ? ସରକାରୀ ବାବୁମାନେ ଦୁର୍ନୀତିଗ୍ରସ୍ତ ହେଉଛନ୍ତି କିପରି ? ଜଗନ୍ନାଥଙ୍କୁ ଜଗତର ନାଥ ବୋଲି କୁହନ୍ତି। ଯଦି ସେ ଜଗତର ନାଥ ତେବେ ତାଙ୍କ ମନ୍ଦିର ଭିତରକୁ ଅନ୍ୟ ଧର୍ମର ଲୋକଙ୍କୁ କାହିଁକି ବାରଣ ? ତାଙ୍କର ସେବା ନିମନ୍ତେ କାହିଁକି କେବଳ ତଥାକଥିତ ଦଇତାପତିମାନେ ନିୟୋଜିତ ହୋଇଛନ୍ତି ? ହିନ୍ଦୁ, ମୁସଲମାନ, ବୌଦ୍ଧ, ଜୈନ, ଖ୍ରୀଷ୍ଟିଆନ ଧର୍ମର ଲୋକ କାହିଁକି ସାମିଲ ନୁହଁନ୍ତି ? ଏକ ହିନ୍ଦୁବହୁଳ ରାଷ୍ଟ୍ରରେ ଜଗନ୍ନାଥଙ୍କୁ ନେଇ ନାନା ପ୍ରକାର କୁତ୍ସିତ ଭାବନା କାମ କରୁନାହିଁ କି ? ଏକଥା ସତ୍ୟ ଯେ, ଦ୍ୱାଦଶ ଶତାବ୍ଦୀରେ ତତ୍କାଳୀନ ପୁରୀ ରାଜା ଅନଙ୍ଗଭୀମ ଦେବ ତୃତୀୟ(୧୨୧୧-୧୨୩୮) ଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ବୋଲି ଘୋଷଣା କରିଥିଲେ ଏବଂ ପ୍ରତି ଘରେ ଜଗନ୍ନାଥଙ୍କୁ ପୂଜା କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ ମୁସଲିମ ଶାସକମାନଙ୍କ ଭାରତ ଆକ୍ରମଣକୁ ଦୃଷ୍ଟିରେ ରଖି ଅନଙ୍ଗଭୀମ ଦେବ ଏହି ନିଷ୍ପତ୍ତି ନେଇଥିଲେ ଯାହାର ଫଳ ଆଜି ଓଡ଼ିଶାରେ ବଳବତ୍ତର ରହିଛି। ଲୋକେ ଭକ୍ତ ସାଲବେଗଙ୍କ ଜଣାଣକୁ ପ୍ରାଣ ଭରି ଭଲ ପାଆନ୍ତି, ଗାୟକମାନେ ତାହାକୁ ବୋଲନ୍ତି। ହେଲେ ଜଗନ୍ନାଥ ମନ୍ଦିର ଭିତରକୁ ମୁସଲିମମାନଙ୍କୁ ପ୍ରବେଶ ମନା। ଯଦି କେହି ପ୍ରବେଶ କରିଯାଏ ତେବେ ମନ୍ଦିରକୁ ବିଶୋଧନ କରାଯାଏ। ଏହା କେଉ ପ୍ରକାର ମାନସିକତା ?

ମାନସିକତା ଅନୁସାରେ ମଣିଷ ନିଜ ସ୍ୱାର୍ଥ ଲାଗି ସବୁ କିଛି ନିର୍ଣ୍ଣୟ କରେ, ନିଷ୍ପତ୍ତି ଓ ପଦକ୍ଷେପ ନିଏ। ଏପରି ଅବସ୍ଥାରେ ଓଡ଼ିଶା ସରକାର ଘରେ ଘରେ ଲକ୍ଷ୍ମୀ ପୁରାଣ ବଣ୍ଟନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଲକ୍ଷ୍ମୀ ପୁରାଣ ଏକ ପ୍ରାଚୀନ କଥାବସ୍ତୁ ଉପରେ ଆଧାରିତ। ଏହାର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ କିମ୍ବା ସତ୍ୟତା ନାହିଁ। ଲକ୍ଷ୍ମୀ ପୁରାଣ ବୋଲିଲେ ଯେ ଘର ଧନଧାନ୍ୟରେ ଭରିଯିବ- ଏହା ନୁହେଁ। ନଚେତ ଓଡ଼ିଶାର ଲକ୍ଷ ଲକ୍ଷ ଲୋକ କାହିଁକି ଗରିବ ? କାହିଁକି ସେମାନେ ବାହାର ରାଜ୍ୟକୁ ଯାଇ ଜୀବନ ବିପନ୍ନ କରି ଗୋତି ଖଟୁଛନ୍ତି ? କାହିଁକି ଓଡ଼ିଶାର ମୁଣ୍ଡ ପିଛା ଆୟ ଅତି ନ୍ୟୂନ ? କାହିଁକି ଚାଷୀ ଆତ୍ମହତ୍ୟା କରୁଛି ? କାହିଁକି ଚାଷୀ, ଶ୍ରମିକ ପରିବାର ଦୁର୍ଦ୍ଦିନରେ ସଢୁଛନ୍ତି ? ଲକ୍ଷ୍ମୀ ପୁରାଣ ବୋଲିଲେ ଯେ ଏସବୁ ଦୂର ହେବ- ଏହା ନୁହେଁ।

ସାବିତ୍ରୀ, ଲକ୍ଷ୍ମୀ ଆଦି ମହିଳା ଗୋଟିଏ ଗୋଟିଏ କାହାଣୀର ଚରିତ୍ର ଯାହା ବିଭିନ୍ନ ଧର୍ମ ପୁସ୍ତକରେ ବର୍ଣ୍ଣିତ। ହେଲେ ସେ ସବୁର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। ଯଦି ଯମଙ୍କୁ ପୂଜା କରି ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ଜୀବନ ବଞ୍ଚାଇ ପାରୁଛନ୍ତି ତେବେ ଆଜି ହଜାର ହଜାର ମହିଳା କାହିଁକି ଅକାଳରେ ବିଧବା ହେଉଛନ୍ତି ? ସେହି ମହିଳାମାନଙ୍କ ମଧ୍ୟରୁ ଅଧିକାଂଶ ତ ଶହ ଶହ ଦେବଦେବୀଙ୍କ ଭକ୍ତ। ନାନା ପ୍ରକାର ଉପାସ, ପୂଜା, ବ୍ରତ କରୁଛନ୍ତି। ସେମାନେ କ'ଣ ତଥାକଥିତ ଯମ ଦେବତାଙ୍କଠାରୁ ଆଶୀର୍ବାଦ ପାଇବାରୁ ଯୋଗ୍ୟ ନୁହଁନ୍ତି କି ? ବିଭିନ୍ନ କାରଣରୁ ଦୈନିକ ଶହ ଶହ ମହିଳା ବିଧବା ହୁଅନ୍ତି। ସେମାନଙ୍କ ପ୍ରାର୍ଥନା କାହିଁକି ଯମ କିମ୍ବା କୌଣସି ଦେବତା ଶୁଣନ୍ତି ନାହିଁ ? କେବଳ ଜଣେ ସାବିତ୍ରୀଙ୍କୁ ଲକ୍ଷ୍ୟ କରି ସାବିତ୍ରୀ ବ୍ରତ କାଳରେ କୋଟି କୋଟି ଟଙ୍କାର ବ୍ୟବସାୟ ହୁଏ। ହଜାର ହଜାର ମହିଳା ସ୍ୱାମୀଙ୍କ ଲାଗି ବ୍ରତ କରିଥାନ୍ତି। ଯଦି ଅପମୃତ୍ୟୁରୁ ସ୍ୱାମୀ ବଞ୍ଚିପାରନ୍ତି ନାହିଁ କିମ୍ବା ତାଙ୍କୁ କୌଣସି ଦେବତା ବଞ୍ଚାଇପାରନ୍ତି ନାହିଁ ତେବେ ସାବିତ୍ରୀ ବ୍ରତ ପାଳନ କରିବାର କାରଣ କ'ଣ ? ପୂର୍ବ କାଳରେ ସତୀଦାହ ପରି କୁତ୍ସିତ ପ୍ରଥା ଚାଲିଥିଲା। ଶହ ଶହ ମହିଳା ସତୀ ହେଉଥିଲେ। ସ୍ୱାମୀ ମଲେ ସ୍ତ୍ରୀମାନେ ସତୀ ହେବାର ପରମ୍ପରା ଥିଲା। ମାତ୍ର ସ୍ତ୍ରୀ ମଲେ ସ୍ୱାମୀମାନେ ସତ୍ୟବାନ ହେବାର ପରମ୍ପରା ନଥିଲା। କ'ଣ ପାଇଁ ଏହି ଭିନ୍ନ ନିୟମ ଥିଲା ? ପୁରୁଷପ୍ରଧାନ ସମାଜରେ ଏହି ନିୟମ ଏକପାଖିଆ ନଥିଲା କି ? ଏକ ଧର୍ମ ନିରପେକ୍ଷ ରାଷ୍ଟ୍ରରେ କୌଣସି ଧର୍ମକୁ ସରକାର ପ୍ରୋତ୍ସାହନ ଦେବା ଅନୁଚିତ। ଓଡ଼ିଶାରେ ଯେପରି ସରକାର ଲକ୍ଷ୍ମୀ ପୁରାଣର ପ୍ରସାର କରୁଛନ୍ତି ତାହା ନିନ୍ଦନୀୟ। ଏହା ଏକ ଗୁରୁତର ଭୁଲ୍। ଏହା ଧର୍ମୀୟ ମୌଳବାଦର ଏକ ସାଂସ୍କୃତିକ ରୂପ। ଏହାକୁ ସବୁ ସ୍ତରରେ ବନ୍ଦ କରାଯିବା ଉଚିତ।




ବୁଧବାର ୨୨।୦୭।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା


# ବିଏସ୍‌ଏସ୍‌ଓଙ୍କ ଦାବି, ଲେଭେଲ୍-୧୦କୁ ଉନ୍ନୀତ ସହ ୫ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ପାପଡାହାଣ୍ଡି, ୨୧/୭(କୈଳାସ ଚନ୍ଦ୍ର ବିଷୋୟୀ)ରାଜ୍ୟର ସମସ୍ତ ସାମାଜିକ ସୁରକ୍ଷା ଅଧିକାରୀମାନେ ଅଲ୍ ଓଡ଼ିଶା ବିଏସ୍‌ଏସ୍‌ଓ ଆସୋସିଏସନ୍ ନିର୍ଦ୍ଦେଶ କ୍ରମେ ଦାବିପତ୍ର ପ୍ରଦାନ କରୁଥିବା ବେଳେ ନବରଙ୍ଗପୁର ଜିଲ୍ଲାର ସମସ୍ତ ବିଏସ୍‌ଏସ୍‌ଓ(ସାମାଜିକ ସୁରକ୍ଷା ଅଧିକାରୀ )ମାନେ ମଧ ଅତିରିକ୍ତ ଜିଲ୍ଲାପାଳ (ADM)ଙ୍କୁ ସାକ୍ଷାତ କରି ସାମାଜିକ ସୁରକ୍ଷା ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ବିଭିନ୍ନ ଦୀର୍ଘଦିନର ସେବା ସମ୍ବନ୍ଧୀୟ ସମସ୍ୟା ଓ ଦାବି ନେଇ ସୋମବାର ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ୫ଗୋଟି ଦାବି ମଧ୍ୟରୁ ବିଏସ୍‌ଏସ୍‌ଓଙ୍କ ଦରମା ହାର ଉନ୍ନୀତ, ଯେପରି ବର୍ତ୍ତମାନ ବିଏସ୍‌ଏସ୍‌ଓମାନେ ପାଉଥିବା ପେ ଲେଭେଲ୍-୯କୁ ପେ ଲେଭେଲ୍-୧୦କୁ ଉନ୍ନୀତ କରିବା ସହ ପରବର୍ତ୍ତୀ ପଦୋନ୍ନତି ପଦଗୁଡ଼ିକ ପାଇଁ ମଧ ଉପଯୁକ୍ତ ଉଚ୍ଚତର ପେ ସ୍କେଲ୍ ନିର୍ଦ୍ଧାରଣ କରିବା।ଦ୍ୱିତୀୟତଃ ପଞ୍ଚାୟତ ସ୍ତରରେ ସାମାଜିକ ସୁରକ୍ଷା ସହାୟକ ନିଯୁକ୍ତି,ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକର ସୁଚାରୁ ରୂପାୟଣ ଓ ହିତାଧିକାରୀଙ୍କୁ ତ୍ୱରିତ ସେବା ପ୍ରଦାନ ପାଇଁ ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ସୃଷ୍ଟି ଓ ନିଯୁକ୍ତି କରିବା।ସେହିପରି ତୃତୀୟ ଦାବି ହେଲା ବକେୟା ଏମଏସିପି ସୁବିଧା ପ୍ରଦାନ କରିବା, SSEPD ବିଭାଗ ଅଧୀନରେ କାର୍ଯ୍ୟରତ ଯୋଗ୍ୟ କର୍ମଚାରୀମାନଙ୍କୁ ଦୀର୍ଘଦିନ ଧରି ବକେୟା ରହିଥିବା ) ସୁବିଧା ତୁରନ୍ତ ପ୍ରଦାନ କରିବା।ଚତୁର୍ଥ ଦାବି ହେଇଛି କ୍ୟାଡର ପୁନର୍ଗଠନ କାର୍ଯ୍ୟକାରୀ କରାଯାଉ। ଜୁନିୟର ଆସିଷ୍ଟାଣ୍ଟ ଓ ବିଏସ୍‌ଏସ୍‌ଓ କ୍ୟାଡରର ପୁନର୍ଗଠନପ୍ରକ୍ରିୟାକୁ ଶୀଘ୍ର କାର୍ଯ୍ୟକାରୀ କରାଯାଇ କର୍ମଚାରୀଙ୍କ ପାଇଁ ଉନ୍ନତ ପଦୋନ୍ନତି ସୁଯୋଗ ଓ ସୁସ୍ପଷ୍ଟ କ୍ୟାରିୟର ପ୍ରଗତିର ବ୍ୟବସ୍ଥା କରିବା ଓ ପଞ୍ଚମ ଦାବି ହେଲା ପ୍ରୋଗ୍ରାମ୍ ଆସିଷ୍ଟାଣ୍ଟଙ୍କ ସମସ୍ୟାର ସମାଧାନ ଯେପରି SSEPD ବିଭାଗରେ କାର୍ଯ୍ୟରତ ପ୍ରୋଗ୍ରାମ୍ ଆସିଷ୍ଟାଣ୍ଟମାନଙ୍କର ବିଭିନ୍ନ ଦୀର୍ଘଦିନର ସେବା ସମ୍ବନ୍ଧୀୟ ଅଭିଯୋଗ ଓ ସମସ୍ୟାର ତୁରନ୍ତ ସମାଧାନ କରିବା। ଆସୋସିଏସନ୍ ପକ୍ଷରୁ କୁହାଯାଇଛି ଯେ, ବିଏସ୍‌ଏସ୍‌ଓ ଓ ଅନ୍ୟାନ୍ୟ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ରାଜ୍ୟର ବିଭିନ୍ନ ସାମାଜିକ ସୁରକ୍ଷା ଓ ଜନକଲ୍ୟାଣ ଯୋଜନାର ସଫଳ ରୂପାୟଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ତେଣୁ ସେମାନଙ୍କ ଦାବି ପୂରଣ ପାଇଁ ସରକାରଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି।ଏହି ଦାବିପତ୍ର ସମୟରେ ସୁବ୍ରତ କିଶାନ, ଯତୀନ ପାଣିଗ୍ରାହୀ ,ଶକୁନ୍ତଳା ଭତରା,ଦମୟନ୍ତୀ ନାୟକ, ମନୀଷା ରଥ ,ପୀତବାସ ରଜକ , ପଣ୍ଡ଼ନ ଉପସ୍ଥିତ ରହିଥିଲେ।

# ଚକା ପଞ୍ଚର ଯୋଗୁଁ ବାଟରେ ଅଟକିଲା ୧୦୮ ଆମ୍ବୁଲାନ୍ସ



- ଭିତରେ ଛଟପଟ ରୋଗୀ
- ବ୍ୟାହତ ହେଲା ଜରୁରୀ ସ୍ୱାସ୍ଥ୍ୟସେବା

ନାରାୟଣପାଟଣା, ୨୧/୭ (ଗିରିଧର ଖରା): ଜରୁରୀ ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ ଭାବେ ପରିଚିତ ୧୦୮ ଆମ୍ବୁଲାନ୍ସ ସେବାର ଅବ୍ୟବସ୍ଥା ପୁଣିଥରେ ପଦାକୁ ଆସିଛି। କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍ ଓଡ଼ିଆପେଣ୍ଟ ନିକଟ ଡୁମ୍ବାଗୁଡ଼ା ଛକରେ ରୋଗୀଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଯାଉଥିବା ବେଳେ ଆମ୍ବୁଲାନ୍ସର ଚକା ପଞ୍ଚର୍ ହୋଇଯିବାରୁ ଗାଡ଼ିଟି ରାସ୍ତାରେ ଅଟକି ଯାଇଥିଲା। ଏଥିଯୋଗୁଁ ଗୁରୁତର ରୋଗୀଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିଥିଲା।

ସୂଚନା ଅନୁଯାୟୀ, ବନ୍ଧୁଗାଁ ବ୍ଲକ୍ କୁପାଖାଲ ଗ୍ରାମର ସୋନାଇ ମେଲେକା ଗତ ତିନି ମାସ ଧରି ପେଟ ଜ୍ୱଳନ ଓ ବାରମ୍ବାର ବାନ୍ତି ସମସ୍ୟାରେ ପୀଡ଼ିତ ଥିଲେ। ପ୍ରଥମେ ସ୍ଥାନୀୟ ସ୍ତରରେ ଚିକିତ୍ସା ହୋଇଥିଲେ ମଧ ସ୍ୱାସ୍ଥ୍ୟାବସ୍ଥା ଅବନତି ଘଟିବାରୁ ତାଙ୍କୁ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଡାକ୍ତରମାନେ ଉନ୍ନତ ଚିକିତ୍ସା ଓ ଅସ୍ତ୍ରୋପଚାର ପାଇଁ କୋରାପୁଟ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ହେଲେ ମଝିରାସ୍ତାରେ ଆମ୍ବୁଲାନ୍ସର ଚକା ପଞ୍ଚର୍ ହୋଇଯିବାରୁ ଜରୁରୀ ସେବା ବାଧାପ୍ରାପ୍ତ ହୋଇଥିଲା। କର୍ମଚାରୀମାନେ ରାସ୍ତାକଡ଼ରେ ଗାଡ଼ି ମରାମତିରେ ବ୍ୟସ୍ତ ରହିଥିବାବେଳେ ରୋଗୀ ଆମ୍ବୁଲାନ୍ସ ଭିତରେ ଅସହାୟ ଅବସ୍ଥାରେ ଅପେକ୍ଷା କରୁଥିଲେ। ଘଟଣାଟି ସେଠାରେ କିଛି ସମୟ ପାଇଁ ଉତ୍କଣ୍ଠାର ପରିବେଶ ସୃଷ୍ଟି କରିଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସୀମାନ୍ତ ଅଞ୍ଚଳରେ ଚଳାଚଳ କରୁଥିବା ପୁରୁଣା ୧୦୮ ଆମ୍ବୁଲାନ୍ସରେ ବାରମ୍ବାର ଯାନ୍ତ୍ରିକ ତ୍ରୁଟି ଦେଖାଦେଉଥିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଦୁର୍ଗମ ଅଞ୍ଚଳ ପାଇଁ ନୂତନ ଆମ୍ବୁଲାନ୍ସ ଯୋଗାଇବା ସହ ଗାଡ଼ିଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ କରିବାକୁ ସାଧାରଣରେ ଦାବି ଜୋର ଧରିଛି। ଦୁର୍ଗମ ଅଞ୍ଚଳରେ ପୁରୁଣା ଆମ୍ବୁଲାନ୍ସ ଉପରେ ନିର୍ଭର ସ୍ୱାସ୍ଥ୍ୟସେବା ନାରାୟଣପାଟଣା ଓ ବନ୍ଧୁଗାଁ ପରି ସୀମାନ୍ତ ବ୍ଲକ୍‌ରେ ଗୁରୁତର ରୋଗୀଙ୍କ ପାଇଁ ୧୦୮ ଆମ୍ବୁଲାନ୍ସ ହିଁ ପ୍ରମୁଖ ଭରସା। କିନ୍ତୁ ବାରମ୍ବାର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଜରୁରୀ ସ୍ୱାସ୍ଥ୍ୟସେବା ବ୍ୟାହତ ହେଉଥିବାରୁ ସ୍ଥାନୀୟ ଲୋକ ଚିନ୍ତା ପ୍ରକାଶ କରିଛନ୍ତି।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଭଦ୍ରକ, ୨୧/୦୭ (ଅକ୍ଷର ଓଡିଶା ) ଧାମନଗର ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୧୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୯୩ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୧ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୬ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୧ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୬ଜଣ ଅଭିଯୋଗକାରୀଙ୍କୁ ମୋଟ ୩୦,୦୦୦ ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ନାୟକ , ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧନାଇଚରଣ ଟୁଡୁ , ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ଧାମନଗର ବ୍ଲକ ଉନ୍ନୟନ ଅଧିକାରୀ ବନବିହାରୀ ଦିଣ୍ଡା ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦଶୀପୁର ଗାଁ ଦୁଇ ପରିବାରରୁ ଚୋରି

ରାଜକନିକା, ୨୧ /୭ (ନୁରେଇ ଖାନ )ଗତ କିଛିଦିନ ଧରି ଆଳି ଥାନାଅଞ୍ଚଳରେ ଘରେ ପଶି ଲୁଟେରାଙ୍କ ଆତଙ୍କ ଜାରି ରହିଥିବା ବେଳେ ଗତକାଲି ରାତିରେ ଦଶୀପୁର ଗାଁର ଦୁଇ ପରିବାରରୁ ଚୋରି ହୋଇଛି। ଏ ନେଇ ରାଜକନିକା ଥାନାରେ ହୋଇଥିବା ଏତଲା ଅନୁସାରେ ଏହି ଗାଁର ଗଗନ ବିହାରୀ ସାହୁ ଓ ଚିତ୍ତରଞ୍ଜନ ମଲିକଙ୍କ ଘରୁ ପ୍ରାୟ ୩ ଲକ୍ଷ ଟଙ୍କାର ଗହଣା ସହ ଅନ୍ୟାନ୍ୟ ଦ୍ରବ୍ୟ ଚୋରି ହୋଇଥିବା ଜଣାପଡିଛି। ତେବେ ଏହି ଗାଁ ର ଚିତ୍ତ ରଞ୍ଜନ ମଲିକଙ୍କ ଦୁଇ ବଖରା ଚାଳ ଘରେ ୫ ପ୍ରାଣୀ କୁଟୁମ୍ବ ରହୁଥିବା ବେଳେ ଚୋର ମାନେ ଘରେ ପଶି ସୁନା ଗହଣା ଲୁଟ ହୋଇଥିବା ବେଳେ ଗଗନଙ୍କ ଘରେ ପାଖ ପଡୋଶୀଙ୍କ ଘର ରଙ୍ଗ ହେଉଥିବାରୁ ସେ ତାଙ୍କ ଘରର ଆସବାବପତ୍ର ଆଣି ରଖିଥିଲେ। ଚୋରମାନେ ଏହି ଦୁଇ ଘରେ ଚୋରି କରି ନେଇଥିବା ଏତଲା ହୋଇଥିବା ବେଳେ ପୋଲିସ ତଦନ୍ତ ଜାରି ରହିଛି।

# ମହାପ୍ରଭୁଙ୍କ ପର୍ଶୁରାମ ଅବତାର ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼



ପାରଳାଖେମୁଣ୍ଡି, ୨୧/୭(ତାରିଣୀ ପ୍ରସାଦ ପଣ୍ଡା): ଦକ୍ଷିଣ ଓଡ଼ିଶାର ଲୋକପ୍ରିୟ ପାରଳାଖେମୁଣ୍ଡି ରଥଯାତ୍ରାର ମହାପ୍ରଭୁଙ୍କ ଆଜିର ବାମନ- ପର୍ଶୁରାମ ଅବତାର ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିର ଠାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ବେଶ ଭିଡ଼ ଦେଖା ଦେଇଛି। ପାରଳା ଗୁଣ୍ଡିଚା ମନ୍ଦିର ଠାରେ ଶ୍ରୀବଳଭଦ୍ରଙ୍କୁ ପର୍ଶୁରାମ ଅବତାରରେ ଏବଂ ଶ୍ରୀଜଗନ୍ନାଥଙ୍କୁ ବାମନ ଅବତାରରେ ଅତ୍ୟନ୍ତ ସୁନ୍ଦର ଭାବେ ସଜ୍ଜିତ କରାଯାଇ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ବ୍ୟବସ୍ଥା କରାଯାଇଛି। ଭଗବାନଙ୍କ ତୃତୀୟ ଅବତାରର ବାମନ- ପର୍ଶୁରାମ ଅବତାର ଦର୍ଶନ ପାଇଁ ଗଜପତି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଏବଂ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ରାୟଗଡା ଜିଲ୍ଲାରୁ ହଜାର ହଜାର ଭକ୍ତ ପାରଳା ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ଠାକୁରଙ୍କ ଦେବଦୁର୍ଲ୍ଲଭ ଅବତାର ଦର୍ଶନ କରି ଦ୍ୱୀପ, ଧୂପ ପ୍ରଦାନ କରି ପୂଜାପାଠ କରିବା ଲକ୍ଷ୍ୟ କରାଯାଇଛି। ଜିଲ୍ଲା ପ୍ରଶାସନ ଓ ପୋଲିସ ତରଫରୁ ଶାନ୍ତି ଶୃଙ୍ଖଳାର ସହ ରଥଯାତ୍ରା ପାଳନ ଓ ଭକ୍ତଙ୍କ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ନାବାଳକ ଭାଇ କାନ୍ଧରେ ଅନାଥ ୪ ଭଉଣୀଙ୍କ ଦାୟିତ୍ୱ



- ୫ ମାସରେ ଆଖି ବୁଜିଲେ ବାପା-ମା'
- ପ୍ରଶାସନର ସାହାଯ୍ୟ ପାଇଁ ଦାବି

ଯାଜପୁର ୨୧/୦୭ (ଅକ୍ଷର ଓଡ଼ିଶା):ନିୟତିର ନିଷ୍ଠୁର ଆଘାତ। ମାତ୍ର ୫ ମାସ ବ୍ୟବଧାନରେ ବାପା ଓ ମା'ଙ୍କୁ ହରାଇ ସମ୍ପୂର୍ଣ୍ଣ ଅନାଥ ହୋଇପଡ଼ିଛନ୍ତି ୫ ଜଣ କୁନି କୁନି ନିରୀହ ଶିଶୁ। ଖେଳକୁଦ ଓ ପାଠପଢ଼ା ବୟସରେ ସେମାନଙ୍କ ଭବିଷ୍ୟତ ଏବେ ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଛି। ଏଭଳି ଏକ ହୃଦୟବିଦାରକ ଘଟଣା ଯାଜପୁର ଜିଲ୍ଲା ଦାନଗଦି ବ୍ଲକ୍ କିଆଝର ପଞ୍ଚାୟତ ଅନ୍ତର୍ଗତ ଚହଲାପଦା ମୁଣ୍ଡାସାହିରେ ଦେଖିବାକୁ ମିଳିଛି।ସୂଚନା ଅନୁଯାୟୀ, ଗ୍ରାମର ରାମ ହେମ୍ବ୍ରମ ଦିନମଜୁରି କରି କଷ୍ଟେମଷ୍ଟେ ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ପ୍ରାୟ ୫ ମାସ ତଳେ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ଆକସ୍ମିକ ବିୟୋଗ ପରେ ସ୍ତ୍ରୀ ସମ୍ବାରୀ ହେମ୍ବ୍ରମ ଜନମଜୁରି କରି ୫ ସନ୍ତାନଙ୍କୁ ସମ୍ଭାଳୁଥିଲେ। ହେଲେ ବିଧିର ବିଧାନ ଥିଲା ଅଲଗାଚ୍ଚ ଗତ ବୁଧବାର ଅଜଣା ଜ୍ୱରରେ ପୀଡ଼ିତ ହୋଇ ସମ୍ବାରୀଙ୍କର ମଧ ପରଲୋକ ହୋଇଯାଇଛି।ମା'-ବାପାଙ୍କ ଛାୟା ହରାଇବା ପରେ ପରିବାରରେ ରହିଯାଇଛନ୍ତି ବଡ଼ ପୁଅ ବୁରୁଦା ଏବଂ ତାଙ୍କର ୪ ସାନ ଭଉଣୀମାଲେମା, ଗାଙ୍ଗୀ (୧୦), ମୀନା (୮) ଓ ପାର୍ବତୀ (୪)। ପରିବାରର ଆର୍ଥିକ ଦୁରବସ୍ଥା ଯୋଗୁଁ ବଡ଼ ପୁଅ ବୁରୁଦା ଗତବର୍ଷ ପାଠ ଛାଡ଼ିଥିବା ବେଳେ, ଦ୍ୱିତୀୟ ସନ୍ତାନ ମାଲେମା ମଧ୍ୟ ପାଠପଢ଼ା ଛାଡ଼ି ସାନ ଭଉଣୀମାନଙ୍କ ଦେଖାଶୁଣା କରିବାକୁ ବାଧ ହୋଇଛନ୍ତି।ଏହି ଅସହାୟ ଶିଶୁମାନଙ୍କ ସାମାଜିକ ସୁରକ୍ଷା, ପାଠପଢ଼ା ଓ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ଆଶୁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଯାଜପୁର, ୨୧/୦୭ (ଅକ୍ଷର ଓଡ଼ିଶା): ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ିଯାଇ ଜଣେ ଯୁବକଙ୍କର ଅଭାବନୀୟ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ସୁକିନ୍ଦା ଥାନା ଅନ୍ତର୍ଗତ ରଙ୍ଗୀଟାଙ୍ଗର ଗ୍ରାମର ମକରୀ ଦେହୁରୀ। ସକାଳେ ମକରୀ ସ୍ଥାନୀୟ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ମାତ୍ର ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ସେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ପାଣିରୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୁକିନ୍ଦା ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ମାନସିକ ପୁରଣକାରି ବାବା ବରାଳ ବାଲୁଙ୍କେଶ୍ୱର



ଗୋପ, ୨୧/୦୭ (ସନ୍ତୋଷ କୁମାର ଭୋଳ)ଚାଲିଛି ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ନବଦିନାତ୍ମକ ଘୋଷଯାତ୍ରା, ଏହି ଅବସରରେ ଆମେ ପହଞ୍ଚିଥିଲୁ ପୁରୀ ଜିଲ୍ଲା ସତ୍ୟବାଦୀ ଅଞ୍ଚଳରେ ବରାଳ ଗ୍ରାମ ରେ, ଯେଉଁଠି ତ୍ରେତୟା ଯୁଗରୁ ବିରାଜମାନ କରିଛନ୍ତି ପୁରାଣ ବର୍ଣ୍ଣିତ ବାବା ବାଲୁଙ୍କେଶ୍ୱର, ଯେଉଁଠି ମାନସିକ କରି ଗୁଆ ନଡ଼ିଆ ବସାଇଲେ କାଟିଥାଏ ବନ୍ଧ୍ୟାଦୋଷ, ଅପୁତ୍ରିକ ନାରୀ ସନ୍ତାନ ପ୍ରାପ୍ତି ହୁଅନ୍ତି । ଏକଦା ଆଠଗଡ ରାଜା ଙ୍କର ସାତ ଟି କନ୍ୟା ସନ୍ତାନ ହୋଇଥିଲା, ଅଷ୍ଟମ ଗର୍ଭରେ ଜ୍ୟୋତିଷ ମାନେ କହିଲେ ଏହା ମଧ କନ୍ୟା ହେବ ମାତ୍ର ଏହି ସ୍ଥାନରେ ଜଣେ ସେବକ ରାଣୀଙ୍କୁ ବିଭୁତି ଦେଇ କହିଲେ ଏଥର ନିଶ୍ଚିନ୍ତ ପୁତ୍ର ଜନ୍ମ ହେବ, ମାତ୍ର ଜ୍ୟୋତିଷଙ୍କ କହିବା ଅନୁସାରେ ରାଜାଙ୍କର ଅଷ୍ଟମ ଗର୍ଭରେ ଝିଅ ହେଲା, ଏହା ପରେ ସେବକ ଜଣଙ୍କ ବାଲୁଙ୍କେଶ୍ୱରଙ୍କ ନିକଟରେ ଗୁହାରି ପଡ଼ିଥିଲେ ତାଙ୍କ ମାନ ରକ୍ଷା ପାଇଁ, ଏହି ପ୍ରସଙ୍ଗରେ କଦଳୀ ପତ୍ରରେ କନ୍ୟା ସନ୍ତାନକୁ ରଖି ବାବାଙ୍କ ବିଭୁତି ବୋଳା ହେବା ପରେ କନ୍ୟା ଜଣଙ୍କ ପୁତ୍ର ସନ୍ତାନ ହୋଇଥିଲେ, ସେହିଦିନ ଠୁ ବାବାଙ୍କ ନିକଟରେ ଯିଏ ବି ମାନସିକ କରେ ତାର ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ ରହିଛି.ପ୍ରତ୍ୟେକ ଦିନ ସକାଳୁ ପହଡ଼ ଖୋଲା ହୋଇ ମଙ୍ଗଳ ଆରତୀ, ସ୍ନାନ, ସୂର୍ଯ୍ୟ ପୂଜା, ବେଶ ପରେ ବଲ୍ଲଭ ଭୋଗ, ଦଶ ଟାରେ ଖେଚୁଡ଼ି, ଡାଲ୍‌ମା, ମଧ୍ୟାହ୍ନରେ ଅନ୍ନ, ବେସର, ଡାଲି, କାକରା ଭୋଗ ହୋଇ ପହୁଡ଼ ହୁଏ, ସନ୍ଧ୍ୟା ରେ ଆରତୀ ପରେ ରାତ୍ର ରେ ବଡ଼ ସିଂହାର କରାଯାଇ ଖେଚୁଡ଼ି ଡାଲିମ୍ଭ ଭୋଗ ହୋଇ ପହୁଡ଼ ହୁଏ କେବଳ ପୁରୀ ଜିଲ୍ଲା ନୁହେଁ ପ୍ରତ୍ୟେକ ସମୟ ରେ ବାବା ବାଲୁଙ୍କେଶ୍ୱର ଙ୍କ ନିକଟରେ ଅନେକ ସ୍ଥାନରୁ ଭକ୍ତଙ୍କ ଶୁଅ ଛୁଟେ, ମାନସିକ ପୂରଣ ପରେ ଭକ୍ତ ମାନେ ସ୍ନାନ କରନ୍ତି, ରୁଦ୍ରାଭିଷେକ, ହୋମ, ପୂଜା ରେ ପ୍ରତ୍ୟେକ ଦିନ ବାବାଙ୍କ ପିଠ ରେ ଗହଳ ଚହଳ ହୋଇ ଆଧାତ୍ମିକ ପରିବେଶ ସୃଷ୍ଟି ହୁଏ, ସନ୍ତାନ ପ୍ରାପ୍ତି, ସ୍ୱାସ୍ଥ୍ୟ, ଚାକିରି ବିବାହ ପ୍ରତ୍ୟେକ କାର୍ଯ୍ୟରେ ବାବାଙ୍କ ନିକଟରେ ଗୁଆ ନଡ଼ିଆ ବସାଇ ଭକ୍ତମାନେ ମାନସିକ କରନ୍ତି।

# ଡାବୁଗାଁ ରେ ହେରା ପଞ୍ଚମୀ ପାଳିତ



ଡାବୁଗାଁ, ୨୧/୭ (ଅକ୍ଷର ଓଡ଼ିଶା) ନବରଙ୍ଗପୁର ଜିଲ୍ଲା ଡାବୁଗାଁ ରେ ହେରା ପଞ୍ଚମୀ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ପବିତ୍ର ରଥଯାତ୍ରା ପରେ ପ୍ରଭୁ ଶ୍ରୀଜଗନ୍ନାଥ ଏବେ ନବଦିନାତ୍ମକ ଯାତ୍ରାରେ ନୂଆଗୁଡା ସ୍ଥିତ ମାଉସୀ ମା ମନ୍ଦିର ଆଡ଼ପ ମଣ୍ଡପରେ ପୂଜା ପାଉଛନ୍ତି। ହେରା ପଞ୍ଚମୀ ରେ ପ୍ରଭୁ ଜଗନ୍ନାଥ ନୃସିଂହ ଅବତାରରେ ବିରାଜ ମାନ ହୋଇଥିଲେ। ଶ୍ରୀମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କୁ ନ ପାଇ ଅଭିମାନିନି ମା' ଲକ୍ଷ୍ମୀ ସ୍ୱାମୀଙ୍କୁ ଦେଖା କରିବାକୁ ରାତିରେ ଗୁଣ୍ଡିଚା ମନ୍ଦିରକୁ ଏକ ଗୋପନ ଯାତ୍ରାରେ ବାହାରିଥିଲେ । ମହାଲକ୍ଷ୍ମୀ ସୁସଜ୍ଜିତ ବିମାନରେ ଏକ ଶୋଭାଯାତ୍ରାରେ କୀର୍ତ୍ତନ ମଣ୍ଡଳୀ ଓ ଭକ୍ତବୃନ୍ଦଙ୍କ ସହ ମାଉସୀ ମା ମନ୍ଦିରକୁ ଯାଇଥିଲେ। ସେଠାରେ ପାରମ୍ପରିକ ନୀତି ଅନୁସାରେ ପୂରୋହିତ ନବୀନ ଚନ୍ଦ୍ର ପାଢ଼ୀ ଓ କାଳିଆ ପାଢ଼ୀ ସହ ଅନ୍ୟ ପୁରୋହିତଙ୍କ ସହଯୋଗରେ ସମସ୍ତ ନୀତି ସମ୍ପନ୍ନ କରିବା ପରେ ମାଉସୀ ମା ମନ୍ଦିରରୁ ଫେରିବା ବାଟରେ ଅଭିମାନିନୀ ମହାଲକ୍ଷ୍ମୀ ଜଗନ୍ନାଥଙ୍କ ରଥର କିଛି ଅଂଶ ଭାଙ୍ଗିବା ନୀତି ସମ୍ପନ୍ନ ହୋଇଥିଲା। ପବିତ୍ର ହେରା ପଞ୍ଚମୀ ରେ ଭକ୍ତଙ୍କ ମନୋରଞ୍ଜନ ପାଇଁ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ରୁ ଭକ୍ତି ଆରାଧନା ମେଲୋଡି ଦଳ ଆସି ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ କରିଥିଲେ।ହେରା ପଞ୍ଚମୀ ରେ ପ୍ରତିକୂଳ ପାଗ ଯୋଗୁ ବର୍ଷା ହେବା ସତ୍ୱେ ସହ ସହ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ନୂଆଗୁଡା ସ୍ଥିତ ମାଉସୀ ମା ମନ୍ଦିରରେ ଭିଡ଼ ଜମି ଥିଲା। ଏଥିରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଜି ସାଇ ରାଜୁ, କୋଷାଧକ୍ଷ ଭଗବାନ ମହାନ୍ତି, ସୂର୍ଯ୍ୟ ସୁବୁଦ୍ଧି,ଆର ଶଙ୍କର ରାଓ, ଗୋପାଳ ପାତ୍ର, ରାଜେନ୍ଦ୍ର ମିଶ୍ର ,ରଘୁନାଥ ପାତ୍ର, ଫୁଲ ସିଂ ଜାନି ସହ ଅନ୍ୟମାନେ ସହଯୋଗ କରିଥିଲେ।

# ବଦଳିଲା ସଂସ୍ଥା, ବଦଳିନି ସ୍ୱଚ୍ଛତା ଓ ପରିମଳ ସେବା

## ୩୪୧ ସ୍ୱଚ୍ଛ କର୍ମୀଙ୍କ ନିଯୁକ୍ତି ନେଇ ପ୍ରଶ୍ନ, ଉଚ୍ଚସ୍ତରୀୟ ତଦନ୍ତ ଦାବି



କୋରାପୁଟ, ୨୧/୦୭(ସମୀର ) : ଜୟପୁର ପୌରାଞ୍ଚଳରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ଦିନକୁ ଦିନ ଅବନତି ଘଟୁଥିବାବେଳେ ସ୍ୱଚ୍ଛ ଭାରତ ମିଶନର କାର୍ଯ୍ୟକାରିତାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି। ପୂର୍ବ ଠିକା ସଂସ୍ଥା ବିରୋଧରେ ବାରମ୍ବାର ଅଭିଯୋଗ ଆସିବା ପରେ ତାହାକୁ ବାଦ ଦେଇ ନୂତନ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲେ ମଧ ସହରର ସ୍ୱଚ୍ଛତା ବ୍ୟବସ୍ଥାରେ କୌଣସି ଉଲ୍ଲେଖନୀୟ ସୁଧାର ପରିଲକ୍ଷିତ ହୋଇନାହିଁ। ସୂଚନା ଅନୁସାରେ, ସ୍ୱଚ୍ଛତା ଓ ପରିମଳ ସେବା ପାଇଁ ପୌରପାଳିକା ପକ୍ଷରୁ ଆହ୍ୱାନ କରାଯାଇଥିବା ଟେଣ୍ଡରରେ ୯ଟି ସଂସ୍ଥା ଅଂଶଗ୍ରହଣ କରିଥିଲେ। ନିୟମାନୁଯାୟୀ ୬ଟି ସଂସ୍ଥା ବାଦ ପଡ଼ିବା ପରେ ଶେଷରେ ଲଟେରୀ ମାଧ୍ୟମରେ ପିଏମଆର କନ୍‌ସୋର୍ଟିୟମ୍ ଠିକା ପାଇଥିଲା। ମାତ୍ର ଠିକା ପାଇବା ପରେ ସଂସ୍ଥା ପକ୍ଷରୁ ମନମୁଖୀ କାର୍ଯ୍ୟ କରାଯାଉଥିବା ଏବଂ ସଫେଇ କର୍ମଚାରୀଙ୍କ ଦୈନିକ ମଜୁରୀ ଓ ମାସିକ ବେତନ ହ୍ରାସ କରାଯାଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଗତ ତା୧୫/୦୭/୨୦୨୬ ରିଖ ବୁଧବାର ଦିନ ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଫଳରେ ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଦୀର୍ଘ ସମୟ ଧରି ପଡ଼ି ରହିଥିଲା ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପରେ ବକେୟା ପାଉଣା ପ୍ରଦାନର ପ୍ରତିଶ୍ରୁତି ମିଳିବା ପରେ କର୍ମଚାରୀମାନେ ପୁନର୍ବାର କାର୍ଯ୍ୟରେ ଯୋଗ ଦେଇଥିଲେ। ଏହି ସମଗ୍ର ଘଟଣା ପରେ ପୌରପାଳିକା ଓ ଠିକା ସଂସ୍ଥା ମଧ୍ୟରେ ହୋଇଥିବା ଚୁକ୍ତିର କାର୍ଯ୍ୟକାରିତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ସ୍ୱଚ୍ଛତା ଓ ପରିମଳ ସେବା ବାବଦରେ ଠିକା ସଂସ୍ଥା ପ୍ରତିମାସ ୭୨ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ପୌରପାଳିକାଠାରୁ ପାଇବାକୁ ଚୁକ୍ତି ରହିଛି । ଏହି ଚୁକ୍ତି ଅନୁଯାୟୀ ସହରର ୨୮ଟି ୱାର୍ଡ ପାଇଁ ୩୪୧ ଜଣ ସ୍ୱଚ୍ଛ କର୍ମୀ ନିଯୁକ୍ତ ଥିବା ରେକର୍ଡରେ ଉଲ୍ଲେଖ ରହିଛି। କିନ୍ତୁ ବାସ୍ତବରେ ଏତେ ସଂଖ୍ୟକ କର୍ମଚାରୀ କାର୍ଯ୍ୟରତ ଅଛନ୍ତି କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ସଚେତନ ମହଲର ପ୍ରଶ୍ନ ହେଉଛି, ଯଦି ୩୬୧ ଜଣ ସ୍ୱଚ୍ଛ କର୍ମୀଙ୍କ ନାମରେ ଠିକା ସଂସ୍ଥା ଲକ୍ଷାଧିକ ଟଙ୍କା ପାଉଛି, ତେବେ ପ୍ରତ୍ୟେକ ୱାର୍ଡରେ ସେମାନଙ୍କର ନାମ, ଠିକଣା ଓ କାର୍ଯ୍ୟଦାୟିତ୍ୱ ସର୍ବସାଧାରଣଙ୍କ ପାଇଁ କାହିଁକି ପ୍ରକାଶ କରାଯାଉନାହିଁ ? ଏହା କେବଳ କାଗଜକଲମରେ ସୀମିତ ନାକି ବାସ୍ତବରେ କାର୍ଯ୍ୟକାରୀ, ତାହାର ସ୍ପଷ୍ଟତା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି। ପୂର୍ବ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନୂତନ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲେ ମଧ ସହରର ସ୍ୱଚ୍ଛତା ବ୍ୟବସ୍ଥାରେ ଆଖିଦୃଶିଆ ପରିବର୍ତ୍ତନ ଆସିନାହିଁ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ପୌର କର୍ମଚାରୀମାନେ ଘରକୁ ଘର ବୁଲି ସ୍ୱଚ୍ଛତା ସମ୍ପର୍କିତ ଜନମତ ସଂଗ୍ରହ କରିବା ଏବଂ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବା କଥା ଥିଲେ ମଧ ଏହି ବ୍ୟବସ୍ଥା ମଧ ପ୍ରଭାବୀ ଭାବେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହେଉଛି। ସହରବାସୀଙ୍କ ମତରେ, ''ଠିକା ସଂସ୍ଥା ବଦଳିଛି, କିନ୍ତୁ ସ୍ୱଚ୍ଛତା ବ୍ୟବସ୍ଥାର ଚିତ୍ର ବଦଳିନାହିଁ।'' ତେଣୁ ଜୟପୁର ପୌରାଞ୍ଚଳର ସ୍ୱଚ୍ଛତା ଓ ପରିମଳ ସେବାରେ ହେଉଥିବା ଖର୍ଚ୍ଚ, ନିଯୁକ୍ତି ପ୍ରକ୍ରିୟା ଏବଂ ଠିକା ସଂସ୍ଥାର କାର୍ଯ୍ୟଦକ୍ଷତାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା, ଜୟପୁର ପୌର ପ୍ରଶାସନ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାରେ କେବେ ସୁଧାର ଆଣି ସହରବାସୀଙ୍କ ଆସ୍ଥା ଫେରାଇ ପାରୁଛି।

# ଶୁଣିଲାନି ପ୍ରଶାସନ, କେନାଲ ମରାମତି କଲେ ୪ ଗାଁର ଚାଷୀ



ରାୟଗଡ଼ାସଦର - ୨୧/୭ (ସନ୍ତୋଷ ମିଶ୍ର )ପ୍ରଶାସନର ଦୀର୍ଘଦିନର ଅବହେଳା ପରେ ଶେଷରେ ଚାଷୀମାନେ ନିଜେ ଆଗକୁ ଆସି କେନାଲ ମରାମତି କରିବା ଘଟଣା ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଚର୍ଚ୍ଚାର ବିଷୟ ପାଲଟିଛି। ନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବୁଡ଼ାରଜା କେନାଲର ମରାମତି ପାଇଁ ନାରାୟଣପୁର, କେନ୍ଦୁଗୁଡ଼ା, ଦୁଲଦୁଲିଗୁଡ଼ା ଓ ଖସିଗୁଡ଼ା ଗାଁର ଚାଷୀ ଓ ଗ୍ରାମବାସୀମାନେ ନିଜସ୍ୱ ଅର୍ଥ ସଂଗ୍ରହ କରି ଶ୍ରମଦାନରେ କାମ ଆରମ୍ଭ କରିଛନ୍ତି। ହାତରେ କୋଦାଳ, ମୁଣ୍ଡରେ ଠେକି ଧରି ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ କେନାଲ ସଫା ଓ ମରାମତି କାର୍ଯ୍ୟରେ ସାମିଲ ହୋଇଛନ୍ତି। କେହି କେନାଲରୁ ମାଟି କାଢୁଥିବା ବେଳେ ଆଉ କେହି ଘାସ ଓ ଆବର୍ଜନା ସଫା କରୁଥିବା ଦେଖିବାକୁ ମିଳିଛି। ପ୍ରଶାସନ ନିକଟରେ ବାରମ୍ବାର ଦାବି କରି ନିରାଶ ହେବା ପରେ ଶେଷରେ ଗ୍ରାମବାସୀମାନେ ନିଜେ କାମ ହାତକୁ ନେଇଥିବା କହିଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଚାରି ଗାଁର ଚାଷୀମାନେ ବୈଠକ କରି ପ୍ରତ୍ୟେକ ପରିବାରରୁ ଅର୍ଥ ସଂଗ୍ରହ କରିଥିଲେ। ସେହି ଅର୍ଥରେ ପ୍ରାୟ ୩ କିଲୋମିଟର ଲମ୍ବ ବୁଡ଼ାରଜା କେନାଲର ମରାମତି କାମ ଗତ ଛଅ ଦିନ ଧରି ଚାଲିଛି।ଏହି କେନାଲ ଉପରେ ପ୍ରାୟ ୧୫୦ ଏକରରୁ ଅଧିକ ଚାଷଜମି ନିର୍ଭରଶୀଳ। ସମୟରେ କେନାଲ ମରାମତି ନ ହେଲେ ଚାଷଜମିକୁ ପାଣି ମିଳିବ ନାହିଁ ଏବଂ ଖରିଫ ଚାଷ ବ୍ୟାପକ ଭାବେ ପ୍ରଭାବିତ ହେବ ବୋଲି ଲକ୍ଷ୍ମୀନାରାୟଣ ପୂଜାରୀ, ଭୀମସେନ ବିଡ଼ିକା, ନବୀନ ପୂଜାରୀ, ଘନ କୌଶଲ୍ୟା ଓ ଋଷିକେଶ ପୂଜାରୀ ପ୍ରମୁଖ କହିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ କେନାଲ ମରାମତି ପାଇଁ ବାରମ୍ବାର ପ୍ରଶାସନ ଏବଂ ଆଇଟିଡିଏ ଅଧିକାରୀଙ୍କୁ ଦାବି ଜଣାଇଥିଲେ ମଧ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନଥିଲା। ଫଳରେ ଚାଷୀମାନେ ବାଧ ହୋଇ ନିଜ ଅର୍ଥ ଓ ଶ୍ରମଦାନରେ କେନାଲ ମରାମତି କାମ କରୁଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରାଯିବ ଏବଂ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ।

# ଜାଲ ଦସ୍ତଖତ କରି କୋଟିରୁ ଊର୍ଦ୍ଧ୍ବ ହଡପ ଅଭିଯୋଗ

ରାୟଗଡାସଦର -୨୧/୭(ସନ୍ତୋଷ ମିଶ୍ର )ରାୟଗଡା ଜିଲ୍ଲା ନଗର ଉନ୍ନୟନ ସଂସ୍ଥା କର୍ଯ୍ୟାଳୟରେ ଅର୍ଥ ଆତ୍ମସାତ ହୋଇଥିବା ନଜରକୁ ଆସିଛି। କାର୍ଯ୍ୟାଳୟର ଜଣେ ଅଧିକାରୀ ବିନୟ ହରିଜନ ସରକାରୀ ଅର୍ଥ ପ୍ରାୟ ୧ କୋଟି ୯ ଲକ୍ଷ ନିଜ ଏକାଉଣ୍ଟକୁ ଟ୍ରାନସଫର୍ କରି ନେଇଯାଇଥିବା ଜଣାପଡିଛି ।ଏନେଇ ରାୟଗଡା ଡିଆରଡିଏ ପକ୍ଷରୁ ଟାଉନ୍ ଥାନାରେ ଏକ ମାମଲା ରୁଜୁ କରାଯାଇଛି ।ସରକାରୀ ଅର୍ଥକୁ ନିଜ ଏକାଉଣ୍ଟରେ ଟ୍ରାନସଫର୍ କରିବା ପରେ ଦୀର୍ଘ ୧ ସପ୍ତାହ ହେବ ବାବୁ ଜଣକ ନିଜ କୋଠରୀରେ ତାଲା ପକାଇ ଫେରାର୍ ହୋଇଯାଇଛନ୍ତି ।ତାଙ୍କ ମୋବାଇଲ ଫୋନ୍ ବନ୍ଦ ରହିଥିବା ବେଳେ ସେ ବର୍ତ୍ତମାନ ଫେରାର୍ ଥିବା ଆଶଙ୍କା କରାଯାଉଛି। ବିନୟ ହରିଜନ ରାୟଗଡା ନଗର ଉନ୍ନୟନ ସଂସ୍ଥା ବା ଡୁଡାରେ ପରିଚାଳନା ସୂଚନା ପ୍ରଣାଳୀ ବିଶେଷଜ୍ଞ ଭାବେ ଦୀର୍ଘ ଦିନ ହେବ କାମ କରୁଥିଲେ । ତେବେ ସେ ଅଫିସ କୁ ଆସୁନଥିବା ବେଳେ ଡୁଡାର ଅନ୍ୟ କର୍ମଚାରୀ ମାନେ ଅଫିସ କାର୍ଯ୍ୟ ଠିକ୍ ରେ କରିପାରୁନଥିବା ଜଣାପଡିଛି ।ବିନୟ ହରିଜନଙ୍କ କାର୍ଯ୍ୟଳୟ କୋଠରୀରେ ଏବେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଅଧିକାରୀ ଜଣକ ସହରାଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ଓ ଏଲଇଡି ଟିଭି ପରିଚାଳନା କଥା ବୁଝୁଥିଲେ ବୋଲି ଜଣାପଡିଛି । ବର୍ତ୍ତମାନ ଏହି ଘଟଣାରେ ଟାଉନ ଥାନାରେ ଏତଲା ଦିଆଯାଇନଥିବା ବେଳେ ବିଭାଗୀୟ ଅଧିକାରୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଏଥିପାଇଁ ଏକ ଟିମ୍ ଗଠନ କରାଯାଇଥିବା ଜିଲ୍ଲା ପରିଷଦ ଅଧିକାରୀ ବା ସିଡିଓ ସୂଚନା ଦେଇଛନ୍ତି । ସରକାରୀ ଗାଡିର ତେଲ,ଦରମା ଓ ଅନ୍ୟ ବାବଦକୁ ବିଭିନ୍ନ ପର୍ଯ୍ୟାୟରେ ଅର୍ଥ ଅତ୍ମସାତ୍ ହୋଇଥିବା ଜଣାପଡିଛି । ପାଖାପାଖି ୫ ବର୍ଷରୁ ଏହି ସରକାରୀ ଅର୍ଥକୁ ପର୍ଯ୍ୟାକ୍ରମେ ବିଭାଗୀୟ ଅଧିକାରୀ ବା ପିଡିଙ୍କ ଜାଲ ଦସ୍ତଖତ କରି ବିନୟ ହରିଜନ ବ୍ୟାଙ୍କ ମାଧ୍ୟମରେ ନିଜ ଏକାଉନଣ୍ଟକୁ ନେଇ ଯାଇଛନ୍ତି । ତେବେ ସଂପୃକ୍ତ ବ୍ୟାଙ୍କ ଏପରି ଅନିୟମିତତାକୁ କିପରି ଜାଣିପାରିଲା ନାହିଁ ବୋଲି ଏବେ ପ୍ରଶ୍ନ ଉଠୁଛି । ଏନେଇ ପୁଲିସର ପ୍ରତିକ୍ରିଆ ମିଳିପାରିନାହିଁ ।

## ନୂଆପଡ଼ାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ସହରାଞ୍ଚଳରେ ଭାରୀ ଯାନ ଚଳାଚଳ ଉପରେ କଟକଣା କଡ଼ାକଡ଼ି

ନୂଆପଡ଼ା, - ୨୧/୦୭( ଅକ୍ଷର ଓଡିଶା ) ନୂଆପଡ଼ା ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଏସ୍.ଡି.ଓ., ଆଁ ଆଣ୍ଡ ବି ସୁକାନ୍ତ ଗାର୍ଡିଆ ସମସ୍ତଙ୍କୁ ସ୍ୱାଗତ ଜଣାଇ ପୂର୍ବ ବୈଠକର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଓ ବୈଠକର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ।ସ୍କୁଲ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସହରାଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନକାରୀ ଯାନ ବ୍ୟତୀତ ଅନ୍ୟ ସମସ୍ତ ଭାରୀ ଯାନ ଚଳାଚଳ ଉପରେ କଟକଣାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ନୂଆପଡ଼ା-ପଦମପୁର ରାସ୍ତାରେ ଶୀଘ୍ର ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍ କାର୍ଯ୍ୟକାରୀ ହେବ। ଏହି ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ଅତ୍ୟଧିକ ବେଗ, ହେଲମେଟ ଏବଂ ସିଟ୍‌ବେଲ୍ଟ ବ୍ୟବହାର ନ କରିବା ସମେତ ବିଭିନ୍ନ ଟ୍ରାଫିକ ନିୟମ ଉଲ୍ଲଂଘନ ସ୍ୱୟଂଚାଳିତ ଭାବେ ଚିହ୍ନଟ କରାଯିବ। ଜିଲ୍ଲାପାଳ 'ନୋ



ହେଲମେଟ-ନୋ ପେଟ୍ରୋଲ' ଅଭିଯାନକୁ ଅଧିକ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେବା ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନିଜ ଅଧୀନସ୍ଥ କର୍ମଚାରୀମାନେ ହେଲମେଟ ପିନ୍ଧି କାର୍ଯ୍ୟାଳୟକୁ ଆସୁଥିବା ସୁନିଶ୍ଚିତ କରିବାକୁ କହିଥିଲେ। କଲେକ୍ଟରେଟର ସମସ୍ତ କର୍ମଚାରୀଙ୍କ କ୍ଷେତ୍ରରେ ଏହାର ଅନୁପାଳନ ତଦାରଖ ଦାୟିତ୍ୱ ଉପ ଜିଲ୍ଲାପାଳ (ପ୍ରତିଷ୍ଠା)ଙ୍କୁ ଦିଆଯାଇଛି ।ଜିଲ୍ଲାରେ ସ୍ଥାପିତ ୧୦ଟି ହେଲମେଟ ହବର କାର୍ଯ୍ୟକାରିତାର ସମୀକ୍ଷା କରି ଜିଲ୍ଲାପାଳ ସେଗୁଡ଼ିକର ନିୟମିତ ତଦାରଖ ଉପରେ ଗୁରୁତ୍ୱ ଦେଇଥିଲେ। ସିଡିଏମ୍ ଓ ପିଏଚ୍‌ଓଙ୍କୁ ସମସ୍ତ ହେଲମେଟ ହବ୍‌ରେ ପ୍ରଥମିକ ଚିକିତ୍ସା ବାକ୍ସ ଉପଲବ୍ଧ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ସଡ଼କ ସୁରକ୍ଷା ସଙ୍କେତ ଫଳକର ଆବଶ୍ୟକତା ଥିବା ସ୍ଥାନଗୁଡ଼ିକୁ ପୁନଃ ସର୍ଭେ କରି ଆବଶ୍ୟକ ପଦକ୍ଷେପ ନେବାକୁ ଆରଟିଓ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ଆରଟିଓ ପକ୍ଷରୁ ଉପସ୍ଥାପିତ ଏନଫୋର୍ସମେଣ୍ଟ ତଥ୍ୟ ଅନୁଯାୟୀ, ଜୁନ୍-୨୦୨୬ ମାସରେ ମୋଟ ୯୬୫ଟି ଟ୍ରାଫିକ ନିୟମ ଉଲ୍ଲଂଘନ ମାମଲା ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରେ ୩୦୯ଟି ହେଲମେଟ ବିନା ଗାଡ଼ି ଚଳାଇବା, ୧୫୦ଟି ଅତ୍ୟଧିକ ବେଗ, ୧୯ଟି ମଦ୍ୟପ ଅବସ୍ଥାରେ ଗାଡ଼ି ଚଳାଇବା ସମେତ ଅନ୍ୟାନ୍ୟ ମାମଲା ରହିଛି। ଏହି ସମୟ ମଧ୍ୟରେ ୪୭୮ଟି ଇ-ଚାଲାଣ ଫଇସଲା ହୋଇ ମୋଟ ୨୦ ଲକ୍ଷ ୭୫ ହଜାର ୮୦୮ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୧୬୦ଟି ଡ୍ରାଇଭିଂ ଲାଇସେନ୍ସ ସସ୍ପେଣ୍ଡ କରାଯାଇଥିବା ସୂଚନା ଦିଆଯାଇଥିଲା ।ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ୩,୨୬୩ଟି ହେଲମେଟ ବିନା ଗାଡ଼ି ଚଳାଇବା ଏବଂ ୧୫୪ଟି ମଦ୍ୟପ ଅବସ୍ଥାରେ ଗାଡ଼ି ଚଳାଇବା ମାମଲାରେ ଚାଲାଣ କରାଯାଇଛି।

## ପୂରନ ଗଣ୍ଡଙ୍କୁ ବାର୍ଦ୍ଧକ୍ୟ ଭତ୍ତା କେବେ

ରାଇଘର, . ୨୧/୦୭ (ଭୁବନେଶ୍ୱର ସୁନାନୀ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଗଞ୍ଜାପାରା ପଞ୍ଚାୟତର ଝୁନକିପାରା ଗ୍ରାମର ଜଣେ



ବୃଦ୍ଧ ସରକାରୀ ସହାୟତାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି।ସରକାରଙ୍କ ପକ୍ଷରୁ ଗରିବ ଓ ଅସହାୟ ଲୋକଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ରହିଥିଲେ ମଧ୍ୟ ଯୋଗ୍ୟ ହିତାଧିକାରୀମାନେ ଏହାର ସୁଫଳ ପାଇପାରୁନଥିବା ଅଭିଯୋଗ ହେଉଛି। ୬୨ ବର୍ଷ ବୟସ ହୋଇଥିଲେ ମଧ୍ୟ ପୂରନ ଗଣ୍ଡଙ୍କୁ ଏପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ମିଳୁନଥିବା ଜଣାପଡ଼ିଛି। ଫଳରେ ସେ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦଶାରେ ଜୀବନ କାଟୁଛନ୍ତି।ଯୋଗ୍ୟ ହିତାଧିକାରୀଙ୍କୁ ଯଦି ସରକାରୀ ଯୋଜନାର ଲାଭ ନମିଳେ, ତେବେ ଏହି ଯୋଜନାଗୁଡ଼ିକର ପ୍ରକୃତ ଲାଭ କାହାକୁ ମିଳୁଛି ବୋଲି ପ୍ରଶ୍ନ ଉଠୁଛି। ପୂରନ ଗଣ୍ଡଙ୍କୁ ତୁରନ୍ତ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ସହ ଏହି ଘଟଣା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ନିଲମ୍ବନର ଛ' ଦିନପରେ ପାଲଟା ଅଭିଯୋଗ ଆଣିଲେ ଦଉସେବାୟତ

ପୁରୀ,୨୧।୭(ଅକ୍ଷର ଓଡ଼ିଶା):ନୀତିକାନ୍ତି ପାଳନରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରି ନିଲମ୍ବନ ହେବାର ୬ ଦିନ ପରେ ଦଉମହାପାତ୍ର ସେବାୟତ ରଶ୍ମିରଞ୍ଜନ ଦତ୍ତ ମହାପାତ୍ର ଶ୍ରୀମନ୍ଦିର କମାଣ୍ଡରଙ୍କ ବିରୋଧରେ ମୁଖ୍ୟପ୍ରଶାସକ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।ସେ କରିଥିବା ଅଭିଯୋଗର ନକଲ ଆଇନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ରଶ୍ମୀରଞ୍ଜନ କହିଛନ୍ତି। ତେବେ ରଶ୍ମିରଞ୍ଜନ ଯେଉଁ କମାଣ୍ଡରଙ୍କ ରିପୋର୍ଟ ଆଧାରରେ ନିଲମ୍ବନ ହେଲେ ତାଙ୍କ ବିରୁଦ୍ଧରେ ୬ ଦିନ ପରେ ପାଲଟା ଅଭିଯୋଗ କରିବା ଘଟଣାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରଶ୍ମିରଞ୍ଜନ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ଯେ ଗତ ୧୫ ତାରିଖ ଭୋର ସାଢ଼େ ୫ଟା ବେଳେ ସେ ବନକଲାଗି ନୀତି କରୁଥିବାବେଳେ ଶ୍ରୀମନ୍ଦିର ପୂର୍ବତନ ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ଓ କମାଣ୍ଡର ସୁଧାଂଶୁ ପଟ୍ଟନାୟକ ସେଠାରେ ପହଞ୍ଚି ତାଙ୍କ ସମ୍ମୁଖରେ ନୀତି କରିବାକୁ କହିଥିଲେ। ବନକ ଲାଗି ମହାପ୍ରଭୁଙ୍କ ଏକ ଗୁପ୍ତ ସେବା ଆପଣମନ୍ଦିର କମାଣ୍ଡର ରଶ୍ମିବାବୁ ଜଣେ ପୂର୍ବତନ ନୀତି ପ୍ରଶାସକ ହୋଇ କିପରି ଗର୍ଭଗୃହକୁ ଆସିଲେ ବୋଲି କହିବାରୁ କମାଣ୍ଡର ସୁଧାଂଶୁ ରାଗିଯାଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। କିନ୍ତୁ ସେ ଚୁପ୍ ରହିଥିଲେ। ପରେ ସେଠାରୁ କମାଣ୍ଡର ସୁଧାଂଶୁ ପଳାଇଥିଲେ ମଧ୍ୟ ସକାଳ ପ୍ରାୟ ୮ରେ ପୁଣି ବର୍ତ୍ତମାନର ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି ଓ ଅନ୍ୟକେତେକ କର୍ମଚରୀଙ୍କ ସହିତ ଗର୍ଭ ଗୃହକୁ ଆସି ସୁରକ୍ଷାକର୍ମୀଙ୍କୁ ଲଗାଇ ତାଙ୍କୁ ଜୋର୍ ଜବରଦସ୍ତ ସିଂହଦ୍ୱାର ଥାନାକୁ ନେଇଥିଲେ।ଏବେ ତାଙ୍କୁ ନିଲମ୍ବନ କରାଯାଇଥିବା ସେ ଶୁଣିବାକୁ ପାଉଛନ୍ତି। ତେଣୁ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ରଶ୍ମିରଞ୍ଜନ ମୁଖ୍ୟ ପ୍ରଶାସକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ ଉଭା ଅମାବାସ୍ୟା ତିଥିରେ ଅର୍ଥାତ୍ ଗତ ୧୫ ତାରିଖ ଦିନ ନୀତିକାନ୍ତି ପାଳନ ସମୟରେ ଦଉ ସେବାୟତ ରଶ୍ମିରଞ୍ଜନ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିବାରୁ ଶ୍ରୀମନ୍ଦିର କମାଣ୍ଡରଙ୍କ ରିପୋର୍ଟ ଆଧାରରେ ମୁଖ୍ୟପ୍ରଶାସକ ତାଙ୍କୁ ସେବାରୁ ନିଲମ୍ବିତ କରିଥିଲେ।

# ଚିନ୍ତାରେ ଅଙ୍ଗନବାଡ଼ି କର୍ମୀ, ଖାଉଟି ଏବଂ ଫାଷ୍ଟଫୁଡ୍ ବ୍ୟବସାୟୀ

ନୟାଗଡ଼ :୨୧/୦୭ (ଅକ୍ଷର ଓଡିଶା )- ହଠାତ୍ ଅଣ୍ଡା ଦରବୃଦ୍ଧି ଚିନ୍ତା ଜନକ ପରିସ୍ଥିତି ସୃଷ୍ଟି କରିଛି । ଅଙ୍ଗନବାଡ଼ି କର୍ମୀ, ବିଦ୍ୟାଳୟ ଶିକ୍ଷକ ଅଣ୍ଡା ଦର ବୃଦ୍ଧିକୁ ନେଇ ସବୁଠାରୁ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ମୁଖ୍ୟତଃ ଗର୍ଭବତୀ ଶିଶୁ, ଅଙ୍ଗନବାଡ଼ିକୁ

## ଅଣ୍ଡା କଲାଣି ଲଣ୍ଡା

ଆସୁଥିବା ଛାତ୍ରଛାତ୍ରୀ, ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ନିୟମିତ ଅଣ୍ଡା ଆବଶ୍ୟକ ହେଉଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଅଣ୍ଡା ପ୍ରଦାନ ବ୍ୟବସ୍ଥା କରାଯାଇଥିବା ବେଳେ ଗୋଟିଏ ଅଣ୍ଡା ପିଛା ସରକରା ୬.୬୪ ପ୍ରଦାନ କରୁଛନ୍ତି । କିନ୍ତୁ ଅଣ୍ଡା ବଜାର ମୁଲ୍ୟ ଆଜିକାର ଦିନରେ ୯ ଟଙ୍କାରୁ ଉର୍ଦ୍ଧ୍ୱ ରହିଛି । ଅନେକ ସ୍ଥାନରେ ଅଣ୍ଡା ଗୋଟିଏ ୯ ଟଙ୍କା ୫୦ ପଇସା ମଧ୍ୟ ବିକ୍ରି ହେଉଛି । ଉତ୍ପାଦନ ୟୁନିଟ୍‌ରୁ ଗୋଟିଏ ଅଣ୍ଡାକୁ ୭.୨୫ ଟଙ୍କା ଦର ରହିଥିବା ବେଳେ ଏହା ବଜାରରେ ପହଞ୍ଚିବା ବେଳକୁ ଟ୍ରାନ୍ସପୋର୍ଟ ସହ ୭.୭୦ ପଇସା ପଡୁଛି । ଗୋଦାମ ମାଲିକ, ଖୁଚୁରା ବ୍ୟବସାୟୀଙ୍କ ଲାଭାଂଶ ମିଶି ଏହା ୯ ଟଙ୍କା ଛୁଉଁଛି । ନୟାଗଡ଼ ଜିଲ୍ଲାରେ ଉତ୍ପାଦିତ ହେଉଥିବା ଅଣ୍ଡା ଜିଲ୍ଲାର ଆବଶ୍ୟକତା ପୂରଣ କରି ଅନ୍ୟ ଜିଲ୍ଲାକୁ ଚାଲାଣ ହେଉଥିଲେ ମଧ୍ୟ ବର୍ତ୍ତମାନ ସ୍ଥିତିରେ ଦରବୃଦ୍ଧି ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ଖୁଚୁରା ଭାବେ ଗୋଟିକୁ ୭ ଟଙ୍କା ଏବଂ ଟ୍ରେ ହିସାବରେ ଅଣ୍ଡା ଗୋଟିକ ୬ ଟଙ୍କା କିଣା ଯାଉଥିବା ବେଳେ ହଠାତ୍ ଏହା ୯ ଟଙ୍କା ଛୁଇଁବାକୁ ସହଜରେ ଗ୍ରହଣ କରାଯାଇ ପାରୁନାହିଁ । ଖରାଦିନେ କୁକୁଡ଼ା ମଡ଼କ ପାଇଁ ଆବଶ୍ୟକ ଅନୁସାରେ ଅଣ୍ଡା ଉତ୍ପାଦନ ହେଉନଥିବା ବିଶିଷ୍ଟ ବ୍ୟବସାୟୀ ତାପସ ରଞ୍ଜନ ପାଢ଼ୀ କହିଛନ୍ତି । ଏହା ସହିତ ଦାନା ଦର ବୃଦ୍ଧି, ସୋୟା ଦର ବୃଦ୍ଧି, ମକା ଦର ବୃଦ୍ଧି ମଧ୍ୟ ଅନ୍ୟତମ କାରଣ ବୋଲି କହିଛନ୍ତି । ମଧ୍ୟ ଦେଶୀୟ ଯୁଦ୍ଧର ପ୍ରଭାବ ମଧ୍ୟ ଅଣ୍ଡା ଦର ବୃଦ୍ଧିର ଅନ୍ୟତମ କାରଣ । ଅନେକ କାରଣ ପାଇଁ ଅଣ୍ଡା ମୁଲ୍ୟ ସିଧାସଳଖ ପାଖାପାଖି ଦୁଇ ଟଙ୍କା ବୃଦ୍ଧି ପାଇଥିବା କହିଛନ୍ତି ।

## ପୁରୀରେ ବେଆଇନ ବାଲି ଉତ୍ତୋଳନ ଅଭିଯୋଗ

# ପ୍ରଶାସନର ସ୍ୱଷ୍ଟୀକରଣ ରିପୋର୍ଟ ମଗାଇଲେ

ଗୋପ ୨୧/୦୭ (ସନ୍ତୋଷ କୁମାର ଭୋଳ): ପୁରୀ ଜିଲ୍ଲାରେ ବେଆଇନ ବାଲି ଓ ଗୌଣ ଖଣିଜ ପଦାର୍ଥ ଉତ୍ତୋଳନକୁ ନେଇ ଉଠିଥିବା ବିଭିନ୍ନ ଅଭିଯୋଗ ପରେ ଏହି ସମଗ୍ର ପ୍ରସଙ୍ଗରେ ପ୍ରଶାସନ ପକ୍ଷରୁ ସବିଶେଷ ସ୍ୱଷ୍ଟୀକରଣ ରିପୋର୍ଟ ମଗାଇଛନ୍ତି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାଖଲ କରାଯାଇଥିବା ରିପୋର୍ଟରେ ଖଣି ପରିଚାଳନା, ବାଲି ଉତ୍ତୋଳନ, ଏନଫୋର୍ସମେଣ୍ଟ ଏବଂ ବେଆଇନ କାର୍ଯ୍ୟକଳାପ ବିରୋଧରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ତଥ୍ୟ ଦିଆଯାଇଛି ।ରୀପୋର୍ଟ ଅନୁଯାୟୀ, ପୁରୀ ଜିଲ୍ଲାରେ କୌଣସି ଖଣି ନଥିବା ଓ ଇଲେକ୍ଟ୍ରୋନିକ୍ ଟ୍ରାନ୍ସିଟ୍ ପାସ୍ ଜାରି କରାଯାଉନଥିବା ଅଭିଯୋଗକୁ ପ୍ରଶାସନ ସମ୍ପୂର୍ଣ୍ଣ ଖଣ୍ଡନ କରିଛି। ଖଣି ପରିଚାଳନା ପାଇଁ ବ୍ୟବହୃତ ପୋର୍ଟାଲ ରେ ସମସ୍ତ ତଥ୍ୟ ଏବଂ ଫର୍ମ ୱାଇ ଜାରି ସମ୍ବନ୍ଧୀୟ ବିବରଣୀ ଉପଲବ୍ଧ ଥିବା ସ୍ପଷ୍ଟ କରାଯାଇଛି ।ବର୍ତ୍ତମାନ ପୁରୀ ଜିଲ୍ଲାରେ କେବଳ ଗୋଟିଏ ବାଲି ଉତ୍ସ ସକ୍ରିୟ ରହିଛି, ଯାହା ଅର୍ଦ୍ଧ-ଯାନ୍ତ୍ରିକ ପଦ୍ଧତିରେ ପରିଚାଳିତ ହେଉଛି। ଏହି ଉତ୍ସରୁ ଦିନକୁ ସର୍ବାଧିକ ୭୧ କ୍ୟୁବିକ୍ ମିଟର ବାଲି ଉତ୍ତୋଳନ ଏବଂ ସର୍ବାଧିକ ୨.୭୫ ମିଟର ଗଭୀରତା ପର୍ଯ୍ୟନ୍ତ ଖନନ ପାଇଁ ଅନୁମତି ରହିଛି। ବିଜ୍ଞପ୍ତି ସଂଖ୍ୟା ୧୧୮୪/ଏସଆଣ୍ଡଏମ, ତାରିଖ ୨ ଫେବୃଆରୀ ୨୦୨୬ ଅନୁଯାୟୀ ବାଲିର ସର୍ବନିମ୍ନ ମୂଲ୍ୟ ପ୍ରତି କ୍ୟୁବିକ୍ ମିଟର ୩୪୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଓଏମସିସି ନିୟମ-୨୦୧୬ ଏବଂ ସଂଶୋଧନ-୨୦୨୫ ଅନୁଯାୟୀ ନୂତନ ଡିଏସଆର ପ୍ରସ୍ତୁତ କରାଯାଇ ବେଆଇନ ଉତ୍ସଗୁଡ଼ିକୁ ଆଇନଗତ ପ୍ରକ୍ରିୟାରେ ଅଣାଯାଉଥିବା ଉଲ୍ଲେଖ କରାଯାଇଛି ।ପ୍ରକୃତପକ୍ଷେ ଏନଫୋର୍ସମେଣ୍ଟ ହେଉନଥିବା ଅଭିଯୋଗ ପ୍ରସଙ୍ଗରେ ପ୍ରଶାସନ କହିଛି ଯେ, ପୁରୀ ଜିଲ୍ଲାର ସମସ୍ତ ୧୧ଟି ତହସିଲରେ କର୍ମଚାରୀଙ୍କ ପ୍ରବଳ ଅଭାବ ରହିଥିବା ସତ୍ତ୍ୱେ ଉପଲବ୍ଧ କର୍ମଚାରୀଙ୍କ ଦ୍ୱାରା ନିୟମିତ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଏହି ଅଭାବ ସମ୍ପର୍କରେ ଉଚ୍ଚ



କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ।ଅନ୍ୟପକ୍ଷରେ, ବେଆଇନ ବାଲି ଉତ୍ତୋଳନ ଓ ପରିବହନ ବିରୋଧରେ ପ୍ରଶାସନ କଠୋର ପଦକ୍ଷେପ ଗ୍ରହଣ କରିଥିବା ରିପୋର୍ଟରେ ଦର୍ଶାଯାଇଛି। ନିୟମ-୫୧ ଅନୁଯାୟୀ ୪୯୪ଟି ଯାନବାହନ ଜବତ କରାଯାଇଥିବାବେଳେ ଜୋରିମନା ବାବଦରେ ୧ କୋଟି ୫୭ ଲକ୍ଷ ୨୨ ହଜାର ୩୭୭ ଟଙ୍କା ଆଦାୟ କରାଯାଇଛି। ସେହିପରି ଜିଲ୍ଲାର ବିଭିନ୍ନ ଥାନାରେ ୨୩୨ଟି ଏଫ୍‌ଆଇଆର୍ ରୁଜୁ କରାଯାଇଛି। ବେଆଇନ ବାଲି ସଂରକ୍ଷଣରୁ ୯୭ ହଜାର ୯୫ ଟଙ୍କା ଏବଂ ସ୍ୱଟ୍ ଅବ୍ସନ୍ ମାଧ୍ୟମରେ ୧୦ ଲକ୍ଷ ୭୮ ହଜାର ୫୭୧ ଟଙ୍କା ଆଦାୟ କରାଯାଇଛି। ବେଆଇନ ବାଲି ପରିବହନକୁ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ରାସ୍ତାରେ ଖାଲ ଖୋଳାଯାଇଥିବା ସହ ଆବଶ୍ୟକ ସ୍ଥାନରେ ଧାରା-୧୬୩ ଜାରି କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ବଳଭଦ୍ର ଜୈବିକ ଚାଷ ମିଶନ ତାଲିମ୍ ଶିବିର ଅନୁଷ୍ଠିତ

ଦାରିଙ୍ଗବାଡି:୨୧/୭(ମୃତ୍ୟୁଞ୍ଜୟ ପ୍ରଧାନ) ରାସାୟନିକ ସାର ମୁକ୍ତ ହେବ ଦାରିଙ୍ଗବାଡି ବ୍ଲକ । ରାଜ୍ୟ ସରକାର ଙ୍କ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଆନୁକୁଲ୍ୟ ରେ ରାଜ୍ୟ ଯୋଜନା ୨୦୨୫-୨୬ ଅନ୍ତର୍ଗତ ବଳଭଦ୍ର ଜୈବିକ ଚାଷ ମିଶନ ରେ ଦାରିଙ୍ଗବାଡି ବ୍ଲକ୍ କୁ ସାମିଲ କରାଯାଇଛି । ଏହି



ଅବସର ରେ ବ୍ଲକ ଅଞ୍ଚଳର ସମସ୍ତ ଚାଷୀମାନଙ୍କୁ ଦାରିଙ୍ଗବାଡି କୃଷି କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ପଞ୍ଚାୟତ ର ଚାଷୀ ମାନଙ୍କୁ ସଚେତନା କରିବା ସହ ତାଲିମ୍ ପ୍ରଦାନ କରାଯାଉଛି । ମଙ୍ଗବାର ଦିନ ବ୍ରାହ୍ମଣୀଗାଁ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ମଲ୍ଲିକ ଙ୍କ ଅଧ୍ୟକ୍ଷତାରେ ଏକ ତାଲିମ୍ ଶିବିର ଅନୁଷ୍ଠିତ ହୋଇ ଥିଲା ଏଥିରେ ସହକାରୀ କୃଷି ଅଧିକାରୀ ଦାରିଙ୍ଗବାଡି ଅଶ୍ଳେଷା ରଥ , ଗ୍ରାମ୍ୟ କୃଷି କର୍ମଚାରୀ ସତ୍ୟ ପ୍ରକାଶ ବାରିକ ,କୃଷକ ସାଥୀ ସୁନିଲ କୁମାର ସିଂ ଉପସ୍ଥିତ ରହି ଅଞ୍ଚଳ ର ଚାଷୀ ମାନଙ୍କୁ ଜୈବିକ ଚାଷ ପଦ୍ଧତି ଏବଂ ବଳଭଦ୍ର ଯୋଜନା ରେ ହିତାଧିକାରୀ ମାନେ କିପରି ସାମିଲ ହେବେ ଏବଂ କଣ ସବୁ ସରକାରୀ ସୁବିଧା ରହିଛି ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।ଏହି ସମୟରେ ଅଞ୍ଚଳ ର ଚାଷୀ ମାନଙ୍କ ସୁବିଧା ଦୃଷ୍ଟି ରୁ ବ୍ରାହ୍ମଣୀଗାଁ ରେ ଥିବା କୃଷି କାର୍ଯ୍ୟାଳୟ କୁ ଚାଲୁ କରି କୃଷି ଅଧିକାରୀଙ୍କୁ ନିଯୁକ୍ତି କରିବାକୁ ଦାବୀ ହୋଇ ଥିଲା । ବ୍ରାହ୍ମଣୀଗାଁ ସମେତ ଅଞ୍ଚଳ ର ଆଠଗୋଟି ପଞ୍ଚାୟତ ସରାମୂଳି, ଗଦା ପୁର, ତାଯୁଙ୍ଗିଆ, ହାତୀମୁଣ୍ଡା, ଝିଞ୍ଜିରୀ ଗୁଡା, କୁମ୍ଭାରୀ ଗାଁ ଓ କାଟିଙ୍ଗିଆ ପଞ୍ଚାୟତ ର ବିଭିନ୍ନ ଗ୍ରାମ ବ୍ଲକ କାର୍ଯ୍ୟାଳୟ ଠାରୁ ୪୦ ରୁ ୮୦ କିମି ଦୂରରେ ଥିବାରୁ କୃଷି କାର୍ଯ୍ୟାଳୟ ପକ୍ଷରୁ କୌଣସି ସୁିଧା ମିଳୁ ନଥିବା ଅଭିଯୋଗ ହୋଇଥିଲା । ପ୍ରକାଶ ଯୋଗ୍ୟ ଯେ ଦୀର୍ଘ ବର୍ଷ ହେବ ବ୍ରାହ୍ମଣୀଗାଁ ରେ ଥିବା କୃଷି କାର୍ଯ୍ୟାଳୟ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି ଯାହା ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆଢୁଆଳ ରେ ରହିଯାଇଛି , ଏହାର ପୁନଃରୁଦ୍ଧାର କରିବାକୁ ଅଞ୍ଚଳ ବାସୀ ଦାବୀ କରିଛନ୍ତି।

## ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ



ଡାବୁଗାଁ ୨୧/୦୭/ (ଅକ୍ଷର ଓଡିଶା) ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ସମିର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଡାବୁଗାଁ ବ୍ଲକରେ ଏସ ଆଇ ଆର ସର୍ଭେ ପରେ ୩୩୩ ଜଣ ଭୋଟରଙ୍କ ତ୍ରୁଟି ପରିଲକ୍ଷିତ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ବୁଥ ନମ୍ବର ୧୦୨ ଓ ୧୦୪ ର ୭୧ ଜଣ ଭୋଟରଙ୍କ ତ୍ରୁଟି ନେଇ ଯାଞ୍ଚ ପରେ ଶୁଣାଣୀ ହୋଇଥିଲା। ନିର୍ଭୁଲ ଓ ସ୍ୱଚ୍ଛ ଭୋଟର ତାଲିକା ପ୍ରକାଶ ପାଇଁ ବ୍ଲକ ପ୍ରଶାସନ ଗୁରୁତ୍ୱ ଦେଉଥିବା ବେଳେ ଏଥିରେ ଯେପରି କେହି ଯୋଗ୍ୟ ଭୋଟର ବାଦ୍ ପଡ଼ିବେ ନାହିଁ ସେ ନେଇ ଗୁରୁତ୍ୱ ପ୍ରଦାନ କରାଯାଉଛି। ବିଶେଷ କରି ଯୋଗ୍ୟ ଭୋଟରଙ୍କ ନାମ ସାମିଲ କରି ଅଯୋଗ୍ୟଙ୍କୁ ହଟାଇବା ଓ ତ୍ରୁଟିପୂର୍ଣ୍ଣ ସଂଶୋଧନ କରିବା ଏହି ଶୁଣାଣି ର ପ୍ରମୁଖ ଲକ୍ଷ୍ୟ । ଆଗାମୀ ୨୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବୁଥ ର ତ୍ରୁଟି ନେଇ ଜନ ଶୁଣାଣି କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମକୁ ଜିପିଇଓ ପଦ୍ମନାଭ ଭାଲ୍ଲା ପରିଚାଳନା କରିଥିବା ବେଳେ ବୁଥ ସ୍ତରୀୟ ଅଧିକାରୀ ମାନେ ସହଯୋଗ କରିଥିଲେ।

## ବଳରାମପୁର ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟରାସ୍ତା ମରଣାଯନ୍ତା ପାଲଟିଛି



ରାଜକନିକା, ୨୧/୦୭/(ନୁରେଇ ଖାନ କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଅଧୀନ ବଳରାମପୁର ପଂଚାୟତ କାର୍ଯ୍ୟାଳୟକୁ ଯାଇଥିବା ଏକମାତ୍ର ରାସ୍ତା ବିପର୍ଯ୍ୟସ୍ତ ଲୋକାଭିମୁଖୀ ସରକାର ଆସିବା ପରେ ସାଧାରଣ ଲୋକ ବିଭିନ୍ନ କାର୍ଯ୍ୟପାଇଁ ପଂଚାୟତ କାର୍ଯ୍ୟାଳୟକୁ ଯାଇଥାନ୍ତି ମାତ୍ର ଦୀର୍ଘ ଚାରିବର୍ଷ ପ୍ରାୟ ହେବ ପଂଚାୟତ କାର୍ଯ୍ୟାଳୟକୁ ଯିବା ରାସ୍ତାରେ କାର୍ତ୍ତିକ ସାହୁ ଦୋକାନ ନିକଟରୁ ଲକ୍ଷ୍ମୀନାରାୟଣ ମନ୍ଦିର ପର୍ଯ୍ୟନ୍ତ ମାତ୍ର ଦୁଇଶହ ମିଟର ରାସ୍ତା ଚଳ ପ୍ରଚଳ ପାଇଁ ଅନୁପଯୁକ୍ତ ପ୍ରକାଶ ଯୋଗ୍ୟ ଖାଲ ଖମା ଥିବା ସ୍ଥାନ ନିକଟରେ ଏକ ପୋଖରୀ ଅଛି ଯାହାକି ସଫା ହେଉନାହିଁ ବ୍ୟକ୍ତିଗତ ମାଲିକାନା ରେ ଥିବା ଏହି ପୋଖରୀ ଦେଇ ବିଷଧର ସାପ ବୁଲାବୁଲି କରୁଥିବାରୁ ରାସ୍ତା ନିକଟରେ ସ୍ଥାୟୀ ଘର କରି ରହୁଥିବା ଲୋକେ ଆତଙ୍କିତ ଅବସ୍ଥା ରେ ଅଛନ୍ତି ତେବେ ବିହାରୀ ଡାକ୍ତର ଘର ପାଖ ରାସ୍ତା ରେ ଆଣ୍ଠିଏ ପାଣି ଏ ସମ୍ପର୍କ ରେ ବାରମ୍ବାର ଖବର ପ୍ରକାଶିତ ହୋଇ ଥିଲେ ଏହି ରାସ୍ତା ପ୍ରତି ଧ୍ୟାନ ଦିଆ ନଯିବା ଦୁଃଖ ଓ ପରୀତାପର ବିଷୟ ଏହି ଗୁରୁତ୍ୱ ପୁର୍ଣ ଏବଂ ଏକମାତ୍ର ରାସ୍ତା ମରାମତି ପାଇଁ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଜନ ସାଧାରଣ ଦାବି ହେଉଛି ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିଳମ୍ବିତ ଉପସ୍ଥିତି ନେଇ ଗ୍ରାମବାସୀଙ୍କ ଅଭିଯୋଗ

କେନ୍ଦ୍ରାପଡ଼ା, ୨୧/୭/(ଅଲେଖ ନାୟକ )- କେନ୍ଦ୍ରାପଡ଼ା ଜିଲ୍ଲା ଜମଧର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଡ଼ଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଦିନ ବିଳମ୍ବରେ ବିଦ୍ୟାଳୟକୁ ଆସୁଥିବା ଅଭିଯୋଗ କରି ଗ୍ରାମବାସୀମାନେ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଓ ମଣ୍ଡଳ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ନିକଟରେ ଏକ ଲିଖିତ ଦାବିପତ୍ର ଦାଖଲ କରିଛନ୍ତି। ନରେଶ ଜେନାଙ୍କ ନେତୃତ୍ୱରେ ଜମଧର ଗ୍ରାମ ପଞ୍ଚାୟତର ବହୁ ଗ୍ରାମବାସୀ ଜିଲ୍ଲା ଶିକ୍ଷା ଅଧିକାରୀ ଓ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ କରି ବିଦ୍ୟାଳୟରେ ଚାଲିଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ତୁରନ୍ତ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ଅଭିଯୋଗ ଅନୁଯାୟୀ, ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିୟମିତ ବିଳମ୍ବିତ ଉପସ୍ଥିତି ଯୋଗୁଁ ବିଦ୍ୟାଳୟର ପାଠପଢ଼ା ବ୍ୟାହତ ହେଉଥିବା ବେଳେ କୁନି କୁନି ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କ ତତ୍ତ୍ୱାବଧାନ ବିନା କିଛି ସମୟ ରହୁଛନ୍ତି। ବିଦ୍ୟାଳୟ ନିକଟରେ ଏକ ପୁଷ୍କରିଣୀ ଥିବାରୁ ପିଲାମାନଙ୍କ ସୁରକ୍ଷାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। କୌଣସି ଅଘଟଣ ଘଟିବା ପୂର୍ବରୁ ଏହାର ସ୍ଥାୟୀ ସମାଧାନ ସହ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକଙ୍କୁ ମଧ୍ୟ ଅବଗତ କରାଯାଇଥିବା ବେଳେ ଅଭିଯୋଗର ନିରପେକ୍ଷ ତଦନ୍ତ କରି ପ୍ରକୃତ ସ୍ଥିତି ଅନୁଧ୍ୟାନ ପରେ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ଗୋପ ବ୍ଲକର ସବୁ ଚାଷ ଜମି ଜଳବନ୍ଦୀ ଅବସ୍ଥା

# ଚାଷୀଙ୍କ ମୁଣ୍ଡରେ ଚଡ଼କ



ଗୋପ, ୨୧/୦୭: (ସନ୍ତୋଷ କୁମାର ଭୋଳ) ଲଗାଣ ବର୍ଷାରେ ଏବେ ଗୋପ ଅଞ୍ଚଳ ବେହାଲ ହୋଇପଡ଼ିଛି। ଗତ ଏକ ସପ୍ତାହ ଧରି ଚାଲିଥିବା ଅତ୍ୟଧିକ ବର୍ଷା ଯୋଗୁଁ ବ୍ଲକର ଅଧିକାଂଶ ପଞ୍ଚାୟତ ଜଳମଗ୍ନ ହୋଇଥିବାବେଳେ ଚାଷୀଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସ୍ଥାନୀୟ ଅଞ୍ଚଳର ପୁରୁଣା ଜଳ ନିଷ୍କାସନ ନାଳିଗୁଡ଼ିକ (କାର୍ଡା ନାଳି) ଜବରଦଖଲ ଏବଂ ସଫେଇ ଅଭାବରୁ ବନ୍ଦ ହୋଇଯାଇଛି। ସରକାରୀ ସ୍ତରରେ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା 'ପାଣି ପଞ୍ଚାୟତ' ବ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ଅକାମୀ ହୋଇପଡ଼ିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ, ଖରିଫ ଋତୁ ପାଇଁ ଆବଶ୍ୟକ ସରକାରୀ ବିହନ କଳାବଜାରୀ ହେଉଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏକ ସପ୍ତାହ ଧରି ତଳି ପଡ଼ିଆରେ ପାଣି ଜମି ରହିବାରୁ ଧାନ ତଳି ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆନଯିବା ଯୋଗୁଁ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଜିଲ୍ଲାପାଳଙ୍କୁ ତୁରନ୍ତ ସମସ୍ତ ଜଳ ନିଷ୍କାସନ ପଥ ସଫା କରାଯିବା ,କ୍ଷତିଗ୍ରସ୍ତ ଚାଷୀଙ୍କ ଜମିକୁ ତୁରନ୍ତ 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା'ରେ ଅନ୍ତର୍ଭୁକ୍ତ କରାଯିବା ସହ ବିହନ କଳାବଜାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି, ନନେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦିଆଯାଇଛି।

## କେରଳରେ ବଣ୍ଡା ଯୁବକଙ୍କ ମୃତ୍ୟୁ

ମାଲକାନଗିରି, ୨୧/୦୭(ଅକ୍ଷର ଓଡ଼ିଶା) ଦାଦନ ଖଟିବାକୁ ଯାଇ କେରଳରେ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟି ଅଞ୍ଚଳ କିର୍ଷାନିପଡ଼ା ଗ୍ରାମର ବଣ୍ଡା ଯୁବକ ଶୁକ୍ରା ଶିଶାଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁସାରେ, ୪ ଜଣ ଯୁବକଙ୍କ ସହ ଶୁକ୍ରା ଶିଶା ଦାଦନ ଖଟିବାକୁ ଚଳିତ ମାସ ୧୫ ତାରିଖରେ କେରଳ ଯାଇଥିଲେ । ସମସ୍ତେ ୧୭ ତାରିଖରେ କେରଳରେ ପହଞ୍ଚିଥିବା ବେଳେ ସେଠାରେ ଶୁକ୍ରାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଯାଇଥିଲା। ପରେ ତାଙ୍କର ମୃତ୍ୟୁ ହୋଇ ଯାଇଥିବା ଜଣାପଡ଼ିଛି। ତେବେ ଶୁକ୍ରାଙ୍କ ମୃତ୍ୟୁ କିପରି ହେଲା ଜଣାପଡ଼ି ନଥିବା ବେଳେ ଏନେଇ ପରିବାର ପକ୍ଷରୁ ୧୮ ତାରିଖରେ ମୁଦୁଲିପଡ଼ା ଥାନାରେ ଏକ ଲିଖିତ ପତ୍ର ଦେଇଥିଲେ । ଏହାପରେ ପୁଲିସ ଟିମ୍ କେରଳ ଯାଇଥିବା ଆଇଆଇସି ନୀଳିମା ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଶୁକ୍ରାଙ୍କ ସହ ଯାଇଥିବା ଅନ୍ୟ ଚାରିସାଥୀ ଏବେ କେରଳରେ ଶବ ନିକଟରେ ରହିଥିବା ଜଣାପଡ଼ିଛି।

# କୃଷ୍ଣେଶ୍ୱର ପାଟଣା ରାସ୍ତାରେ ଆଣ୍ଠୁଏ ପାଣି



କଣ୍ଟିଲୋ,୨୧/୭(ଅକ୍ଷର ଓଡ଼ିଶା): ଲଗାଣ ବର୍ଷା ଫଳରେ କଣ୍ଟିଲୋ ମୁଖ୍ୟବଜାର ଠାରୁ କଣ୍ଢେଇଶୁଣି ରାସ୍ତା ଓଡିଶା ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ପ୍ରାୟ ୨ଫୁଟ ବର୍ଷା ଜଳ ପ୍ରବାହିତ ହେଉଛି। ରାସ୍ତା ପାର୍ଶ୍ୱ ସମାଜ ଖାତିଆ ପୂର୍ଣ୍ଣ ହୋଇ ଏବେ ବର୍ଷା ଜଳ ରାସ୍ତା ମୁହାଁ ହୋଇଛି। ଉକ୍ତ ଅଞ୍ଚଳ ରେ ଥିବା ଚାଷଜମି,ଖାଲ ଖମା କାଳକ୍ରମେ ଘର କିମ୍ଵା ପୋତି ହୋଇ ଯିବା ଫଳରେ ଜଳ ନିଷ୍କାସନ ସୁବିଧା ନଥିବାରୁ ସମସ୍ୟା ଦେଖାଦେଇଛି ।ପ୍ରତିବର୍ଷ ବର୍ଷାଦିନେ ଏଭଳି ସମସ୍ୟା ସୃଷ୍ଟି ହେଉଥିଲେ ହେଁ ପ୍ରଶାସନ ପକ୍ଷରୁ ପ୍ରତିକାର ବ୍ୟବସ୍ଥା କରାଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ବ୍ଲକ ପ୍ରଶାସନ ପଦକ୍ଷେପ ନେବାକୁ ସ୍ଥାନୀୟ ଗ୍ରାମବାସୀ ଦାବୀ କରିଛନ୍ତି।

# ଚମ୍ପୁଆ ବ୍ଲକରେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଅମଲାତନ୍ତ୍ରର କବଳରେ
# ସମୟରେ ଆସୁନାହାନ୍ତି ଶିକ୍ଷକ, ଅନ୍ଧାରକୁ ଗତି କରୁଛି ଗରିବ ପିଲାଙ୍କ ଭବିଷ୍ୟତ




ଚମ୍ପୁଆ :-୨୧/୭(ରାମକୃଷ୍ଣ ଜିତ):- ଶିକ୍ଷା ହିଁ ଜାତିର ମେରୁଦଣ୍ଡ ଏବଂ ବିଦ୍ୟାଳୟ ହେଉଛି ଭବିଷ୍ୟତର ନାଗରିକ ଗଢ଼ିବାର କାରାଗାର ବା ମନ୍ଦିର। ମାତ୍ର କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକରେ ଏହି ପବିତ୍ର ଉକ୍ତି ଏବେ କେବଳ ପୁସ୍ତକୀୟ ଭାଷାରେ ସୀମିତ ହୋଇରହିଯାଇଥିବା ପରି ମନେ ହେଉଛି। ବ୍ଲକର ଅଧିକାଂଶ ସରକାରୀ ବିଦ୍ୟାଳୟରେ ସରକାରୀ ନିୟମ, ନିର୍ଦ୍ଧାରିତ ସମୟସୀମା ଏବଂ ଶୃଙ୍ଖଳାକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଥିବା ଅଭିଯୋଗ ହେଉଛି। ମିଳିଥିବା ସୂଚନା ଏବଂ ସ୍ଥାନୀୟ ଅଞ୍ଚଳର ସଚେତନ ନାଗରିକଙ୍କ ଅଭିଯୋଗ ଅନୁଯାୟୀ , ଚମ୍ପୁଆ ବ୍ଲକର ବିଭିନ୍ନ ବିଦ୍ୟାଳୟ ନିର୍ଦ୍ଧାରିତ ସମୟରେ ଖୋଲୁନାହିଁ କି ବନ୍ଦ ମଧ୍ୟ ନିୟମ ଅନୁସାରେ ହେଉନାହିଁ। ଅଧିକାଂଶ ଶିକ୍ଷକ ଓ ଶିକ୍ଷୟିତ୍ରୀ (ଗୁରୁମା) ମାନେ ସମୟାନୁବର୍ତ୍ତୀ ହୋଇ ବିଦ୍ୟାଳୟରେ ପହଞ୍ଚୁ ନାହାନ୍ତି। ନିଜର ମନମୁଖୀ ଇଚ୍ଛା ଅନୁସାରେ ଆସିବା ଏବଂ ଚାଲିଯିବା ଯୋଗୁଁ ବିଦ୍ୟାଳୟର ପାଠପଢ଼ା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବାଟବଣା ହୋଇଯାଇଛି। ସରକାରୀ ବିଦ୍ୟାଳୟଗୁଡ଼ିକରେ ମୁଖ୍ୟତଃ ଗ୍ରାମାଞ୍ଚଳ ଏବଂ ସାଧାରଣ ଗରିବ ପରିବାରର ପିଲାମାନେ ପାଠ ପଢ଼ିଥାନ୍ତି। ମାତ୍ର କିଛି ଦାୟିତ୍ୱହୀନ ଶିକ୍ଷକଙ୍କ ଏପରି ଅବହେଳା ମନୋଭାବ ପ୍ରମାଣ କରୁଛି ଯେ, ଗରିବଙ୍କ ପିଲାଙ୍କ ଶିକ୍ଷା ପ୍ରତି ସେମାନଙ୍କର ଆଦୌ ଦରଦ ନାହିଁ। ଶିକ୍ଷକମାନଙ୍କ ଏଭଳି ବେପରୁଆ କାର୍ଯ୍ୟକଳାପ ଯୋଗୁଁ ନିରୀହ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କ୍ରମଶଃ ଅନ୍ଧକାର ଆଡ଼କୁ ଗତି କରୁଛି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ବ୍ୟାପକ ଅନିୟମିତତା ବିରୋଧରେ ସଚେତନ ମହଲ ପକ୍ଷରୁ ଗ୍ରହଣ କରାଯାଇଛି କଠୋର ପଦକ୍ଷେପ। ଚମ୍ପୁଆ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ରେ ଏବିଇଓ ନରେନ୍ଦ୍ର କୁମାର ନାଏକ ଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକର ସମସ୍ତ ବିଦ୍ୟାଳୟରେ ଶିକ୍ଷକମାନେ କିପରି ସମୟାନୁବର୍ତ୍ତୀ ହେବେ ଏବଂ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ସେନେଇ ଦାବି କରାଯାଇଥିଲା।ଏହି ସନ୍ଦର୍ଭରେ ଏବିଇଓ ନରେନ୍ଦ୍ର କୁମାର ନାଏକ ପ୍ରତିକ୍ରିୟା ରଖି କହିଛନ୍ତି ଯେ, 'ଯଥାଶୀଘ୍ର ସମସ୍ତ ବିଦ୍ୟାଳୟକୁ ନୋଟିସ୍ ଜାରି କରାଯିବ ଏବଂ ସିଆରସି ମାନେ ସମସ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଉପସ୍ଥାନ ଉପରେ କଡ଼ା ନଜର ରଖିବେ। ନିୟମ ଖିଲାପ କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ।' ପ୍ରଶାସନିକ ବାବୁଙ୍କ ନିଦ କେବେ ଭାଙ୍ଗିବ ଏବିଇଓଙ୍କ ଏହି ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ସୀମିତ ରହିବ, ନା ପ୍ରକୃତରେ ଏହାର ପ୍ରଭାବ ଦେଖିବାକୁ ମିଳିବ, ତାହା ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ଦରମା ନେଇ ମଧ୍ୟ ନିଜ କର୍ତ୍ତବ୍ୟରୁ ବିମୁଖ ହେଉଥିବା ଏପରି ଶିକ୍ଷକଙ୍କ ବିରୁଦ୍ଧରେ ପ୍ରଶାସନ କେବେ ଏବଂ କିପରି ଲାଠି ଚଳାଉଛି, ତାହା ଦେଖିବାକୁ ବାକି ରହିଲା। ସଚେତନ ନାଗରିକ ଏବଂ ଅଭିଭାବକ ମହଲ ଏବେ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

# କେନ୍ଦୁଝର ଜିଲ୍ଲାରେ ବ୍ରାଉନସୁଗାର୍ ଗ୍ୟାଙ୍ଗର ପର୍ଦ୍ଦାଫାସ
# ୬ ଜଣ ଅଭିଯୁକ୍ତ ଗିରଫ ମୋବାଇଲ, ମୋଟର ସାଇକେଲ ଓ ନଗଦଟଙ୍କା ଜବତ



କେନ୍ଦୁଝର/ବଡବିଲ:୨୦/୦୭ (ଦିଲ୍ଲୀପ କୁମାର ସାହୁ) - ବଣପାହାଡ ପରିବେଷ୍ଟିତ ଏବଂ ପ୍ରାକୃତିକ ଶୋଭାରାଜିରେ ସମୃଦ୍ଧ ଶାନ୍ତ ସରଳ କେନ୍ଦୁଝର ଜିଲ୍ଲାରେ ଦିନକୁ ଦିନ ଚୋରି, ଡ଼କାୟତି, ଲୁଟ, ଅପହରଣ ଏଂ ଅବୈଧ ନିଶା କାରବାର ବୃଦ୍ଧି ପାଉଥିବା ଜିଲ୍ଲାବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିବା ବେଳେ, ଜିଲ୍ଲାରେ ଏକ ଧଳାଜହର ବା ବ୍ରାଉନସୁଗାର୍ ବ୍ୟବସାୟ ଗ୍ୟାଙ୍ଗର ପର୍ଦ୍ଦାଫାଶ ହୋଇଛି। ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ନଗଦ ପଚାଶ ହଜାର ଟଙ୍କା ଗୋଟିଏ ମୋବାଇଲ୍ ଫୋନ ଏବଂ ଗୋଟିଏ ମୋଟର ସାଇକେଲ ଜବତ ହୋଇଛି ଅଭିଯୁକ୍ତ ମାନଙ୍କ ପାଖରୁ। କେନ୍ଦୁଝର ଜିଲ୍ଲାର ଖଣି ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଛି ମାଦକ ଦ୍ରବ୍ୟ ବ୍ୟବସାୟ ଏବଂ ବ୍ୟବସାୟୀ ମାନଙ୍କ ଦୌରାତ୍ମ୍ୟ। ସେହିଭଳି ଏକ ଗ୍ୟାଙ୍ଗକୁ ଠାବ କରିବାରେ ସଫଳ ହୋଇଛି ବଡ଼ବିଲ ପୋଲିସ। ଗତ ୧୯ତାରିଖ ଦିନ ବଡ଼ବିଲ ପୋଲିସ ଟିମ ପେଟ୍ରୋଲିଂ କରିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଡ଼ବିଲ ଥାନା ଅନ୍ତର୍ଗତ ଭାଦ୍ରାସାହି ପିଚୁପ୍ଲାଣ୍ଟ ପଛପଟ ମୁଣ୍ଡା ସାହି ଜଙ୍ଗଲ ନିକଟରେ ବ୍ରାଉନସୁଗାର କାରବାର ହେଉଥିବା ଖବର ପାଇ ଚଢାଉ କରି ୪ ଜଣ ଧଳାଜହର ବ୍ୟବସାୟୀଙ୍କ ସମେତ ୨ ଜଣ ସ୍ଥାନୀୟ ବ୍ୟବସାୟୀଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରୁ ସମିମ୍ ଆଖତର, ମେହେବୁବ ସେଖ, ଜୋରାଜ୍ ଶେଖ୍ ପଶ୍ଚିମବଙ୍ଗ ମୁର୍ସିଦାବାଦ ଅଞ୍ଚଳର ହୋଇଥିବା ବେଳେ, କେନ୍ଦୁଝର ଜିଲ୍ଲାର ବାମେବାରୀ ଥାନା ଅନୁର୍ଗତ ଜୁରୁଡ଼ି ଅଞ୍ଚଳରେ ରୁହୁଥିବା ବେଳେ ଅନ୍ୟ ଜଣେ ବଡ଼ବିଲ ପୌରାଞ୍ଚଳ ତଥା ବଡ଼ବିଲ ଥାନା ଅନ୍ତର୍ଗତ ବଡ଼ବିଲ ବରକତ ନଗରର ବାସିନ୍ଦା ହୋଇଥିବା ନେଇ ସୂଚନା ରହିଛି । ସେମାନଙ୍କ ସହ ଗିରଫ ହୋଇଥିବା ଅନ୍ୟ ୨ ଜଣ ଆଞ୍ଚଳିକ ବିକ୍ରେତା ହେଲେ, ବାମେବାରୀ ଥାନା ଅଞ୍ଚଳର ମହମ୍ମଦ ରମିଜ୍ ରାଜା ଏବଂ ଅନ୍ୟ ଜଣକ ଝାଡ଼ଖଣ୍ଡ ରାଜ୍ୟର ସଫିକୁଲ ଶେଖ। ତେବେ ବଡ଼ବିଲ ପୋଲିସ୍ ଟିମ ଏହି ଚଢାଉ ମାଜିଷ୍ଟ୍ରେଟ ଜନ୍ନନ୍ କିଣ୍ଡୋଙ୍କ ଉପସ୍ଥିତିରେ କରିଥିବା ବେଳେ ଅଭିଯୁକ୍ତ ମାନଙ୍କ ଠାରୁ ଏକ ମୋଟରସାଇକେଲ, ଗୋଟିଏ ମୋବାଇଲ, ନଗଦ ପଚାଶ ହଜାର ଟଙ୍କା ସହ ୩୪ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିବା ନେଇ ସୂଚନା ମିଳିଛି।

## ରାଧାକୃଷ୍ଣ ହାଇସ୍କୁଲର ପ୍ରତିଷ୍ଠା ଦିବସ

ହରିଚନ୍ଦନପୁର, ୨୧/୭(ଶୂନ୍ୟରଞ୍ଜନ ଘଣା ): ହରିଚନ୍ଦନପୁର ବ୍ଲକ୍ ପିଟାପିଟିସ୍ଥିତ ରାଧାକୃଷ୍ଣ ହାଇସ୍କୁଲର ୩୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି।ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି, ଅଶ୍ୱିନୀ କୁମାର ମିଶ୍ର, ସୁଶୀଲ କୁମାର ବେଜ, ଶିବଶଙ୍କର ସାହୁ, କୈଳାସ ଚନ୍ଦ୍ର ମହାନ୍ତ, ଅରବିନ୍ଦ ସାହୁ ଓ ବ୍ରହ୍ମାନନ୍ଦ ସାହୁ ଅତିଥି ଭାବେ ଯୋଗଦେଇ ଭଲ ପାଠ ପଢ଼ିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସ୍କୁଲ କର୍ମଚାରୀ ହେମନ୍ତ କୁମାର ସାହୁ, ଯାଜ୍ଞସେନୀ ସାହୁ, ବୀଣାପାଣି ପଲେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସାମ୍ବାଦିକ ସଞ୍ଜୟ ପାଇଲେ ଭକ୍ତିଶ୍ରୀ ସମ୍ମାନ



କେନ୍ଦୁଝର/ଘଟଗାଁ: ୨୧/୦୭(ଦିଲ୍ଲୀପ କୁମାର ସାହୁ) - ଜଗତସିଂହପୁର ଜିଲ୍ଲା ତଥା ରାଜ୍ୟର ଅଗ୍ରଣୀ ସାହିତ୍ୟ ସମାଜ 'ଫୁଲଟିଏ ମୁଁ ସେବା ସମର୍ପିତ ସାହିତ୍ୟ ପରିବାର' ତରଫରୁ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଡେଙ୍କିକୋଟ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ,କବି ତଥା ସାହିତ୍ୟିକ ସଞ୍ଜୟ କୁମାର ସାହୁଙ୍କୁ ମିଳିଛି ଭକ୍ତିଶ୍ରୀ ସମ୍ମାନ କ୍ଷ ତେବେ ଓଡିଶାର ଅଗ୍ରଣୀ ଫୁଲଟିଏ ମୁଁ ସେବା ସମର୍ପିତ ସାହିତ୍ୟ ସଂସଦ ତରଫରୁ ରଥଯାତ୍ରା ଅବସରରେ ଏକ କବିତା ଲେଖନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ରଥକ୍ଷରୂଢ଼ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପିତ ପଞ୍ଚମ ଅର୍ଘ୍ୟରେ କବିତାର ଶୀର୍ଷକ ଥିଲା 'ଅଭିମାନିନୀ ମହାଲକ୍ଷ୍ମୀ' । ଏହି କବିତା ନିଜ ନିଜର ଶୈଳୀରେ ରଚନା କରିଥିବା ୧୦୦ ଜଣ କବିଙ୍କ ମଧ୍ୟରୁ ୧୦ ଜଣ ଶ୍ରେଷ୍ଠ ବିବେଚିତ କବିଙ୍କ ମଧରେ ସାମ୍ବାଦିକ ସଞ୍ଜୟ ସାହୁଙ୍କୁ ମନୋନୀତ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ସୁରେନ୍ଦ୍ରନାଥ ରଥ, ସଂଚାଳିକା ଥିଲେ ମଞ୍ଜୁଶ୍ରୀ ଶତପଥୀ ଓ ପ୍ରତିଷ୍ଠାତ୍ରୀ ଥିଲେ ଜୟଶ୍ରୀ ଦାସ । ତେବେ ଶ୍ରୀ ସାହୁଙ୍କ କବିତା ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଆଦୃତ ହୋଇଥିବାରୁ ଜିଲ୍ଲାର ଗୌରବ ବୃଦ୍ଧି ହୋଇଛି କ୍ଷ ତେଣୁ ତାଙ୍କୁ ଶୁଭେଚ୍ଛୁ ମାନେ ଅଭିନନ୍ଦନ ଜଣାଇଛନ୍ତି ।

# କୁଣ୍ଡାପିଠା କୁଣ୍ଡେଶ୍ୱର ମହାଦେବ ମନ୍ଦିରରେ ୧୦୮ ଜଳାଭିଷେକ ଓ ବିଲ୍ୱପତ୍ର ଅର୍ପଣ



କେନ୍ଦୁଝର/ଘଟଗାଁ: ୨୧/୦୭(ଦିଲ୍ଲୀପ କୁମାର ସାହୁ) - ଦେବ ଦେବ ମହାଦେବଙ୍କ ପବିତ୍ର ଶ୍ରାବଣ ମାସ ପ୍ରଥମ ସୋମବାର ଅବସରରେ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ କୁଣ୍ଡାପିଠା ଗ୍ରାମରେ ଅବସ୍ଥିତ ମହାଦେବ ମନ୍ଦିରରେ କୁଣ୍ଡେଶ୍ୱର ମହାଦେବଙ୍କୁ ୧୦୮ କୁମ୍ଭ ଜଳାଭିଷେକ ତଥା କ୍ଷୀର ସ୍ନାନ କରି ୧୦୮ ବିଲ୍ୱପତ୍ର ପ୍ରଦାନ ପୂର୍ବକ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ପୁରୋଧା ବିଜୟ କୁମାର ପଲେଇ, ମୁଖ୍ୟ କର୍ତ୍ତା ନକୁଳ ଚନ୍ଦ୍ର ପଲେଇ ତାଙ୍କର ଧର୍ମପତ୍ନୀ ନିରୁପମା ପଲେଇ,ବାବୁଲାଲ ପଲେଇ ଓ ତାଙ୍କର ଧର୍ମପତ୍ନୀ ମିନା ବେହେରା, ରାଜେନ୍ଦ୍ର କୁମାର ପଲେଇ ଓ ତାଙ୍କର ଧର୍ମପତ୍ନୀ ସୌଦାମିନୀ ପଲେଇଙ୍କ ସହଯୋଗରେ କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତିର ସଭାପତି ତଥା ଜିଲ୍ଲା ଯାଦବ ମହାସଭାର ଉପଦେଷ୍ଟା ଆଚାର୍ଯ୍ୟ ଦାଶରଥି ପ୍ରଧାନ ଦୀର୍ଘ ସାଢେ ତିନି ଘଣ୍ଟା ସମୟ ଧରି ୧୦୮ ଜଳାଭିଷେକ ମନ୍ତ୍ର ଓ ୧୦୮ ବିଲ୍ୱପତ୍ର ଅର୍ପଣ ମନ୍ତ୍ର ପାଠ କରି ମହାଦେବଙ୍କ ପୂଜାର୍ଚ୍ଚନା କରିଥିବା ବେଳେ ଭକ୍ତମାନଙ୍କ ତରଫରୁ ବାବୁଲାଲ ପଲେଇ ୧୦୮ କୁମ୍ଭ ଜଳ ଢାଳି କୁଣ୍ଡେଶ୍ୱର ମହାଦେବଙ୍କୁ ଜଳାଭିଷେକ କରିଥିଲେ। ଏଥିରେ ସଦର ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତିର ସଭାପତି ପ୍ରସନ୍ନ କୁମାର ଦାସ , ସମ୍ପାଦକ ପ୍ରଣବଧ୍ୱଜ କବି, ଘଟଗାଁ ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତିର ସମ୍ପାଦକ ମାୟାଧର ବାରିକ ଏବଂ କୁଣ୍ଡାପିଠା ଗ୍ରାମର ଭାଗବତ ପ୍ରେମୀ ଓ ଭକ୍ତ ପ୍ରଫୁଲ୍ଲ କୁମାର ପଲେଇ, ପଦ୍ମନାଭ ପଲେଇ, ଶିବପ୍ରସାଦ ମହାକୁଡ, ନରେନ୍ଦ୍ର ପଲେଇ, ପ୍ରଦୀପ କୁମାର ପଲେଇ, କାହ୍ନା ପଲେଇ, ପୂଜା ପଲେଇ, ପ୍ରେମଲତା ପଲେଇ ଓ ଅରୁଣା ସୁବୁଦ୍ଧି ପ୍ରମୁଖ ଆଦି ବହୁ ଭକ୍ତ ମହାଦେବଙ୍କୁ ୧୦୮ ବିଲ୍ୱପତ୍ର ପ୍ରଦାନ ପୂର୍ବକ ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ସ୍ଥାନୀୟ ଗ୍ରାମର ପ୍ରଶାନ୍ତ କୁମାର ପଇଡା, ବାବୁଲା ନାଏକ, ଯଶୋବନ୍ତ ନାଏକ ( ପୋଇତ) ମହୁଲଡିଆ ଗ୍ରାମର ରାମଚନ୍ଦ୍ର ନାଏକ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଭକ୍ତମାନଙ୍କୁ ମନ୍ଦିର ତରଫରୁ ପ୍ରସାଦ ବିତରଣ କରାଯାଇଥିଲା।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ହରିଚନ୍ଦନପୁର, ୨୧/୭(ଶୂନ୍ୟରଞ୍ଜନ ଘଣା ): ହରିଚନ୍ଦନପୁର ବ୍ଲକ୍ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଛି। ସଭାପତି ଧ୍ରୁବଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଂଘର ଆୟବ୍ୟୟ, ପଞ୍ଜୀକରଣ, ଅବସର ନେଉଥିବା ସରକାରୀ କର୍ମଚାରୀଙ୍କୁ ସଂଘରେ ସାମିଲ କରିବା, ସଦସ୍ୟଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ବୃକ୍ଷରୋପଣ ସଂପର୍କରେ ଆଲୋଚନା ହୋଇଥିଲା।



ଉପଦେଷ୍ଟା ଗୋବର୍ଦ୍ଧନ ମହାନ୍ତ, ରଘୁନାଥ ମହାରଣା, ସମ୍ପାଦକ ଦୁଃଶାସନ ମହାନ୍ତ, ସଦସ୍ୟ ନାରାୟଣ ପଣ୍ଡା, ରାଜେନ୍ଦ୍ର କୁମାର ସାହୁ, ଅମିୟ ପ୍ରସାଦ ମହାନ୍ତ, ବିଦ୍ୟାଧର ବେଜ, ଦାଶରଥି ସାହୁ, କ୍ଷେତ୍ରବାସୀ ସାହୁ, ସେବତୀ ମହାନ୍ତି, ଭିକ୍ଷ୍ମତୀ ମଞ୍ଜରୀ ମହାନ୍ତ, ଚତୁର୍ଭୁଜ ସାହୁ, ତ୍ରିଲୋଚନ ମହାନ୍ତ, ବିନାୟକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କାନପୁର ଗ୍ରାମକୁ ସାଳନ୍ଦି ଭୟ

କେନ୍ଦୁଝର/ହାଟଡିହି: ୨୧/୦୭ (ଦିଲ୍ଲୀପ କୁମାର ସାହୁ) - ସାଳନ୍ଦୀ ନଦୀ ତା'ର ଗତିପଥ ବଦଳାଇ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ ସୋସ ପଞ୍ଚାୟତର କାନପୁର ଗାଁ ପାଖକୁ ମାଡି ମାଡ଼ି ଆସୁଛି । ଗ୍ରାମରେ ବର୍ଷାଜଳ ନିଷ୍କାସନର ସୁବ୍ୟବସ୍ଥା ହେଉ ନଥିବାରୁ ନଦୀରେ ଲୀନ ହେବାକୁ ବସିଛି କାନପୁର ଗ୍ରାମ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଏନେଇ ଗତ ୧୦ବର୍ଷ ହେଲା ବାରମ୍ବାର ଅଭିଯୋଗ ଏଂ ଦାବି ସତ୍ତ୍ୱେ ମଧ୍ୟ ଜଳ ସମ୍ପଦ ବିଭାଗ କୌଣସି ପଦକ୍ଷେପ ନେଉନି । ପୂର୍ବରୁ ନଦୀର ଜଳସ୍ରୋତ ନଦୀ ମଝିରେ ଯାଉଥିବା ବେଳେ ୧୯୯୯ ମସିହା ମହାବାତ୍ୟା ପରଠାରୁ ଏହାର ଗତିପଥ ପରିବର୍ତ୍ତନ ହୋଇଛି । କାନପୁର ଗାଁ ପାଖଦେଇ ଜଳସ୍ରୋତ ପ୍ରବାହିତ ହେଉଥିବାରୁ ଏହା ଗାଁ ପାଇଁ ବିପଦ ସୃଷ୍ଟି କରିଛି । ପ୍ରତିବର୍ଷ ୨/୩ ଫୁଟ୍ କୂଳ ଖାଉଥିବା ବେଳେ ଭୂସ୍ଖଳନ ଘଟି ଅନେକ କ୍ଷୟକ୍ଷତି ହେଉଛି । ଗତ ୨୦୧୪/୧୫ରୁ ଏହି ଭୂସ୍ଖଳନ ଆରମ୍ଭ ହୋଇ ଅନେକ ଲୋକଙ୍କ ଘର ଭାଙ୍ଗି ପଡିଥିବା ବେଳେ ଅନେକ ଲୋକଙ୍କ ଘରବାଡ଼ିରୁ ଗଛ ଉପୁଡ଼ି ମାଟି ସବୁ ନଦୀ ମଧ୍ୟକୁ ଧୋଇ ହୋଇ ଯାଇଛି। ଅନେକ ଲୋକଙ୍କ ପକ୍କା ଘର ଗୁଡିକରେ ମଧ ଫାଟ ସୃଷ୍ଟି ହୋଇଛି । ଏହା ଘଟିବା ପରେ ତତ୍କାଳୀନ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଗାଁକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବା ସହିତ ପ୍ରତିକାର ପାଇଁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନି ବିଭାଗ ପକ୍ଷରୁ। ପ୍ରତିବର୍ଷ ଗାଁର କିଛି କିଛି ଅଂଶ ନଦୀରେ ମିଶୁଛି ।ଗତ ରବିବାର ରାତିରେ ଗ୍ରାମର ପ୍ରହଲ୍ଲାଦ ବେହେରାଙ୍କ ଆବାସ ଯୋଜନାରେ ମିଳିଥିବା ପକ୍କା ଘରଟି ଭିତରକୁ ଧସି ଧସି ଯାଉଛି । ପ୍ରହଲ୍ଲାଦଙ୍କ ପତ୍ନୀ ଅନିମା ବେହେରା ଘରେ ରୋଷେଇ କରୁଥିବା ବେଳେ ହଠାତ୍ କଟ କଟ ଶବ୍ଦ ହେବାରୁ ସ୍ୱାମୀ ଏବଂ ସ୍ତ୍ରୀ ଉଭୟ ଘରୁ ବାହାରକୁ ଚାଲି ଆସିଥିଲେ । ତା ପରେ ପରେ ଘରର ପକ୍କା ଚଟାଣ ଟି ୨/୩ ଫୁଟ ତଳକୁ ଧସି ଯାଇଥିଲା । ଏପରିକି ଘରର ଗ୍ରେଡ ବିମ୍ ସହିତ ୨/୩ ଫୁଟ ତଳକୁ ଧସି ଯାଇ ବିପଦସଂକୁଳ ହୋଇ ପଡିଥିବାରୁ ପ୍ରହଲ୍ଲାଦଙ୍କ ପରିବାର ଲୋକେ ଘର ଭିତରକୁ ଯିବାକୁ ଭୟ କରୁଛନ୍ତି । ଖବର ପାଇ ସୋସୋ ରାଜସ୍ୱ



ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି । ପୂର୍ବରୁ ଗାଁର ହରିହର ବେହେରା, ବିଶ୍ୱନାଥ ବେହେରା, ପଦ୍ମନାଭ ବେହେରା, କହ୍ନେଇ ଚରଣ ଜେନା, ସୁଦାମ ଜେନା, ଶଶଧର ବେହେରା, ସର୍ବେଶ୍ୱର ବେହେରା, ଅମୂଲ୍ୟ ଜେନା, ନରହରି ଖମାରୀ, ନରେନ୍ଦ୍ର ସେଣ, ଉପେନ୍ଦ୍ର ସେଣ, ଜୟୀରାମ ସେଣ, ପ୍ରସାନ୍ତ ସେଣ, ରାମ ସେଣ, ଭାସ୍କର ସେଣ, ବାବାଜୀ ବେହେରା, ଜଗବନ୍ଧୁ ଜେନା ପ୍ରମୁଖ ଅନେକ ଲୋକଙ୍କ କ୍ଷୟକ୍ଷତି ହୋଇଛି । କାହାର ପାଇଖାନା ନଦୀ ଗର୍ଭକୁ ଯାଇଛି ତ କାହାର ଗୁହାଳ ଘର ମାଟିରେ ମିଶିଛି । ଆଉ କାହାର କୋଠା ଘରେ ବିରାଟ ବିରାଟ ଫାଟ ସୃଷ୍ଟି ହୋଇଛି । ଅନେକ ଲୋକଙ୍କ ବାଡ଼ିରେ ଥିବା ବିରାଟ ବିରାଟ ଗଛ ସବୁ ନଦୀ ଗର୍ଭକୁ ଚାଲି ଯାଇଛି ।ଗ୍ରାମବାସୀଙ୍କ ଅଭିଯୋଗ ଯେ, ଯେଉଁ ସମୟରେ ଲଗାଣ ବର୍ଷା ହେଉଛି ସେ ସମୟରେ ଏପରି ଘଟୁଛି । ଗାଁରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବର୍ଷାଜଳ ମାଟି ତଳେ ତଳେ ନଦୀକୁ ଯିବାବେଳେ ତଳ ମାଟିକୁ ନଦୀ ଗର୍ଭକୁ ଧୋଇ ନେଇ ଯାଉଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଏହାର ଅନୁଧ୍ୟାନ କରାଯାଇ ଗାଁକୁ ରକ୍ଷା କରିବା ପାଇଁ ନଦୀ କଡେ କଡେ କଂକ୍ରିଟ୍ ବନ୍ଧ ନିର୍ମାଣ କରିବା ସହିତ ଗାଁ ଭିତରେ ବର୍ଷାଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ବୃନ୍ଦାବନ ବେହେରା, ସନାତନ ମହାପାତ୍ର, ଶତ୍ରୁଘ୍ନ ରାଉତ ଅକ୍ଷୟ ବାରିକ, ଗୌରାଙ୍ଗ ବାରିକ, ଜଗନ୍ନାଥ ମହାରଣା, ଶରତ ରାଉତ, ସୀତା ମହାରଣା ପ୍ରମୁଖ ଗ୍ରାମବାସୀ ମାନେ ଦାବି କରିଛନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେଲେ ଅଳ୍ପ ଦିନ ଭିତରେ ଗାଁର ନଦୀ କୂଳେ କୂଳେ ଥିବା ଘର ଗୁଡିକ ସାଳନ୍ଦୀ ନଦୀରେ ଲୀନ ହେବାର ଆଶଙ୍କା ରହିଛି ବୋଲି ଗ୍ରାମବାସୀ କହିଛନ୍ତି ।

## ୩ କିଲୋମିଟର ରାସ୍ତା କାଦୁଅ ଭର୍ତ୍ତି



ବାଂଶପାଳ,୨୧/ ୭(ଶୂନ୍ୟରଞ୍ଜନ ଘଣା ) : କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ସିଙ୍ଗପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଶକଳା-କଦଡିହା ୩ କିଲୋମିଟର ରାସ୍ତା ଦୀର୍ଘଦିନ ଧରି ଶୋଚନୀୟ ଅବସ୍ଥାରେ ରହିଛି। ବର୍ଷା ଦିନରେ ରାସ୍ତା କାଦୁଅରେ ଭର୍ତ୍ତି ହେଉଥିବାରୁ ଛାତ୍ରଛାତ୍ରୀ, ଚାଷୀ, ରୋଗୀ ଓ ସାଧାରଣ ଲୋକଙ୍କ ଯାତାୟାତ ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ଏହି ରାସ୍ତା ଉପରେ କାଳିଆଡିହ ସାହି, କଲ୍ୟାଣୀ ସାହି ଓ ନୂଆସାହି ସମେତ କଦଡିହାର ଶତାଧିକ ପରିବାର ନିର୍ଭରଶୀଳ।ସ୍ଥାନୀୟ ଲୋକଙ୍କ ଅଭିଯୋଗ, ଏହି ରାସ୍ତା ନିର୍ମାଣ ପାଇଁ ଦୁଇ କୋଟି ଟଙ୍କାରୁ ଅଧିକ ଅର୍ଥ ଅନୁମୋଦନ ହୋଇଥିଲେ ମଧ୍ୟ କାମ ଆଗକୁ ବଢୁ ନାହିଁ । କାମ ପାଇଥିବା ଠିକାଦାରଙ୍କ ଅବହେଳା ଯୋଗୁଁ ଗ୍ରାମବାସୀ ହଇରାଣ ହେଉଥିବା ସେମାନେ କହିଛନ୍ତି। ଏହାକୁ ନେଇ ଗ୍ରାମର ମଧୁସୂଦନ ସିଂ, ଧନେଶ୍ୱର ନାଏକ, ବ୍ରଜବନ୍ଧୁ ମୁଣ୍ଡା, ବିକ୍ରମ ମୁଣ୍ଡା, ବସନ୍ତ ଦେହୁରୀ, ସୁଶାନ୍ତ ନାଏକ, ବିନ୍ଦର ମୁଣ୍ଡା, ସୀତାରାମ ସିଂ, ମହେଶ୍ୱର ଗିରି, ବିଦେଶୀ ମୁଣ୍ଡା, କବିରାଜ ସିଂ ଓ ସୁଦର୍ଶନ ପ୍ରଧାନ ପ୍ରମୁଖ ଶୀଘ୍ର ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ସିଙ୍ଗପୁର ସରପଞ୍ଚ କହିଛନ୍ତି ଯେ, ରାସ୍ତା ନିର୍ମାଣ ଲାଗି ପୂର୍ବରୁ ବହୁଥର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ । ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାସ୍ତାର ଶୀଘ୍ର ନିର୍ମାଣ ଏବଂ ଅନୁମୋଦିତ ଅର୍ଥର ସଠିକ୍ ବ୍ୟବହାର ନିଶ୍ଚିତ କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି ଜଣାଇଛନ୍ତି।

# ଘର ଭାଙ୍ଗିଲା ଗୋଠଛଡ଼ା ଦନ୍ତା

କେନ୍ଦୁଝର/ତେଲକୋଇ: ୨୧/୦୭ (ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ବନଖଣ୍ଡ ତେଲକୋଇ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ବିମଳା ଫରେଷ୍ଟ ସେକ୍ସନ ଦୁର୍ଲଭପୁର ଗ୍ରାମରେ ଗତ ସୋମବାର ବିଳମ୍ବିତ ରାତ୍ରିରେ ଏକ



ଗୋଠଛଡ଼ା ଦନ୍ତାହାତୀ ଗ୍ରାମକୁ ପଶିଆସି ଆତଙ୍କ ଖେଳାଇ ଦେଇଛି। ଗୋଠଛଡା ଦନ୍ତା ହାତୀଟି ଗ୍ରାମକୁ ପଶି ଆସି ଗ୍ରାମର ଜଗବନ୍ଧୁ ବିଶ୍ୱାଳଙ୍କ ଘରକୁ ଭାଙ୍ଗିବା ସହ ଗ୍ରାମର ଅନ୍ୟଜଣେ ଚାଷୀ ଉପେନ୍ଦ୍ର ବିଶ୍ୱାଳଙ୍କ କାକୁଡି ବାଡିକୁ ଦଳି ମକଚି ସମ୍ପୂର୍ଣ ନଷ୍ଟ କରିଦେଇଛି ।ପ୍ରାପ୍ତ ସୂଚନାନୁଯାୟୀ, ଗତ ସୋମବାର ରାତି ପ୍ରାୟ ୧ ଘଟିକା ସମୟରେ ଗ୍ରାମକୁ ଏକ ଗୋଠଛଡା ଦନ୍ତା ହାତୀ ପଶି ଆସିବାରୁ ଗ୍ରାମର କିଛି ଲୋକ ଦନ୍ତା ହାତୀଟିକୁ ଘଉଡାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଦନ୍ତା ହାତୀ ସେସବୁକୁ ଭ୍ରୁକ୍ଷେପ ନକରି ପ୍ରଥମେ ଗ୍ରାମର ଜଗବନ୍ଧୁ ବିଶ୍ୱାଳଙ୍କ ଘରଟିକୁ ଭାଙ୍ଗି ଚୁରମାର କରିଦେଇଥିଲା। ଜଗବନ୍ଧୁଙ୍କ ଘରକୁ ଦନ୍ତା ହାତୀ ଭାଙ୍ଗିଦେବା ଫଳରେ ଘରେ ଥିବା ବିଭିନ୍ନ ଆସବାବପତ୍ର, ଫ୍ୟାନ ଏଂ ବାସନକୁସନ ଆଦି ନଷ୍ଟ ହୋଇଯାଇଛି। ଜଗବନ୍ଧୁଙ୍କ ଘରକୁ ଭାଙ୍ଗିବା ପରେ ଦନ୍ତା ହାତୀଟି ଗ୍ରାମର ଉପେନ୍ଦ୍ର ବିଶ୍ୱାଳଙ୍କ କାକୁଡି ବାଡ଼ିରେ ପଶି କାକୁଡିବାଡିକୁ ଗୋଡ଼ରେ ଦଳି ଚକଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଛି। ଉପେନ୍ଦ୍ର ଦେଢ଼ ଏକର ଜମିରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କାକୁଡି ଚାଷ କରିଥିଲେ। ଗ୍ରାମର ଜଗବନ୍ଧୁ ଏବଂ ଉପେନ୍ଦ୍ର ଉଭୟ ଗରିବ ଶ୍ରେଣୀର ହୋଇଥିବାରୁ ଉଭୟଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିଭଳି ବନବିଭାଗର ଅବହେଳା କାରଣରୁ ଅଂଚଳରେ ସର୍ବଦା ହାତୀ ଉପଦ୍ରବ ଲାଗି ରହୁଥିବାରୁ ଜଂଗଲୀ ହାତିଙ୍କ ଉପଦ୍ରବରୁ ଗ୍ରାମବାସୀଙ୍କୁ ସୁରକ୍ଷା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କେନ୍ଦୁଝରରେ 'ବାଲ୍ୟବିବାହ ନିରୋଧୀ କାର୍ଯ୍ୟଖସଡ଼ା (୨୦୨୬-୨୦୨୯)' ଉନ୍ମୋଚିତ



କେନ୍ଦୁଝର: ୨୧/୦୭(ଦିଲ୍ଲୀପ କୁମାର ସାହୁ) - ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍ ?ଠାରେ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ 'କେନ୍ଦୁଝର ଜିଲ୍ଲା ବାଲ୍ୟବିବାହ ନିରୋଧୀ ରଣନୀତିକ କାର୍ଯ୍ୟଖସଡ଼ା (୨୦୨୬ - ୨୦୨୯)' ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଛି ।ଆଗାମୀ ତିନି ବର୍ଷ (୨୦୨୬-୨୦୨୯) ମଧ୍ୟରେ କେନ୍ଦୁଝର ଜିଲ୍ଲାକୁ ସମ୍ପୂର୍ଣ୍ଣ ଭାବେ ବାଲ୍ୟବିବାହ ମୁକ୍ତ କରିବା ପାଇଁ ଏକ ବ୍ୟାପକ ସାମାଜିକ ଓ ସଚେତନତାଧର୍ମୀ ରଣନୀତି ଏହି ଯୋଜନା ମାଧ୍ୟମରେ ପ୍ରସ୍ତୁତ କରାଯାଇଛି । ବୈଠକରେ ୟୁନିସେଫ୍, ଭୁବନେଶ୍ୱରର ଶିଶୁ ସୁରକ୍ଷା କନସଲଟାଣ୍ଟ ଘାସିରାମ ପଣ୍ଡା ଯୋଗଦେଇ କହିଥିଲେ ଯେ, 'କେବଳ ନିୟମ ଓ ଦସ୍ତାବିଜ୍ ତିଆରି କରି ରଖିଦେଲେ ବାଲ୍ୟବିବାହ ବନ୍ଦ ହୋଇପାରିବ ନାହିଁ। ଯଦି ପରିବାର ଓ ସମାଜର ନୀତିନିୟମ ଦୁର୍ବଳ ହୁଏ, ତେବେ ବାଲ୍ୟବିବାହର ସମ୍ଭାବନା ବୃଦ୍ଧି ପାଏ।' ଏହା ଶିଶୁସୁରକ୍ଷା ପାଇଁ ଏକ ମିଳିତ ସହଯୋଗୀ ପଦକ୍ଷେପ ବୋଲି ସେ ପ୍ରକାଶ କରିଥିଲେ। ଲିଙ୍ଗଗତ ହିଂସା ରୋକିବା ପାଇଁ ପ୍ରତ୍ୟେକ ବ୍ଲକରେ ଥିବା 'ପ୍ରେରଣା କେନ୍ଦ୍ର' ଗୁଡ଼ିକରେ 'ପ୍ରେରଣା ଦିଦି'ମାନଙ୍କୁ ଆହୂତ କରି ପ୍ରତି ୭ ଦିନରେ ଥରେ କେନ୍ଦ୍ର ଖୋଲି ବିସ୍ତୃତ ଆଲୋଚନା ଓ ସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି ନିଆଯାଇଛି। 'ସୁଦକ୍ଷ ଯୋଜନା' ମାଧ୍ୟମରେ କିଶୋରୀ ଓ ଝିଅମାନଙ୍କୁ ବିଭିନ୍ନ ବୃତ୍ତିଗତ ଓ ବୈଷୟିକ ଶିକ୍ଷାରେ ତାଲିମ ଦେଇ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ଏବଂ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ଶିଶୁମାନଙ୍କ ଅଧିକାର ସୁରକ୍ଷା ପାଇଁ ଏକ ବିଶେଷ ମିଳିତ ସହଯୋଗୀ ପଦକ୍ଷେପ ବୋଲି ସେ ପ୍ରକାଶ କରିଥିଲେ। ଜିଲ୍ଲାର ପ୍ରତ୍ୟେକ ସ୍କୁଲରେ ଭିଡ଼ିଓ ମାଧ୍ୟମରେ କିଶୋର-କିଶୋରୀମାନଙ୍କୁ ସ୍ୱାସ୍ଥ୍ୟ, ପୋଷଣ ଓ ବାଲ୍ୟବିବାହର କୁପରିଣାମ ସମ୍ପର୍କରେ ଶିକ୍ଷା ଦେବାକୁ ଗୁରୁତ୍ୱ ଦିଆଯାଇଛି ।ଶିକ୍ଷା ଓ ଅଭିଭାବକ ସଚେତନତା:ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଅଭିଭାବକମାନଙ୍କୁ ଅଧିକ ସଚେତନ କରିବା, ପିଲାମାନଙ୍କୁ ନିୟମିତ ସ୍କୁଲକୁ ଆଣିବା ଏବଂ ଗୁଣାତ୍ମକ ଶିକ୍ଷା ଦାନ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ ।ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଜିଲ୍ଲା କଲ୍ୟାଣ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ ମଲ୍ଲିକ, ପିଓ କେନ୍ଦୁଝର ସଦର ଚୂଳେଶ୍ୱରୀ ପଟେଲ, ଅତିରିକ୍ତ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସୁଧା ଗୋସ୍ୱାମୀ, କେନ୍ଦୁଝରଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ରଞ୍ଜିତା ଦାଶ, ଜିଲ୍ଲା ସଂଯୋଜିକା - ଅଦ୍ୱିକା ସେଣ୍ଟର ଅଫ୍ ଏକ୍ସଲେନ୍ସ, ଅଜିତ କୁମାର ମହାନ୍ତି, ଜିଲ୍ଲା ସଂଯୋଜକ (ପୋଷଣ), ଏହା ସହିତ ବିଭିନ୍ନ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଏବଂ ବିଭାଗୀୟ କର୍ମଚାରୀମାନେ ଯୋଗ ଦେଇଥିଲେ।



ବୁଧବାର ୨୨।୦୭।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ସରପଞ୍ଚଙ୍କ ସ୍ୱାମୀଙ୍କୁ ଗୁଳିକାଣ୍ଡ ଘଟଣା ମୁଖ୍ୟ ଅଭିଯୁକ୍ତ ଗିରଫ

ଆଠଗଡ଼, ୨୧/୭ (ଅକ୍ଷର ଓଡ଼ିଶା) ଗତ ଜୁନ ମାସ ୨୬ ତାରିଖ ଦିନ କଟକ ଜିଲ୍ଲା ବଡମ୍ବା ସନ୍ତରାବଳୀ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ମିତା ଜେନାଙ୍କ ସ୍ୱାମୀ ଶ୍ରୀକାନ୍ତ ଜେନା ଓରଫ୍ କାଳିଆ ଜେନା ମାଣିଆବନ୍ଧ ସ୍ଥିତ କୁଆଁପାଳ ଛକରେ ଥିବା ଏକ ସେଲୁନକୁ ତାଙ୍କ ପୁଅ ସହିତ ଯାଇଥିବାବେଳେ ବାଇକରେ ତିନି ଦୁର୍ବୃର୍ତ୍ତ ଆସି ତାଙ୍କ ଉପରକୁ ଅତର୍କିତ ଭାବେ ୪ ରାଉଣ୍ଡ ଗୁଳି ମାଡ଼ କରି ଫେରାର ହୋଇ ଯାଇଥିଲେ ।ଏହି ଘଟଣାରେ ମାଣିଆବନ୍ଧ ପୁଲିସ ଘଟଣାର ତନାଘନା ଭାବେ ତଦନ୍ତ କରି ଗତ ୧୦ ତାରିଖରେ ଦୁଇ ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କୁ ନୟାଗଡ଼ରୁ ଗିରଫ କରିଛି ମାଣିଆବନ୍ଧ ପୁଲିସ ।ମୁଖ୍ୟ ଅଭିଯୁକ୍ତ ହେଲା ରତ୍ନାକର ସେଣ ଓରଫ ଚନ୍ଦନ ।ତା ନିକଟରୁ ଏକ ବାଇକ୍ ଓ ଗୁଳିକାଣ୍ଡରେ ବ୍ୟବହୃତ ବନ୍ଧୁକ ଜବତ କରାଯାଇଛି ।

# ୮୬ ଛାତ୍ରଛାତ୍ରୀଙ୍କୁ ଦୁଇ ଜଣ ଶିକ୍ଷକ ସ୍କୁଲରେ ଶିକ୍ଷକ ଅଭାବ ନେଇ ଗ୍ରାମବାସୀଙ୍କ ଅଭିଯୋଗ



ବନ୍ତଳା ୨୧/୦୭(ଅକ୍ଷର ଓଡ଼ିଶା)ଅନୁଗୋଳ ଜିଲ୍ଲାର ଏକ ସରକାରୀ ସ୍କୁଲରେ ଦୀର୍ଘଦିନ ଧରି ଶିକ୍ଷକ ଅଭାବ ରହିଥିବାରୁ ପାଠପଢ଼ା ବ୍ୟାହତ ହେଉଛି । ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ ଉକ୍ତ ବିଦ୍ୟାଳୟ ରେ ଶିଶୁ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ରେ ମୋଟ ୮୬ ଜଣ ଛାତ୍ରଛାତ୍ରୀ ପାଠ ପଢିବା ସହ ମାତ୍ର ଦୁଇ ଜଣ ଶିକ୍ଷକ ଅଛନ୍ତି । ପର୍ଯ୍ୟାପ୍ତ ସଂଖ୍ୟକ ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଗୁରୁତର ଭାବେ ପ୍ରଭାବିତ ହେଉଛି । ଗୋଟିଏ ଶ୍ରେଣୀଗୃହ ରେ ଶିଶୁ ବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ପଚାଶ ଛାତ୍ରଛାତ୍ରୀ ଏକାଠି ବସି ପାଠ ପଢୁଥିବା ବେଳେ ଅନ୍ୟ ଶ୍ରେଣୀଗୃହ ରେ ୬ଷ୍ଠ ଶ୍ରେଣୀ ଠାରୁ ଅଷ୍ଟମ ପର୍ଯ୍ୟନ୍ତ ୩୬ ଜଣ ଛାତ୍ରଛାତ୍ରୀ ଏକାଠି ବସି ପାଠ ପଢୁଛନ୍ତି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ନାଏକ ଶୀଘ୍ର ଖାଲି ପଦବୀ ପୂରଣ କରି ସ୍କୁଲରେ ଆବଶ୍ୟକ ଶିକ୍ଷକ ନିଯୁକ୍ତ କରିବାକୁ ଦାବି କରିଛନ୍ତି । ଗ୍ରାମର ଦୁଃଖବନ୍ଧୁ ସାହୁ, ବୈଷ୍ଣବ ପ୍ରଧାନ, ରୁବୀ ପ୍ରଧାନ, ଭବାନୀ ସାହୁ, ନନ୍ଦିନୀ ନାଏକ କହିଛନ୍ତି ଏହି ସମସ୍ୟାର ତୁରନ୍ତ ସମାଧାନ କରି ଛାତ୍ରଛାତ୍ରୀଙ୍କ ଶିକ୍ଷା ବ୍ୟବସ୍ଥା ସୁଚାରୁ ଭାବେ ଚାଲିବା ପାଇଁ ପ୍ରଶାସନର ହସ୍ତକ୍ଷେପ ଆଶା କରିଛନ୍ତି । ଶିକ୍ଷକ ନିଯୁକ୍ତ ନହେଲେ ଆଗକୁ ଆନ୍ଦୋଳନ ବାଧ ହେବୁ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ନାଏକ କହିଛନ୍ତି ।

# ବରଗଡ଼ ଗସ୍ତରେ ସଂସ୍କୃତି ସଚିବ ଡ. ବିଜୟ କେତନ ଉପାଧ୍ୟାୟ

## ଭୋଟର ତାଲିକା ସଂଶୋଧନ, ସ୍ୱାସ୍ଥ୍ୟ ଓ ଉନ୍ନୟନ ପ୍ରକଳ୍ପର କଲେ ସମୀକ୍ଷା



ବରଗଡ଼୨୧/୦୭(ଅକ୍ଷର ଓଡ଼ିଶା) ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ତଥା ବରଗଡ଼ ଜିଲ୍ଲାର ନିର୍ବାଚନ ମଣ୍ଡଳୀ ଭୋଟର ତାଲିକା ପର୍ଯ୍ୟବେକ୍ଷକ (ଇଲେକ୍ଟୋରାଲ ରୋଲ ଅବଜରଭର) ଡ. ବିଜୟ କେତନ ଉପାଧ୍ୟାୟ, ଆଇ.ଏ.ଏସ. ବରଗଡ଼ ଜିଲ୍ଲା ଗସ୍ତ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ଯୋଜନା, ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଏବଂ ଜନକଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି । ବରଗଡ଼ ସର୍କିଟ ହାଉସ୍‌ଠାରେ ସଚିବ ଡ. ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଭୋଟର ତାଲିକା ସଂଶୋଧନ ପାଇଁ ଚାଲିଥିବା ସଘନ ପ୍ରକ୍ରିୟା ବିଷୟରେ ଆଲୋଚନା କରିଥିଲେ । ଏକ ପୃଥକ୍ ବୈଠକରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସହିତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲାଇନ୍ ବିଭାଗର ଉନ୍ନୟନମୂଳକ ଯୋଜନାର ପ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଅପରାହ୍ନରେ ସଚିବ ବରଗଡ଼ ସ୍ଥିତ ଅମ୍ବାପାଲି ରେ ବୁଥ୍ ଗୁଡ଼ିକ ପରିଦର୍ଶନ କରି ସ୍ୱତନ୍ତ୍ର ସଘନ ସଂଶୋଧନର ପ୍ରଗତି ବିଷୟରେ ସମୀକ୍ଷା କରିଥିଲେ । ଏହି ଗସ୍ତ ସମୟରେ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଜିଲ୍ଲାପାଳଙ୍କ ବଙ୍କାପଂଚାୟତ ଗସ୍ତ

# କଲ୍ୟାଣୀ ମଣ୍ଡପ ନିର୍ମାଣ ପାଇଁ ପ୍ରତିଶ୍ରୁତି

ବେଲେଗୁଣ୍ଠା, ୨୧ /୦୭(ଅକ୍ଷର ଓଡିଶା ), ଗଞ୍ଜାମ ଜିଲ୍ଲା ବେଲେଗୁଣ୍ଠା ବ୍ଲକ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମ ସରିବା ପରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ବଙ୍କା ପଞ୍ଚାୟତ ଗସ୍ତରେ ଯାଇଥିଲେ । ସେଠାରେ ବଙ୍କା ପଞ୍ଚାୟତର କିରାପଲି ନିକଟରେ ଥିବା କୁମାରସୁଣି ପାହାଡ ପାଦଦେଶରେ ମା ତଳ କୁମାର ସୁଣିଙ୍କ ମନ୍ଦିର ଦେଖି ସେଠାର ଭିଉ ପଏଣ୍ଟ ଏବଂ ପାହାଡ ପାଦଦେଶରେ ଥିବା ମନ୍ଦିରକୁ ଦେଖି ଏଠାରେ ପର୍ଯ୍ୟଟନର ସୁଯୋଗ ରହିଥିବା ପ୍ରକାଶ କରିବା ସହ ଏଠାରେ ପଯ୍ୟଟନ ବିଭାଗ ଆନୁକୂଲ୍ୟରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହା ସହ ବଙ୍କା ପଞ୍ଚାୟତ କାର୍ଯ୍ୟାଳୟକୁ ଗସ୍ତ କରିବା ସହ ବଙ୍କାରେ ଥିବା ପାଠାଗାର ଓ ସୂଚନା କେନ୍ଦ୍ର, ମା ଘୋଡେଇସୁଣି ଭୋଗମଣ୍ଡପ, ରାଧାକୃଷ୍ଣ ମନ୍ଦିର, କଲ୍ୟାଣୀ ମଣ୍ଡପ ଆମ ଅଙ୍ଗନବାଡି କେନ୍ଦ୍ର-୨, ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖିବା ସହ ନିର୍ମାଣାଧୀନ ଥିବା କଲ୍ୟାଣ ମଣ୍ଡପକୁ ତୁରନ୍ତ ସାରିବା ସହ ଆବଶ୍ୟକୀୟ ଅର୍ଥ ଯୋଗେଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲାପାଳଙ୍କ ସହ ପିଡି ସମୀର କୁମାର ଜେନା ପ୍ରୋବେସନାଲ ଆଇ,ଏ,ଏସ ଶରଣ୍ୟା ସର୍ବଣା, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ବିଡ଼ିଓ ସିଙ୍ଗାପୁରମ ହରି, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରକାଶଚନ୍ଦ୍ର ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ସୁନୀତା ଦାସ ପ୍ରମୁଖ ଜିଲ୍ଲାପାଳଙ୍କ ସହ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କୁ ବଙ୍କା ପଞ୍ଚାୟତ ତରଫରୁ ସରପଞ୍ଚ ପ୍ରତିନିଧି ଲକ୍ଷ୍ମଣ ପରିଡା ଓ ସମିତି ସଭ୍ୟ ପ୍ରଫୁଲ୍ଲ ଗୌଡ଼ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

# ପିପୁଲ୍ସ କଲେଜରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ

## ପ୍ରାକ୍ତନ ଅଧ୍ୟକ୍ଷଙ୍କ ବଦଳିକୁ ନେଇ ସାଧାରଣରେ ଅସନ୍ତୋଷଜନକ ଚର୍ଚ୍ଚା



ବୁଗୁଡା ୨୧/୦୭(ଅକ୍ଷର ଓଡ଼ିଶା) : ସ୍ଥାନୀୟ ପିପୁଲ୍ସ କଲେଜରେ ନୂତନ ଅଧ୍ୟକ୍ଷ ଭାବେ ଭଗବାନ ଶତପଥୀ ଯୋଗଦାନ କରିଥିବା ଜଣାଯାଇଛି । କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ବଦଳି ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ଡିଗ୍ରୀ କଲେଜକୁ ହୋଇଥିଲା ବେଳେ ତାଙ୍କରି ସ୍ଥାନରେ ନୂତନ ଅଧ୍ୟକ୍ଷଙ୍କ ଯୋଗ ଦେଇଛନ୍ତି । ସେ ପୂର୍ବରୁ ବଲାଙ୍ଗୀର ଜିଲ୍ଲା ଯୋଗିସର୍ଡା ଗ୍ରାମସ୍ଥିତ ହରିହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ । ସେ ଦାୟିତ୍ୱ ଗ୍ରହଣ କରିବା ପରେ କଲେଜର କର୍ମଚାରୀଗଣ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ତେବେ ନୂତନ ଅଧ୍ୟକ୍ଷ ପିପୁଲ୍ସ କଲେଜର ଶୈକ୍ଷିକ ଅଭିବୃଦ୍ଧି ସାଙ୍ଗକୁ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଉଦ୍ୟମ ଜାରି ରଖିବେ ବୋଲି ମତବ୍ୟକ୍ତ କରିଛନ୍ତି । ଅନ୍ୟପକ୍ଷରେ ଦୀର୍ଘ ବର୍ଷ ବ୍ୟବଧାନରେ ପିପୁଲ୍ସ କଲେଜରେ ସ୍ଥାୟୀ ଅଧ୍ୟକ୍ଷ ଭାବେ ଡ.ପୁରୁଷୋତ୍ତମ ମିଶ୍ର ଗତ ୪ ଜୁନ୍ ୨୦୨୫ରେ ଯୋଗ ଦେଇଥିଲେ ।

# ଶିବିରରେ ୩ ଅଭିଯୋଗର ଶୁଣାଣି



ସେମିଲିଗୁଡା ,୨୧/୭ (ଜୟରାମ ଚୌଧୁରୀ):- କୋରାପୁଟ ଜିଲ୍ଲା ସେମିଲିଗୁଡା ବ୍ଲକ ରେଙ୍ଗା ପଞ୍ଚାୟତ ସ୍ତରୀୟ ମିଳିତ ଜଣ ଅଭିଯୋଗ ଶୁଣାଣି ଏବଂ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ବିଡ଼ିଓ ବସନ୍ତ କୁମାର ବେହେରା ଅଧ୍ୟକ୍ଷତାରେ ମୋଟ ୩ ଅଭିଯୋଗର ଶୁଣାଣି ହୋଇଛି । ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶିବିରରେ ଆର ଏଚ୍ ସୁନୀଲ ଗରଡ଼ା ବ୍ଲକ ପେଶା କୋଡ଼ିନେଟର ପ୍ରମୋଦ ଖିଲ, ପିଇଓ ଶ୍ରୀନିବାସ ପଟ୍ଟନାୟକ, ସରପଞ୍ଚ ନବିନା ହେନ୍ତାଳ ଏବଂ ବିଭିନ୍ନ ବିଭାଗିୟ ଅଧିକାରୀ ଉପସ୍ଥିତ ରହିଛନ୍ତି । ଏଥିରେ ରେଙ୍ଗାର ଜଣେ ମହିଳା ବାର୍ଦ୍ଧକ୍ୟ ଭତା ଜରିଆରେ ନଳକୂପ ସ୍ଥାପନ ଏବଂ ଉକ୍ତ ଗାଁର ଜଣେ ବ୍ୟକ୍ତି ଗ୍ରାମାଞ୍ଚଳ ଗୃହ ନିର୍ମାଣ ପାଇଁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ବିଭଗିୟ ଅଧିକାରୀ ମାନେ ସରକାରୀ ଯୋଜନାର ଲାଭ ପାଇବା ନେଇ ଲୋକଙ୍କୁ ବୁଝାଇଛନ୍ତି ।

# କୁଚିଣ୍ଡା ମହାବିଦ୍ୟାଳୟ ରେ ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ



କୁଚିଣ୍ଡା, ୨୧ । ୭ ( ଚତୁର୍ଭୁଜ ଜୟପୁରିଆ ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଶକ୍ତିଶ୍ରୀ ସଶକ୍ତିକରଣ ସେଲ ପକ୍ଷରୁ ’ ନାରୀ ସ୍ୱାଧିକାର, ସମ୍ମାନ ଓ ସ୍ୱାଭିମାନ ’ ବିଷୟରେ ଏକ ସଚେତନ ସଭା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ରାଜନୀତି ବିଭାଗ ଅଧ୍ୟାପକ ଭିକାରୀ ଓରାମ ଯୋଗ ଦେଇ ନାରୀମାନଙ୍କ ସାମ୍ବିଧାନିକ ଅଧିକାର ବିଷୟରେ ଉଦବୋଧନ ଦେଇଥିଲେ । ସକ୍ତିଶ୍ରୀ ସେଲର ଅନ୍ୟତମ ସଦସ୍ୟା ଓଡ଼ିଆ ବିଭାଗ ଅଧ୍ୟାପିକା ଡଃ. ମମତା ସାହୁ ପ୍ରାଚୀନ ଭାରତୀୟ ଯୁଗରେ ନାରୀ ଶିକ୍ଷା ଓ ସମାଜରେ ସ୍ଥିତି ସହିତ ବର୍ତ୍ତମାନର ସ୍ଥିତିକୁ ତୁଳନାତ୍ମକ ବର୍ଣ୍ଣନା କରିଥିଲେ । ଏହି କାର୍ଯକ୍ରମକୁ ସାକ୍ତିଶ୍ରୀ ସେଲ ସଂଯୋଜିକା ଓଡ଼ିଆ ଅଧ୍ୟାପିକା ଗଜମତି କୁମୁରା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡଃ. ଆଲୋକ ପଟେଲ, ଡଃ.ପ୍ରକାଶ ପଟେଲ, ମହାଦେବ ମେହେର, ଡଃ. ସୁଧାଂଶୁ ମହାପାତ୍ର, ମୋନୋଜ ଜେନା, ନିର୍ମଲ୍ ଉର୍ମା, ଡଃ. ଗଣନାଥ ନାଏକ, ମଞ୍ଜୁଶ୍ରୀ ଦାସ, ହେମଶିଳା ମାଝୀ, ଝରଣାମୟୀ ସୁନା, ଜିନିଆ ଭଟ୍ଟାଚାର୍ଯ୍ୟ, ବେଲମତୀ କୁମୁରା, ପୂଜା ଦାସ, କ୍ଷୀରୋଦିନି ଜୟ, ପଦ୍ମିନୀ ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରୀମାନେ ଯୋଗ ଦେଇଥିଲେ । ନୂତନ ଭାବେ ମନୋନୀତ ହୋଇଥିବା ଶକ୍ତିଶ୍ରୀ ସାଥୀ ବିନିତା ରଣା, ରେଶ୍ମା କିସାନ +୩ ତୃତୀୟ ବର୍ଷ ଛାତ୍ରୀ, ସମସ୍ତ ବିଭାଗର ପ୍ରତିନିଧି, ଏନ୍ ଏସ୍ ଏସ୍ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ । ଶେଷରେ ବାଣିଜ୍ୟ ବିଭାଗର ଅଧ୍ୟାପିକା ଜୟନ୍ତୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଠଗଡ଼ରେ ହେରା ପଞ୍ଚମୀ ମହା ଆଡମ୍ବରେ ପାଳିତ

ଆଠଗଡ଼,୨୧/୭(ଅକ୍ଷର ଓଡ଼ିଶା) ଆଠଗଡ଼ର ଆରାଧ୍ୟ ଦେବତା ଶ୍ରୀ ଅଟ୍ଟାଳି ଜଗନ୍ନାଥ ଏବେ ନବଦିନାତ୍ମକ ଯାତ୍ରାରେ ଗୁଣ୍ଡିଚା ମନ୍ଦିରରେ ଆଡ଼ପ ମଣ୍ଡପରେ ପୂଜା ପାଉଛନ୍ତି ।ଏଣେ ସ୍ୱାମୀଙ୍କୁ ନ ପାଇ ଶ୍ରୀମନ୍ଦିରରେ ଚିନ୍ତାରେ ଅଛନ୍ତି ଅଭିମାନିନୀ ମା’ ଲକ୍ଷ୍ମୀ ଠାକୁରାଣୀ ।ପତିଙ୍କ ବିରହ ବେଦନା ସହି ନପାରି ମା’ ଲକ୍ଷ୍ମୀ ସ୍ୱାମୀଙ୍କୁ ଦେଖା କରିବାକୁ ରାତିରେ ଗୁଣ୍ଡିଚା ମନ୍ଦିରକୁ ଏକ ଗୋପନ ଯାତ୍ରାରେ ବାହାରିଥିଲେ । ସୋମବାର ସନ୍ଧ୍ୟାରେ ଶ୍ରୀ ଅଟ୍ଟାଳି ଜଗନ୍ନାଥ ମନ୍ଦିରରୁ ମହାଲକ୍ଷ୍ମୀ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ମାଉସୀ ମା ମନ୍ଦିରକୁ ଯାଇଥିଲେ । ସେଠାରେ ପାରମ୍ପରିକ ନୀତି ଅନୁସାରେ ରାଜପୁରୋହିତ ସୁଶାନ୍ତ କୁମାର ମିଶ୍ର ଏବଂ ବଡ଼ ପଣ୍ଡା ଶରତ କୁମାର ପଣ୍ଡା, ସୁଶାନ୍ତ କୁମାର ପଣ୍ଡା, ସ୍ୱାଗତ କୁମାର ପଣ୍ଡା, ଅମରେଶ ପଣ୍ଡାଙ୍କ ସହଯୋଗରେ ସମସ୍ତ ନୀତି ସମ୍ପନ୍ନ କରିବା ପରେ ମାଉସୀ ମା ମନ୍ଦିରରୁ ଫେରିବା ବାଟରେ ଅଭିମାନିନୀ ମହାଲକ୍ଷ୍ମୀ ଅଟ୍ଟାଳି ଜଗନ୍ନାଥଙ୍କ ରଥର କିଛି ଅଂଶ ଭାଙ୍ଗିବା ନୀତି ସମ୍ପନ୍ନ ହୋଇଥିଲା ।



ଦେବୋତ୍ତର ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଶାନ୍ତି ଶୃଙ୍ଖଳା ହେବା ସହିତ ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ଓ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ହ୍ୟାକାଥନ୍ ପ୍ରତିଯୋଗିତା ଅନୁଷ୍ଠିତ

ପଦ୍ମପୁର ୨୧/୦୭ (ଅକ୍ଷର ଓଡ଼ିଶା), ବରଗଡ଼ ଜିଲ୍ଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ନେଇ ଜିଲ୍ଲାସ୍ତରୀୟ ହ୍ୟାକାଥନ୍ ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଏଡିଇଓ ଅମୃତା ସାହୁ ପରିଚାଳନା କରିଥିଲେ ।ମୁଖ୍ୟ ଅତିଥି ଭାବେ ଭିଏସଏସ୍‌ୟୁଟିର ବିଭାଗୀୟ ମୁଖ୍ୟ ଡ. ସୁଶାନ୍ତ କୁମାର ବଡ଼ଜେନା ଯୋଗଦେଇ ବିଜ୍ଞାନ, ନବସୃଜନ ଏବଂ ପ୍ରଯୁକ୍ତିର ବିକାଶରେ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ବରଗଡ଼ ବିଇଓ ଜିତେନ୍ଦ୍ର ସେଠ ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।ପ୍ରତିଯୋଗିତାରେ ବିଭିନ୍ନ ବିଭାଗର ମୋଟ ୧୮ଟି ପ୍ରକଳ୍ପ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ବିଜ୍ଞାନ ଓ ଏହାର ବ୍ୟବହାରିକ ବିକାଶକୁ ନେଇ ମଧ ବିସ୍ତୃତ ଆଲୋଚନା କରାଯାଇଥିଲା ।ପ୍ରତିଯୋଗିତାରେ ଓଏଭି ଫ୍ରେଜରପୁର ପ୍ରଥମ ସ୍ଥାନ, ମାଣ୍ଡୋଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ମାଣ୍ଡୋସିଲ) ଦ୍ୱିତୀୟ ସ୍ଥାନ ଏବଂ ଓଏଭି କେସାଇପାଲି ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜୁରି ସଦସ୍ୟମାନେ ଏହି ତିନୋଟି ଦଳକୁ ରାଜ୍ୟସ୍ତରୀୟ ହ୍ୟାକାଥନ୍ ପ୍ରତିଯୋଗିତା ପାଇଁ ମନୋନୀତ କରିଛନ୍ତି ।

# କୁଞ୍ଜବିହାରୀ ନୋଡାଲ ହାଇସ୍କୁଲ ବାର୍ଷିକୋତ୍ସବ

କଣ୍ଟିଲୋ ୨୧/୦୭ (ଅକ୍ଷର ଓଡ଼ିଶା): କଣ୍ଟିଲୋ କୁଞ୍ଜବିହାରୀ ନୋଡାଲ ହାଇସ୍କୁଲର ୬୨ ତମ ବାର୍ଷିକ ଉତ୍ସବ ଆଜି ପାଳିତ ହୋଇଯାଇଛି । ପ୍ରତ୍ୟୁଷରେ ସମସ୍ତ ଛାତ୍ରୀ ନିକଟସ୍ଥ ନୀଳମାଧବ ମନ୍ଦିର ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ । ବିଦ୍ୟାଳୟ ପରିସରରେ ଥିବା ପ୍ରତିଷ୍ଠାତା ସ୍ୱର୍ଗତ କୁଞ୍ଜବିହାରୀ ସାହୁ ଓ ସହଧର୍ମିଣୀ ସ୍ୱର୍ଗତ ରଙ୍ଗବତୀ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ କେକ୍ କାଟି ଜନ୍ମଦିନ ପାଳନ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା ଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଶ୍ମିତା ସାହୁ, ସାମ୍ବାଦିକ ପ୍ରଭାକର ଶିରୋମଣି, ମିନାକ୍ଷୀ ସ୍ୱାଇଁ,ସନ୍ତୋଷ କୁମାର ସାହୁ,ପୂର୍ଣ୍ଣ ଚନ୍ଦ୍ର ଜେନା, ପାର୍ବତୀ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀ ମାନଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ ।ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଗୋଷାଣି ବ୍ଲକ ବି.ଡ଼ି.ଓଙ୍କ ମହନୀୟତା ୯୭ ବର୍ଷିୟ ବୃଦ୍ଧା ଆଧାର କାର୍ଡ ଓ ପେନସନ ପାଇଲେ

ପାରଳାଖେମୁଣ୍ଡି, ୨୧/୭(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବିଡିଓଙ୍କ ମହନୀୟତା ଓ ଦୃଢ ମାନବିକତା ଯୋଗୁଁ ବୟସର ଅପରାହ୍ନରେ ପହଞ୍ଚିଯାଇଥିବା ଜଣେ ୯୭ ବର୍ଷର ବୃଦ୍ଧା ଆଧାର କାର୍ଡ ପାଇବା ସହ ପେନସନ୍ ସୁବିଧା ପାଇଥିବା ସୂଚନା ମିଳିଛି । ସୂଚନା ପ୍ରକାରେ, ଗଜପତି ଜିଲ୍ଲାର ଗୋଷାଣି ବ୍ଲକର ତାଟିପେଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୋଲାଗାଁର ୯୭ ବର୍ଷୀୟା ତୋଡ଼ଙ୍ଗି ରାମଲକ୍ଷ୍ମୀ ଗ୍ରାମର ଏକ ନିର୍ଜନ ସ୍ଥାନରେ ଏକୁଟିଆ ଖଣ୍ଡିଏ ଘର କରି ରହିଆସୁଛନ୍ତି । ନିର୍ଜନ ନିଛାଟିଆ ମଧ୍ୟରେ ତାଙ୍କର ସାହାରା ମାନେ କେବଳ ତାଙ୍କ ସମ୍ପର୍କୀୟ । ପୁତ୍ର ବଧୁ ସଭିଏଁ ରହିଥିଲେ ମଧ ସେମାନେ ନିଜ ନିଜ ପେଟପାଟଣା ଲାଗି ବୃଦ୍ଧାଙ୍କୁ ବୋଧେ ହୁଏ ଭୁଲିଯାଇଛନ୍ତି । ରାମଲକ୍ଷ୍ମୀଙ୍କ ସ୍ୱାମୀ ବିଗତ ୯ ବର୍ଷ ପୂର୍ବେ ମୃତ୍ୟୁବରଣ କରିଛନ୍ତି । ଏପରି ସେ ଏକୁଟିଆ ରହୁଥିବା ବେଳେ ତାଙ୍କୁ ସାହାରା ଦେଉଛନ୍ତି ତାଙ୍କ ସମ୍ପର୍କୀୟ । ଅନ୍ୟପକ୍ଷରେ ଗୋଷାଣି ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ ଓ ଯନ୍ତ୍ରୀ ଶୁଭମ ଉଭୟେ ସରକାରୀ କାର୍ଯ୍ୟରେ ଗୋଲାଗାଁ ଅଞ୍ଚଳ ପରିଦର୍ଶନରେ ଯାଇଥିଲେ । ଏହି ସମୟରେ ନିର୍ଜନ ତଥା ନିଛାଟିଆ ସ୍ଥାନରେ କେବଳ ଗୋଟିଏ ଘର ଥିବା ଦେଖି ଏବଂ ସେଠାକୁ ଯାଇଥିଲେ । ବିଡିଓ ଶ୍ରୀ ପଟ୍ଟନାୟକ ବୃଦ୍ଧା ଓ ତାଙ୍କ ସମ୍ପର୍କୀୟଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ । ଶେଷରେ ଜାଣିବାକୁ ପାଇଥିଲେ ଯେ ରାମଲକ୍ଷ୍ମୀ କୌଣସି ସରକାରୀ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି । କାରଣ ତାଙ୍କର ଆଜିଯାଏଁ ଆଧାରକାର୍ଡ ଟିଏ ହୋଇପାରିନି । ଯାହା ଜାଣି ବିଡିଓ ତାଜୁବ ହୋଇଯାଇଥିଲେ । ଏହାପରେ ସମସ୍ତ ଅନୁସନ୍ଧାନ କରି ତାଟିପାଟି ପିଇଓ ବିନୋଦ ଗୌଡଙ୍କୁ ତୁରନ୍ତ ଆଧାର କାର୍ଡ କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେଠୁ ଆରମ୍ଭ ହୋଇଥିଲା ଆଧାରକାର୍ଡ ପାଇଁ ବନ୍ଦବସ୍ତ । ଏହାପରେ ଜିଲ୍ଲା ପ୍ରଶାସନର ସହଯୋଗରେ ଆଧାର କାର୍ଡଠାରୁ ଆରମ୍ଭ କରି ରାମଲକ୍ଷ୍ମୀଙ୍କ ନାମରେ ବ୍ୟାଙ୍କ ଜମା ଖାତା, ପେନସନ୍ ବହି ଆଦି କରାଯାଇଥିଲା । ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ଅନୁମୋଦନ ପରେ ବିଡିଓ ଶ୍ରୀ ପଟ୍ଟନାୟକ ରାମଲକ୍ଷ୍ମୀଙ୍କ ଘରକୁ ଯାଇ ୩୫୦୦/-ଟଙ୍କା ଭତ୍ତା ସହ ବ୍ୟାଙ୍କ ଜମା ଖାତା, ପେନସନ ଖାତା ପ୍ରଦାନ କରିଥିଲେ ।



# ଝିଅର ଜନ୍ମଦିନରେ ବୃକ୍ଷ ରୋପଣକରି ପାଳିଲେ ଜନ୍ମଦିନ

ବେଲଗୁଣ୍ଠା, ୨୧ /୦୭ (ଅକ୍ଷର ଓଡିଶା ) ମା ବୁଢାକେନ୍ଦୁ ପିଠରେ ଝିଅ ଅଦିତି ର ପ୍ରଥମ ଜନ୍ମଦିନ କୁ ଏକ ନିଆରା ଢଙ୍ଗରେ ପାଳନ କରି ସାହାଣୀ ପରିବାର ଓ ବେଲଗୁଣ୍ଠା ସମ୍ବାଦ ସାହିତ୍ୟ ଘରର ମିଳିତ ଆନୁକୂଲ୍ୟରେ ୪୦ ରୁ ଉର୍ଦ୍ଧ ବିଭିନ୍ନ କିସମର ଔଷଧୀୟ ବୃକ୍ଷ ମା ବୁଢାକେନ୍ଦୁଙ୍କ ପିଠରେ ରୋପଣ କରାଯାଇଥିଲା । ପ୍ରଥମେ ଅଦିତି କୁ ଧରି ତାର ବାପା ବିଶ୍ୱଜିତ ସାହାଣୀ ଓ ମା ଭୂମିକା ସାହାଣୀ ଏକ ଅଁଳକ୍ଷ ଗଛକୁ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ ଗୋବରା ୟୁନିୟନ ବ୍ୟାଙ୍କ ମ୍ୟାନେଜର ଅଭିଷେକ କୁମାର, ଗୋବରା ପୂର୍ବତନ ସରପଞ୍ଚ ଗୋଲାପ ଜେନା, କାଉନ ସିଲର ତଥା ପରିବେଷବିତ ଦିବ୍ୟରଞ୍ଜନ ଦାଶ, ଯୋଗଦେଇ ଝିଅର ଜନ୍ମଦିନ କୁ ଏକ ନିଆରା ଢଙ୍ଗରେ ପାଳନ କରି ବୃକ୍ଷରୋପଣ ଭଳି ଏକ ମହତ କାଯ୍ୟକ୍ରମ କରିଥିବାରୁ ସମ୍ବାଦ ସାହିତ୍ୟ ଘର ଓ ସାହାଣୀ ପରିବାର କୁ ପ୍ରଶଂସା କରିଥିଲେ ।

# ମହୁମାଛି ଆକ୍ରମଣରେ ଶିକ୍ଷୟତ୍ରୀ ଗୁରୁତର

ଲକ୍ଷ୍ମୀପୁର ୨୧/୦୭(ଅକ୍ଷର ଓଡ଼ିଶା) କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଡୁମୁରି ପଦର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ମଞ୍ଜୁ ଲତା ମୁଦୁଲି ମହୁମାଛି ଆକ୍ରମଣ ରେ ଗୁରୁତର ଆହତ ହୋଇ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି ହୋଇଛନ୍ତି । ମହୁମାଛି ଆକ୍ରମଣ ରେ ତାଙ୍କ ମୁହଁ ପୁରା ଫୁଲି ଯାଇଛି ।ଲକ୍ଷ୍ମୀପୁର ପେନ୍ସିଲ ଫେକ୍ଟ୍ରି ପାଖରେ ତାଙ୍କର ତିଆରି ଚାଲିଥିବା ଘର କାମ ଦେଖି ଫେରୁ ଥିବା ବେଳେ ବାଟରେ ଶହ ଶହ ମହୁମାଛି ଆସି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ ।ଫଳରେ ସିଏ ଚିତ୍କାର କରିଥିଲେ ।ତାଙ୍କ ଚିତ୍କାର ଶୁଣି ପାଖରେ ରହୁଥିବା ଯୁଧିଷ୍ଠିର ବାଘ ନାମକ ଜଣେ ସାମ୍ବାଦିକ ତାଙ୍କୁ ଉଦ୍ଧାର କରି ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୁରୁତର ଅବସ୍ଥାରେ ଭର୍ତି କରାଇଥିଲେ ।ଖବର ଲେଖା ହେବା ସୁଦ୍ଧା ସିଏ ଚିକିତ୍ସିତ ଅବସ୍ଥାରେ ଥିବା ଜଣା ପଡିଛି ।

# ରାଇକିଆ ବ୍ଲକ ସ୍ତରୀୟ ଜନ ଶୁଣାଣୀ ଅନୁଷ୍ଠିତ

ରାଇକିଆ ୨୧/୦୭ ( ଜଗଦୀଶ ଦାଶ) କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅନ୍ତର୍ଗତ ପେଟାପାଙ୍ଗା ଗ୍ରାମ ପଞ୍ଚାୟତ ସଭାଗୃହରେ ବ୍ଲକ ସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି, ଏହି ଅବସରରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ସିଂହ କହଁର ଯୋଗ ଦେଇ ଜନସାଧାରଣଙ୍କର ଆବେଦନ ଅଭିଯୋଗ ଗୁଡ଼ିକର ଶୁଣାଣୀ କରିଥିଲେ । ଆବେଦନ ଅଭିଯୋଗ ଗୁଡ଼ିକ ମଧ୍ୟରେ ମୋଟ ୯ ଗୋଟି ସାମୂହିକ ଭାବେ ଏବଂ ବ୍ୟକ୍ତିଗତ ଭାବେ ୧୦ ଗୋଟି ଏପରି ମୋଟ ୧୯ ଗୋଟି ଅଭିଯୋଗ ଗୁଡ଼ିକ ରହିଥିଲା । ସାମୂହିକ ଅଭିଯୋଗ ଗୁଡ଼ିକ ମଧ୍ୟରେ ପ୍ରମୁଖ ଭାବେ ପ୍ରଧାନମନ୍ତ୍ରୀ ଆବାସ ଗୃହ ଗୁଡ଼ିକ୍ ବିଷୟ ,ପାନୀୟ ଜଳ ଯୋଗାଣ, ଖାଉଟି କାର୍ଡ ମଞ୍ଜୁର ଓ ମୋବାଇଲ ନେଟୱାର୍କ ସମସ୍ୟା ଦୂରୀକରଣ ଆଦି ଅନ୍ତର୍ଭୁକ୍ତ ଥିଲା, ଏହି ଅବସରରେ ଆଗାମି ଅତି ନିକଟରେ ସମସ୍ତ ଆବେଦନ ଅଭିଯୋଗ ଗୁଡ଼ିକର ବିଚାର କରି ଜିଲ୍ଲାପାଳଙ୍କ ମଞ୍ଜୁର ସହ କାର୍ଯ୍ୟକାରୀ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ପୁଣି ସମ୍ପୃକ୍ତ ବିଭାଗୀୟ କର୍ମଚାରୀ ମାନଙ୍କୁରାଇକିଆ ଏବିଡିଓ ନିର୍ଦ୍ଦେଶ ଦେଇଥିଲେ ।

### ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ଚଞ୍ଚକତା ଅଭିଯୋଗ

# ଯୋଗ୍ୟ ବଞ୍ଚିତ, ତାଲିକାରେ ଅଯୋଗ୍ୟଙ୍କ ନାମ

ସୁବର୍ଣ୍ଣପୁର,୨୧/୭ (ପବିତ୍ର ସିଂ ବରିହା ):ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ଗ୍ରାମ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ର ହିତାଧିକାରୀ ତାଲିକାକୁ ନେଇ ବିବାଦ ଦେଖାଦେଇଛି । ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରକାଶିତ ୨୯୪ ଜଣ ହିତାଧିକାରୀଙ୍କ ତାଲିକାରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା ହୋଇଥିବା ଅଭିଯୋଗ ଉଠିଛି ।

ଅଭିଯୋଗ ଅନୁଯାୟୀ, ପଞ୍ଚାୟତରେ ଅନେକ ପ୍ରକୃତ ଯୋଗ୍ୟ ଗରିବ, ଅସହାୟ, ବିଧବା ଓ ଭିନ୍ନକ୍ଷମ ପରିବାରଙ୍କ ନାମ ତାଲିକାରେ ସ୍ଥାନ ପାଇନାହିଁ । ଅନ୍ୟପକ୍ଷରେ, ପୂର୍ବରୁ ଆବାସ ଯୋଜନାରେ ଘର ପାଇଥିବା ବ୍ୟକ୍ତିଙ୍କ ନାମ ପୁଣି ଥରେ ତାଲିକାରେ ସାମିଲ କରାଯାଇଥିବା ସହ ସ୍ୱାମୀ ପୂର୍ବରୁ ଘର ପାଇଥିଲେ ଏବେ ସ୍ତ୍ରୀଙ୍କ ନାମ କିମ୍ବା ସ୍ତ୍ରୀ ପାଇଥିଲେ ସ୍ୱାମୀଙ୍କ ନାମ ସାମିଲ ହୋଇଥିବା ଅଭିଯୋଗ ହୋଇଛି । ଏପରିକି କେତେକ ପରିବାର ପୂର୍ବରୁ ଦୁଇଟି ଘର ପାଇଥିଲେ ମଧ୍ୟ ପୁଣି ଥରେ ସେମାନଙ୍କ ନାମ ତାଲିକାରେ ରହିଥିବା ନେଇ ପ୍ରଶ୍ନ ଉଠିଛି ।ଏହି ତାଲିକା କେଉଁ ଆଧାରରେ ଏବଂ କାହା ଦ୍ୱାରା ପ୍ରସ୍ତୁତ ହେଲା, ତାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଏହି ତାଲିକାରେ ବ୍ୟାପକ ଚଞ୍ଚକତା ହୋଇଥିବା ଅଭିଯୋଗ କରି ଏହାର ନିରପେକ୍ଷ ତଦନ୍ତ ଦାବି ହେଉଛି ।ଅନ୍ୟପକ୍ଷରେ, ପଞ୍ଚାୟତ କାର୍ଯ୍ୟାଳୟରେ ତାଲିକା ପ୍ରକାଶ ପାଇବା ପରେ ଦଲାଲମାନେ ସକ୍ରିୟ ହୋଇପଡ଼ିଥିବା ଅଭିଯୋଗ ମଧ୍ୟ ଆସିଛି । ନାମ ଗୋପନ ରଖିବା ସର୍ତ୍ତରେ ଅମରପାଲି ଗ୍ରାମର ଜଣେ ବ୍ୟକ୍ତି କହିଛନ୍ତି ଯେ, ତାଲିକାରେ ନାମ ଥିବା କେତେକ ହିତାଧିକାରୀଙ୍କଠାରୁ ଟଙ୍କା ଦାବି କରାଯାଉଛି । ଟଙ୍କା ନ ଦେଲେ କିମ୍ବା ଏହି କଥା ପ୍ରକାଶ କଲେ ବିଭିନ୍ନ ବାହାନା ଦେଖାଇ ତାଲିକାରୁ ନାମ ବାଦ ଦିଆଯିବ ବୋଲି ଭୟଭୀତ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି ।ଅମରପାଲି ଗ୍ରାମର ଦେବଦତ୍ତ ସାହୁ, ଅସିତ ଅଗ୍ରିଆ, କୁଶ କମିଲ, ପ୍ରକାଶ ଅଗ୍ରିଆ, ପୂର୍ଣ୍ଣଚନ୍ଦ୍ର ସାହୁ, ରମେଶ ସାହୁ, ହାତିଲିମୁଣ୍ଡା ଗ୍ରାମର ରାତ୍ର ଛତ୍ରିଆ, ଚିଙ୍ଗୀରାନାଲି ଗ୍ରାମର ଗୋପାଳ ପୋଢ଼, ମାନଭଞ୍ଜନ ତମଲିଆ ଏବଂ ଭାଲୁଡୁଙ୍ଗୁରୀ ଗ୍ରାମର ବିଧବା ମହିଳା ବୁଇ ମାଝୀଙ୍କ ସମେତ ଅନେକ କହିଛନ୍ତି ଯେ, ସେମାନେ ପ୍ରକୃତ ଯୋଗ୍ୟ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ଆବାସ ଯୋଜନାରେ ଘର ପାଇନାହାନ୍ତି । ମାତ୍ର ପୂର୍ବରୁ ଘର ପାଇଥିବା ଲୋକମାନେ ବାରମ୍ବାର ସୁବିଧା ପାଉଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।ସୂଚନା ଅନୁଯାୟୀ, କିଛିଦିନ ପୂର୍ବରୁ ତାଲିକାରେ ନାମ ଥିବା ବ୍ୟକ୍ତିଙ୍କ ଘରକୁ ଯାଇ ଯାଞ୍ଚ କରାଯାଇଥିଲା । ତଥାପି ପୂର୍ବରୁ ଘର ପାଇଥିବା କେତେକ ବ୍ୟକ୍ତି ନୂତନ ଘର ନିର୍ମାଣ ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି । ଅନେକ ଯୋଗ୍ୟ ହିତାଧିକାରୀ ଙ୍କ ନାମ ତାଲିକା ରେ ନାହିଁ, ତଦନ୍ତ କରି ସେମାନଙ୍କୁ ତୁରନ୍ତ ଘର ଯୋଗାଇ ଦେବାକୁ ଦାବି କରିଛନ୍ତି ବହଳପଦର ଗ୍ରାମର ବିଶ୍ୱାମିତ୍ର ସେଠୀ । ଏହି ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରେ ସାମିଲ କରିବା ସହ ଚଞ୍ଚକତା ମାଧ୍ୟମରେ ନାମ ସାମିଲ କରାଯାଇଥିବା ବ୍ୟକ୍ତିଙ୍କ ନାମ ବାଦ ଦେବା



ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।ଏ ସମ୍ପର୍କରେ ବହଳପଦର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ‘ଯେଉଁମାନେ ପୂର୍ବରୁ ଆବାସ ଯୋଜନାରେ ଘର ପାଇଛନ୍ତି, ସେମାନଙ୍କ ନାମ ତାଲିକାରୁ ବାଦ ଦିଆଯିବ ।’ ଅନ୍ୟପକ୍ଷରେ, ଏହି ଘଟଣା ସମ୍ପର୍କରେ ବୀରମହାରାଜପୁର ବିଡିଓ ରାଜୀବ ହାଁସଦାଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ଗ୍ରହଣ କରିନଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ ।



# ବିଶ୍ୱକପ୍ ପରାଜୟ ଚିର ଯନ୍ତ୍ରଣା ହୋଇ ରହିବ: ମେସି



ନ୍ୟୁଜର୍ସି, ୨୧/୦୭ : ୪ ବର୍ଷ ତଳେ କତର ସଂସ୍କରଣଠାରୁ ବିଶ୍ୱକପ୍ ବିଜୟର ସ୍ୱପ୍ନକୁ ସାକାର କରି ସାରିଥିଲେ। କିନ୍ତୁ କ୍ରମାଗତ ଟ୍ରଫି ଜିତିବାର ଗୌରବ ଅର୍ଜନ ଲାଗି ରଖିଥିବା ଅଭିଳାଷ ପୂର୍ଣ୍ଣ କରିନପାରିବା ପରେ ଏବେ ମହାନ ଫୁଟ୍‌ବଲର୍ ଲିଓନେଲ୍ ମେସି ଯନ୍ତ୍ରଣା ଭିତରେ ଛଟପଟ ହେଉଛନ୍ତି। ରବିବାର ରାତିରେ ସ୍ପେନ୍ ନିକଟରୁ ୦-୧ ଗୋଲ୍‌ରେ ପରଜୟ ବରଣ ପରେ ମେସି କହିଛନ୍ତି 'ଏ ପରାଜୟ ଯନ୍ତ୍ରଣାଦାୟକ। ଏହା ମୋ ସହ ଚିରକାଳ ରହିବ ଏବଂ ଯନ୍ତ୍ରଣାକୁ ମୁକ୍ତ କରିବା ପାଇଁ ଲମ୍ବା ସମୟ ଲାଗିବ'। ସମାନ ସମୟରେ ମେସି ମଧ୍ୟ ତାଙ୍କ ପ୍ରଶଂସକ ଓ ଦେଶବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଶ୍ୱକପ୍‌ର ପ୍ରତିଟି ମୁହୂର୍ତ୍ତ ଓ ଅଭିଯାନ ସମୟରେ ଦଳକୁ ସମର୍ଥନ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୩୯ ବର୍ଷୀୟ ମେସି ମଧ୍ୟ ବିଜୟୀ ସ୍ପେନ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ତଥାପି ଆର୍ଜେଣ୍ଟିନା ସମର୍ଥକମାନେ ଏକାଠି ରହିବା ଏବଂ ଗର୍ବର ସହ ବିଶ୍ୱକପ୍ ସ୍ମୃତିକୁ ସାଉଁଟିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। କ୍ରମାଗତ ଫାଇନାଲ୍ ଖେଳିବାର ଉପଲବ୍ଧିକୁ ନେଇ ଗର୍ବ କରିବାକୁ କହିଛନ୍ତି। ୨୦୨୨ ମସିହା ଫାଇନାଲ୍‌ରେ ମେସିଙ୍କ ଦଳ ଫାଇନାଲ୍‌ରେ ଫ୍ରାନ୍ସକୁ ପରାସ୍ତ କରି ବିଶ୍ୱ ବିଜେତା ହୋଇଥିଲା। ଏଥର ଜିତିପାରିଥିଲେ ଦଳ ବିଶ୍ୱର ତୃତୀୟ ଦେଶ ଭାବେ ଟାଇଟଲ୍ ଜିତି ୬୪ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଥାନ୍ତେ। ଏ ପର୍ଯ୍ୟନ୍ତ କେବଳ ଇଟାଲି (୧୯୩୪ ଓ ୧୯୩୮) ଏବଂ ବ୍ରାଜିଲ୍ (୧୯୫୮ ଓ ୧୯୬୨) ବିଶ୍ୱକପ୍‌କୁ କ୍ରମାଗତ ଜିତିବାର ଦୁଇ ଦେଶ ହୋଇ ରହିଛନ୍ତି।

ଆମ ଦଳ କଠିନ ପରିଶ୍ରମ କରି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ ଭାବେ ପ୍ରମାଣିତ କରିଛି। ଏହି ଖୁସିକୁ ମୁଁ ଧରି ରଖିବି ଏବଂ ଗୌରବାନ୍ୱିତ ହୋଇଛି। ଦଳର ଲଢୁଆ ପ୍ରବୃତ୍ତି ମଧ୍ୟ ପ୍ରଶଂସାର ପାତ୍ର ବୋଲି ମେସି କହିଛନ୍ତି। ବ୍ରାଜିଲର କାଫୁଙ୍କ ପରେ ମେସି ମଧ୍ୟ ବିଶ୍ୱର ଦ୍ୱିତୀୟ ଖେଳାଳି ଭାବେ ୩ଟି ଫାଇନାଲ୍ ଖେଳିଛନ୍ତି। ପୂର୍ବରୁ ସେ ୨୦୧୪ ଓ ୨୦୨୨ରେ ଫାଇନାଲ୍ ଖେଳିଥିଲେ। ଏହି ମହାନ ଫରଓ୍ୱାର୍ଡ ମଧ୍ୟ ଆର୍ଜେଣ୍ଟିନାର ସବୁଠାରୁ ପଦକ ଆଭୂଷିତ ଫୁଟ୍‌ବଲର୍ ହୋଇଛନ୍ତି। ୨୦୨୨ ବିଶ୍ୱକପ୍ ସହିତ ୨୦୨୧ କୋପା ଓ ୨୦୨୪ରେ କୋପା ଆମେରିକା ଟ୍ରଫି ଏବଂ ୨୦୨୨ରେ ଫାଇନାଲିସିମା ଟ୍ରଫି ଜିତଇଲେ। ୮ ଥର ବାଲନ ଡି'ଓର ବିଜେତା ହୋଇ ମହାନତମ ଖେଳାଳି ଭାବେ ଖ୍ୟାତି ଅର୍ଜନ କରିସାରିଛନ୍ତି। 'ଫୁଟ୍‌ବଲ୍‌କୁ ନେଇ ଦେଶ ପୁଣି ଥରେ ଏକାଠି ହୋଇପାରିଥିବାରୁ ମୁଁ ଗର୍ବିତ' ବୋଲି ମେସି ଶେଷରେ କହିଥିଲେ।

# ଫୁଟ୍‌ବଲ୍ କିମ୍ବଦନ୍ତି କେଭିନ୍ କିଗାନଙ୍କ ଦେହାନ୍ତ





ନୂଆଦିଲ୍ଲୀ, ୨୧/୦୭ : ଇଂଲଣ୍ଡ ଜାତୀୟ ଫୁଟ୍‌ବଲ୍ ଦଳର ପୂର୍ବତନ ଅଧିନାୟକ ତଥା ପ୍ରଶିକ୍ଷକ କେଭିନ୍ କିଗାନଙ୍କର ମଙ୍ଗଳବାର ୭୫ ବର୍ଷ ବୟସରେ ଦେହାନ୍ତ ଘଟିଛି। କର୍କଟ ରୋଗ ସହ ସଂଗ୍ରାମ କରିବା ପରେ ସେ ଜୀବନ ଯୁଦ୍ଧରେ ହାରିଯାଇଛନ୍ତି। ଖେଳାଳି ଓ ପ୍ରଶିକ୍ଷକ ଭାବେ ଇଂଲିସ ଫୁଟ୍‌ବଲ୍‌ରେ କିଗାନ ଅନେକ ଉଲ୍ଲେଖନୀୟ ପ୍ରଭାବ ଛାଡ଼ିଯାଇଛନ୍ତି। ଫୁଟ୍‌ବଲ୍ ଦୁନିଆ ଏବେ ଏହି ମହାନ କିମ୍ବଦନ୍ତିଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ଲିଭରପୁଲ୍ ଓ ହାମ୍ବର୍ଗ ସହ ଖେଳ ଜୀବନ କାଟିଥିବା କିଗାନ ଏକାଧିକ ଟ୍ରଫି ଜିତିଥିବାବେଳେ ପ୍ରଥମ ବ୍ରିଟିସ୍ ଖେଳାଳି ଭାବେ ଦୁଇ ଥର ବାଲନ୍ ଓ'ଡାଓୟ ପୁରସ୍କାର ପାଇଥିଲେ। ୧୯୯୦ରେ ନ୍ୟୁକାସଲ୍ କ୍ଲବ୍‌ର ମ୍ୟାନେଜର ଭାବେ ସେ ଏହାର ଭାଗ୍ୟରେ ବଡ଼ ପରିବର୍ତ୍ତନ ଆଣିଥିଲେ। ଏପରିକି ପ୍ରିମିୟର ଲିଗ୍ ବିଜେତା ହେବାର ପାଖରେ ପହଞ୍ଚିଯାଇଥିଲେ। ଇଂଲିସ ଫୁଟ୍‌ବଲ୍‌ରେ ତାଙ୍କ ଲୋକପ୍ରିୟତା ଓ ଅବଦାନକୁ ସ୍ମରଣ କରି ପୂର୍ବତନ ଖେଳାଳି ଆଲାନ ସିୟରର ମଧ୍ୟ ଶୋକ ପ୍ରକଟ କରିଛନ୍ତି। ଭାବବିହ୍ୱଳ ହୋଇ ଲେଖିଛନ୍ତି 'ମୋ ନାୟକ, ମୋ ପ୍ରଶିକ୍ଷକ, ମୋ ବଂଧୁ-ଆରାମରେ ଶୋଇଯାଅ ମାଲିକ'।ଇଂଲିସ ଫୁଟ୍‌ବଲ୍ ଦୁନିଆରେ 'କିଙ୍ଗ୍ କେଭ୍' ଓ 'ମାଇଟି ମାଉସ୍' କର୍କଟ ରୋଗର ଚତୁର୍ଥ ପର୍ଯ୍ୟାୟରେ ପହଞ୍ଚିଥିଲେ।

ଗତ ଜାନୁଆରି ମାସରେ ଏହି ଘୋଷଣା କରିଥିଲା ତାଙ୍କ ପରିବାର। ଦୁଇ ଥର ୟୁରୋପିଆନ୍ ଫୁଟ୍‌ବଲର୍ ଅଫ୍ ଦି ଇୟର୍ ବିବେଚିତ କିଗାନ ତାଙ୍କ ଖେଳ ଜୀବନରେ ଲିଭରପୁଲ୍ ପାଇଁ ୩୨୩ ମ୍ୟାଚ୍‌ରୁ ୧୦୦ ଗୋଲ୍ ଦେଇଥିଲେ। ଇଂଲଣ୍ଡ ପାଇଁ ସେ ୧୯୭୨ରୁ ୧୯୮୨ ମସିହା ମଧ୍ୟରେ ୬୩ ମ୍ୟାଚ୍ ଖେଳି ୨୧ ଗୋଲ୍ ଦେଇଥିବାବେଳେ ୩୧ଟିରେ ଅଧିନାୟକତ୍ୱ କରିଥିଲେ। କିଗାନ ଏଭଳି ସମୟରେ ଶେଷ ନିଶ୍ୱାସ ଛାଡ଼ିଛନ୍ତି ଯେଉଁ ସମୟରେ ଇଂଲଣ୍ଡ ଦୀର୍ଘ ୬୦ ବର୍ଷ ପରେ ବିଶ୍ୱକପ୍‌ରେ ପୋଡ଼ିୟମ୍ ଫିନିସ୍ କରିଛି। ଦୁଇ ଦିନ ତଳେ ଫ୍ରାନ୍ସକୁ ୬-୪ରେ ହରାଇ ଇଂଲଣ୍ଡ କାଂସ୍ୟ ପଦକ ହାସଲ କରିଥିଲା।

# ଖମାରରେ ମର୍ମନ୍ତୁଦ ବସ୍ ଦୁର୍ଘଟଣା

ଢେଙ୍କାନାଳ, ୨୧/୦୭(ବେତୁଜୀ ପ୍ରସାଦ): ଅନୁଗୁଳ ଜିଲ୍ଲା ଖମାର ଟୋଲ୍ ପ୍ଲାଜା ନିକଟସ୍ଥ ବୁର୍କୁଣାଠାରେ ରାଜ୍ୟ ସଡ଼କ ପରିବହନ ନିଗମର ଯାତ୍ରୀବାହୀ ବସ୍ 'ଜଗନ୍ନାଥ ଏକ୍ସପ୍ରେସ୍' ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଏହି ଦୁଃଖଦ ଘଟଣା ସାମ୍ନାକୁ ଆସିବା ପରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ସମବାୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଏହି ଦୁର୍ଘଟଣାରେ ଆହତ ହୋଇଥିବା ସମସ୍ତ ଯାତ୍ରୀମାନଙ୍କର ଶୀଘ୍ର ସୁସ୍ଥତା କାମନା କରିବା ସହ ସେମାନଙ୍କ ପରିବାର ପ୍ରତି ମନ୍ତ୍ରୀ ଶ୍ରୀ ପାତ୍ର ନିଜର ଆନ୍ତରିକ ସମବେଦନା ଜଣାଇଛନ୍ତି। ଆହତ ଯାତ୍ରୀମାନଙ୍କୁ ତୁରନ୍ତ ଉଦ୍ଧାର କରି ସେମାନଙ୍କୁ ସର୍ବୋତ୍ତମ ଚିକିତ୍ସା ଏବଂ ସମସ୍ତ ପ୍ରକାରର ଆବଶ୍ୟକୀୟ ସହାୟତା ଯୋଗାଇ ଦେବାକୁ ମନ୍ତ୍ରୀ ସ୍ଥାନୀୟ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବିପଦ ସମୟରେ ଯାତ୍ରୀମାନଙ୍କ ଚିକିତ୍ସା କ୍ଷେତ୍ରରେ ଯେପରି କୌଣସି ଅବହେଳା ନହୁଏ, ସେଥିପ୍ରତି ସତନ୍ତ୍ର ଦୃଷ୍ଟି ଦେବାକୁ ପ୍ରଶାସନିକ ଅଧିକାରୀମାନଙ୍କୁ କୁହାଯାଇଛି। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ବର୍ତ୍ତମାନ ତଦନ୍ତ ଜାରି

**ଆହତଙ୍କ ଆଶୁଆରୋଗ୍ୟ କାମନା କଲେ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର**

- ଉନ୍ନତ ଚିକିତ୍ସା ପାଇଁ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ
- ଯାତ୍ରୀ ସୁରକ୍ଷା ଉପରେ ମୋହନ ସରକାରଙ୍କ ସର୍ବୋଚ୍ଚ ଗୁରୁତ୍ୱ

ରହିଛି। ଯାତ୍ରୀମାନଙ୍କର ନିରାପତ୍ତା ଓ ସୁରକ୍ଷା ରାଜ୍ୟର 'ମୋହନ ସରକାର'ଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ଦର୍ଶାଇ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ଭବିଷ୍ୟତରେ ଏଭଳି ଦୁର୍ଭାଗ୍ୟଜନକ ଅଘଟଣର ପୁନରାବୃତ୍ତି ରୋକିବା ପାଇଁ ସରକାରଙ୍କ ପକ୍ଷରୁ କଠୋର ଏବଂ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ।

# ହକି ବିଶ୍ୱକପ୍ ଦଳରେ ଅମିତ, ଶିଳାନନ୍ଦ

ନୂଆଦିଲ୍ଲୀ, ୨୧/୦୭ : ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ବେଲଜିୟମ୍ ଓ ନେଦରଲାଣ୍ଡ୍‌ସରେ ଖେଳାଯିବାକୁ ଥିବା ହକି ବିଶ୍ୱକପ୍ ପାଇଁ ହକି ଇଣ୍ଡିଆ ମଙ୍ଗଳବାର ଦଳ ଘୋଷଣା କରିଛି। ଅଭିଜ୍ଞ ଡିଫେଣ୍ଡର୍ ତଥା ଡ୍ରାଗ୍ ଫ୍ଲିକର୍ ହର୍ମନପ୍ରୀତ୍ ସିଂହ ଦଳର ନେତୃତ୍ୱ ନେବେ। ଘୋଷିତ ୨୦ ଜଣିଆ ଦଳରେ ଦୁଇ ଓଡ଼ିଆ ପୁଅ ଅମିତ ରୋହିଦାସ ଏବଂ ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ଭାରତୀୟ ହକି ନୂଆ ଅଧ୍ୟୟ ଲେଖିବ ବୋଲି ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲ୍ଟନ୍ ଆତ୍ମବିଶ୍ୱାସର ସହ ପ୍ରକାଶ କରିଛନ୍ତି। ଭାରତୀୟ ଦଳ ପୁଲ୍ 'ଡି'ରେ ସ୍ଥାନ ପାଇଥିବାବେଳେ ଅଗଷ୍ଟ ୧୫ ତାରିଖ ସାଧୀନତା ଦିବସରେ ୱେଲ୍‌ସ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ହର୍ମନପ୍ରୀତ୍‌ଙ୍କ ଦଳରେ ଭେଟେରାନ୍ ମିଡ୍‌ଫିଲ୍ଡର୍ ତଥା ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ କରିଥିବା ମନପ୍ରୀତ୍ ସିଂହଙ୍କ ଅଭିଜ୍ଞତା ସହିତ ଏକାଧିକ ଯୁବ ଖେଳାଳିଙ୍କ ଉପସ୍ଥିତି ମଧ୍ୟ ରହିଛି। କେବଳ ଖ୍ୟାତି ଅନୁସାରେ ନୁହେଁ ପ୍ରଦର୍ଶନ ଆଧାରରେ ଏକ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ଦଳରେ ନିଆଯାଇଛି ବୋଲି ପ୍ରଶିକ୍ଷକ ଫୁଲ୍ଟନ୍ ପ୍ରକାଶ କରିଛନ୍ତି। ଗୋଲକିପିଂ ଦାୟିତ୍ୱ ମୋହିତ ଏଚ୍‌ଏସ ଏବଂ ସୂରଜ କରକେରାଙ୍କ ଉପରେ ରହିଛି। ରକ୍ଷଣଭାଗ ସମ୍ଭାଳିବେ ଜର୍ମାନପ୍ରୀତସିଂହ, ହର୍ମନପ୍ରୀତ୍ ସିଂହ, ଅମିତ ରୋହିଦାସ, ଯୁଗରାଜ ସିଂହ, ସଂଜୟ, ସୁମିତ ଓ ଯାଶଦୀପ ସିୱାଚ୍। ସେହିଭଳି ଦଳର ମଧ୍ୟଭାଗ ଦାୟିତ୍ୱ ତୁଲାଇବେ ମନପ୍ରୀତ୍ ସିଂହ, ହାର୍ଦିକ ସିଂହ, ବିବେକ ସାଗର ପ୍ରସାଦଙ୍କ ସହିତ ନୀଳକାନ୍ତ ଶର୍ମା ଏବଂ ଦୁଇ ଯୁବ ତାରକା ରାଜିନ୍ଦର ସିଂହ, ଆଦିତ୍ୟ ଆର୍ଜୁନ ଲାଲାଗେ। ଦଳର ଆକ୍ରମଣ ଦାୟିତ୍ୱ ତଥା ଫରଓ୍ୱାର୍ଡ ଭାବେ ଖେଳିବେ ମନଦୀପ୍ ସିଂହ, ଦିଲପ୍ରୀତ୍ ସିଂହ, ଅଭିଷେକ, ସୁଖଜିତ୍ ସିଂହ ଓ ଶିଳାନନ୍ଦ ଲାକ୍ରା। ପୁଲ୍ 'ଡି'ରେ ଭାରତ ସହିତ ୱେଲ୍‌ସ, ପାକିସ୍ତାନ ଓ ଇଂଲଣ୍ଡ ରହିଛନ୍ତି। ନେଦରଲାଣ୍ଡ୍‌ସର ଆମଷ୍ଟଲଭିନଠାରେ ଭାରତ ନିଜ ସମସ୍ତ ପୁଲ୍ ମ୍ୟାଚ୍ ଖେଳିବ। ଜୁଲାଇ ୧୫ରେ ୱେଲ୍‌ସ, ୧୭ରେ ଇଂଲଣ୍ଡ ଏବଂ ୧୯ ତାରିଖରେ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଖେଳିବ ହର୍ମନପ୍ରୀତ୍‌ଙ୍କ ଦଳ। ଭାରତ ପୁରୁଷ ହକି ବିଶ୍ୱକପ୍‌ର ପ୍ରଥମ ୩ ସଂସ୍କରଣରେ ପଦକ ଜିତିବା ପରଠାରୁ ୫୧ ବର୍ଷ ହେଲାଣି ସଂଘର୍ଷ କରି ଆସୁଛି। ଏହି ଅଲୋଡ଼ା ଧାରାକୁ ପରିବର୍ତନ କରିବାକୁ ହର୍ମନପ୍ରୀତ୍ ଓ ଫୁଲଟନ୍ ଆଶାବାଦୀ ଅଛନ୍ତି। ସୂଚନାଯୋଗ୍ୟ, ଭାରତ ୧୯୭୧ରେ କାଂସ୍ୟ, ୧୯୭୩ରେ ରୌପ୍ୟ ଏବଂ ୧୯୭୫ରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ବିଗତ ଦୁଇ ସଂସ୍କରଣ ଓଡ଼ିଶାରେ ଖେଳାଯାଇଥିଲେ ମଧ୍ୟ ଭାରତ ପଦକ ପର୍ଯ୍ୟନ୍ତ ପହଞ୍ଚିପାରିନଥିଲା।

# ନୟାଗଡ଼ରେ ଦଶମ 'ସେବା ମହୋତ୍ସବ' ଉଦ୍‌ଯାପିତ




ନୟାଗଡ଼, ୨୧/୦୭ (ଅକ୍ଷର ଓଡିଶା )ନୟାଗଡ଼ ଜିଲ୍ଲା ସେବା ଉତ୍ସବ ସମିତି ପକ୍ଷରୁ ଆୟୋଜିତ ଦଶମ ଜିଲ୍ଲାବ୍ୟାପୀ ସେବା ମହୋତ୍ସବ ସୋମବାର ଆଡ଼ମ୍ବରପୂର୍ଣ୍ଣ ପରିବେଶ ମଧ୍ୟରେ ଉଦଯାପିତ ହୋଇଯାଇଛି । ସେବା, ସମର୍ପଣ ଓ ସାମାଜିକ ପ୍ରତିବଦ୍ଧତାର ପ୍ରତୀକ ସାଜିଥିବା ଏହି ମହୋତ୍ସବର ଉଦଯାପନୀ ଦିବସରେ ସହରସାରା ଏକ ଅପୂର୍ବ ଦେଶାତ୍ମବୋଧକ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ନୟାଗଡ଼ ସ୍ୱୟଂଶାସିତ କଲେଜଠାରୁ ପଠାଣି ସାମନ୍ତ ଅଡିଟୋରିଅମ୍ ପର୍ଯ୍ୟନ୍ତ ବାହାରିଥିବା ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଏବଂ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ସମଗ୍ର ନୟାଗଡ଼ ସହରବାସୀଙ୍କ ମନ ମୋହି ନେଇଥିଲା ।ତ୍ରିରଙ୍ଗାରେ ରଙ୍ଗାୟିତ ନୟାଗଡ଼ ସହରଉଦଯାପନୀ ଅବସରରେ ପୂର୍ବାହ୍ନରେ ନୟାଗଡ଼ ସ୍ୱୟଂଶାସିତ କଲେଜ ପରିସରରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବାହାରିଥିଲା । ହାତରେ ଜାତୀୟ ପତାକା, ଆଖିରେ ଦେଶପ୍ରେମର ସ୍ୱପ୍ନ ଓ ମୁଖରେ 'ଭାରତ ମାତା କି ଜୟ' ନାରା ଦେଇ ହଜାର ହଜାର ଯୁବକ, ସ୍ୱେଚ୍ଛାସେବୀ ଓ ନାଗରିକ ଏଥିରେ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରା ସହରର ମୁଖ୍ୟ ରାସ୍ତା ପରିକ୍ରମା କରି ପଠାଣି ସାମନ୍ତ ଅଡିଟୋରିଅମ୍ରେ ପହଞ୍ଚିଥିଲା । ଶୋଭାଯାତ୍ରା ଯେଉଁ ବାଟ ଦେଇ ଗତି କରୁଥିଲା, ସେଠାରେ ସ୍ଥାନୀୟ ଲୋକମାନେ ଆତସବାଜି ଓ ପୁଷ୍ପବୃଷ୍ଟି କରି ସ୍ୱାଗତ କରିଥିଲେ । ଗତ ୧୫ ଦିନ ଧରି ନୟାଗଡ଼ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ରେ ଚାଲିଥିଲା ଏହି ଅବିରତ ସେବା କାର୍ଯ୍ୟ । ସମାଜର ଅବହେଳିତ, ଶୋଷିତ ଓ ନିଷ୍ପେସିତ ବର୍ଗଙ୍କୁ ସାହାଯ୍ୟ କରିବା ଲକ୍ଷ୍ୟରେ ସେବା ଉତ୍ସବ ସମିତି ପକ୍ଷରୁ ଅନେକ ଜନକଲ୍ୟାଣକାରୀ ପଦକ୍ଷେପ

## ତ୍ରିରଙ୍ଗା ଶୋଭାଯାତ୍ରାରେ କମ୍ପିଲା ସହର
## ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

ଗ୍ରହଣ କରାଯାଇଥିଲା । ଦୁର୍ବଳ ଓ ଗରିବ ଶ୍ରେଣୀର ଲୋକଙ୍କୁ ନୂତନ ବସ୍ତ୍ର ଓ ଚପଲ ବଣ୍ଟନ କରାଯାଇଥିଲା ।

ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ରୋଗୀଙ୍କୁ ମାଗଣା ଚିକିତ୍ସା ଓ ଚକ୍ଷୁ ଯାଞ୍ଚ ପରେ ଚଷମା ବଣ୍ଟନ କରାଯାଇଥିଲା ।ନିଃସହାୟ ପରିବାରଙ୍କୁ ଜୀବିକା ଓ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ସିଧାସଳଖ ଅର୍ଥ ଦାନ କରାଯାଇଥିଲା । ସେବା ସହିତ ସଂସ୍କୃତିର ପ୍ରସାର ପାଇଁ ବିଭିନ୍ନ ବ୍ଲକ୍ରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା ।ଶୋଭାଯାତ୍ରା ପରେ ପଠାଣି ସାମନ୍ତ ଅଡିଟୋରିଅମ୍ ପରିସରରେ ଏକ ମହାସମାରୋହରେ ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସେବା ଉତ୍ସବ ସମିତିର ଅଧ୍ୟକ୍ଷ ଶିବରାମ ମହାପାତ୍ର ସଭାପତିତ୍ୱ କରିଥିଲେ । 'ସେବା ଓ ଦାନର ନୂଆ ପରମ୍ପରା ସୃଷ୍ଟି କରିବା ସହ ଜିଲ୍ଲାର ଯୁବପିଢ଼ିଙ୍କୁ ସେବା ଧର୍ମରେ ବ୍ରତୀ କରିବାରେ ସେବା ମହୋତ୍ସବର ଏହି ନିରନ୍ତର ପ୍ରୟାସ ନିଶ୍ଚିତ ଭାବେ ପ୍ରଶଂସନୀୟ ।' ସଭାରେମୁଖ୍ୟ ଅତିଥିଭାବେ ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥସମ୍ମାନିତ ଅତିଥିନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରାରାଜସୁନାଖଳା ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସାଇଁନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ସେବା ଉତ୍ସବ ସମିତି ଉପଦେଷ୍ଟା ସନ୍ତୋଷ ପ୍ରଧାନ ଓ ବଂଶୀଧର ସାହୁସେବା ଉତ୍ସବର ପ୍ରତିଷ୍ଠାତା ସଦସ୍ୟ ତଥା ଯୁବ ସମାଜସେବୀ ଚନ୍ଦନ ସାହୁସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଗୋପୀନାଥ ସେଠି ସଫଳତାର ସହ ସଂଚାଳନ କରିଥିଲେ । ଜିଲ୍ଲାପାଳ ଶ୍ରୀମତୀ ରଥ ନିଜ ବକ୍ତବ୍ୟରେ କହିଥିଲେ ଯେ, ସେବା ଅନ୍ୟକୁ ସାହାଯ୍ୟ କରିବାର ନୁହେଁ, ବରଂ ନିଜ ଆତ୍ମାକୁ ସନ୍ତୋଷ ଦେବାର ଏକ ମାର୍ଗ । ସମିତିର ଏହି ଜିଲ୍ଲାବ୍ୟାପୀ ଅଭିଯାନ ସମାଜରେ ସହାନୁଭୂତି ଓ ସୋଦରଭାବ ବୃଦ୍ଧି କରିବାରେ ବଡ଼ ଭୂମିକା ଗ୍ରହଣ କରିଛି ।ଏହି ମହାନ ଯଜ୍ଞକୁ ସଫଳ କରିବାରେ ସେବା ଉତ୍ସବ ସମିତିର ଯୁବ ସଦସ୍ୟମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ସୋମ୍ୟା ସ୍ୱୟଂ ପ୍ରଭା, ବର୍ଷା ପ୍ରିୟଦର୍ଶିନୀ, ଆଦିତ୍ୟ ପାଳ, ପରମେଶ୍ୱର ସାହୁ, ଉମାକାନ୍ତ ମହାପାତ୍ର, ପ୍ରଭୁଦତ୍ତ ପ୍ରଧାନ, ଆଶୁତୋଷ ସାହୁ, ଓ ବିକ୍ରମ ସାଇଁ ପ୍ରମୁଖ ସଦସ୍ୟମାନେ ସମ୍ପୂର୍ଣ୍ଣ ଆୟୋଜନକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଶେଷରେ ସମସ୍ତ ଅତିଥି, ସ୍ୱେଚ୍ଛାସେବୀ ଓ ଜନସାଧାରଣଙ୍କୁ ସମିତି ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ଓଲାଭର ସରକାରୀ ଜମି ଅତିକ୍ରମଣ ମାମଲା ଶୁଣାଣି

ରାଜକନିକା, ୨୧/୦୭ (ନୁରେଇ ଖାନ )ଓଲାଭର ହେଉଛି କେନ୍ଦ୍ରାପଡା ଜିଲ୍ଲାର ସବୁଠୁ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର। ଗତ ଚାଳିଶ ବର୍ଷ ଧରି କିଛି ଲୋକ କିଛି ସରକାରୀ ଜମିକୁ ବେଆଇନ ଭାବେ ଅତିକ୍ରମଣ କରି ରଖିଛନ୍ତି। ସ୍ଥାନୀୟ ଲୋକଙ୍କ ପକ୍ଷରୁ ଲିଖିତ ଅଭିଯୋଗ ପରେ କନିକା ତହସିଲଦାର ପୋଲିସଙ୍କ ଉପସ୍ଥିତିରେ ଡେମାର୍କେସନ କରିଥିଲେ। ଉଚ୍ଛେଦ ତାରିଖ ଏବଂ ସମୟ ମଧ୍ୟ ଲାଉଡ ସ୍ପିକର ମାଧ୍ୟମରେ ଘୋଷଣା କରାଯାଇଥିଲା, କିନ୍ତୁ କନିକା ତହସିଲର କିଛି ଦୁର୍ଭିସନ୍ଧି ଯୋଗୁଁ ଡେମାର୍କେସନ ଅନୁଯାୟୀ ଉଚ୍ଛେଦ କରାଯାଇ ନଥିଲା ।ଏହାର ପ୍ରମାଣ ସ୍ୱରୂପ ମୁଖ୍ୟ ଆବେଦନକାରୀ ମାନ୍ୟବର ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଖଲ କରିଥିଲେ ଏବଂ ଆସନ୍ତାକାଲି ଶୁଣାଣି ରହିଛି। ଇ-ଡେଲି ଷ୍ଟାଟସରୁ ଜଣାପଡୁଛି ଯେ ଏହା ୨୨ ଜୁଲାଇ ୨୦୨୬ ରେ ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଛି ଅଭିଯୋଗରେ ଦସ୍ତଖତ କରିଥିବା ଲୋକମାନେ ହାଇକୋର୍ଟଙ୍କ ଉପରେ ଭରସା ରଖିଛନ୍ତି ଏବଂ ଡେମାର୍କେସନ ଅନୁଯାୟୀ କନିକା ତହସିଲ କଠୋର ଭାବେ ଉଚ୍ଛେଦ କରିବେ ବୋଲି ଆଶାବାଦୀ। ଆସନ୍ତାକାଲି ଶୁଣାଣି ପାଇଁ ଲୋକମାନେ ବହୁତ ଆଗ୍ରହର ସହ ଅପେକ୍ଷା କରିଛନ୍ତି।

JK PAPER

JK PAPER towards transforming the Community .....



JK Paper is a part of JK Organisation, a reputed and diversified group in business for over 125 years. The group is committed to excellence, driven by a mission to serve the Society with integrity, fairness and trust. JK Paper started its journey with Straw Products in Bhopal in the year 1938 followed by its next landmark - Unit JK Paper Mills (JKPM), in Odisha with 18,000 tons per annum capacity paper plant in 1962. Today JK Paper Mills has a capacity of 3.35.000 TPA.



"We believe people are basically good; we believe everyone has something to contribute; we believe that an honest, open environment can bring out the best in people; we recognize and respect everyone as a unique individual; we encourage you to treat others the way you want to be treated."-thereby, a successful society can'b built. J K Paper is so abide by the commitment that "We, at J K Organization believe that if we want to have a sucessful business, then we must have a successful society around us".

TOUCHING THE LIVES OF PEOPLE




ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera